

‘ବର୍ଡର ୨’ରେ ଦେଖାଯିବେ ଏହି ଚାରି ନାୟିକା

▸ପୃଷ୍ଠା ୧୧ ଦେଖନ୍ତୁ...


# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-177 ♦TUESDAY ♦23 DECEMBER 2025 ♦PAGE-12 ♦₹ 6.00

PANIKOILI

♦ବର୍ଷ-୪୩ ♦ସଂଖ୍ୟା-୧୭୭ ♦ମଙ୍ଗଳବାର ♦୨୩ ଡିସେମ୍ବର ୨୦୨୫ ♦ପୃଷ୍ଠା-୧୨ ♦ଟ.୬.୦୦


## ହକିରେ ଓଡ଼ିଶାର ବିରଳ ରେକର୍ଡ

# ତ୍ରିପୁରାକୁ ୫୦ ଗୋଲ୍

■ ଭୁବନେଶ୍ୱର, ୨୨।୧୨ (ସମିସ): ଗୌହାଟୀରେ ଚାଲିଥିବା ପୂର୍ବାଞ୍ଚଳ ସବ୍‌ଜୁନିଅର ବାଳିକା ଅସ୍ମିତା ହକି ଚାମ୍ପିଅନସିପ୍‌ରେ ଓଡ଼ିଶା ବିରାଟ ବିଜୟରୁ ଅଭିଯାନ ଆରମ୍ଭ କରିଛି। ଓଡ଼ିଶା ଦଳ ପ୍ରଥମ ମ୍ୟାଚରେ ୫୦-୦

### ପୂର୍ବାଞ୍ଚଳ ସବ୍‌ଜୁନିଅର ବାଳିକା ଅସ୍ମିତା ହକି

ଗୋଲ୍‌ରେ ଏକପାଖିଆ ଭାବେ ତ୍ରିପୁରାକୁ ହରାଇ ଚହଳ ସୃଷ୍ଟି କରିଛି। ହକି ଇଣ୍ଡିଆ ପକ୍ଷରୁ ଆୟୋଜିତ ଯେକୌଣସି ବୟସବର୍ଗର ଟୁର୍ଣ୍ଣାମେଣ୍ଟରେ ଏକ ମ୍ୟାଚରେ ଗୋଟିଏ ଦଳ ୫୦ଟି ଗୋଲ୍ ଦେବାରେ ଏହା ବିରଳ ଘଟଣା ବୋଲି କୁହାଯାଉଛି।

ଏହି ମ୍ୟାଚର ପ୍ରଥମ ମିନିଟ୍‌ରୁ ଗୋଲ୍ ଖାତା



ଖୋଲିଥିବା ଓଡ଼ିଶା ୬୦ତମ ମିନିଟ୍‌ରେ ଅନ୍ତିମ ତଥା ୫୦ତମ ଗୋଲ୍‌ଟି ଦେଇଥିଲା। ଫଳରେ ମ୍ୟାଚର ପ୍ରତି ୫ ମିନିଟ୍‌ରେ ଓଡ଼ିଶା ହାରାହାରି ୪ଟି ଲେଖାଏ ଗୋଲ୍ ସ୍କୋର କରିଥିଲା। ଓଡ଼ିଶା ମ୍ୟାଚର ୪ଟି ଯାକ କ୍ୱାର୍ଟରରେ ଯଥାକ୍ରମେ ୧୦ଟି, ୮ଟି, ୧୭ଟି ଓ ୧୫ଟି ଗୋଲ୍ ଦେଇଥିଲା। ଫଳରେ ପ୍ରଥମାର୍ଦ୍ଧରେ ୧୮ଟି ଓ ଦ୍ୱିତୀୟାର୍ଦ୍ଧରେ ୩୨ଟି ଗୋଲ୍ ହୋଇଥିଲା। ଓଡ଼ିଶା ଏହାର ପରବର୍ତ୍ତୀ ମ୍ୟାଚରେ ଆସାମକୁ ଭେଟିବ। ପ୍ରକାଶଯୋଗ୍ୟ, ଅନ୍ତର୍ଜାତୀୟ ହକିରେ ଭାରତୀୟ ସିନିଅର ପୁରୁଷ ଦଳ ୨୦୧୮ ଏସୀୟ କ୍ରୀଡ଼ାରେ ୨୬-୦ ଗୋଲ୍‌ରେ ହଂକଂକୁ ପରାସ୍ତ କରିଥିଲା। ଯାହାକି ଭାରତୀୟ ଦଳର ସବୁଠୁ ବଡ଼ ବିଜୟ ଭାବେ ରେକର୍ଡ ହୋଇରହିଛି।

ଏସିଆ ମହାଦେଶରେ ଅନୁଷ୍ଠିତ ୧୮ ବର୍ଷରୁ କମ୍ ଏସିଆ-ଓସେନିଆ ବାଳିକା ହକିରେ ଦକ୍ଷିଣ

### ପ୍ରତି ୫ ମିନିଟ୍‌ରେ ହାରାହାରି ୪ଟି ଗୋଲ୍

କୋରିଆ ୯୨-୦ରେ ଥାଇଲାଣ୍ଡକୁ ଓ ୱିଣ୍ଟର ଅଲିମ୍ପିକ୍ସ ଲାଗି ୟୁରୋପୀୟ କ୍ୱାଲିଫିକେସନ ମହିଳା ହକିରେ ସ୍ଲୋଭାକିଆ ୮୨-୦ରେ ବୁଲଗାରିଆକୁ ହରାଇବାର ରେକର୍ଡ ରହିଛି। ୧୯୮୭ ୱାର୍ଲ୍ଡ ଚାମ୍ପିଅନସିପ୍ ଗ୍ରୁପ୍ ଡି’ ମ୍ୟାଚ୍‌ରେ ଅଷ୍ଟ୍ରେଲିଆ ସିନିଅର ଟିମ୍ ୫୮-୦ ଗୋଲରେ ନ୍ୟୁଜିଲାଣ୍ଡକୁ ହରାଇଥିଲା।

# ନିଲାମ ହେବ ରାଜ୍ୟର ୪୯ ଖଣି

## ନିଲାମ ସୂଚୀରେ କେନ୍ଦୁଝରର ୧୬, ସୁନ୍ଦରଗଡ଼ର ୧୨ ଓ ମୟୂରଭଞ୍ଜର ୨ ଖଣି

■ ଭୁବନେଶ୍ୱର,୨୨।୧୨(ସମିସ): ଆଗାମୀ ଦିନରେ ରାଜ୍ୟର ୪୯ଟି ଖଣି ନିଲାମ ହେବ। ଏଥିପାଇଁ ରାଜ୍ୟ ସରକାରଙ୍କ ଖଣି ବିଭାଗସ୍ତରରେ ପ୍ରକ୍ରିୟା ଆରମ୍ଭ ହୋଇଛି। ଖଣି ଓ ଭୂତତ୍ତ୍ୱ ନିର୍ଦ୍ଦେଶାଳୟ ପକ୍ଷରୁ ଏନେଇ ୪୯ଟି ଖଣିକୁ ଚିହ୍ନିତ କରାଯାଇଥିବା ବେଳେ ଆସନ୍ତା ୩ ତାରିଖରେ ବିଭାଗୀୟ ଅତିରିକ୍ତ ମୁଖ୍ୟ ସଚିବଙ୍କ ଅଧ୍ୟକ୍ଷତାରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହେବ। ଏଥିରେ ବାର୍ଷିକ ନିଲାମ କ୍ୟାଲେଣ୍ଡର ପ୍ରସ୍ତୁତି ପାଇଁ ପ୍ରସ୍ତାବିତ ଖଣିଗୁଡ଼ିକ ବିଷୟରେ ଆଲୋଚନା ହୋଇ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବ।

ସୂଚନା ଅନୁସାରେ କେନ୍ଦ୍ର ଖଣି ମନ୍ତ୍ରଣାଳୟ ଖଣି ଗୁଡ଼ିକର ବାର୍ଷିକ ନିଲାମ କ୍ୟାଲେଣ୍ଡରର ପ୍ରସ୍ତୁତି ତଥା ପ୍ରକାଶନ



ଉପରେ ଗୁରୁତ୍ୱାରୋପ କରିଛନ୍ତି। ନିଲାମ ପ୍ରକ୍ରିୟାରେ ସ୍ୱଚ୍ଛତା ପାଇଁ କେନ୍ଦ୍ର ସରକାର ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ନିଜ ନିଜର କ୍ୟାଲେଣ୍ଡର ପ୍ରସ୍ତୁତ ସହ ଏହାକୁ ଦାଖଲ ନିମନ୍ତେ ନିର୍ଦ୍ଦେଶ ଦେଇଛନ୍ତି। ଏହିକ୍ରମରେ ରାଜ୍ୟ ଖଣି ଓ ଭୂତତ୍ତ୍ୱ ନିର୍ଦ୍ଦେଶାଳୟ ରାଜ୍ୟର ପ୍ରମୁଖ ଖଣିଜ ବ୍ଲକ୍ ଏବଂ ଗୁରୁତ୍ୱପୂର୍ଣ୍ଣ ଖଣିଜ ବ୍ଲକର ଏକ ତାଲିକା ପ୍ରସ୍ତାବ ଦେଇଛନ୍ତି। ଏଥିରେ ୪୯ଟି ଖଣିର ତାଲିକା ଥିବାବେଳେ ଏହାକୁ ମିଳିତ ଭାବେ ଖଣି ଓ ଭୂତତ୍ତ୍ୱ ନିର୍ଦ୍ଦେଶାଳୟ, ଓଏମସି,

### ଜାନୁଆରୀ ୩ ତାରିଖରେ ନିଆଯିବ ଚୂଡ଼ାନ୍ତ ନିଷ୍ପତ୍ତି

ଜିଏସଆଇ ଓ ଏମଇସିଏଲ ଅନ୍ୱେଷଣ ସହ ପ୍ରସ୍ତୁତ କରିଛନ୍ତି।

ପ୍ରସ୍ତାବିତ ନିଲାମ ସୂଚୀରେ କେନ୍ଦୁଝରର ୧୬ଟି ଖଣି ଥିବାବେଳେ ସୁନ୍ଦରଗଡର ୧୨ଟି, ରାୟଗଡାର ୩ଟି, ମୟୂରଭଞ୍ଜର ୨ଟି ତଥା ସମ୍ବଲପୁର, କଳାହାଣ୍ଡି ଓ ବରଗଡ଼ର ୧ଟି ଲେଖାଏଁ ବ୍ଲକ ରହିଛି। ଏହି ୩୫ଟି ଖଣି ▸ପୃଷ୍ଠା-୭

## ଦେଶର ସବୁଠୁ ବଡ଼ ତଥ୍ୟ ପ୍ରଘଟ

# ୬୮ କୋଟି ୟୁଜରଙ୍କ ଡାଟା ଚୋରି

■ ନୂଆଦିଲ୍ଲୀ,୨୨।୧୨ (ଏଜେନ୍ସି): ଦେଶରେ ଏକ ବଡ଼ ଧରଣର ଡାଟା ଲିକ୍ ହୋଇଛି। ଏଥିରେ ୬୮ କୋଟିରୁ ଅଧିକ ବ୍ୟବହାରକାରୀଙ୍କ ଇ-ମେଲ୍ ଆଇଡି ଏବଂ ପାସୱାର୍ଡ ପ୍ରଘଟ ହୋଇଛି। ଏହାଫଳରେ ସାଇବର ଅପରାଧୀମାନଙ୍କ ହାତରେ ଏହି ୬୮୦ ନିୟୁତ ଇଣ୍ଟରନେଟ୍ ବ୍ୟବହାରକାରୀଙ୍କ ଇ-ମେଲ୍ ଆଇଡି ଏବଂ ପାସୱାର୍ଡ ପଡିଯାଇଛି। ଘଟଣା ଜଣାପଡ଼ିବା ପରେ ମଧ୍ୟପ୍ରଦେଶ ସାଇବର ସେଲ୍ ଏହାକୁ ନେଇ ସତର୍କ କରାଇଛି। ଇ-ମେଲ୍ ବ୍ୟବହାରକାରୀ ସେମାନଙ୍କର ପାସ୍‌ୱାର୍ଡ ପୁନଃସେଟ୍ କରିବାକୁ ସାଇବର ସେଲ୍ ନିର୍ଦ୍ଦେଶାବଳୀ ଜାରି କରିଛି।

ସାଇବର ସେଲ୍ ପକ୍ଷରୁ ଜାରି ପରାମର୍ଶପତ୍ରରେ କୁହାଯାଇଛି ଯେ, ସାଇବର ଠକମାନେ ଏକ ଇ-ମେଲ୍ ଆକାଉଣ୍ଟ ହ୍ୟାକ୍ କରି ଇଣ୍ଟରନେଟ୍ ବ୍ୟାଙ୍କିଙ୍ଗ, ଡିଜିଟାଲ୍ ୱାଲେଟ୍ ଏବଂ



ସାଇବର ଅପରାଧୀଙ୍କ ହାତରେ ଇ-ମେଲ୍ ଆଇଡି ଓ ପାସ୍‌ୱାର୍ଡ

ଅନ୍ୟାନ୍ୟ ଆପ୍ ଓ ସୋସିଆଲ ମିଡିଆ ଆକାଉଣ୍ଟକୁ ମଧ୍ୟ ପ୍ରବେଶ କରିପାରିବେ। ଏହାକୁ ରୋକିବା ପାଇଁ ବାରମ୍ବାର ପାସୱାର୍ଡ ପରିବର୍ତ୍ତନ କରିବା ବ୍ୟତୀତ ବିଭିନ୍ନ ସେବା ପାଇଁ ପୃଥକ ପାସୱାର୍ଡ ବଜାୟ ରଖିବା ହେଉଛି ସବୁଠାରୁ ପ୍ରଭାବଶାଳୀ ପ୍ରତିରକ୍ଷା ପଦକ୍ଷେପ। ସନ୍ଦେହଜନକ ଇ-ମେଲ୍, ଏସ୍‌ଏମ୍‌ଏସ୍ କିମ୍ବା ଲିଙ୍କ୍ ଉପରେ କ୍ଲିକ୍ କରିବାକୁ ଏଡ଼ାଇବା ଲାଗି ଏଥିରେ କୁହାଯାଇଛି।

ବର୍ତ୍ତମାନ ସାଇବର ଅପରାଧୀମାନେ ଠକେଇ କରିବା ପାଇଁ ନୂତନ କୌଶଳ ଅବଲମ୍ବନ କରୁଛନ୍ତି। ଡିଜିଟାଲ୍ ଆରେଷ୍ଟ, ଋଣ ଆପ୍ ଠକେଇ ଏବଂ ଆର୍ଥିକ ଠକେଇ ଘଟଣା ବୃଦ୍ଧି ପାଉଛି। ବୟସ୍କ ଲୋକମାନେ ସାଇବର ଅପରାଧୀଙ୍କ ଦ୍ୱାରା ସର୍ବାଧିକ ଟାର୍ଗେଟ୍ ହେଉଛନ୍ତି। ଠକମାନେ ଡକ୍ୟୁମେଣ୍ଟ ଅପଡେଟ୍ କରିବା, ଉପହାର ପଠାଇବା ଏବଂ ଲିଙ୍କ୍ ପଠାଇବା ଭଳି ଅନେକ ପ୍ରସ୍ତାବ ମାଧ୍ୟମରେ ଡାଟା ଚୋରି କରୁଛନ୍ତି ଏବଂ ଆକାଉଣ୍ଟ ଖାଲି କରୁଛନ୍ତି।

ଏହି ଠକେଇ ପ୍ରସ୍ତାବରେ ଷ୍ଟକ୍ ବଜାରରେ ଲାଭର ପ୍ରଲୋଭନ, ଅନଲାଇନ୍ ବାଣିଜ୍ୟ, ଘରେ ଚାକିରି, ଅନଲାଇନ୍ ପାର୍ସଲ୍ ଅଫର୍ ଏବଂ ମୋବାଇଲ୍ ହ୍ୟାକିଂ ଅନ୍ତର୍ଭୁକ୍ତ। ଏପରି ଘଟଣା ମଧ୍ୟ ଘଟିଛି, ଯେଉଁଠାରେ ଓଟିପି ନ ମାଗି ଆକାଉଣ୍ଟରୁ ଟଙ୍କା ଉଠାଯାଇଛି।


# ପ୍ରଦୂଷଣ ପ୍ରମାଣପତ୍ର ପାଇଁ ୧୫ ଦିନ ମହଲତ

■ ଭୁବନେଶ୍ୱର, ୨୨।୧୨ (ସମିସ): ବୈଧ ପ୍ରଦୂଷଣ ପ୍ରମାଣ ନ ଥିଲେ ପେଟ୍ରୋଲ୍ ପମ୍ପରେ ପେଟ୍ରୋଲ ଡିଜେଲ ନ ଦେବାକୁ ରାଜ୍ୟ ପରିବହନ ବିଭାଗ ଜାରି କରିଥିବା ମାର୍ଗଦର୍ଶିକାକୁ ନେଇ ସାରା ରାଜ୍ୟରେ ହଟଚମଟ ସୃଷ୍ଟି ହୋଇଛି। ଗ୍ରାହକ ଓ ପେଟ୍ରୋଲ ପମ୍ପ ସଂସ୍ଥାଗୁଡ଼ିକ ପାଇଁ ଏହି ନିୟମ ପାଳନକୁ ନେଇ ଛକାପଞ୍ଝା ଲାଗି ରହିଥିବା ବେଳେ ସୋମବାର ରାଜ୍ୟ ପରିବହନ ବିଭାଗ, ତୈଳ

### ନିୟମ ନ ମାନିଲେ ୧୦ ହଜାର ଜରିମାନା

### ତୈଳ କମ୍ପାନୀ, ଡିଲର ଆସୋସିଏସନ ସହ ବୈଠକ

କମ୍ପାନୀ ଓ ଡିଲର ଆସୋସିଏସନ୍ ମଧ୍ୟରେ ଏକ ବୈଠକ ଅନୁଷ୍ଠିତ ହୋଇଛି। ପରିବହନ ଆୟୁକ୍ତ ଅମିତାଭ ଠାକୁରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ପରିବେଶ ସୁରକ୍ଷା ଦିଗରେ ଜନସାଧାରଣଙ୍କ ସହଯୋଗ କାମନା କରାଯାଇଛି। ଏହାସହିତ ଆଗାମୀ ୧୫ ଦିନ ପର୍ଯ୍ୟନ୍ତ ଏହି କ୍ଷେତ୍ରରେ ଗ୍ରାହକମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି ପାଇଁ ନିଷ୍ପତ୍ତି ହୋଇଛି। ଯଦି ଏହା ପରେ ମଧ୍ୟ ଗ୍ରାହକମାନେ ନିୟମର ଅନୁପାଳନ ନ କରନ୍ତି ତେବେ ସେମାନଙ୍କଠାରୁ ଆଇନ ଅନୁଯାୟୀ ୧୦ ହଜାର ▸ପୃଷ୍ଠା-୭



### ୧୦% କମିଶନ ସାଧାରଣ କଥା

# ଦଳୀୟ ନେତାଙ୍କୁ କେନ୍ଦ୍ରମନ୍ତ୍ରୀଙ୍କ ପରାମର୍ଶ: ୫% କମିଶନ ନିଅ

■ ପାଟନା, ୨୨।୧୨ (ଏଜେନ୍ସି): ହିନ୍ଦୁସ୍ତାନୀ ଆୱାମ ମୋର୍ଚ୍ଚା ମୁଖ୍ୟ ତଥା କେନ୍ଦ୍ର ଏମଏସଏମଇ ମନ୍ତ୍ରୀ ଜିତନ ରାମ ମାନ୍‌ଝୀ ନିଜ ଦଳର ବିଧାୟକ ଏବଂ ସାଂସଦଙ୍କୁ କମିଶନ ନେବାକୁ ପରାମର୍ଶ ଦେଇଛନ୍ତି। ସେ ୧୦ ନ ମିଳିଲେ ୫ ପ୍ରତିଶତ କମିଶନରେ ଚଳାଇବାକୁ ନେତାଙ୍କୁ କହିଛନ୍ତି। ତାଙ୍କର ଏହି ମନ୍ତବ୍ୟ କ୍ଷମତାସୀନ ଏନ୍‌ଡିଏ ପାଇଁ ଅଡୁଆ ସ୍ଥିତି ସୃଷ୍ଟି କରିଛି। ଏହାକୁ ନେଇ ବିରୋଧୀ ଦଳ ଗୁଡ଼ିକ ସରକାରଙ୍କୁ ସମାଲୋଚନା କରିଛନ୍ତି। ଦିଲ୍ଲୀରୁ ପାଟନା ପର୍ଯ୍ୟନ୍ତ ଦୁର୍ନୀତି ଏବଂ କମିଶନର କଳାକାରନାମା ଚାଲିଛି ବୋଲି ▸ପୃଷ୍ଠା-୭

# ବଡ଼ଦିନରୁ ବଢ଼ିବ ଶୀତ


■ ଭୁବନେଶ୍ୱର,୨୨।୧୨(ସମିସ): ବଡ଼ଦିନରୁ ରାଜ୍ୟରେ ଆହୁରି ବଢ଼ିବ ଶୀତ। ଡିସେମ୍ବର ୨୫ରୁ ରାଜ୍ୟରେ ଶୀତ ବଢ଼ିବା ନେଇ ପୂର୍ବାନୁମାନ କରାଯାଇଛି। ପଶ୍ଚିମାଝଡ଼ର ପ୍ରଭାବ କମିବା ସହ ରାଜ୍ୟକୁ ପୁଣି ଥରେ ଶୁଷ୍କ ଓ ଥଣ୍ଡା ବାୟୁ ପ୍ରବାହ ବଢ଼ିବ। ଫଳରେ ଶୀତର ପ୍ରଭାବ ପୁଣି ବଢ଼ିବାର ସମ୍ଭାବନା ରହିଛି। ବର୍ତ୍ତମାନ ରାଜ୍ୟରେ ପୂର୍ବାପେକ୍ଷା ଶୀତରେ ସାମାନ୍ୟ ପ୍ରଭାବ କମିଛି। ଶୀତ କମିବା ସହ ରାଜ୍ୟକୁ ବଙ୍ଗୋପସାଗରୀୟ ଜଳୀୟବାଷ୍ପପୂର୍ଣ୍ଣ ବାୟୁର ପ୍ରବାହ ହେତୁ କୁହୁଡ଼ି ମଧ୍ୟ ବୃଦ୍ଧି ପାଇଛି। କୋରାପୁଟ ୫.୫, ଜି ଉଦୟଗିରି ୬.୮, ଦାରିଙ୍ଗବାଡ଼ି ୭, ସେମିଳିଗୁଡ଼ା ୮, ଫୁଲବାଣୀ ୮, ନବରଙ୍ଗପୁର ୮.୮ ଓ ରାଉରକେଲାରେ ତାପମାତ୍ରା ୯.୯ ଡିଗ୍ରୀ ରେକର୍ଡ ହୋଇଛି। ଅନ୍ୟପଟେ ରାଜ୍ୟରେ ବର୍ତ୍ତମାନ ଜାରି ରହିଥିବା କୁହୁଡ଼ି ସ୍ଥିତି ଆଗାମୀ ୪ ଦିନ ପର୍ଯ୍ୟନ୍ତ ବଳବତ୍ତର ରହିବ ▸ପୃଷ୍ଠା-୭

**ଉପକୂଳ ଓଡ଼ିଶା ବ୍ୟତୀତ ଅନ୍ୟ ଅଞ୍ଚଳକୁ ଘନ କୁହୁଡ଼ି ସତର୍କତା**

# ୨୪ ନୂଆ ଏନ୍‌ଏସି ପାଇଁ ଚୂଡ଼ାନ୍ତ ସୂଚୀ ପ୍ରକାଶ

## ୫ ମ୍ୟୁନିସିପାଲିଟି ପାଇଁ ମଧ୍ୟ ତାଲିକା ଜାରି

■ ଭୁବନେଶ୍ୱର,୨୨।୧୨(ସମିସ): ରାଜ୍ୟରେ ଆଉ ୨୪ ନୂଆ ବିଜ୍ଞାପିତ ଅଞ୍ଚଳ ପରିଷଦ (ଏନ୍‌ଏସି) ଓ ୫ ଟି ମ୍ୟୁନିସିପାଲିଟି ପାଇଁ ଚୂଡ଼ାନ୍ତ ବିଜ୍ଞପ୍ତି ତାଲିକା ପ୍ରକାଶ ପାଇଛି। ଏହି ନୂତନ ଏନ୍‌ଏସି ଓ ମ୍ୟୁନିସିପାଲିଟି ପାଇଁ କିଛି ମାସ ପୂର୍ବେ ଚିଠା ବିଜ୍ଞପ୍ତି ତାଲିକା ପ୍ରକାଶ ପାଇଥିଲା। ଏହାପରେ ସରକାର ଆପତ୍ତି ଅଭିଯୋଗ ଗ୍ରହଣ କରିବା ସହ ବିଭିନ୍ନ ଦିଗକୁ ଅନୁଧ୍ୟାନ କରି ସୋମବାର ଚୂଡ଼ାନ୍ତ ବିଜ୍ଞପ୍ତି ତାଲିକା ପ୍ରକାଶ କରିଛନ୍ତି। ରାଜ୍ୟ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ପ୍ରକାଶିତ ଏହି ତାଲିକାରେ ମୋଟ୍ ୧୪ ଟି ଜିଲ୍ଲାରେ ୨୪ ଟି ନୂତନ ଏନ୍‌ଏସି ଗଠନ ସ୍ପଷ୍ଟ ହୋଇଛି। ଏହାସହିତ ୩ ଟି ଜିଲ୍ଲାରେ ୫ ଟି ମ୍ୟୁନିସିପାଲିଟିଗଠନ ନେଇ ମଧ୍ୟ ନିଷ୍ପତ୍ତି ହୋଇଛି। ଜାରି ଏନ୍‌ଏସି ତାଲିକା ଅନୁଯାୟୀ ଅନୁଗୁଳ ଜିଲ୍ଲାର ପାଲଲହଡ଼ା, ବାଲେଶ୍ୱର ଜିଲ୍ଲାର ସିମୁଳିଆ, ବରଗଡ଼ର ସୋହେଲା, ଭଦ୍ରକ ଜିଲ୍ଲାର ତିହିଡ଼ି ଓ ଧୁଷୁରୀ, କଟକ ଜିଲ୍ଲାର ସାଲେପୁର, ବଡ଼ମ୍ବା, ନରସିଂହପୁର, ଢେଙ୍କାନାଳ ଜିଲ୍ଲାର ଗୋନ୍ଦିଆ, ଗଞ୍ଜାମ ଜିଲ୍ଲାର ଜଗନ୍ନାଥ ପ୍ରସାଦ, ପାତ୍ରପୁର, କଳାହାଣ୍ଡି ଜିଲ୍ଲାର ନର୍ଲା, ଜୟପାଟଣା, ଖୋର୍ଦ୍ଧା ଜିଲ୍ଲାର ଟାଙ୍ଗୀ, କୋରାପୁଟର ବୋରିଗୁମା, ମୟୂରଭଞ୍ଜର ବେତନଟୀ, ବାଙ୍ଗିରିପୋଷି, ଚିତ୍ରଡ଼ା, କପ୍ତିପଦା, ରାସଗୋବିନ୍ଦପୁର ଆଦି ରହିଛି। ସେହିପରି ରାୟଗଡ଼ା ଜିଲ୍ଲାର ବିଷମକଟକ, ସମ୍ବଲପୁର ଜିଲ୍ଲାର ବାମରା, ରେଙ୍ଗାଲି ଓ ସୁବର୍ଣ୍ଣପୁର ▸ପୃଷ୍ଠା-୭



## ନିଯୁକ୍ତି ବୟସ ସୀମା ବୃଦ୍ଧି ଭେଲିକି

# ସରକାର ଓ ସରକାରୀ ଉଦ୍ୟୋଗ ମଧ୍ୟରେ ତାଳମେଳ ନାହିଁ

■ ଭୁବନେଶ୍ୱର,୨୨।୧୨(ସମିସ): ନିଯୁକ୍ତି ପାଇଁ ଆବେଦନ ବୟସ ସୀମାକୁ ବଢ଼ାଇ ୪୨ କରିଛନ୍ତି ସରକାର। ମାତ୍ର ଏହାକୁ ମାନୁ ନାହାନ୍ତି ସରକାରୀ ଉଦ୍ୟୋଗ ବା ପିଏସ୍‌ୟୁ। ନୂତନ ଆଇନ୍‌କୁ ପୁନଃ ସଂଶୋଧନ କରା ନ ଗଲେ ପିଏସ୍‌ୟୁମାନେ ସରକାରଙ୍କ ଏହି ନିୟମକୁ ପାଳନ କରିବେ ନାହିଁ ବୋଲି ମଧ୍ୟ ରୋକଠୋକ୍ ଶୁଣାଉଛନ୍ତି। ଏପରିକି ନିକଟରେ ଓଡ଼ିଶା ଜଳ ବିଦ୍ୟୁତ୍ ନିଗମ (ଓଏଚ୍‌ପିସି) ପକ୍ଷରୁ ପ୍ରକାଶ ପାଇଥିବା ନିଯୁକ୍ତି ବିଜ୍ଞପ୍ତିରେ ବୟସ ସୀମା ୩୨ ବର୍ଷ ରଖାଯାଇଥିବାରୁ

### ୪୨ ବର୍ଷ କରିବାକୁ ନାରାଜ ସରକାରୀ ପିଏସ୍‌ୟୁ

### ଆଇନ ସଂଶୋଧନରେ ତ୍ରୁଟି ଦର୍ଶାଇଲା ଓଏଚ୍‌ପିସି



ବହୁ ଆଶାୟୀ ଆବେଦନ କରିବାରୁ ବଞ୍ଚିତ ହୋଇଛନ୍ତି। ବୟସ ବୃଦ୍ଧିକୁ ନେଇ ସରକାର ଓ ସରକାରୀ ଉଦ୍ୟୋଗ ମଧ୍ୟରେ ତାଳମେଳ ରହୁନାହିଁ। ଖୋଦ୍ ମୁଖ୍ୟମନ୍ତ୍ରୀ ସାଧାରଣ ସଭାରେ ସମସ୍ତ ପ୍ରକାର ନିଯୁକ୍ତି ପାଇଁ ବୟସ ୪୨ ବର୍ଷକୁ ବୃଦ୍ଧି କରାଯାଇଥିବା କହୁଛନ୍ତି। ଏହାକୁ ଏକ ଐତିହାସିକ ନିଷ୍ପତ୍ତି ବୋଲି ମଧ୍ୟ ସରକାର କହୁଛନ୍ତି। ଅପରପକ୍ଷରେ ଓଏଚ୍‌ପିସି ପକ୍ଷରୁ ଗତ ନଭେମ୍ବର ୭ ତାରିଖରେ ମୋଟ୍ ୨୭ଟି ପଦରେ ନିଯୁକ୍ତି ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିବାବେଳେ ସର୍ବୋଚ୍ଚ ବୟସ ସୀମା ୩୨ ବର୍ଷ ରଖାଯାଇଛି। ଏ ସମ୍ପର୍କରେ ଓଏଚ୍‌ପିସିର ବରିଷ୍ଠ ଅଧିକାରୀଙ୍କ କହିବା କଥା, ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗର ନିଯୁକ୍ତି ସକ୍ରାନ୍ତୀୟ ଆଇନ୍‌କୁ କରାଯାଇଥିବା ସଂଶୋଧନରେ ତ୍ରୁଟି ରହିଛି। ସଂଶୋଧିତ ନିୟମରେ ଅନ୍ୟ ସମସ୍ତ ନିଯୁକ୍ତି ▸ପୃଷ୍ଠା-୭

# ଦେଶରେ ଚାଲିଛି ୫,୧୪୯ଟି ଭୂତ ସ୍କୁଲ

ନୂଆଦିଲ୍ଲୀ, ୨୨।୧୨ (ଏଜେନ୍ସି): ଭାରତରେ ସରକାରୀ ଶିକ୍ଷା ବ୍ୟବସ୍ଥା କ୍ରମାଗତ ଭାବେ ଭୁଶୁଡ଼ିବାରେ ଲାଗିଛି। ଘରୋଇ ବିଦ୍ୟାଳୟ ବୋଝ ବଢ଼ାଉଥିବାବେଳେ ସରକାରୀ ବିଦ୍ୟାଳୟ ପ୍ରତି ଅଭିଭାବକ ଏବଂ ପିଲାଙ୍କ ଆଭିମୁଖ୍ୟ ବଦଳିବା ପରିବର୍ତ୍ତେ ଦିନକୁ ଦିନ ତଳକୁ ତଳକୁ ଯାଉଛି। ଏଥିଯୋଗୁଁ ଭାରତରେ ଭୂତ ସ୍କୁଲ ସଂଖ୍ୟା ବଢ଼ିବାରେ ଲାଗିଛି। ଅନେକ ବିଦ୍ୟାଳୟରେ କୋଠା ଖାଲି ପଡ଼ିଛି, ସାଇନ ବୋର୍ଡ ଲାଗିଛି, ପାଣି ଆସୁଛି, ଶିକ୍ଷକ ନିଯୁକ୍ତି ହୋଇଛନ୍ତି, ମାତ୍ର ପଢ଼ିବାକୁ ଛାତ୍ରଛାତ୍ରୀ ନାହାନ୍ତି। କେବଳ କାଗଜ କଲମରେ ଏହି ସ୍କୁଲ୍ ଗୁଡ଼ିକ ଚାଲିଛି। ଶହେ କି ହଜାରେ ନୁହେଁ, ଭାରତର ୫,୧୪୯ ସରକାରୀ ବିଦ୍ୟାଳୟରେ ଏଭଳି ସ୍ଥିତି ରହିଛି। ଏହି ସବୁ ସ୍କୁଲ୍‌ରେ ଜଣେ ହେଲେ ବି ଛାତ୍ରଛାତ୍ରୀ ନାହାନ୍ତି। ସଂସଦରେ ସରକାର ଦେଇଥିବା ୨୦୨୪-୨୫ ଶିକ୍ଷାବର୍ଷର ତଥ୍ୟରୁ ଏହି ଭୟାନକ ସୂଚନା ସାମ୍ନାକୁ ଆସିଛି। ଏହା ସରକାରୀ ଶିକ୍ଷା ପ୍ରତି ଲୋକଙ୍କ ଭରସା ଏବଂ ଶିକ୍ଷାର ବିକଳ ଚିତ୍ରକୁ ଦର୍ଶାଉଛି।

ଏବେ ଭାରତରେ ୧୦.୧୩ ଲକ୍ଷ ସରକାରୀ ବିଦ୍ୟାଳୟ ରହିଛି। କିନ୍ତୁ ଏହି ଭୂତ ବିଦ୍ୟାଳୟ ସତର୍କ ସୂଚନା ଦେଉଛି।



ସଂସଦରେ ଦିଆଯାଇଥିବା ରିପୋର୍ଟ ଅନୁଯାୟୀ, ଛାତ୍ରଛାତ୍ରୀ ନ ଥିବା ବିଦ୍ୟାଳୟ ମଧ୍ୟରେ କେବଳ ତେଲଙ୍ଗାନା ଏବଂ ପଶ୍ଚିମବଙ୍ଗରେ ୭୦ ପ୍ରତିଶତ ରହିଛି। ଶିଶୁ, ଶ୍ରେଣୀଗୃହ ଏବଂ ବ୍ୟବସ୍ଥାକୁ ନେଇ ଖରାପ ଚିନ୍ତାଧାରା ଥିବା ଅଞ୍ଚଳରେ ଏଭଳି ସ୍କୁଲ୍ ଅଧିକ ରହିଛି। ତଥ୍ୟ ଅନୁଯାୟୀ, ୫,୧୪୯ ବିଦ୍ୟାଳୟରେ କୌଣସି ଛାତ୍ରଛାତ୍ରୀ ନ ଥିବାବେଳେ ୬୫,୦୫୪ଟିରେ ୧୦ରୁ କମ୍ ପିଲା ଅଛନ୍ତି। ଏଭଳି ସ୍କୁଲ୍ ସଂଖ୍ୟା ୨୦୨୨-୨୩ରେ ୫୨,୩୦୯ ରହିଥିଲା। ମାତ୍ର ୨୦୨୪-

- ସ୍କୁଲରେ ନିଯୁକ୍ତି ପାଇଛନ୍ତି ୧.୪୪ ଲକ୍ଷ ଶିକ୍ଷକ
- ୬୫୦୫୪ ବିଦ୍ୟାଳୟରେ ୧୦ରୁ କମ୍ ଛାତ୍ରଛାତ୍ରୀ

୨୫ରେ ଏହା ୨୪ ପ୍ରତିଶତ ବୃଦ୍ଧି ପାଇଛି। କୌଣସି ଛାତ୍ରଛାତ୍ରୀ ନ ଥିବା ତଥା ଶୂନ ସଂଖ୍ୟା ହୋଇ ଆସୁଥିବା ବିଦ୍ୟାଳୟରେ ୧.୪୪ ଲକ୍ଷ ଶିକ୍ଷକ ନିଯୁକ୍ତ ହୋଇଛନ୍ତି। ଏହା ପ୍ରଶାସନିକ ବିଫଳତାକୁ ଦେଖାଉଛି। ଯୋଜନା, ପରିଚାଳନା, ଶିକ୍ଷାର ମାନ ହ୍ରାସ ପାଉଥିବାରୁ ଏଭଳି ସ୍ଥିତି ସୃଷ୍ଟି ହୋଇଛି। କିଛି ସ୍ଥାନରେ ସ୍କୁଲ୍ ଥିବାବେଳେ ପିଲା ଆସୁନାହାନ୍ତି। ଆଉ କିଛି ସ୍ଥାନରେ ଛାତ୍ରଛାତ୍ରୀ ଅଛନ୍ତି, ମାତ୍ର ସ୍କୁଲ୍ କୋଠା ନାହିଁ କିମ୍ବା ଦୁର୍ବଳ ରହିଛି। ଛାତ୍ରଛାତ୍ରୀ ନ ଥିବା ୫,୧୪୯ ବିଦ୍ୟାଳୟ ମଧ୍ୟରୁ ପଶ୍ଚିମବଙ୍ଗରେ ୩,୬୦୦ଟି ଏବଂ ତେଲଙ୍ଗାନାରେ ୩,୭୦୦ଟି ରହିଛି। ତେଲଙ୍ଗାନାର ୧୦୦ ଜିଲ୍ଲାର ପ୍ରାୟ ୧୦ ସ୍କୁଲ୍‌ରେ କୌଣସି ପିଲା ନାହାନ୍ତି। ରାଜ୍ୟର ସବୁ ୩୩ ଜିଲ୍ଲା ଏବଂ ପଶ୍ଚିମବଙ୍ଗର ୨୨ ଜିଲ୍ଲାରେ ଏଭଳି ସ୍ଥିତି ରହିଛି। ପଶ୍ଚିମବଙ୍ଗର ୬.୭୦୩ ସ୍କୁଲରେ ୧୦ କିମ୍ବା କୌଣସି ଛାତ୍ରଛାତ୍ରୀ ନାହାନ୍ତି। ଏ ସବୁରେ ୨୭, ୩୪୮ ଶିକ୍ଷକ ଅଛନ୍ତି। ଉତ୍ତର ପ୍ରଦେଶରେ ଶୂନ କିମ୍ବା ୧୦ରୁ କମ୍ ଛାତ୍ରଛାତ୍ରୀ ଥିବା ସ୍କୁଲ୍‌ରେ ୨୨,୧୬୬ ଶିକ୍ଷକ ଅଛନ୍ତି। ମହାରାଷ୍ଟ୍ର ଏଭଳି ସ୍କୁଲ୍ ସଂଖ୍ୟା ୬,୫୫୨ (୧୧,୦୫୬ ଶିକ୍ଷକ), ରାଜସ୍ଥାନରେ ୫,୨୩୫ ( ୧୧, ୬୨୦ ଶିକ୍ଷକ), ତେଲଙ୍ଗାନାରେ ୫,୦୨୧ (୪,୮୫୦ ଶିକ୍ଷକ), କେରଳରେ ୨୨୮, ଗୋଆରେ ୧୧୦, ଦିଲ୍ଲୀରେ ୧୧, ସିକିମରେ ୧୩୧ ଏବଂ ପଞ୍ଜାବରେ ୩୭୨ ବିଦ୍ୟାଳୟ ରହିଛି।

# ବାଂଲାଦେଶରେ ବ୍ୟାପୁଛି ଅରାଜକତା

ଢାକା, ୨୨।୧୨(ଏଜେନ୍ସି): ନିର୍ବାଚନ ଏଡ଼ାଇବା ପାଇଁ ଯୋଜନାବଦ୍ଧ ଭାବେ ଆରମ୍ଭ କରାଯାଇଥିବା ବାଲାଂଦେଶ ହିଂସା ଥମିବାର ନା ଧରୁନି। ଏହା ଉଗ୍ର ରୂପ ଧାରଣ କରି ଦେଶରେ ଅରାଜକତା ସୃଷ୍ଟି କରିଛି। ଆଇନଶୃଙ୍ଖଳା ଭୁଶୁଡ଼ି ଯାଇଛି। ଖୋଲାଖୋଲି ଭାବେ ସଂଖ୍ୟାଲଘୁ ହିନ୍ଦୁଙ୍କ ଉପରେ ଆକ୍ରମଣ ହେଉଛି। ଜାଣିଶୁଣି ଦେଶରେ ହିଂସା କରାଯାଉଛି। ଏହି କ୍ରମରେ

- ଆଉ ଜଣେ ହସିନା ବିରୋଧୀ ନେତାଙ୍କୁ ଆକ୍ରମଣ
- ଘରେ ପଶି ମୁଣ୍ଡକୁ ମାରିଲେ ଗୁଳି, ସ୍ଥିତି ଗମ୍ଭୀର



ଉସ୍‌ମାନ ହାଦିଙ୍କ ପରେ ବାଂଲାଦେଶରେ ଆଉ ଜଣେ ଶେଖ ହସିନା ବିରୋଧୀ ନେତାଙ୍କ ଉପରେ ଆକ୍ରମଣ କରାଯାଇଛି। ବାଂଲାଦେଶ ଗଣମାଧ୍ୟମ ପ୍ରକାଶିତ କରିଥିବା ରିପୋର୍ଟ ଅନୁସାରେ ଖୁଲନାରେ ସୋମବାର ଦ୍ୱିପହର ୧୨ଟାରେ ନ୍ୟାସନାଲ ସିଟିଜେନ ପାର୍ଟି (ଏନ୍‌ସିପି) ତଥା ଶ୍ରମିକ ଶକ୍ତିର ଆୟୋଜକ ମୋତାଲେବ ସିକଦେରଙ୍କୁ ତାଙ୍କ ଘରେ ପଶି ମୁଣ୍ଡକୁ ଗୁଳି କରାଯାଇଛି। ସେ ଗୁରୁତର ଭାବେ ଆହତ ହୋଇ ତଳେ ପଡ଼ିଯାଇଥିଲେ। ଆଖାପାଖରେ ଥିବା ଲୋକ ତାଙ୍କୁ ଉଠାଇ କୁଲନା ମେଡିକାଲ କଲେଜ ହସ୍ପିଟାଲରେ ଭର୍ତ୍ତି କରାଇଥିଲେ। ସେଠାରେ ତାଙ୍କର ଚିକିତ୍ସା ଚାଲିଛି। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ରହିଛି। ଗୁଳି ତାଙ୍କ କାନ ଦେଇ ବାହାରି ଯାଇଛି ବୋଲି କୁହାଯାଇଥିଲା। କିନ୍ତୁ ସୌଭାଗ୍ୟବଶତଃ ଗୁଳି ତାଙ୍କ ମସ୍ତିଷ୍କ ପାଖରେ ପହଞ୍ଚି ନ ଥିଲା। ଫଳରେ ତାଙ୍କର ଜୀବନ ବଞ୍ଚିଯାଇଛି ବୋଲି ପୁଲିସ ଅଧିକାରୀ ଅନିମେଶ ମଣ୍ଡଳ କହିଛନ୍ତି। ମୋତାଲେବ ଶିକଦାର ଏନ୍‌ସିପି ଖୁଲନା ବିଭାଗର ମୁଖ୍ୟ ଓ ଦଳ ସହ ଜଡିତ ଏକ ଶ୍ରମିକ ସଂଗଠନ ଏନ୍‌ସିପି ଶ୍ରମିକ ଶକ୍ତିର ଜଣେ ପ୍ରମୁଖ ସଂଗଠକ। ତାଙ୍କ ଉପରେ ହୋଇଥିବା ଏହି ଆକ୍ରମଣ ସ୍ଥାନୀୟ ଅଞ୍ଚଳରେ ଆତଙ୍କ ସୃଷ୍ଟି କରିଛି। ଖୁଲନାରେ ଏନ୍‌ସିପିର ଏକ ଶ୍ରମିକ ରାଲି ଆୟୋଜନ ହେବାକୁ ଯାଉଥିଲା ଓ ଶିକଦାର ଏଥିରେ କାର୍ଯ୍ୟ କରୁଥିଲେ। ଆକ୍ରମଣର କାରଣ ଏ ପର୍ଯ୍ୟନ୍ତ ଜଣାପଡ଼ି ନାହିଁ। ବାଂଲାଦେଶରେ ହିନ୍ଦୁ ଯୁବକ ଦୀପୁ ଦାସଙ୍କୁ ହତ୍ୟା କରାଯିବା ପରେ ଢାକାରେ ହିନ୍ଦୁ ସଂଗଠନ ଓ ସଂଖ୍ୟାଲଘୁ ସମ୍ପ୍ରଦାୟର ଲୋକେ ପ୍ରେସ୍ କ୍ଲବ ସାମ୍ନାରେ ବିକ୍ଷୋଭ କରିଛନ୍ତି। ଧାର୍ମିକ ପରିଚୟ ପାଇଁ ହିନ୍ଦୁଙ୍କୁ ଅତ୍ୟାଚାର କରାଯାଉଛି। ରକ୍ଷାସୂତ୍ର ବାନ୍ଧିଥିବା ହିନ୍ଦୁଙ୍କୁ ବାଂଲାଦେଶରେ ବିଦେଶୀ ଏଜେଣ୍ଟ ବୋଲି କୁହାଯାଉଛି। ଏଭଳି ସ୍ଥିତିରେ ସଂଖ୍ୟାଲଘୁ ଭୟରେ ବଞ୍ଚୁଛନ୍ତି। ଚଳିତବର୍ଷ ଜାନୁଆରୀରୁ ଏପର୍ଯ୍ୟନ୍ତ ୫୦ରୁ ଅଧିକ ଅଣ-ମୁସଲମାନଙ୍କୁ ହତ୍ୟା କରାଯାଇଛି। ବହୁ ଲୋକଙ୍କ ବିରୋଧରେ ମିଥ୍ୟା ଈଶନିନ୍ଦା ମାମଲା ରୁଜୁ ହୋଇଛି। କେବଳ ଚଳିତ ମାସରେ ୫ ଜଣ ହିନ୍ଦୁଙ୍କୁ ହତ୍ୟା କରାଗଲାଣି।

## ୧୭ ବର୍ଷ ପରେ ଫେରିବେ ଖାଲିଦା ଜିଆଙ୍କ ପୁଅ

ଢ଼ାକା, ୨୨।୧୨(ଏଜେନ୍ସି): ବାଂଲାଦେଶ ପୂର୍ବତନ ପ୍ରଧାନମନ୍ତ୍ରୀ ବେଗମ ଖାଲିଦା ଜିଆଙ୍କ ପୁଅ ତଥା ବାଂଲାଦେଶ ନ୍ୟାସନାଲ ପାର୍ଟି (ବିଏନ୍‌ପି) କାର୍ଯ୍ୟକାରୀ ଅଧ୍ୟକ୍ଷ ତାରିକ ରହମାନ ଦୀର୍ଘ ୧୭ ବର୍ଷ ପରେ ଆତ୍ମନିର୍ବାସନ ଶେଷ କରି ବାଂଲାଦେଶ ପ୍ରତ୍ୟାବର୍ତ୍ତନ କରିବେ। ଡିସେମ୍ବର ୨୫ରେ ସେ ରାଜଧାନୀ ଢାକା ଫେରିବେ ବୋଲି ବିଏନ୍‌ପି ତରଫରୁ କୁହାଯାଇଛି। ସେ ଗତ ୧୭ ବର୍ଷ ହେବ ଲଣ୍ଡନରେ ରହୁଥିଲେ। ଆଗାମୀ ଫେବୃଆରୀରେ ବାଂଲାଦେଶରେ ସାଧାରଣ ନିର୍ବାଚନ ହେବାକୁ ଯାଉଥିବା ବେଳେ ୬୦ ବର୍ଷୀୟ ତାରିକଙ୍କ ପ୍ରତ୍ୟାବର୍ତ୍ତନକୁ ନେଇ ଚର୍ଚ୍ଚା ଓ ଆକଳନ ଆରମ୍ଭ ହୋଇଛି। ଖାଲିଦା ଏବେ ଗୁରୁତର ଅବସ୍ଥାରେ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି ଓ ତାଙ୍କ ଭେଣ୍ଟିଲେଟର ସପୋର୍ଟରେ ରଖାଯାଇଛି।

## ପୂର୍ବତନ ଆଇଜିଙ୍କ ଆତ୍ମହତ୍ୟା ଉଦ୍ୟମ

ପଟିଆଲା, ୨୨।୧୨(ଏଜେନ୍ସି): ପଞ୍ଜାବର ପଟିଆଲାରେ ପୂର୍ବତନ ଇନିସପେକ୍ଟର ଜେନେରାଲ ଅଫ୍ ପୁଲିସ (ଆଇଜି) ଅମର ସିଂହ ଚହଲ ନିଜକୁ ଗୁଳି କରି ଆତ୍ମହତ୍ୟା ପ୍ରୟାସ କରିଛନ୍ତି। ସେ ସୁରକ୍ଷାକର୍ମୀଙ୍କ ରିଭଲଭରରୁ ନିଜ ପେଟକୁ ଗୁଳି କରିଥିଲେ। ଏବେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ରହିଛି। ଘଟଣାସ୍ଥଳରୁ ୧୨ ପୃଷ୍ଠାର ସୁଇସାଇଡ୍ ନୋଟ୍ ମିଳିଛି। ଏଥିରେ ସେ ଅନ୍‌ଲାଇନ ଠକେଇରେ ୮.୧୦ କୋଟି ଟଙ୍କା ହରାଇଥିବା ଉଲ୍ଲେଖ କରିଛନ୍ତି। ସେ ସମ୍ପର୍କୀୟଙ୍କଠାରୁ ୭.୫ କୋଟି ଟଙ୍କାର ଋଣ ମଧ୍ୟ ନେଇଥିଲେ। ସୁଇସାଇଡ ନୋଟରେ ସେ ପଞ୍ଜାବ ଡିଜିପି ଗୌରବ ଯାଦବଙ୍କ ନାମ ଲେଖିଛନ୍ତି। ଆଇଜି ପଦରୁ ଅବସର ନେବା ପରେ ସେ ପଟିଆଲାରେ ରହୁଥିଲେ। ୨୦୧୫ରେ ଫରିଦକୋଟରେ ବହବଲ କଲାଁ ଓ କୋଟୋକପୁରା ଗୁଳିକାଣ୍ଡ ମାମଲାରେ ସେ ଅଭିଯୁକ୍ତ ଥିଲେ। ଏହି ଗୁଳିକାଣ୍ଡରେ ୨ ଜଣ ଲୋକ ମୃତ୍ୟୁବରଣ କରିଥିଲେ। ଋଣ ପରିଶୋଧ ଏବଂ ଏହାକୁ ନେଇ ସେ ଚିନ୍ତାରେ ଥିଲେ।

## ଦଳ ଗଠନ କଲେ ହୁମାୟୁନ କବୀର

ମୁର୍ସିଦାବାଦ୍, ୨୨।୧୨(ଏଜେନ୍ସି): ପଶ୍ଚିମବଙ୍ଗରେ ବାବ୍ରୀ ମସ୍‌ଜିଦର ନିଅଁ ରଖି ଟିଏମ୍‌ସିରୁ ବହିଷ୍କୃତ ଭରତପୁର ବିଧାୟକ ହୁମାୟୁନ କବୀର ନୂଆ ଦଳ ଗଠନ କରି ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କୁ ଖୋଲା ଚ୍ୟାଲେଞ୍ଜ ଦେଇଛନ୍ତି। ମମତାଙ୍କୁ ମୁର୍ଶିଦାବାଦ୍‌ରେ ଗୋଟିଏ ହେଲେ ବି ଆସନ ଜିତିବାକୁ ଦେବିନି ବୋଲି ସେ କହିଛନ୍ତି। କବୀର ନିଜ ଦଳର ନାମ 'ଜନତା ଉନ୍ନୟନ ପାର୍ଟି' ରଖିଛନ୍ତି। ବେଲଡାଙ୍ଗାରେ ଆୟୋଜିତ ରାଲିରେ ସେ ରାଜ୍ୟର ସବୁ ୨୯୪ଟି ଆସନରେ ପ୍ରାର୍ଥୀ ଦେବେ ବୋଲି କହିଛନ୍ତି। କିନ୍ତୁ ମୁସଲିମ ବହୁଳ ଆସନ ତାଙ୍କ ନଜରରେ ରହିବ। ସେ ନିଜେ ବେଲଡାଙ୍ଗା ଓ ରେଜି ନଗର ଆସନରେ ଲଢିବେ। ସେ ଅନ୍ୟ ପ୍ରାର୍ଥୀଙ୍କ ନାମ ମଧ୍ୟ ଘୋଷଣା କରିଛନ୍ତି।

## ମୁନୀରଙ୍କୁ ସମ୍ମାନିତ କଲା ସାଉଦି ଆରବ

ରିୟାଦ, ୨୨।୧୨(ଏଜେନ୍ସି): ପାକିସ୍ତାନର ଚିଫ୍ ଅଫ୍ ଡିଫେନ୍ସ ଷ୍ଟାଫ୍ ତଥା ଫିଲ୍ଡ ମାର୍ଶାଲ ଅସିମ ମୁନୀରଙ୍କୁ ସାଉଦି ଆରବ ସମ୍ମାନିତ କରିଛି। ସାଉଦି ଆରବ ଗସ୍ତରେ ଯାଇଥିବା ମୁନୀରଙ୍କୁ ଦେଶର ସର୍ବୋଚ୍ଚ ନାଗରିକ ସମ୍ମାନ 'କିଙ୍ଗ ଅବଦୁଲାଜିଜ ମେଡାଲ ଅଫ୍ ଏକ୍ସିଲେନ୍ସ' ପ୍ରଦାନ କରାଯାଇଛି। ପାକିସ୍ତାନ ସେନା ଏହି ସୂଚନା ଦେଇଛି। ମୁନୀରଙ୍କ ପେସାଦାର ମନୋବୃତ୍ତି ଓ ରଣନୈତିକ ଦୃଷ୍ଟିକୋଣକୁ ସାଉଦି ଆରବ ନେତୃତ୍ୱ ପ୍ରଶଂସା କରିଛନ୍ତି। ପାକିସ୍ତାନ ଓ ସାଉଦି ଆରବ ମଧ୍ୟରେ ଦୀର୍ଘକାଳୀନ ଓ ଘନିଷ୍ଠ ସମ୍ପର୍କକୁ ଦୃଢ କରିବାରେ ମୁନୀରଙ୍କ ଭୂମିକାକୁ ସାଉଦି ପ୍ରଶଂସା କରିଛି। ମୁନୀର ମଧ୍ୟ ଏଥିପାଇଁ ସାଉଦି ରାଜା ସଲମାନ ଓ ସାଉଦି ନେତୃତ୍ୱକୁ କୃତଜ୍ଞତା ଜଣାଇଛନ୍ତି। ଏହି ଗସ୍ତରେ ମୁନୀର ସାଉଦି ଆରବ ପ୍ରତିରକ୍ଷା ମନ୍ତ୍ରୀଙ୍କୁ ଭେଟିଥିଲେ। ଦୁଇ ଦେଶ ମଧ୍ୟରେ ପ୍ରତିରକ୍ଷା, ଆଞ୍ଚଳିକ ସୁରକ୍ଷା, ସାମରିକ ସହଯୋଗ, ରଣନୈତିକ ସହଯୋଗ ଓ ଭୂରାଜନୈତିକ ଚ୍ୟାଲେଞ୍ଜ ସମେତ ପାରସ୍ପରିକ ସ୍ୱାର୍ଥ ପ୍ରସଙ୍ଗ ଉପରେ ଆଲୋଚନା ହୋଇଥିଲା।

## ୨ ପ୍ରେମିକଙ୍କ ସହ ମିଶି ବ୍ୟବସାୟୀ ସ୍ୱାମୀଙ୍କୁ ହତ୍ୟା

ସମ୍ଭଲ, ୨୨।୧୨ (ଏଜେନ୍ସି): ଉତ୍ତର ପ୍ରଦେଶ ସମ୍ଭଲ ଅନ୍ତର୍ଗତ ରଜପୁରାର କସ୍‌ବା ଗ୍ରାମର ପିଶାଚୀ ସ୍ତ୍ରୀ ରୁବି ଦୁଇ ପ୍ରେମିକଙ୍କ ସହ ମିଶି ଜୋତା ବ୍ୟବସାୟୀ ସ୍ୱାମୀ ରାହୁଲଙ୍କୁ ହତ୍ୟା କରିଛି। ତିନି ହତ୍ୟାକାରୀ ପ୍ରଥମେ ଲୁହା ଛଡ଼, ହାତୁଡ଼ାରେ ବ୍ୟବସାୟୀଙ୍କ ମୁଣ୍ଡକୁ ମାରି ଥିଲେ। ମୃତ୍ୟୁ ପରେ କଟରରେ ମୃତଦେହକୁ ଖଣ୍ଡ ଖଣ୍ଡ କରିଥିଲେ। ଗଣ୍ଡି ଏବଂ କଟା ଯାଇଥିବା ହାତକୁ ୮୦୦ ମିଟର ଦୂର ନାଳରେ ଏବଂ ମୁଣ୍ଡକୁ ଗଙ୍ଗାନଦୀର ରମାଘାଟରେ ଭସେଇ ଦେଇଥିଲେ। ଏହାର ୬ ଦିନ ପରେ ନିଜକୁ ବଞ୍ଚାଇବା ପାଇଁ ପତ୍ନୀ ଥାନାରେ ଅଭିଯୋଗ କରି ଫସି ଯାଇଥିଲା। ୨୭ ଦିନ ପରେ ପୁଲିସ ନାଳରୁ ଗଳିତ ଶବଖଣ୍ଡ ଉଦ୍ଧାର କରିଥିଲା। ଏହାର ୫ ଦିନ ପରେ କଟା ହାତରେ ଥିବା ଟାଟୁ ଦେଖି ମୃତକଙ୍କୁ ଚିହ୍ନଟ କରାଯାଇଥିଲା। ଜେରା ସମୟରେ ପତ୍ନୀଙ୍କ ଉପରେ ସନ୍ଦେହ ହୋଇଥିଲା। ଘରେ ଯାଞ୍ଚ କରିବାରୁ ହତ୍ୟା ଗୁମର ଖୋଲି ଯାଇଥିଲା। ପଡୋଶୀଙ୍କଠାରୁ ପୁଲିସ ମହିଳାଙ୍କ ପରକୀୟାପ୍ରୀତି ବିଷୟରେ ଜାଣିବାକୁ ପାଇଥିଲା। ଶେଷରେ ପୁଲିସ ପତ୍ନୀ ରବି ଏବଂ ତାର ପ୍ରେମିକ ଗୌରବକୁ ଜେଲ୍ ପଠାଇ ଦେଇଛି। ଅନ୍ୟ ଜଣେ ପ୍ରେମିକକୁ ପୁଲିସ ଅଟକ ରଖିଛି। ୧୫ ବର୍ଷ ତଳେ ରାହୁଲ ଏବଂ ରୁବିଙ୍କ ବିବାହ ହୋଇଥିଲା। ଉଭୟଙ୍କ ୧୨ ବର୍ଷର ପୁଅ ଏବଂ ୧୦ ବର୍ଷର ଝିଅ ଅଛି। ନଭେମ୍ବର ୧୮ ତାରିଖରେ ପ୍ରେମିକଙ୍କ ସହ ମିଶି ରୁବି ସ୍ୱାମୀକୁ ମାରିଥିଲା।

# ପୁଣି ଡରାଇଲା ଏୟାର ଇଣ୍ଡିଆ

## ମଝି ଆକାଶରେ ବନ୍ଦ ହୋଇଗଲା ବିମାନ ଇଞ୍ଜିନ

ନୂଆଦିଲ୍ଲୀ, ୨୨।୧୨(ଏଜେନ୍ସି): ଦିଲ୍ଲୀରୁ ମୁମ୍ବଇ ଯାଉଥିବା ଏୟାର ଇଣ୍ଡିଆର ବିମାନକୁ ମାତ୍ର ୪୦ ମିନିଟ୍ ମଧ୍ୟରେ ଜରୁରୀକାଳୀନ ଅବତରଣ କରିବାକୁ ପଡ଼ିଛି। ମିଳିଥିବା ସୂଚନା ଅନୁଯାୟୀ, ବୋଇଂ ୭୭୭-୩୦୦ଇଆର ଏଆଇ୮୮୭ ବିମାନ ଉଡ଼ାଣ ଭରିବା ପରେ ଏହାର ଡାହାଣ ପଟ ଇଞ୍ଜିନ ବନ୍ଦ ହୋଇଯାଇଥିଲା। ଏଥିରେ ତେଲ ଚାପ ଶୂନ୍ୟକୁ ଖସି ଯାଇଥିଲା। ଫଳରେ ବିମାନକୁ ପୁଣି ଦିଲ୍ଲୀ ପ୍ରତ୍ୟାବର୍ତ୍ତନ କରିବାକୁ ପଡ଼ିଥିଲା। ବିମାନ ସୋମବାର ସକାଳ ୬.୧୦ରେ ଏଆଇ ୮୮୭ ଭାବେ ମୁମ୍ବଇ ଅଭିମୁଖେ ଯାତ୍ରା କରିଥିଲା। କିନ୍ତୁ ଏହା ସକାଳ ୬.୫୨ରେ ଫେରି ଆସିଥିଲା। ଗୋଟିଏ ଇଞ୍ଜିନ ଖରାପ ହୋଇଥିଲେ ମଧ୍ୟ ଦ୍ୱିତୀୟ ଇଞ୍ଜିନ ସହାୟତାରେ ବିମାନଟି ସୁରକ୍ଷିତ ଭାବେ ଅବତରଣ କରିଥିଲା। ଫ୍ଲାଇଟ୍ ଟ୍ରାକିଂ ୱେବସାଇଟ୍ ଫ୍ଲାଇଟରାଡାର୨୪ଡଟ୍ କମ୍ ଅନୁଯାୟୀ, ଉଡାଣ ଆରମ୍ଭ କରିବା ପରେ ବିମାନଟି ଏକ ଘଣ୍ଟା ପର୍ଯ୍ୟନ୍ତ ଆକାଶରେ ରହିଥିଲା। ଏଥିରେ ୩୩୫ ଜଣ ଯାତ୍ରୀ ଥିଲେ। ସମସ୍ତଙ୍କୁ ଏବେ ମୁମ୍ବଇ ପଠାଯିବା ନେଇ ବ୍ୟବସ୍ଥା କରାଯାଉଛି। ଏହି ଘଟଣା ନେଇ ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ଏୟାର ଇଣ୍ଡିଆଠାରୁ ରିପୋର୍ଟ ମାଗିଛି। ଏଥିସହ ମନ୍ତ୍ରଣାଳୟ ବେସାମରିକ ବିମାନ ଚଳାଚଳ ନିର୍ଦ୍ଦେଶାଳୟ (ଡିଜିସିଏ) କୁ ଏହି ଘଟଣାର ତଦନ୍ତ କରିବାକୁ ନିର୍ଦ୍ଦେଶ ଦେଇଛି। ଅଏଲ ପ୍ରେସର ଜିରୋ ହେବା ନିଶ୍ଚିତ ଭାବେ ଗମ୍ଭୀର ବିଷୟ। କିନ୍ତୁ ବିମାନ ତୁରନ୍ତ ଦୁର୍ଘଟଣା ସମ୍ମୁଖୀନ ହେବ ବୋଲି ଆଶଙ୍କା କରିବା ଭୁଲ ବୋଲି କୁହାଯାଇଛି। ଦ୍ୱିତୀୟ ଇଞ୍ଜିନ ସହାୟତାରେ ବିମାନକୁ ନିକଟସ୍ଥ ବିମାନ ବନ୍ଦରରେ ଓହ୍ଲାଯାଇପାରିବ।




## ପ୍ରେମ ପାଇଁ ପ୍ରେମିକ ହାତରେ ପିତାଙ୍କୁ ମାରିଲା ଝିଅ

ଭଦୋଦାରା, ୨୨।୧୨(ଏଜେନ୍ସି): ଗୁଜରାଟରେ ଜଣେ ଝିଅ ତା'ର ପିତାଙ୍କୁ ନିଶା ଦେଇ ପ୍ରେମିକ ଦ୍ୱାରା ହତ୍ୟା କରିବାର ଘଟଣା ସାମ୍ନାକୁ ଆସିଛି। କେବଳ ସେତିକି ନୁହେଁ, ସେ ପିତାଙ୍କର ହତ୍ୟାକୁ ନିଜ ଆଖିରେ ମଧ୍ୟ ଦେଖିଥିଲା। ଗତ ସପ୍ତାହରେ ଏହି ଜଘନ୍ୟ ହତ୍ୟାକାଣ୍ଡ ଘଟିଥିଲା। ପୁଲିସ ଏହି ମାମଲାରେ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିଛି ଓ ସମ୍ପୃକ୍ତ ୧୭ ବର୍ଷୀୟ ଝିଅକୁ ଶିଶୁ ସୁରକ୍ଷା ଗୃହକୁ ପଠାଇ ଦେଇଛି। ଝିଅ ହିଁ ଯୋଜନାବଦ୍ଧ ଭାବେ ଏହି ହତ୍ୟାକାଣ୍ଡ ଘଟାଇଥିଲା। ମୃତ ବ୍ୟକ୍ତି ହେଉଛନ୍ତି ଶାନା ଚଭଡା। ନିଜ ଝିଅ ଓ ତା'ର ୨୪ ବର୍ଷୀୟ ପ୍ରେମିକ ରଞ୍ଜିତ ଗଜେନ୍ଦ୍ରଭାଇ ବାଘେଲାଙ୍କ ସମ୍ପର୍କକୁ ସେ ବିରୋଧ କରୁଥିଲା। ଗତ ଜୁଲାଇରେ ଦୁହେଁ ପଳାଯାଇଥିଲେ। ଝିଅର ବାପା ଏତଲା ଦେବାରୁ ରଞ୍ଜିତକୁ ଗିରଫ କରାଯାଇଥିଲା। କିନ୍ତୁ ଅଗଷ୍ଟରେ ରଞ୍ଜିତ ଜାମିନ ପାଇ ବାହାରକୁ ଆସିଥିଲା। ଏହାପରେ ଝିଅ ଓ ରଞ୍ଜିତ ଶାନାଙ୍କୁ ହତ୍ୟା କରିବାକୁ ଷଡ଼ଯନ୍ତ୍ର କରିଥିଲେ।

## ୟୁକ୍ରେନ ସେନା ଦ୍ୱାରା ବନ୍ଦୀ ଗୁଜରାଟ ଛାତ୍ର ପଠାଇଲେ ଭିଡିଓ

ଅହମ୍ମଦାବାଦ, ୨୨।୧୨(ଏଜେନ୍ସି): ୟୁକ୍ରେନ ସେନା ଦ୍ୱାରା ବନ୍ଦୀ ହୋଇଥିବା ଗୁଜରାଟର ଜଣେ ଛାତ୍ର ସାହିଲ ମହମ୍ମଦ ହୁସେନ ଭିଡିଓ ମେସେଜ ପଠାଇଛନ୍ତି। ଏଥିରେ ସେ ଭାରତୀୟ ଯୁବକଙ୍କୁ କୌଣସି ପ୍ରକାର ପରିସ୍ଥିତିରେ ରୁଷ ସେନାରେ ସାମିଲ ନ ହେବାକୁ ନିବେଦନ କରିଛନ୍ତି। ଏହି ଭିଡିଓ ସୋମବାର ସାମ୍ନାକୁ ଆସିଛି। ରୁଷ୍‌ରେ ଏକ ମିଥ୍ୟା ଡ୍ରଗ୍ସ ମାମଲାରେ ତାଙ୍କୁ ଫସାଇବା ସହ ବ୍ଲାକ୍‌ମେଲ କରାଯାଇଥିଲା। ଏଥିସହ ତାଙ୍କୁ ଜୋର ଜବରଦସ୍ତି ରୁଷିଆ ସେନାବାହିନୀରେ ସାମିଲ ହେବାକୁ ବାଧ୍ୟ କରାଯାଇଥିଲା ବୋଲି ସେ ଭିଡିଓରେ କହିଛନ୍ତି। ହୁସେନଙ୍କୁ ଏବେ ୟୁକ୍ରେନର କେଉଁଠାରେ ରଖାଯାଇଛି ସେ ନେଇ କୌଣସି ସୂଚନା ମିଳିନାହିଁ। ୟୁକ୍ରେନ ସୁରକ୍ଷା ବାହିନୀ ଏହି ଭିଡିଓ ଗୁଜରାଟରେ ଥିବା ହୁସେନଙ୍କ ମା'ଙ୍କ ନିକଟକୁ ପଠାଇଛି। ପୁଅକୁ ସୁରକ୍ଷିତ ଭାବେ ଫେରାଇ ଆଣିବା ପାଇଁ ହୁସେନଙ୍କ ମା ଦିଲ୍ଲୀର ଏକ କୋର୍ଟରେ ଆବେଦନ କରିଛନ୍ତି। ଏହି ମାମଲାର ପରବର୍ତ୍ତୀ ଶୁଣାଣି ଫେବୃଆରୀରେ ହେବ।

## କାର୍ ବୋମା ବିସ୍ଫୋରଣରେ ରୁଷ ଜେନେରାଲ ମୃତ

ମସ୍କୋ, ୨୨।୧୨(ଏଜେନ୍ସି): ରୁଷ୍ ରାଜଧାନୀ ମସ୍କୋରେ ଏକ କାର୍ ବୋମା ବିସ୍ଫୋରଣରେ ସେନାର ଜଣେ ଜେନେରାଲ ମୃତ୍ୟୁବରଣ କରିଛନ୍ତି। ରୁଷର ଯାଞ୍ଚ୍ ଏଜେନ୍ସି ସୋମବାର ଏକ ବିବୃତ୍ତିରେ ଏହି ସୂଚନା ଦେଇଛି। ରୁଷିଆ ସେନାର ଅପରେସନାଲ ଟ୍ରେନିଂ ଡିପାର୍ଟମେଣ୍ଟର ମୁଖ୍ୟ ଲେଫ୍ଟନାଣ୍ଟ ଜେନେରାଲ ପାନିଲ ସର୍ବାରେଭ କାର୍ ଯୋଗେ ଯିବାକୁ ପ୍ରସ୍ତୁତ ହେଉଥିବା ବେଳେ ଏହି ବିସ୍ଫୋରଣ ଘଟିଥିଲା। ତାଙ୍କ କାର୍ ତଳେ ରଖାଯାଇଥିବା ବିସ୍ଫୋରକକୁ ବିସ୍ଫୋରଣ କରି କାର୍‌କୁ ଉଡାଇ ଦିଆଯାଇଥିଲା। ସକାଳ ୭ଟାରେ ମସ୍କୋର ୟାସେନେଭା ଷ୍ଟ୍ରିଟ୍‌ରେ ଏକ ପାର୍କିଂ ସ୍ଥାନରେ ଏହି ବିସ୍ଫୋରଣ ହୋଇଥିଲା। ସେତେବେଳେ ଡ୍ରାଇଭର ମଧ୍ୟ କାର୍ ଭିତରେ ଥିଲେ। ଏହି ଘଟଣାରେ ଜଣେ ସାମରିକ ଅଧିକାରୀଙ୍କ ହତ୍ୟା ନେଇ ଆପରାଧିକ ମାମଲା ରୁଜୁ କରାଯାଇଛି। ରୁଷିଆର ଯାଞ୍ଚ୍ ଏଜେନ୍ସି ଏହି ଘଟଣାର ତଦନ୍ତ କରୁଛି। ଏଥିରେ ୟୁକ୍ରେନ ସମ୍ପୃକ୍ତିର ଦୃଷ୍ଟିକୋଣକୁ ନେଇ ମଧ୍ୟ ଯାଞ୍ଚ୍ କରାଯାଉଛି। ଏହି ବିସ୍ଫୋରଣ ନେଇ କେହି ଏପର୍ଯ୍ୟନ୍ତ ନିଜକୁ ଦାୟୀ କରିନାହାନ୍ତି। ଏହାକୁ ୟୁକ୍ରେନର ଗୁପ୍ତଚର ସଂସ୍ଥା କରିଥାଇ ପାରେ ବୋଲି ଆଶଙ୍କା କରାଯାଉଛି।

**କାନ୍ଦୁଛି ଆରାବଳୀ**


# ୮ ହଜାର ସ୍ଥାନରେ ଖଣି ଖନନ ଅନୁମତି

ନୂଆଦିଲ୍ଲୀ, ୨୨।୧୨ (ଏଜେନ୍ସି): ଉତ୍ତର-ପଶ୍ଚିମ ଭାରତର ପର୍ବତମାଳା ଆରାବଳୀ ଏବେ କାନ୍ଦୁଛି। ମରୁଭୂମି, ଲୁ ଏବଂ ଧୂଳି ଝଡ଼କୁ ଧାରଣ କରି ଦିଲ୍ଲୀ, ହରିୟାଣା, ପଶ୍ଚିମବଙ୍ଗ, ଉତ୍ତର ପ୍ରଦେଶକୁ ସୁରକ୍ଷା ଦେଉଥିବା ଏବଂ ରାଜସ୍ଥାନର ଉର୍ବର କ୍ଷେତ ପାଇଁ ସୁରକ୍ଷା ପ୍ରାଚୀର ହୋଇ ରହିଥିବା ଆରାବଳୀ ଏବେ ବିପଦରେ। ଭୂତଳ ଜଳ ସଂରକ୍ଷଣ ସହିତ ଜଙ୍ଗଲ ଓ ବନ୍ୟଜନ୍ତୁଙ୍କୁ ଆଶ୍ରୟ ଦେଇ ଲୋକଙ୍କୁ ସ୍ୱଚ୍ଛ ବାୟୁ ପ୍ରଦାନ କରୁଥିବା ଆରାବଳୀର ଭବିଷ୍ୟତକୁ ନେଇ ଏବେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଗୁଜରାଟ ଦେଇ ରାଜସ୍ଥାନ ଏବଂ ହରିୟାଣାରୁ ଦିଲ୍ଲୀ ୬୯୦ କିମି ପର୍ଯ୍ୟନ୍ତ ବ୍ୟାପିଥିବା ଏହି ପୁରାତନ ପର୍ବତମାଳା ଖଣି ଖନନ ପାଇଁ ସଙ୍କଟରେ ପଡ଼ିଛି। ସୁପ୍ରିମକୋର୍ଟ ଦେଇଥିବା ରାୟ ଯୋଗୁଁ କୋଟି କୋଟି ଜନତା, ଜୀବଜନ୍ତୁଙ୍କ ପାଇଁ ବିପଦ ସୃଷ୍ଟି ହୋଇଥିବାବେଳେ ଖଣି ଖନନକାରୀ ଏବଂ ସରକାର ଅଟହାସ୍ୟ କରୁଛନ୍ତି। କାରଣ ସର୍ବୋଚ୍ଚ ନ୍ୟାୟାଳୟ ୧୦୦ ମିଟର ଉଚ୍ଚତା ବିଶିଷ୍ଟ ପାହାଡ଼କୁ କେବଳ ଆରାବଳୀ ମାନିବାକୁ ରାୟ ଦେଇଥିଲେ। ଅନ୍ୟ ଛୋଟ ଛୋଟ ପାହାଡ଼କୁ ଆରାବଳୀ ମାନିବାକୁ ମନା କରିଦେଇଥିଲେ। ଏହା ଦ୍ୱାରା ୯୦ ପ୍ରତିଶତ ଆରାବଳୀ ଧ୍ୱଂସ ହୋଇଯିବାର ସମ୍ଭାବନା ରହିଛି। ଜୈବ ବିବିଧତାକୁ ନଷ୍ଟ କରିବାକୁ ଅନୁମତି ଦେଉଥିବା ସୁପ୍ରିମକୋର୍ଟଙ୍କ ରାୟ ବିରୋଧରେ ଆନ୍ଦୋଳନ ଜୋରଦାର ହୋଇଛି। ସାମାଜିକ ଗଣମାଧ୍ୟମରୁ ନେଇ ସଡ଼କ ପର୍ଯ୍ୟନ୍ତ ଲୋକେ ଏକାଠି ହୋଇ ରାଜସ୍ଥାନ ସରକାରଙ୍କ ଆଭିମୁଖ୍ୟ, କେନ୍ଦ୍ରର ନିରବତା ଏବଂ ସୁପ୍ରିମକୋର୍ଟଙ୍କ ରାୟକୁ ବିରୋଧ କରୁଛନ୍ତି। ଆରାବଳୀରେ ଖଣି ଖନନ ମଞ୍ଜୁରିକୁ ବିରୋଧ କରି ଆଜି ରାଜସ୍ଥାନରେ ଲକ୍ଷାଧିକ ଲୋକ ରାସ୍ତାକୁ ଓହ୍ଲାଇଛନ୍ତି। କଂଗ୍ରେସ ଏବଂ ସାମାଜିକ ସଂଗଠନ କର୍ମୀ ୯୪୫ ମିଟର ଉଚ୍ଚ ସିକରର ହର୍ଷ ପାହାଡ଼ ଉପରେ ଚଢ଼ି ବିକ୍ଷୋଭ କରିଛନ୍ତି।

- ତେଜୁଛି ଆନ୍ଦୋଳନ, ରାଜସ୍ଥାନରେ ପୁଲିସର ଲାଠିଚାର୍ଜ
- ଅନେକ ସହରରେ ପୁଲିସ-ଆନ୍ଦୋଳନକାରୀ ମୁହାଁମୁହିଁ
- ୯୦% ଜଙ୍ଗଲକୁ ସଂରକ୍ଷିତ ରଖାଯିବ: କେନ୍ଦ୍ର

ରାଜସ୍ଥାନର ଫୁସଫୁସକୁ କାଟିବାକୁ ଅନୁମତି ଦିଆଯିବନି ବୋଲି କହିଛନ୍ତି। ବିଭିନ୍ନ ସ୍ଥାନରେ ପୁଲିସ ଆନ୍ଦୋଳନକାରୀଙ୍କୁ ଘଉଡ଼ାଇବା ପାଇଁ ଲାଠିଚାର୍ଜ କରିଛି। ଏହାକୁ ନେଇ ପୁଲିସ ଏବଂ ଆନ୍ଦୋଳନକାରୀ ମୁହାଁମୁହିଁ ହୋଇଛନ୍ତି।

ଆରାବଳୀ ପର୍ବତମାଳାରେ ଖଣି ଖନନ ସମଗ୍ର ଭାରତ ପାଇଁ ବିପଦ ବୋଲି ପରିବେଶବିତ କହିଛନ୍ତି। ସାରା ଦେଶକୁ ମୌସୁମୀ ବାୟୁ ଆସିବନି। ପ୍ରଦୂଷଣ ପାଇଁ ଦିଲ୍ଲୀ ବାସୀଙ୍କ ଦୁର୍ଦ୍ଦଶା ବଢ଼ିବ। ଥର୍ ମରୁଭୂମି କାୟା ବିସ୍ତାର କରିବ। ଉର୍ବର କ୍ଷେତକୁ ନିଜ ଭିତରେ ସମାହିତ କରିଦେବ। ଆରାବଳୀ ଦିଲ୍ଲୀ, ଗୁରୁଗ୍ରାମ, ଫରିଦାବାଦ ଭଳି ବଡ଼ ସହରକୁ ପାଣି ଯୋଗାଉଛି। ମାତ୍ର ଖଣି ଖନନ ହେଲେ ବିପୁଳ ଗଛ କଟାଯିବ।



ଏହା ଭୂତଳ ଜଳସ୍ତର ହ୍ରାସ କରି ସଙ୍କଟ ସୃଷ୍ଟି କରିବ। ଏହାକୁ ନେଇ ସାମାଜିକ କର୍ମୀ ସୁପ୍ରିମକୋର୍ଟ ପ୍ରଧାନ ବିଚାରପତି ଏବଂ ରାଷ୍ଟ୍ରପତିଙ୍କୁ ଚିଠି ଲେଖିଛନ୍ତି। ରାୟ ପୁନର୍ବିଚାର କରିବାକୁ ଅନୁରୋଧ କରିଛନ୍ତି।

ଫରେଷ୍ଟ ସର୍ଭେ ଅଫ ଇଣ୍ଡିଆ (ଏଫଏସଆଇ) ୧୦ ହଜାର ପାହାଡ଼କୁ ଆରାବଳୀ କହିଥିଲା। ଏହି ସବୁ ସ୍ଥାନରୁ ଖଣି ଖନନ ବନ୍ଦ କରିବାକୁ କୁହାଯାଇଥିଲା। ମାତ୍ର ରାଜସ୍ଥାନର ବିଜେପି ସରକାର ଏହା ବିରୋଧରେ ସୁପ୍ରିମକୋର୍ଟ ଯାଇଥିଲେ। ଏହା ଦ୍ୱାରା ସବୁ ଖଣି ଖନନ ବନ୍ଦ ହୋଇଯିବ ବୋଲି କୁହାଯାଇଥିଲା। ଏହା ଉପରେ ବିଚାର କରି ସୁପ୍ରିମକୋର୍ଟ ଶହେ ମିଟର କିମ୍ବା ତାଠାରୁ ଅଧିକ ଉଚ୍ଚ ପର୍ବତକୁ ଆରାବଳୀ ମାନିବାକୁ ରାୟ ଦେଇଥିଲେ। ଏହି ରାୟ ପରେ ପ୍ରାୟ ୮ ହଜାର ସ୍ଥାନରେ ଖଣି ଖନନ ପାଇଁ ଅନୁମତି ମିଳିଥିବା କୁହାଯାଇଛି। କମ୍ପାନୀ ଏବଂ ସରକାରୀ ଅଧିକାରୀଙ୍କ ସାଣ୍ଟଗାଣ୍ଟରେ ଉଚ୍ଚ ପାହାଡ଼କୁ ୬୦ ମିଟର କିମ୍ବା ୮୦ ମିଟର ଦେଖାଇ ଖନନ ଅନୁମତି ନିଆଯାଉଛି। ଏହାକୁ ନେଇ ରାଜସ୍ଥାନର ବିଭିନ୍ନ ସ୍ଥାନରେ ମାମଲା ମଧ୍ୟ ଚାଲିଛି। ଏବେ ସରକାରଙ୍କ ଏହି ଖଣି ନୀତିକୁ କଂଗ୍ରେସ ସମେତ ଅନ୍ୟ ବିରୋଧୀ ଦଳଗୁଡ଼ିକ ମଧ୍ୟ ବିରୋଧ କରିଛନ୍ତି।

ବିବାଦ ତେଜୁଥିବା ଦେଖି କେନ୍ଦ୍ର ସରକାର ମାମଲାରେ ସ୍ପଷ୍ଟୀକରଣ ଦେଇଛନ୍ତି। ଆରବଳୀ କ୍ଷେତ୍ରର ୯୦ ପ୍ରତିଶତ କ୍ଷେତ୍ରକୁ ସଂରକ୍ଷିତ କରାଯିବ ବୋଲି କୁହାଯାଇଛି। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଦ୍ୱାରା ଖଣି କାର୍ଯ୍ୟକଳାପ ବୃଦ୍ଧି ପାଇବା ନେଇ କରାଯାଉଥିବା ଦାବିକୁ ଖାରଜ କରିଦିଆଯାଇଛି।

### ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗ

# ଜୁନିୟର ଆକାଉଣ୍ଟାଣ୍ଟଙ୍କ ଘରେ ଭିଜିଲାନ୍ସ ଚଢ଼ଉ

ବାଲେଶ୍ୱର, ୨୨।୧୨(ସମିସ): ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ସୁନ୍ଦରଗଡ଼ ଜିଲ୍ଲାରେ ସିଭିଲ ସପ୍ଲାଏ ଅଫିସରେ ଜୁନିୟର୍ ଆକାଉଣ୍ଟାଣ୍ଟ ଭାବେ କାର୍ଯ୍ୟ କରୁଥିବା ରବୀନ୍ଦ୍ର କୁମାର ବାରିକଙ୍କ ଘର, କାର୍ଯ୍ୟାଳୟ ଓ ଅନ୍ୟାନ୍ୟ ସ୍ଥାନରେ ଭିଜିଲାନ୍ସ ଚଢ଼ଉ କରିଛି। କିଛି ବର୍ଷ ହେବ ସେ ବାଲେଶ୍ୱରରୁ ସୁନ୍ଦରଗଡ଼କୁ ବଦଳି ହୋଇଥିଲେ। ହେଲେ ସେ ବାଲେଶ୍ୱର ଏବଂ ମୟୂରଭଞ୍ଜ ଜିଲ୍ଲାରେ କାର୍ଯ୍ୟରତ ଥିବା ବେଳେ ଭିଜିଲାନ୍ସ ସ୍କାନରରେ ରହିଥିଲେ। ସୋମବାର ବାଲେଶ୍ୱର ଭିଜିଲାନ୍ସ ବିଭାଗ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ସୁନ୍ଦରଗଡ଼ସ୍ଥିତ ଶ୍ରୀ ବାରିକଙ୍କ କାର୍ଯ୍ୟାଳୟ ସମେତ ବାଲେଶ୍ୱର ଜିଲ୍ଲାର ତିନିଟି ସ୍ଥାନରେ ଏକ ସମୟରେ ଚଢ଼ଉ କରିଛି।



ଭିଜିଲାନସ ଟିମ୍ ଶ୍ରୀ ବାରିକଙ୍କ ରାଣୀପାଟଣାସ୍ଥିତ ସାଇ ମଣ୍ଡପ, ଗୋପାଳଗାଁ ଚୂନଭାଟି ମଣ୍ଡପ ନିକଟରେ ଥିବା ତିନିମହଲା ଘର ଏବଂ ତିନି ମହଲା ବିଶିଷ୍ଟ ଆଇଫିଟ ଜିମ୍ ଉପରେ ଚଢ଼ଉ କରିଛି। ଏପରିକି, ଶ୍ରୀ ବାରିକଙ୍କ ସୁନ୍ଦରଗଡ଼ସ୍ଥିତ ତାଙ୍କ କାର୍ଯ୍ୟାଳୟ ଏବଂ ସେଠାକାର ଭଡ଼ାଘରେ ମଧ୍ୟ ଚଢ଼ଉ କରିଛି।

ଶ୍ରୀ ବାରିକ ୩୦ବର୍ଷର ଚାକିରି ସମୟରେ ନିଜର ଆୟଠାରୁ ଅଧିକ ସମ୍ପତ୍ତି ଠୁଳ କରିଥିବା ନେଇ ଭିଜିଲାନସ ବିଭାଗରେ ଅଭିଯୋଗ ହୋଇଥିଲା। ଏହି ଅଭିଯୋଗକୁ ଭିତ୍ତିକରି ଭିଜିଲାନ୍ସ ବିଭାଗ ଏକାକାଳୀନ ବିଭିନ୍ନ ସ୍ଥାନରେ ଚଢ଼ଉ ଜାରି ରଖିଛି। ଚଢ଼ଉରେ ୩ଜଣ ଡିଏସପି, ୬ଜଣ ଇନସପେକ୍ଟରଙ୍କ ସମେତ ଅନ୍ୟ ଅଧିକାରୀମାନେ ସାମିଲ ହୋଇଛନ୍ତି। କେତେ ପରିମାଣର ସମ୍ପତ୍ତି ଠାବ ହୋଇଛି ତାହାର ଯାଞ୍ଚ ଚାଲିଥିବା ଭିଜିଲାନ୍ସ ଡିଏସପି ବିକାଶ ସ୍ୱାଇଁ ସୂଚନା ଦେଇଛନ୍ତି।

ପ୍ରାଥମିକସ୍ତରରେ ମିଳିଥିବା ତଥ୍ୟ ଅନୁସାରେ, ଶ୍ରୀ ବାରିକଙ୍କ ଗୋପାଳଗାଁରେ ୩୫୫୦ ବର୍ଗଫୁଟ୍‌ର ତିନି ମହଲା ବିଶିଷ୍ଟ ଏକ କୋଠାଘର, ୬ହଜାର ୩ଶହ ବର୍ଗଫୁଟ୍‌ର ତିନିମହଲା ବିଶିଷ୍ଟ ଏକ ମାର୍କେଟ୍ କମ୍ପ୍ଲେକ୍ସ ରହିଛି। ସେଠାରେ ହୋଟେଲ, ଜିମ ଏବଂ ରିୟଲ ଇଷ୍ଟେଟ୍ କାର୍ଯ୍ୟାଳୟକୁ ଭଡ଼ା ଦିଆଯାଇଛି। ଏହାବ୍ୟତୀତ ୮ ହଜାର ୯ଶହ ବର୍ଗଫୁଟର ଏକ କଲ୍ୟାଣ ମଣ୍ଡପ, ବାଲେଶ୍ୱର ସହରରେ ୪ଟି ମୂଲ୍ୟବାନ ଜମି, ୧୭୫ ଗ୍ରାମ୍‌ର ସୁନାଗହଣା, ୨ଟି କାର୍ ଓ ୨ଟି ବାଇକ୍ ଠାବ ହୋଇଛି। ସେହିପରି ବ୍ୟାଙ୍କ, ପୋଷ୍ଟାଲ ଏବଂ ଅନ୍ୟ ଡିପୋଜିଟ୍‌ଗୁଡ଼ିକ ସଂପର୍କରେ ଭିଜିଲାନ୍ସ ଖୋଡ଼ାଡ଼ ଚଳାଇଛି।

■ ମୁଖ୍ୟମନ୍ତ୍ରୀଙ୍କୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ରଙ୍କ ଚିଠି

# ତୁରନ୍ତ ପୁନର୍ଗଠନ ହେଉ ପଛୁଆ ବର୍ଗ ଆୟୋଗ

ଭୁବନେଶ୍ୱର,୨୨।୧୨(ସମିସ): କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସୋମବାର ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଏକ ପତ୍ର ଲେଖି ଓଡ଼ିଶା ରାଜ୍ୟ ପଛୁଆ ବର୍ଗ ଆୟୋଗ (ଓଏସସିବିସି)ର ତୁରନ୍ତ ପୁନର୍ଗଠନ ପାଇଁ ଅନୁରୋଧ କରିଛନ୍ତି। ସାମାଜିକ ନ୍ୟାୟ ପ୍ରଦାନ ଏବଂ ପଛୁଆ ବର୍ଗର ଲୋକଙ୍କ ଆଶା ଆକାଂକ୍ଷା ପୂରଣ ଦିଗରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ହେବ ବୋଲି ସେ ଏହି ପତ୍ରରେ ଉଲ୍ଲେଖ କରିଛନ୍ତି।

ଶ୍ରୀ ପ୍ରଧାନ ଲେଖିଛନ୍ତି ଯେ ଓଡ଼ିଶା ରାଜ୍ୟ ପଛୁଆ ବର୍ଗ ଆୟୋଗଙ୍କ କାର୍ଯ୍ୟକାଳ ଗତ ୨୦୨୪ ଜାନୁଆରୀ ୩ରେ ଶେଷ ହୋଇସାରିଛି। ନୂତନ ସଦସ୍ୟ ନିଯୁକ୍ତ ହୋଇ ନଥିବାରୁ ଏହା ବର୍ତ୍ତମାନ କାର୍ଯ୍ୟକ୍ଷମ ନାହିଁ। ଓଡ଼ିଶା ରାଜ୍ୟର ଜନସଂଖ୍ୟାର ଏକ ପ୍ରମୁଖ ଅଂଶ ଭାବେ ପ୍ରାୟ ୨୧୬ଟି ସାମାଜିକ ଏବଂ ଶିକ୍ଷାଗତ ପଛୁଆ ବର୍ଗ (ଏସଇବିସି) ସମୁଦାୟ ଓଡ଼ିଶାରେ ବସବାସ କରୁଛନ୍ତି। ଆୟୋଗ କାର୍ଯ୍ୟକ୍ଷମ ନ ଥିବାରୁ ଏହି ବର୍ଗର ଲୋକମାନେ ଶିକ୍ଷା, ନିଯୁକ୍ତି ଓ କଲ୍ୟାଣକାରୀ ଯୋଜନାର ସୁଫଳ ପାଇବାରେ ବହୁବିଧ ଆହ୍ୱାନର ସମ୍ମୁଖୀନ ହେଉଛନ୍ତି। ନିଜର ସମସ୍ୟା ଉପସ୍ଥାପନ କରିବା ପାଇଁ ସେମାନେ ଏକ ସାମ୍ବିଧାନିକ ମଞ୍ଚରୁ ବଞ୍ଚିତ ହେଉଛନ୍ତି। ନୂତନ ଜାତିକୁ ଏସଇବିସି ତାଲିକାରେ ଅନ୍ତର୍ଭୁକ୍ତ କରିବା, ଅଭିଯୋଗର ସମାଧାନ କରିବା ଏବଂ ପଛୁଆ ବର୍ଗଙ୍କ ପାଇଁ ସରକାରଙ୍କୁ ନୀତିଗତ ପରାମର୍ଶ ଦେବାରେ ଓଏସସିବିସିଙ୍କ ମୁଖ୍ୟ ଭୂମିକା ରହିଛି। ଓଡ଼ିଶା ରାଜ୍ୟ ପଛୁଆ ବର୍ଗ ଆୟୋଗ (ସଂଶୋଧନ) ଅଧିନିୟମ, ୨୦୨୦ ଅନୁଯାୟୀ, ଏହି କମିଶନଙ୍କୁ ପଛୁଆ ବର୍ଗଙ୍କ ସାମାଜିକ ଓ ଶିକ୍ଷାଗତ ସ୍ଥିତି ଉପରେ ସର୍ଭେ କରିବାର ଦାୟିତ୍ୱ ମଧ୍ୟ ଦିଆଯାଇଛି। ତେଣୁ ରାଜ୍ୟରେ ସାମାଜିକ ନ୍ୟାୟର ପ୍ରତିଷ୍ଠା ଏବଂ ପଛୁଆ ବର୍ଗଙ୍କ ଆଶା ଆକାଂକ୍ଷାକୁ ପୂରଣ କରିବା ପାଇଁ କମିଶନର ଶୀଘ୍ର ପୁନର୍ଗଠନ ଏକାନ୍ତ ଆବଶ୍ୟକ। ରାଜ୍ୟର ପଛୁଆ ବର୍ଗର ହିତକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ଏଥିରେ ବ୍ୟକ୍ତିଗତ ଭାବେ ହସ୍ତକ୍ଷେପ କରି ଆୟୋଗର ପୁନର୍ଗଠନ କରିବାକୁ ଶ୍ରୀ ପ୍ରଧାନ ଅନୁରୋଧ କରିଛନ୍ତି।

### ହାଇଦରାବାଦରେ ୩୮ ଶିଳ୍ପପତିଙ୍କ ସହ ମୁଖ୍ୟମନ୍ତ୍ରୀଙ୍କ ଆଲୋଚନା

# ୧୩ ଏମ୍ଓୟୁ, ୨୭,୬୫୦ କୋଟିର ନିବେଶ ସୁଯୋଗ

ଭୁବନେଶ୍ୱର,୨୨।୧୨(ସମିସ): ହାଇଦରାବାଦରେ ଦୁଇଦିନ ଧରି ବିଭିନ୍ନ ଶିଳ୍ପପତି ଓ ନିବେଶକଙ୍କ ସହିତ ଆଲୋଚନା ଅତ୍ୟନ୍ତ ଉତ୍ସାହଜନକ ରହିଛି। ଆଗାମୀ ଦିନରେ ଶିଳ୍ପାୟନ ପାଇଁ ଆମର ରୋଡ୍ ମ୍ୟାପରେ ଏକ ନୂଆ ମାଇଲ୍ ଷ୍ଟୋନ୍ ସ୍ଥାପନ ହେବାକୁ ଯାଉଛି। ଆସନ୍ତା ଜାନୁଆରୀ ୨୮ ଓ ୨୯ ତାରିଖରେ ରାଉରକେଲାରେ ଏଣ୍ଟରପ୍ରାଇଜ୍ ଓଡ଼ିଶା ଅନୁଷ୍ଠିତ ହେବ। ଏହା ସହିତ କଲିକତାରେ ମଧ୍ୟ ଏକ ଶିଳ୍ପ କନ୍‌କ୍ଲେଭ୍ ହେବାର ଯୋଜନା ରହିଛି ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ।

**ରାଉରକେଲାରେ ହେବ 'ଏଣ୍ଟରପ୍ରାଇଜ୍ ଓଡ଼ିଶା' ସମ୍ମେଳନ**

ହାଇଦରାବାଦରେ ଆୟୋଜିତ ୨ ଦିନିଆ ଓଡ଼ିଶା ନିବେଶକ ସମ୍ମିଳନୀରେ ଯୋଗ ଦେବା ପରେ ଭୁବନେଶ୍ୱରରେ ଏକ ସାମ୍ବାଦିକ ସମ୍ମିଳନୀରେ ସେ କହିଛନ୍ତି ଯେ ଦୁଇ ଦିନରେ ସେ ନିଜେ ୩୮ ଜଣ ଶିଳ୍ପପତିଙ୍କ ସହିତ ୱାନ ଟୁ ୱାନ ଆଲୋଚନା କରିଛନ୍ତି। ଏହି ଅବସରରେ ହାଇଦ୍ରାବାଦରେ ଅନୁଷ୍ଠିତ ଏକ ମେଗା ଓଡ଼ିଶା ନିବେଶକ ରୋଡଶୋ ୫୦୦ ରୁ ଅଧିକ ଶିଳ୍ପପତି, ବ୍ୟବସାୟିକ ସଂଗଠନ ଏବଂ ଆନୁଷ୍ଠାନିକ ଅଂଶୀଦାରମାନେ ଅଂଶଗ୍ରହଣ କରିଛନ୍ତି। ଏହି ଆଲୋଚନା ଦ୍ୱାରା ଶିଳ୍ପପତିମାନେ ଓଡ଼ିଶାର ଶିଳ୍ପ ପରିବେଶ, ଭିତ୍ତିଭୂମି ଏବଂ ନୀତି-ଚାଳିତ ଅଭିବୃଦ୍ଧି ମଡେଲ ସମ୍ପର୍କରେ ଏକ ସ୍ୱଷ୍ଟ ଚିତ୍ର ପାଇ ପାରିଥିଲେ। ଓଡ଼ିଶାରେ ନିବେଶକୁ ସହଜ ଓ ସରଳ କରିବା ପାଇଁ, ଇଜ୍ ଅଫ୍ ଡୁଇଙ୍ଗ ବିଜନେସ୍‌ରେ ଉନ୍ନତି ଆଣିବା ପାଇଁ ବିଭିନ୍ନ ଆଇନ୍‌ରେ ପ୍ରାୟ ୨୩ଟି ସଂଶୋଧନ କରାଯାଉଛି। ବହୁତ୍ ପୁରୁଣା ଆଇନ୍, ଯାହାର ବର୍ତ୍ତମାନ କୌଣସି ଆବଶ୍ୟକତା ନାହିଁ, ସେଗୁଡିକ ସଂଶୋଧନ କରାଯାଇ, ବର୍ତ୍ତମାନ ସମୟର ଆବଶ୍ୟକତାକୁ ଦେଇ ପ୍ରସ୍ତୁତ କରାଯାଉଛି ବୋଲି ସେ କହିଥିଲେ। ଗସ୍ତ ସମୟରେ ୧୩ଟି ବୁଝାମଣାପତ୍ର (ଏମଓୟୁ) ସ୍ୱାକ୍ଷରିତ ହେବା ସହିତ ୨୭,୬୫୦ କୋଟି ଟଙ୍କାର ନିବେଶ ସୁଯୋଗ ମିଳିଛି। ଏହାଦ୍ୱାରା ୧୫,୯୦୫ ନିଯୁକ୍ତି ସୃଷ୍ଟି ହେବ। ଏହା ବ୍ୟତୀତ ୯ଟି ଇନଭେଷ୍ଟମେଣ୍ଟ ଇଣ୍ଟେଣ୍ଟ ଫାଇଲିଂ ମଧ୍ୟ ହୋଇଥିଲା। ଏହାଦ୍ୱାରା ୩୯,୧୩୧ କୋଟିର ଅଧିକ ନିବେଶ ସମ୍ଭାବନା ଏବଂ ୪୦,୪୩୫ ଲୋକଙ୍କ ପାଇଁ ନିଯୁକ୍ତି ସମ୍ଭାବନା ସୃଷ୍ଟି ହୋଇଛି। ଯେହେତୁ ସମସ୍ତ ଶିଳ୍ପ ପ୍ରକଳ୍ପ ଗୁଡିକୁ ମୁଁ ବ୍ୟକ୍ତିଗତ ଭାବେ ମନିଟରିଂ କରୁଛି, ସେଥିପାଇଁ ଶିଳ୍ପପତିମାନେ ଓଡ଼ିଶା ପ୍ରତି ଖୁବ୍ ଉତ୍ସାହିତ ଅଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।



### ପୁଲିସ ଏସଆଇ ନିଯୁକ୍ତି କେଲେଙ୍କାରୀ ମାମଲା

# ବିହାରରୁ ଗିରଫ ହେଲେ ଅମିତ ଭାରତୀ

ଭୁବନେଶ୍ୱର,୨୨।୧୨(ସମିସ): ପୁଲିସ ଏସ୍‌ଆଇ ଚାକିରି ବିକ୍ରି ମାମଲାରେ ଆଉ ଜଣେ ଅଭିଯୁକ୍ତ ଅମିତ ଭାରତୀଙ୍କୁ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ ବା ସିବିଆଇ ବିହାରରୁ ଗିରଫ କରିଛି। ଅମିତ ହେଲେ ଦଲାଲ୍ ନେଟ୍‌ୱର୍କର ମାଷ୍ଟରମାଇଣ୍ଡ ଶଙ୍କର ପୃଷ୍ଟିଙ୍କ ସହଯୋଗୀ। ପ୍ରଶ୍ନପତ୍ର ଲିକ୍‌ରେ ସେ କୁଆଡ଼େ ଶଙ୍କରଙ୍କ ଗୁରୁ ବୋଲି କୁହାଯାଉଛି। ୟୁପି ଏବଂ ବିହାରରେ ଶିକ୍ଷା କ୍ଷେତ୍ରରେ ହୋଇଥିବା କିଛି ଠକେଇ ମାମଲାରେ ପୂର୍ବରୁ ସେ ସମ୍ପୃକ୍ତ ଥିବା ଜଣାପଡ଼ିଛି। ପୁଲିସ ଏସ୍‌ଆଇ ପରୀକ୍ଷା ସ୍କାମ୍‌ରେ ତାଙ୍କର ବଡ଼ ଭୂମିକା ରହିଥିଲା। ପ୍ରିଣ୍ଟିଂ ବେଳେ ପ୍ରଶ୍ନପତ୍ର କିଭଳି ହାସଲ କରାଯିବ, ଏହାକୁ କିଭଳି ପରୀକ୍ଷାର୍ଥୀଙ୍କ ପାଖରେ ପହଁଞ୍ଚାଯିବ ଅମିତ ଏସବୁର ଦାୟିତ୍ୱ ନେଇଥିଲେ।

**୩ ଅଭିଯୁକ୍ତଙ୍କ ସିବିଆଇ ରିମାଣ୍ଡ ଶେଷ**

ଅନ୍ୟପକ୍ଷରେ ୪ଦିନିଆ ରିମାଣ୍ଡରେ ଥିବା କ୍ରାଇମ୍ ସିଣ୍ଡିକେଟ୍‌ର ତିନି ଅଭିଯୁକ୍ତ ସିଲିକନ୍ ସିଇଓ ସୁରେଶ ନାୟକ, ପଞ୍ଚସପ୍ତର ମାଲିକ ଶଙ୍କର ପୃଷ୍ଟି ଏବଂ ମଧ୍ୟସ୍ଥ ସାଗରଙ୍କ ସିବିଆଇ ରିମାଣ୍ଡ ଅବଧି ଶେଷ ହୋଇଛି। ସେମାନେ ଜେରା ବେଳେ ଏସ୍‌ଆଇ ସ୍କାମ୍ ସମ୍ପର୍କରେ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ସିବିଆଇକୁ ଦେଇଛନ୍ତି। ଏହି ମାମଲାରେ କିଛି ବଡ଼ବଡିଆଙ୍କ ସମ୍ପୃକ୍ତି ରହିଥିବା ସିବିଆଇ ଜାଣିବାକୁ ପାଇଛି। ଏହି ଆଧାରରେ ଆଗାମୀ ଦିନରେ ଭୁବନେଶ୍ୱର ଅଞ୍ଚଳର ଜଣେ ବ୍ୟବସାୟୀ ଏବଂ ଜଣେ ସରକାରୀ କର୍ମଚାରୀଙ୍କ ନାମ ସାମ୍ନାକୁ ଆସିଛି ବୋଲି ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି। ସୋମବାର ରିମାଣ୍ଡରେ ଥିବା ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟରେ ହାଜର କରାଯାଇଥିଲା। କୋର୍ଟ ସମସ୍ତଙ୍କୁ ଜେଲ୍ ପଠାଇ ଦେଇଛନ୍ତି।

# ନିଯୁକ୍ତି ପ୍ରକ୍ରିୟା ତ୍ୱରାନ୍ୱିତ ପାଇଁ କ'ଣ ପଦକ୍ଷେପ ନେଇଛ ଜଣାଅ: ହାଇକୋର୍ଟ

କଟକ, ୨୨।୧୨ (ସମିସ): ଓଡ଼ିଶା ପୁଲିସ ନିଯୁକ୍ତି ବୋର୍ଡ (ଓପିଆରବି) ଦ୍ୱାରା ପରିଚାଳିତ ହେଉଥିବା ପୁଲିସ ଏସ୍‌ଆଇ ନିଯୁକ୍ତି ପରୀକ୍ଷା କେଲେଙ୍କାରୀ ମାମଲାକୁ ଗୁରୁତ୍ୱର ସହ ଗ୍ରହଣ କରି ଶୁଣାଣି କରିଛନ୍ତି ହାଇକୋର୍ଟ। ଏହି ମାମଲାରେ ରାଜ୍ୟ ସରକାର ଓ ଅନ୍ୟ ପ୍ରତିପକ୍ଷଙ୍କୁ ନୋଟିସ୍ ଜାରି କରିଛନ୍ତି ଅଦାଲତ। ଏଥିସହ ପୁଲିସ ବିଭାଗରେ ବହୁ ପଦ ଖାଲି ପଡ଼ିଥିବା ବେଳେ ଏସ୍‌ଆଇ ଭଳି ଗୁରୁତ୍ୱପୂର୍ଣ୍ଣ ପଦରେ ନିଯୁକ୍ତି ପ୍ରକ୍ରିୟା ତ୍ୱରାନ୍ୱିତ ପାଇଁ କ'ଣ ପଦକ୍ଷେପ ଗ୍ରହଣ କରାଯାଇଛି, ସେନେଇ ସରକାରଙ୍କୁ ଜବାବତଲବ କରିଛନ୍ତି ହାଇକୋର୍ଟ। ଆଇନଜୀବୀ ଶିବଶଙ୍କର ମହାନ୍ତିଙ୍କ ତରଫରୁ ରୁଜୁ ଏହି ମାମଲାର ଶୁଣାଣି କରି ମୁଖ୍ୟ ବିଚାରପତି ଜଷ୍ଟିସ ହରୀଶ ଟଣ୍ଡନ ଓ ଜଷ୍ଟିସ ଏସ.ଏସ୍ ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଏହି କେଲେଙ୍କାରୀ ଘଟଣାରେ ସିବିଆଇ ତଦନ୍ତ ଜାରି ରଖିଛି ବୋଲି ମାମଲା ଶୁଣାଣି ବେଳେ ସରକାରଙ୍କ ପକ୍ଷରୁ କୁହାଯାଇଥିଲା।



ନିଯୁକ୍ତି କେଲେଙ୍କାରୀ ଘଟଣା ସାମ୍ନାକୁ ଆସିବା ପରେ ନିଯୁକ୍ତି ପ୍ରକ୍ରିୟା ସ୍ଥଗିତ ରହିଥିବା ବେଳେ ଏହାକୁ ତ୍ୱରାନ୍ୱିତ କରିବା ପାଇଁ ଅଦ୍ୟାବଧି କିଛି ପଦକ୍ଷେପ ନିଆଯାଇନଥିବା ଆବେଦନକାରୀ ଦର୍ଶାଇଥିଲେ। ଆବେଦନକାରୀ ନିଜ ଆବେଦନରେ ଦର୍ଶାଇଥିଲେ ଯେ ସରକାରଙ୍କ ଗତ ୨୦୨୫ ସେପ୍ଟେମ୍ବର ୨୨ର ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଡିଓର୍ (ଏସ୍‌ଓପି)କୁ କଡ଼ାକଡ଼ି ପାଳନ ସହ ଏକ ଉଚ୍ଚକ୍ଷମତା ସମ୍ପନ୍ନ କମିଟି ତତ୍ତ୍ୱାବଧାନରେ ନିଯୁକ୍ତି ପ୍ରକ୍ରିୟା ସମ୍ପନ୍ନ କରାଯାଉ। ସାଧାରଣ ପ୍ରଶାସନ ଏବଂ ସାଧାରଣ ଅଭିଯୋଗ ବିଭାଗ ଓ ଗୃହ ବିଭାଗର ବରିଷ୍ଠ ଅଧିକାରୀମାନଙ୍କୁ ନେଇ ଏହି ଉଚ୍ଚସ୍ତରୀୟ ତଦାରଖ କମିଟି ଗଠନ କରିବାକୁ ନିର୍ଦ୍ଦେଶ ଦିଆଯାଉ। ଓଡ଼ିଶା ପୁଲିସ ନିଯୁକ୍ତି ବୋର୍ଡ ଏବଂ ରାଜ୍ୟ ସରକାରଙ୍କ ଅଧୀନରେ ଥିବା ଅନ୍ୟାନ୍ୟ ନିଯୁକ୍ତି ସଂସ୍ଥା ଦ୍ୱାରା ପରିଚାଳିତ ହେଉଥିବା ଏବଂ ଭବିଷ୍ୟତରେ ହେବାକୁ ଥିବା ନିଯୁକ୍ତି ପରୀକ୍ଷାରେ ସ୍ୱଚ୍ଛତା, ନିରପେକ୍ଷତା ଏବଂ ଏସଓପି ଅନୁପାଳନର ତଦାରଖ ଏହି କମିଟି କରୁ ବୋଲି ଆବେଦନକାରୀ ପ୍ରାର୍ଥନା କରିଛନ୍ତି।

ନିର୍ଦ୍ଧାରିତ ଏସଓପିରୁ ବିଚ୍ୟୁତି ଏବଂ ପୁଲିସ ଏସଆଇ ନିଯୁକ୍ତି ପରିଚାଳନାରେ ଅବହେଳା, ଅନିୟମିତତା ପାଇଁ ଦାୟୀ କର୍ତ୍ତୃପକ୍ଷ ଏବଂ ସଂସ୍ଥାଗୁଡ଼ିକ ବିରୋଧରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ନିବେଦନ କରାଯାଇଛି। ମାମଲାରେ ସାଧାରଣ ପ୍ରଶାସନ ବିଭାଗ ସଚିବ, ଗୃହ ସଚିବ, ପୁଲିସ ଡିଜି, ଓପିଆରବି ଅଧ୍ୟକ୍ଷ ଓ ସିବିଆଇ ଏସପିଙ୍କୁ ପକ୍ଷଭୁକ୍ତ କରାଯାଇଛି।

### ଚିଟ୍‌ଫଣ୍ଡ ଦୁର୍ନୀତି

# ଶୀଘ୍ର ଟଙ୍କା ଫେରି ପାଇବେ କ୍ଷୁଦ୍ର ଜମାକାରୀ

■ ଜାନୁଆରୀ ୩୧ ତାରିଖ ଯାଏଁ ଚାଲିବ ପ୍ରକ୍ରିୟା
■ ସୁଯୋଗ ନେବାକୁ ଅର୍ଥ ବିଭାଗର ଅନୁରୋଧ

ଭୁବନେଶ୍ୱର,୨୨।୧୨(ସମିସ): ରାଜ୍ୟ ସରକାରଙ୍କ ପକ୍ଷରୁ ଚିଟ୍‌ଫଣ୍ଡ କ୍ଷତିଗ୍ରସ୍ତ କ୍ଷୁଦ୍ର ଜମାକାରୀଙ୍କ ଅର୍ଥ ଫେରସ୍ତ ପ୍ରକ୍ରିୟାକୁ ବ୍ୟାପକ କରାଯାଇଛି। ଏହି ପ୍ରକ୍ରିୟାର ସୁଯୋଗ ନେବାକୁ ଅର୍ଥ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ସହ ଏହାର ସୁଯୋଗ ନେବାକୁ ଅନୁରୋଧ କରାଯାଇଛି। ଏହି ଟଙ୍କା ଫେରସ୍ତ ପ୍ରକ୍ରିୟା ଆସନ୍ତା ଜାନୁଆରୀ ୩୧ ତାରିଖ ପର୍ଯ୍ୟନ୍ତ ଜାରି ରହିବ। ତେଣୁ ଜମାକାରୀମାନେ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟରେ ଆବଶ୍ୟକ କାଗଜପତ୍ର ସହ ଆବେଦନ କଲେ ସେମାନଙ୍କୁ ୧୫ ଦିନ ମଧ୍ୟରେ ଟଙ୍କା ମିଳିବ ବୋଲି ବିଭାଗ ନିଜ ବିଜ୍ଞପ୍ତିରେ ଉଲ୍ଲେଖ କରିଛି।

ବିଜ୍ଞପ୍ତି ଅନୁଯାୟୀ, ଚିଟ୍‌ଫଣ୍ଡ ତଦନ୍ତ କମିଶନ ସୁପାରିସ କରିଥିବା ଓ ଫେରସ୍ତ ପାଇ ନ ଥିବା ସମସ୍ତ କ୍ଷୁଦ୍ର ଜମାକାରୀ ଅର୍ଥାତ୍ ୧୦,୦୦୦ ଟଙ୍କା ପର୍ଯ୍ୟନ୍ତ ଜମା କରିଥିବା ଲୋକେ ଏହାର ସୁଫଳ ପାଇବେ। ସେହିପରି ଗୋଲ୍‌ଡେନ୍ ଲ୍ୟାଣ୍ଡ ଡେଭଲପର୍ସ କମ୍ପାନୀ ସମୂହର ପ୍ରଥମ ପର୍ଯ୍ୟାୟରେ ଫେରସ୍ତ ପାଇ ନ ଥିବା ସମସ୍ତ କ୍ଷୁଦ୍ର ଜମାକାରୀ (୮,୦୦୦ ଟଙ୍କା ପର୍ଯ୍ୟନ୍ତ ଜମା କରିଥିବା ଲୋକେ ଏଥିପାଇଁ ମଧ୍ୟ ଯୋଗ୍ୟ ବିବେଚିତ ଅଟନ୍ତି। ନିଜ ଜିଲ୍ଲାର ସରକାରୀ ୱେବସାଇଟରେ ଫେରସ୍ତ ପାଇ ନ ଥିବା ଜମାକାରୀମାନଙ୍କର ସମ୍ପୂର୍ଣ୍ଣ ତାଲିକା ଉପଲବ୍ଧ ଅଛି। ଏତଦ୍ ବ୍ୟତୀତ ତଦନ୍ତ କମିଶନ ରିପୋର୍ଟ ପାଇଁ ଜମାକାରୀଙ୍କର ନାମ / ସତ୍ୟପାଠ ନମ୍ବର ଏବଂ ଗୋଲ୍‌ଡେନ୍ ଲ୍ୟାଣ୍ଡ ଡେଭଲପର୍ସ କମ୍ପାନୀ ପାଇଁ ଜମାକାରୀଙ୍କ ନାମ, ଆବେଦନ ନମ୍ବର ନିର୍ଦ୍ଦିଷ୍ଟ ୱେବସାଇଟରେ ଦେଇ, ସେମାନଙ୍କର ଆବେଦନପତ୍ରର ସାଂପ୍ରତିକ ସ୍ଥିତି ସମ୍ପର୍କରେ ଜାଣିପାରିବେ। ଟଙ୍କା ଫେରସ୍ତ ପାଇଁ କ୍ଷୁଦ୍ର ଜମାକାରୀମାନେ ଆବଶ୍ୟକ ଦସ୍ତାବିଜ ସହିତ ସମ୍ପୃକ୍ତ ରାଜସ୍ୱ ନିରୀକ୍ଷକଙ୍କ ପାଖରେ ଯୋଗାଯୋଗ କଲେ ୧୫ ଦିନ ମଧ୍ୟରେ ସେମାନଙ୍କର ଜମା ଟଙ୍କା ଫେରି ପାଇବାର ପ୍ରାବଧାନ କରାଯାଇଛି ବୋଲି ଅର୍ଥ ବିଭାଗ ସ୍ୱଷ୍ଟ କରିଛି।

# ଦୁଷ୍କର୍ମକାରୀକୁ ୨୫ ବର୍ଷ ଜେଲ୍

ଅନୁଗୋଳ,୨୨।୧୨(ସମିସ): ଅନୁଗୋଳ ଅତିରିକ୍ତ ଜିଲ୍ଲା ଓ ସେସନ୍ ଜଜ୍ ସୋମବାର ଜଣେ ଦୁଷ୍କର୍ମକାରୀକୁ ୨୫ବର୍ଷ ଜେଲ୍ ଓ ୫୦ ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି। ଜରିମାନା ଅନାଦେୟ ହେଲେ ଅଧିକ ଏକ ବର୍ଷ ଜେଲଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ ରହିଛି। ଆସାମୀଜଣଙ୍କ ହେଲା, ନାଲକୋ ହଟିଙ୍ଗରେ ରହୁଥିବା କାରି ଓରଫ ଭରତ ତିମିଆ (୨୩)।

ମାମଲାର ବିବରଣୀ ଅନୁଯାୟୀ, ମୟୂରଭଞ୍ଜ ଜିଲ୍ଲାର ଜଣେ ଯୁବତୀ ନାଲକୋ ଥାନା ଅନ୍ତର୍ଗତ ହଟିଙ୍ଗରେ ଆଜକୁ ୯ ବର୍ଷ ହେବ ରହି ଦିନମଜୁରିଆ ଭାବେ କାମ କରୁଥିଲେ। ୨୦୨୪ ଫେବ୍ରୁଆରୀ ୧୩ ତାରିଖ ରାତି ପ୍ରାୟ ୧ଟା ବେଳେ ଭରତ ସମ୍ପୃକ୍ତ ଯୁବତୀଙ୍କ ଘରେ ଜୋରଜବରଦସ୍ତ ପଶି ତାଙ୍କୁ ଦୁଷ୍କର୍ମ କରି ଫେରାର୍ ହୋଇଯାଇଥିଲା। ୧୪ ତାରିଖ ସକାଳେ ଯୁବତୀଜଣଙ୍କ ଏ ସଂପର୍କରେ ନାଲକୋ ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁ କରି ଭରତକୁ ଗିରଫ କରିଥିଲା। ସୋମବାର ଏହି ମାମଲାର ଚୂଡ଼ାନ୍ତ ରାୟ ପ୍ରକାଶ ପାଇଛି। ସମସ୍ତ ତଥ୍ୟ ପ୍ରମାଣ ତଥା ୮ଜଣ ସାକ୍ଷୀଙ୍କ ବୟାନ ଆଧାରରେ ଅତିରିକ୍ତ ଜିଲ୍ଲା ଓ ସେସନ ଜଜ୍ ବିରଞ୍ଚି ନାରାୟଣ ମିଶ୍ର ଭରତଙ୍କୁ ଦୋଷୀ ସାବ୍ୟସ୍ତ କରି ଦଣ୍ଡାଦେଶ ପ୍ରଦାନ କରିଛନ୍ତି। ଏଥିସହ ପୀଡ଼ିତାଙ୍କୁ ୫ଲକ୍ଷ ଟଙ୍କା ଅନୁକମ୍ପା ମୂଳକ ଅର୍ଥରାଶି ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସରକାରଙ୍କ ପକ୍ଷରୁ ଅତିରିକ୍ତ ପିପି ପ୍ରଦୀପ ଭୂତିଆ ଏହି ମାମଲା ପରିଚାଳନା କରୁଥିଲେ।

# ମା' ଓ ଦୁଇ ପୁଅଙ୍କ ସନ୍ଦେହଜନକ ମୃତ୍ୟୁ

### ଖାଦ୍ୟରେ ବିଷକ୍ରିୟା ନା ମାରିଦେଲେ!

ଅନୁଗୋଳ,୨୨।୧୨(ସମିସ): ଅନୁଗୋଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧୀନ ଅବସ୍ଥାରେ ଢେଙ୍କାନାଳ ଜିଲ୍ଲା କଣ୍ଟାବଣିଆ ଥାନା ଅସନବଣି ଗାଁର ଗୋଟିଏ ପରିବାରର ତିନିଜଣଙ୍କ ମୃତ୍ୟୁ ହୋଇଛି। ମୃତକମାନେ ହେଲେ, ଅସନବଣି ଗ୍ରାମର ଗୋଲାପ ସାହୁ, ତାଙ୍କ ବଡ଼ପୁଅ ଭାରତ ସାହୁ ଓ ସାନପୁଅ ଲିଟ ସାହୁ। ରବିବାର ରାତିରେ ଏମାନେ କୁକୁଡ଼ା ମାଂସ ତରକାରୀ ସାଙ୍ଗକୁ ଭାତ ଓ ପାଳଙ୍ଗ ଶାଗ ଖାଇ ଶୋଇଥିଲେ। ସକାଳେ ସମସ୍ତେ ଅସୁସ୍ଥ ହୋଇପଡ଼ିଥିଲେ। ପରିବାରଲୋକ ଓ ପଡ଼ୋଶୀ ସେମାନଙ୍କୁ ଗୁରୁତର ଅବସ୍ଥାରେ ଅନୁଗୋଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲେ। କିଛି ସମୟ ପରେ ଗୋଲାପ ଓ ତାଙ୍କ ଦୁଇ ପୁଅଙ୍କ ସେଠାରେ ମୃତ୍ୟୁ ହୋଇଯାଇଥିଲା। ତେବେ ଡାକ୍ତରଖାନାରେ ପହଞ୍ଚିବା ପୂର୍ବରୁ ମୃତ୍ୟୁ ହୋଇସାରିଥିଲା ବୋଲି ଏଡିଏମ୍‌ଓ କହିଛନ୍ତି।

ମୃତ୍ୟୁର କାରଣ ସ୍ୱଷ୍ଟ ହୋଇନଥିବା ବେଳେ ଏହାକୁ ନେଇ ସାଧାରଣରେ ସନ୍ଦେହ ସୃଷ୍ଟି ହୋଇଛି। ଖାଦ୍ୟରେ ବିଷକ୍ରିୟା ବା ଶ୍ୱାସରୁଦ୍ଧ ଯୋଗୁଁ ସେମାନଙ୍କ ମୃତ୍ୟୁ ହୋଇଥିବା ସନ୍ଦେହ କରାଯାଉଛି। ତେବେ ଏହା ପଛରେ କିଛି ଷଡ଼୍‌ଯନ୍ତ୍ର ରହିଥିବା ଦିଗକୁ ମଧ୍ୟ ପୁଲିସ ଏଡ଼ାଇ ପାରୁନାହିଁ। ବ୍ୟବଚ୍ଛେଦ ରିପୋର୍ଟ ଆସିଲେ କାରଣ ସ୍ୱଷ୍ଟ ହେବ ବୋଲି ପୁଲିସ କହିଛି। ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରି ପୁଲିସ ଅଧିକ ତଦନ୍ତ ଚଳାଇଛି।

■ ରାମକୃଷ୍ଣ ମିଶନରେ ଅଘଟଣ

# ଗଛରୁ ପଡ଼ି ଛାତ୍ର ମୃତ

ବିଷମ କଟକ, ୨୨।୧୨(ସମିସ): ରାୟଗଡ଼ା ଜିଲ୍ଲା ବିଷମକଟକ ବ୍ଲକ ଅନ୍ତର୍ଗତ ହାଟମୁନିଗୁଡ଼ା ପଞ୍ଚାୟତ ଅଞ୍ଚଳରେ ଥିବା ରାମକୃଷ୍ଣ ମିଶନ ସ୍କୁଲର ଜଣେ ଦଶମ ଶ୍ରେଣୀ ଛାତ୍ର ଆଜି ଗଛରୁ ପ୍ରାଣ ହରାଇଛି। ମୃତକ ହେଲେ, ବଂଶୀ ଦିଶାରୀ। ଘର ନବରଙ୍ଗପୁର ଜିଲ୍ଲା ପୂଜାରୀଗୁଡ଼ା ପଞ୍ଚାୟତ ଅନ୍ତର୍ଗତ ବୁଟିପଦର ଗ୍ରାମରେ। ସୂଚନାନୁଯାୟୀ, ଆଜି ମଧ୍ୟାହ୍ନରେ ବଂଶୀ ମିଶନ୍ ପରିସରରେ ଥିବା ଏକ ଆମ୍ବଗଛରେ ଚଢ଼ିଥିବା ବେଳେ ଅସାବଧାନତାବଶତଃ ତଳକୁ ଖସି ପଡ଼ିଥିଲା। ସ୍କୁଲ କର୍ତ୍ତୃପକ୍ଷ ତାକୁ ଉଦ୍ଧାର କରି ବିଷମକଟକ ଖ୍ରୀଷ୍ଟୀୟାନ୍ ହସ୍ପିଟାଲରେ ଭର୍ତ୍ତି କରାଇଥିଲେ। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପରିବାରଲୋକ ପହଞ୍ଚିବା ପରେ ଶବ ବ୍ୟବଚ୍ଛେଦ କରାଯିବ ବୋଲି ମୁନିଗୁଡ଼ା ଥାନାଧିକାରୀ ସୌଦାମିନୀ ବେହେରା ସୂଚନା ଦେଇଛନ୍ତି।



# ମତ୍ସ୍ୟଜୀବୀଙ୍କୁ ବିପଦ ଦେବୀମୁହାଣ

### ବାଲିକୁଦରେ ପିଟି ହୋଇ ଟ୍ରଲର୍ ବୁଡ଼ିଗଲା; ବର୍ତ୍ତିଗଲେ ୭

ଅସ୍ତରଙ୍ଗ, ୨୨।୧୨ (ସମିସ): ମତ୍ସ୍ୟଜୀବୀଙ୍କ ପାଇଁ ବିପଦ ସାଜିଛି ଅସ୍ତରଙ୍ଗସ୍ଥିତ ଦେବୀନଦୀ ମୁହାଣ। ମୁହାଣ ପୋତି ହୋଇଯିବାରୁ ଡଙ୍ଗାବୁଡ଼ି ଭଳି ଅଘଟଣ ବାରମ୍ବାର ଘଟୁଛି। ରବିବାର ରାତିରେ ପୁଣିଥରେ ଏପରି ଏକ ଦୁର୍ଘଟଣା ଘଟିଛି। ମା' କାଳୀ ନାମକ ଟ୍ରଲର ସମୁଦ୍ରରୁ ମାଛ ଧରି ନୂଆଗଡ଼ ଜେଟିକୁ ଫେରୁଥିବା ବେଳେ ମୁହାଣ ନିକଟରେ ମାଛ ଧରିବା ପାଇଁ ପଡ଼ିଥିବା ଜାଲ ଟ୍ରଲର୍‌ର ପଙ୍ଖାରେ ଗୁଡ଼େଇ ହୋଇଯାଇଥିଲା। ଫଳରେ ଲହଡ଼ି ମାଡ଼ରେ ଟ୍ରଲର୍‌ଟି ଭାସିଭାସି ମୁହାଣ ନିକଟରେ ରହିଥିବା ବାଲିକୁଦରେ ପିଟି ହୋଇ କଣା ହୋଇଯାଇଥିଲା। ଫଳରେ ସେଥିରେ ପାଣି ପଶି ବୁଡ଼ିବା ଆରମ୍ଭ କରିଥିଲା। ଟ୍ରଲର୍‌ରେ ରହିଥିବା ୭ଜଣ କ୍ରୁ-ମେମ୍ବର ଅନ୍ଧାର ରାତିରେ ଜୀବନ ବିକଳରେ ଟ୍ରଲର୍ ଛାତ ଉପରକୁ ଚଢ଼ିଯାଇଥିଲେ। ଆଖପାଖରେ ମାଛ ଧରୁଥିବା ଅନ୍ୟ ମତ୍ସ୍ୟଜୀବୀମାନେ ଅନ୍ୟ ଏକ ଟ୍ରଲର୍ ସାହାଯ୍ୟରେ ସେମାନଙ୍କୁ ଉଦ୍ଧାର କରିବା ପାଇଁ ଯାଇଥିଲେ ହେଁ ମୁହାଣ ଭିତରେ ଯାଇ ନପାରି ଫେରି ଆସିଥିଲେ। ପରେ ମୋଟର ଡଙ୍ଗା ନେଇ ଯାଇଥିବା କେତେକ ମତ୍ସ୍ୟଜୀବୀ ଟ୍ରଲର ନିକଟରେ ପହଞ୍ଚି ସମସ୍ତ ୭ ମତ୍ସ୍ୟଜୀବୀଙ୍କୁ ଉଦ୍ଧାର କରିଥିଲେ।

■ ମୁହାଣ ପୋତି ହୋଇଗଲାଣି; ଖୋଲା ହେଉନି
■ ସମୁଦ୍ରରୁ ମାଛ ଧରି ଫେରିବା ସମୟରେ ଅଘଟଣ



ଅସ୍ତରଙ୍ଗ ଅଞ୍ଚଳରେ ରହିଥିବା ପ୍ରାୟ ୧୦ହଜାର ମତ୍ସ୍ୟଜୀବୀ ପରିବାର ଦେବୀନଦୀ ଓ ସମୁଦ୍ର ଉପରେ ନିର୍ଭରଶୀଳ। ସେମାନେ ଟ୍ରଲର ଏବଂ ମୋଟର ଡଙ୍ଗା ମାଧ୍ୟମରେ ସମୁଦ୍ରରୁ ମାଛ ଧରି ପରିବାର ପ୍ରତିପୋଷଣ କରିଥା'ନ୍ତି। ସମୁଦ୍ର ମଧ୍ୟକୁ ଯିବା ପାଇଁ ଏକମାତ୍ର ରାସ୍ତା ହେଉଛି ଦେବୀ ନଦୀ ମୁହାଣ। ଏହି ମୁହାଣ ଦେଇ ପ୍ରତିଦିନ ବହୁ ସଂଖ୍ୟାରେ ଟ୍ରଲର୍, ମୋଟର ଡଙ୍ଗା ଯିବାଆସିବା କରିଥାଏ। ଏହି ନଦୀମୁହାଣ ଏଠିକା ମତ୍ସ୍ୟଜୀବୀମାନଙ୍କ ଜୀବନଜୀବିକାର ଏକମାତ୍ର ରାସ୍ତା କହିଲେ ବି ଅତ୍ୟୁକ୍ତି କିମ୍ବା ଅତିଶୟୋକ୍ତି ହେବ ନାହିଁ। କିନ୍ତୁ, ପ୍ରତିବର୍ଷ ଏହି ମୁହାଣ ପୋତି ହୋଇ ଚାଲିଥିବା ବେଳେ ସାମୁଦ୍ରିକ ମତ୍ସ୍ୟ ବିଭାଗ ନିରବ ସାଜିଛି। ବାରମ୍ବାର ଅଭିଯୋଗ ପରେ ମଧ୍ୟ ମୁହାଣ ଖୋଳିବାକୁ ବିଭାଗ ଆଗ୍ରହ ପ୍ରକାଶ କରୁନାହିଁ। ଏଥିଯୋଗୁଁ ଏହି ମୁହାଣ ଏବେ ଏଠିକା ମତ୍ସ୍ୟଜୀବୀଙ୍କ ପାଇଁ ବିପଦ ପାଲଟିଛି। ପୂର୍ବରୁ ଏହି ମୁହାଣ ଦେଇ ଟ୍ରଲର ଏବଂ ମୋଟର ଡଙ୍ଗା ସମୁଦ୍ର ମଧ୍ୟକୁ ଯିବା ସମୟରେ ଅନେକ ସମୟରେ ଦୁର୍ଘଟଣାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳିଛି। ପ୍ରତିବର୍ଷ ଏହି ମୁହାଣ ନିକଟରେ ଏକାଧିକ ଟ୍ରଲର ଏବଂ ମୋଟର ଡଙ୍ଗା ବାଲିକୁଦରେ ପିଟି ହୋଇ ଭାଙ୍ଗିଯିବା ସହ ମୁହାଣଠାରେ ବୁଡ଼ିଯାଇ ସମୁଦ୍ର ଗର୍ଭରେ ଲୀନ ହୋଇଯାଇଥିବାର ନଜିର ବି ରହିଛି। ଅସ୍ତରଙ୍ଗ ଅଞ୍ଚଳର ସମାଜସେବୀ ଲକ୍ଷ୍ମୀଧର ବିଶ୍ୱାଳ ସୋମବାର ଦେବୀ ନଦୀ ମୁହାଁଣକୁ ଖୋଳିବା ପାଇଁ ସାମୁଦ୍ରିକ ମତ୍ସ୍ୟ ବିଭାଗ ନିକଟରେ ଦାବି ଜଣାଇଛନ୍ତି। ତେବେ ଦେଖିବାକୁ ବାକି ରହିଲା ଦେବୀ ମୁହାଁଣକୁ ସରକାର କେବେ ଖୋଳିବେ ଏବଂ ହଜାର ହଜାର ମତ୍ସ୍ୟଜୀବୀଙ୍କୁ ସୁରକ୍ଷା ଯୋଗାଇଦେବେ।




### ବିବିସିସି ବ୍ୟାଙ୍କରେ ଅନିୟମିତା

# ୪ ଶାଖା ପରିଚାଳକଙ୍କ ବଦଳି ହେଉନି

**ଭଦ୍ରକ,୨୨।୧୨(ସମିସ):** ବାଲେଶ୍ୱର-ଭଦ୍ରକ କେନ୍ଦ୍ର ସମବାୟ ବ୍ୟାଙ୍କର ଭଦ୍ରକ ଜିଲ୍ଲାରେ ମୁଖ୍ୟ ଶାଖା(ଭଦ୍ରକ) ସମେତ ମୋଟ ୧୦ଟି ଶାଖା ବ୍ୟାଙ୍କ ରହିଛି। ବିଶେଷ କରି ଏହି ସମବାୟ ବ୍ୟାଙ୍କ ଚାଷୀମାନଙ୍କର ବ୍ୟାଙ୍କ ଭାବେ ପରିଚିତ। ଭଦ୍ରକ ବିବିସିସି ବ୍ୟାଙ୍କ ମୁଖ୍ୟ ଶାଖାରେ ସର୍ବାଧିକ ସଂଖ୍ୟକ ୪୦ହଜାର ଭଳି ଜମାକାରୀ ଥିବାବେଳେ ପ୍ରାୟ ୧୧ହଜାର ଭଳି ଋଣ ଗ୍ରହିତା ଥିବା ଜଣାଯାଇଛି। ସେହିପରି ଜିଲ୍ଲାରେ ଥିବା ମୋଟ୍ ୧୦ଟି ଶାଖାରେ ୯୫ହଜାର ଋଣ ଗ୍ରହିତା ଥିବାବେଳେ ୧ଲକ୍ଷରୁ ଅଧିକ ଜମାକାରୀ ଅଛନ୍ତି। ରାଜ୍ୟ ସମବାୟ ବିଭାଗ ଅଧୀନରେ ଥିବା ଏହି ବିବିସିସି ବ୍ୟାଙ୍କ କୃଷିଋଣ ସହି ବ୍ୟବସାୟ ଓ ଅନ୍ୟାନ୍ୟ ସରକାରୀ ସବ୍‌ସିଡି ଲୋନ୍ ପ୍ରଦାନ କରି ଆସୁଛି। ତେବେ ଏହି ସମବାୟ ବ୍ୟାଙ୍କରେ ଏବେ ବହୁ ଅନିୟମିତତା ଦେଖିବାକୁ ମିଳିଛି। ବିଶେଷକରି ସମବାୟ ବିଭାଗ ବଦଳି ନିୟମାନୁଯାୟୀ, ବ୍ୟାଙ୍କର ଜଣେ ଶାଖା ପରିଚାଳକ ସର୍ବାଧିକ ୩ ବର୍ଷ ଧରି ଗୋଟିଏ ଶାଖାରେ ରହିବା କଥା। ତେବେ ଭଦ୍ରକ ଜିଲ୍ଲାରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି। ଜିଲ୍ଲାର ୪ଟି ପ୍ରମୁଖ ଶାଖା ପରିଚାଳକ ୬ ବର୍ଷ ଧରି ଏକକାଳୀନ କାର୍ଯ୍ୟ କରିବା ଘଟଣା ସମବାୟ ବିଭାଗର ସ୍ୱଚ୍ଛତା ପ୍ରତି ସ୍ୱତଃ ଅଙ୍ଗୁଳି ନିର୍ଦ୍ଦେଶ କରୁଛି।

**୬ ବର୍ଷ ହେଲାଣି ଆସ୍ଥାନ ଜମାଇଛନ୍ତି**

ସୂଚନାଯୋଗ୍ୟ, ଭଦ୍ରକ ମୁଖ୍ୟ ଶାଖା ବିବିସିସି ବ୍ୟାଙ୍କ ସହ ଚାନ୍ଦବାଲି, ବାସୁଦେବପୁର ଓ ଧାମରାସ୍ଥିତ ବ୍ୟାଙ୍କ ଶାଖା ପରିଚାଳକମାନେ ସମବାୟ ନିୟମକୁ ଉଲ୍ଲଂଘନ କରି ଦୀର୍ଘ ୬ବର୍ଷ ଧରି କିଭଳି କାର୍ଯ୍ୟ କରୁଛନ୍ତି। ଭଦ୍ରକ ଜିଲ୍ଲାରେ ଥିବା ଅନ୍ୟ ୬ଟି ବ୍ୟାଙ୍କର ଶାଖା ପରିଚାଳକଙ୍କ ବଦଳି ନିର୍ଦ୍ଧାରିତ ସମୟ ଅବଧିରେ ହେଉଥିବା ଏହି ୪ଟି ଶାଖାରେ ଆଇନ ଉଲ୍ଲଂଘନ କିଭଳି ହେଉଛି ବୋଲି ବହୁ ବୁଦ୍ଧିଜୀବୀ ତଥା ସମବାୟବିତ୍ ପ୍ରଶ୍ନ ଉଠାଇଛନ୍ତି। ଭଦ୍ରକ ମୁଖ୍ୟ ଶାଖା ସହ ଚରମ୍ପାଠାରେ ବ୍ୟାଙ୍କର ୨ଟି ଶାଖା ଥିବାବେଳେ ଚାନ୍ଦବାଲି ଓ ବନ୍ତ ବ୍ଲକ୍‌ରେ ୨ଟି ଶାଖା ରହିଛି। ଅନ୍ୟ ସବୁ ବ୍ଲକ୍ ଧାମନଗର, ତିହିଡ଼ି, ଭଣ୍ଡାରିପୋଖରୀ ଓ ବାସୁଦେବପୁରରେ ଗୋଟିଏ ଲେଖାଏଁ ବ୍ୟାଙ୍କ ଶାଖା ରହିଛି। ବର୍ଷ ବର୍ଷ ଧରି ଶାଖା ପରିଚାଳକଙ୍କ ବଦଳି ହେଉ ନ ଥିବାରୁ ସମ୍ପୃକ୍ତ ବ୍ୟାଙ୍କମାନଙ୍କରେ ଗରିବ ଚାଷୀଙ୍କୁ କୃଷି ଋଣ ପ୍ରଦାନ କ୍ଷେତ୍ରରେ ବହୁବିଧ ଅନିୟମିତତା ହେଉଥିବା ନେଇ ଅଭିଯୋଗ ଫର୍ଦ୍ଦ ଲମ୍ବିବାରେ ଲାଗିଛି। ସେହିଭଳି ଗ୍ରାହକମାନଙ୍କୁ ସଠିକ୍ ସେବା ପ୍ରଦାନ ଓ ମନୋମୁଖୀ କାର୍ଯ୍ୟଧାରା ନେଇ ବହୁ ଅଭିଯୋଗ ଉଚ୍ଚ କର୍ତ୍ତୃପକ୍ଷଙ୍କଠାରେ ଆଗତ ହେଉଛି।

ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ପ୍ରତିବର୍ଷ ନାବାର୍ଡ ଏକ ଟିମ୍ ପକ୍ଷରୁ ବିବିସିସି ବ୍ୟାଙ୍କଗୁଡ଼ିକର ଯାଞ୍ଚ ହେଉଥିବାବେଳେ ୪ବ୍ୟାଙ୍କ ଶାଖା ପରିଚାଳକ କିଭଳି ୬ବର୍ଷ ଧରି ଗୋଟିଏ ଗୋଟିଏ ଶାଖାରେ ରହିଛନ୍ତି ଏନେଇ ମଧ ପ୍ରଶ୍ନ ଉଠିଛି। ରାଜ୍ୟ ସମବାୟ ବିଭାଗ ସଚିବ ଓ ସମବାୟ ସମିତି ସମୂହ ନିବନ୍ଧକ ଏ ଦିଗରେ ଗୁରୁତ୍ୱର ସହ ଦୃଷ୍ଟି ଦେବାକୁ ଦାବି ହୋଇଛି।

## ଜେଇଙ୍କ ଉପସ୍ଥିତିରେ ବିନା ଫଳକରେ ଚାଲିଛି କାର୍ଯ୍ୟ

**ଦୋଳସାହି,୨୨।୧୨(ସମିସ):** ତିହିଡ଼ି ବ୍ଲକ୍ ଅଧୀନ ବିଭିନ୍ନ ପଞ୍ଚାୟତରେ ବିନା ସୂଚନାଫଳକରେ ଚାଲିଛି ଅନେକ ସରକାରୀ ଉନ୍ନୟନ କାର୍ଯ୍ୟ। ଜେଇଙ୍କ ଉପସ୍ଥିତିରେ କାମ ହେଉଥିବାବେଳେ ସୂଚନାଫଳକ ନ ଥିବାକୁ ନେଇ ଅନେକ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସୂଚନା ମୁତାବକ, ଦୋଳସାହି ପଞ୍ଚାୟତ ଅଧୀନ ରାମନାରାୟଣ ଉଚ୍ଚ ବିଦ୍ୟାଳୟରେ ବିଦ୍ୟାଳୟ ଗୃହ ନିର୍ମାଣ କାମ ଚାଲିଛି। ବିଭାଗୀୟ ଜୁନିୟର ଇଞ୍ଜିନିୟର(ଜେଇ) ଭରତ ବିଶ୍ୱାଳ ଏଠାରେ ଉପସ୍ଥିତ ଥିବା ଦେଖାଯାଇଛି। କିନ୍ତୁ ବିନା ସୂଚନାଫଳକରେ କାର୍ଯ୍ୟ ଚାଲିଥିବା ଦେଖିବାକୁ ମିଳୁଛି। ଏଥିସହ ବିଦ୍ୟାଳୟ ଗୃହ ନିର୍ମାଣ କାର୍ଯ୍ୟ ନିମ୍ନମାନର ହେଉଥିବା ନେଇ ସୋମବାର ବିଦ୍ୟାଳୟ ପରିଚାଳନା କମିଟି ପକ୍ଷରୁ କାର୍ଯ୍ୟ ବନ୍ଦ କରାଯାଇଥିବାବେଳେ ଜିଲ୍ଲା ପ୍ରଶାସନ ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।



● ଧାମନଗର ଏନ୍‌ଏସି ହେବ ମ୍ୟୁନିସିପାଲିଟି

## ପାଖ ପଞ୍ଚାୟତର ରାଜସ୍ୱ ଗ୍ରାମ ଚିହ୍ନଟ ପାଇଁ ନିର୍ଦ୍ଦେଶ

**ଧାମନଗର,୨୨।୧୨(ସମିସ):** ୨୦୧୭ ମସିହା ମାର୍ଚ୍ଚ ୧୦ ତାରିଖରେ ଧାମନଗର ଏନ୍‌ଏସି ପ୍ରତିଷ୍ଠା ହୋଇଥିଲା। ସେତେବେଳେ ଧାମନଗର, ଜୟନଗର ଏହି ୨ଟି ପଞ୍ଚାୟତ ଓ ରାଧାବଲ୍ଲଭପୁର ଯୁଡିଏ। ଏହି ପରିପ୍ରେକ୍ଷୀରେ ଭଗବାନପୁର, ମୁସ୍ତଫାପୁର, ଦଳାଙ୍ଗ ଓ ରାଧାବଲ୍ଲଭପୁର ପଞ୍ଚାୟତ ଅନ୍ତର୍ଗତ ମ୍ୟୁନିସିପାଲିଟିରେ ଅନ୍ତର୍ଭୁକ୍ତ ହେବା ପାଇଁ ଯୋଗ୍ୟ ତଥା ସୀମା ସଂଲଗ୍ନ ରାଜସ୍ୱ ଗ୍ରାମ ଚିହ୍ନଟକରଣ ପ୍ରକ୍ରିୟା ମଧ୍ୟରେ ସ୍ୱତନ୍ତ୍ର ଗ୍ରାମସଭା ଓ ପ୍ରସ୍ତାବନାର ଅବିକଳ ନକଲ ସହିତ ଟ୍ରେସ୍ ମ୍ୟାପ୍‌ର ୪ କପି ସଂଲଗ୍ନ କରି ନିଶ୍ଚିତ ଭାବେ ଦାଖଲ କରିବାକୁ ପଞ୍ଚାୟତର ସରପଞ୍ଚ ଓ ଇଓମାନଙ୍କୁ ଧାମନଗର ବିଡିଓ ତାଙ୍କ



ପଞ୍ଚାୟତର ୩ଟି ୱାର୍ଡକୁ ନେଇ ମାତ୍ର ୧୧ଟି ପରିଷଦରେ ସୀମିତ ଥିଲା ଏହାର କଳେବର। ଏହି ଏନ୍‌ଏସି ଏବେ ପରିବର୍ଦ୍ଧିତ ହୋଇ ମ୍ୟୁନିସିପାଲିଟି ହେବ। ଏଥିପାଇଁ ନଗର ଉନ୍ନୟନ ପ୍ରତିଷ୍ଠାନ ପକ୍ଷରୁ ଗତ ୧୧ ତାରିଖ ପତ୍ର ସଂଖ୍ୟା ୫୭୪ରେ ଧାମନଗର ବିଡିଓଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏହି ଏନ୍‌ଏସି ସୀମା ସଂଲଗ୍ନ ନିକଟବର୍ତ୍ତୀ ପଞ୍ଚାୟତର ଯୋଗ୍ୟ ରାଜସ୍ୱ ଗ୍ରାମ ଚିହ୍ନଟ ପ୍ରକ୍ରିୟାକରଣ ତୁରନ୍ତ ଆରମ୍ଭ କରି ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ଜିଲ୍ଲା ସ୍ୱତନ୍ତ୍ର ଗ୍ରାମସଭା ମାଧ୍ୟମରେ ତ୍ୱରାନ୍ୱିତ ପୂର୍ବକ ପ୍ରସ୍ତାବ ଦେବାକୁ ଉକ୍ତ ପଞ୍ଚାୟତର କାର୍ଯ୍ୟନିର୍ବାହୀ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏହି ରାଜସ୍ୱ ଗ୍ରାମର ଜନସାଧାରଣ ଅନୁଷ୍ଠିତ ସ୍ୱତନ୍ତ୍ର ଗ୍ରାମସଭାରେ ସେମାନଙ୍କ ସପକ୍ଷ ବିପକ୍ଷ ମତ ଦେଇପାରିବେ।

ନଗର ଉନ୍ନୟନ ବିଭାଗ ଅଧିକାରୀମାନେ ଉଭୟ ପ୍ରସ୍ତାବକୁ ଗ୍ରହଣ ପୂର୍ବକ ରାଜସ୍ୱ ଗ୍ରାମ ସଂଯୋଗୀକରଣ ନିଷ୍ପତ୍ତି ନେବେ। ଏଣୁ ଆସନ୍ତା ୧୫ ଦିନ କାର୍ଯ୍ୟାଳୟର ଗତ ୧୬ ତାରିଖ ପତ୍ର ସଂଖ୍ୟା ୭୫୪୯ କ୍ରମରେ ସୂଚନା ଦେଇଛନ୍ତି। ଏଠାରେ ସୂଚନାଯୋଗ୍ୟ ଯେ, ଧାମନଗର ଏନ୍‌ଏସିରେ ସାମିଲ୍ ହେବା ପାଇଁ ଗତ ୧୨ ତାରିଖରେ ଆଇନଜୀବୀ ସୁଦର୍ଶନ ସାମଲଙ୍କ ନେତୃତ୍ୱରେ ଭଗବାନପୁର ପଞ୍ଚାୟତ ଅଧୀନସ୍ଥ ଅନହରପୁର ରାଜସ୍ୱ ଗ୍ରାମ ଅନ୍ତର୍ଗତ ୧୦ ଓ ୧୧ ନଂ ୱାର୍ଡର ଜନସାଧାରଣଙ୍କ ଦସ୍ତଖତ ସମ୍ବଳିତ ଏକ ଦାବିପତ୍ର ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କୁ ପ୍ରଦାନ କରାଯାଇଥିଲା।

### ଧାମନଗରରେ 'ବିଧାୟକ ମେଧା ସମ୍ମାନ-୨୦୨୫'ର ଶୁଭାରମ୍ଭ

## ୪୦୦ରୁ ଅଧିକ ପ୍ରଧାନଶିକ୍ଷକଙ୍କୁ ପ୍ରଶିକ୍ଷଣ

**ଧାମନଗର,୨୨।୧୨(ସମିସ):** ଧାମନଗର ନିର୍ବାଚନମଣ୍ଡଳୀରେ ଶିକ୍ଷାର ଗୁଣାତ୍ମକ ମାନ ବୃଦ୍ଧି ଓ ଉତ୍ସାହିତ ବାତାବରଣ ସୃଷ୍ଟି କରିବା ପାଇଁ ଏକ ଅଭିନବ ପ୍ରୟାସ ଆରମ୍ଭ ହୋଇଛି। ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ଦ୍ୱାରା "ବିଧାୟକ ମେଧା ସମ୍ମାନ-୨୦୨୫"ର ଶୁଭାରମ୍ଭ କରାଯାଇଛି। ଧାମନଗର ଏନ୍‌ଏସି କଲ୍ୟାଣ ମଣ୍ଡପ ନିକଟରେ ଆୟୋଜିତ ଏହି ଭବ୍ୟ କାର୍ଯ୍ୟକ୍ରମରେ ପ୍ରାୟ ୪୦୦ରୁ ଅଧିକ ପ୍ରଧାନଶିକ୍ଷକ ଓ ଶିକ୍ଷୟିତ୍ରୀ ଯୋଗଦେଇଥିଲେ। ଉକ୍ତ ସମାରୋହରେ ମନ୍ତ୍ରୀଙ୍କ ସମେତ ଭଦ୍ରକ ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏ, ଜିଲ୍ଲା ମୁଖ୍ୟ ନିର୍ବାହୀ ଅଧିକାରୀ ଶୁଭେନ୍ଦ୍ର ସାମଲ, ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ, ଜିଲ୍ଲା ଶିକ୍ଷାଧିକାରୀ ଜଗବନ୍ଧୁ ସାହୁ ଓ ଏନ୍‌ସିଇଆର୍‌ଟିର ମୁଖ୍ୟ ପଦାଧିକାରୀ ଅଞ୍ଜନା ଆରୋରା ପ୍ରମୁଖ ଉପସ୍ଥିତ ରହି ଶିକ୍ଷା ବିକାଶର ରୋଡ୍‌ମ୍ୟାପ୍ ଉପରେ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ୪ଟି ସ୍ୱତନ୍ତ୍ର ଅଧିବେଶନ ମାଧ୍ୟମରେ ପ୍ରଧାନଶିକ୍ଷକମାନଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା। ବିଆର୍‌ସିସି, ସିଆର୍‌ସିସି ଓ ପ୍ରତିଷ୍ଠିତ ଶିକ୍ଷା ବିଶେଷଜ୍ଞମାନେ ନେତୃତ୍ୱ ନେବା, ନାମଲେଖା ବୃଦ୍ଧି କରିବା, ବିଦ୍ୟାଳୟରୁ ପାଠ ଛାଡୁଥିବା (ଡ୍ରପ୍ ଆଉଟ୍) ଛାତ୍ରଛାତ୍ରୀଙ୍କ ସଂଖ୍ୟା ହ୍ରାସ କରିବା ଏବଂ ପିଲାଙ୍କ ମଧ୍ୟରେ ଆତ୍ମବିଶ୍ୱାସ ବଢ଼ାଇ ସେମାନଙ୍କୁ ସଫଳତାର ଶୀର୍ଷକୁ ନେବା ଭଳି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ତାଲିମ ଦେଇଥିଲେ।



ମନ୍ତ୍ରୀ ଶ୍ରୀ ସୂରଜ ଏହି ଅବସରରେ ଶିକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ ପୁରସ୍କାର ରାଶି ଘୋଷଣା କରିଛନ୍ତି। ଛାତ୍ରଛାତ୍ରୀଙ୍କ ପାଇଁ ପ୍ରୋତ୍ସାହନ ରାଶି ବାବଦରେ ଜଣ ପିଛା ୫୦୦୦ ଟଙ୍କା ପ୍ରଦାନ କରାଯିବ ବୋଲି ଘୋଷଣା କରାଯାଇଛି। ବାର୍ଷିକ ବୋର୍ଡ ପରୀକ୍ଷାରେ ଏ-୧ ଗ୍ରେଡ୍ ପାଇଥିବା ଛାତ୍ରଛାତ୍ରୀ, ରାଜ୍ୟସ୍ତରରେ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇଥିବା କୃତୀ ଛାତ୍ରଛାତ୍ରୀ, ସୁରଭି କାର୍ଯ୍ୟକ୍ରମରେ ରାଜ୍ୟସ୍ତରକୁ ମନୋନୀତ ଛାତ୍ରଛାତ୍ରୀ, ରାଜ୍ୟସ୍ତରୀୟ ବିଜ୍ଞାନ ପ୍ରଦର୍ଶନୀ ଓ କ୍ରୀଡ଼ା ପ୍ରତିଯୋଗିତାରେ ଜିଲ୍ଲାର ପ୍ରତିନିଧିତ୍ୱ କରିଥିବା ଛାତ୍ରଛାତ୍ରୀଙ୍କୁ ୫୦୦୦ ଟଙ୍କାର ପୁରସ୍କାର ପ୍ରଦାନ କରାଯିବ। ନିର୍ବାଚନମଣ୍ଡଳୀରେ ସର୍ବାଧିକ ଏ-୧ ଗ୍ରେଡ୍ ପାଇଥିବା ବିଦ୍ୟାଳୟର ପ୍ରଧାନଶିକ୍ଷକଙ୍କୁ ୧୦ ହଜାର, ସ୍କୁଲରେ ଡ୍ରପ୍ ଆଉଟ୍ ହ୍ରାସ କରିବାରେ ସଫଳ ହୋଇଥିବା ପ୍ରଧାନଶିକ୍ଷକଙ୍କୁ ୧୦ ହଜାର, ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇଥିବା ଶିକ୍ଷକଙ୍କୁ ଅତିରିକ୍ତ ୧୦ ହଜାର ଟଙ୍କା ପ୍ରଦାନ କରାଯିବ। ତେବେ ନାମଲେଖା କ୍ଷେତ୍ରରେ ୧୫ପ୍ରତିଶତ କିମ୍ବା ତଦୁର୍ଦ୍ଧ୍ୱ ବୃଦ୍ଧି କରିଥିବା ପ୍ରାଥମିକ, ଉଚ୍ଚ ବିଦ୍ୟାଳୟ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟକୁ ସ୍କୁଲର ବିକାଶ ପାଇଁ ବିଧାୟକ ପାଣ୍ଠିରୁ ୧୫ ଲକ୍ଷ ଟଙ୍କା ପ୍ରଦାନ କରାଯିବ। ଏହି ଅବସରରେ ମନ୍ତ୍ରୀ ପ୍ରଧାନଶିକ୍ଷକଙ୍କୁ ସମ୍ବୋଧନ କରି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରି କହିଥିଲେ ଯେ ଶିକ୍ଷକମାନେ ହିଁ ସମାଜର ମୂଳଦୁଆ। ଏହି ପୁରସ୍କାର ଓ ତାଲିମ ଫଳରେ ଧାମନଗରର ପ୍ରତିଟି ଶିକ୍ଷାନୁଷ୍ଠାନ ଏକ ଆଦର୍ଶ ଶିକ୍ଷାନୁଷ୍ଠାନ ଭାବେ ଗଢ଼ିଉଠିବ।

## ସମାଜସେବୀ ଚନ୍ଦ୍ରକାନ୍ତଙ୍କ ପରଲୋକ

**ବାସୁଦେବପୁର,୨୨।୧୨(ସମିସ):** ବାସୁଦେବପୁର ପୌରପାଳିକାର ୧୦ ନମ୍ବର ୱାର୍ଡ ଡାଙ୍ଗୁଆସାହିର ସମାଜସେବୀ ଚନ୍ଦ୍ରକାନ୍ତ ଡାଙ୍ଗୁଆଙ୍କର ରବିବାର ବିଳମ୍ବିତ ରାତିରେ ୬୧ବର୍ଷ ବୟସରେ ପରଲୋକ ଘଟିଛି। ୧୧ବର୍ଷ ତଳେ ଏକ ଗଛରୁ ଖସି ସେ ଶଯ୍ୟାଶାୟୀ ଥିଲେ। ଏହି ବିଛଣାରେ ଅସୁସ୍ଥତା ଥିବା ସତ୍ତ୍ୱେ ବିଭିନ୍ନ ଲୋକଙ୍କ ସମସ୍ୟା ସମାଧାନ କରୁଥିଲେ। ବରିଷ୍ଠ ନାଗରିକ, ଦିବ୍ୟାଙ୍ଗ ଓ ବିଧବା ମହିଳାଙ୍କ ଭତ୍ତା ବଣ୍ଟନ ହେଉ କି ଡାକ୍ତରଖାନାରେ ରୋଗୀଙ୍କୁ ସାହାଯ୍ୟ ଆଦି କାର୍ଯ୍ୟ କରି ଆସୁଥିଲେ। ନନ୍‌ଫର୍ମାଲ ଓ ଶିଶୁ ଶ୍ରମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଭାବେ ଦୀର୍ଘ ଦିନ ଧରି ଶିକ୍ଷକତା କରିଥିଲେ। ସେ ଜଣେ ଛାତ୍ରବତ୍ସଳ ଶିକ୍ଷକ ଭାବେ ବେଶ୍ ପରିଚିତ ଥିଲେ। ଗତ ୧ ବର୍ଷ ଧରି ରୋଗରେ ପୀଡ଼ିତ ହୋଇ ଚିକିତ୍ସିତ ହେଉଥିଲେ। ଅସୁସ୍ଥତା ସତ୍ତ୍ୱେ ମୃତ୍ୟୁର ୩ ଦିନ ପୂର୍ବରୁ ଅନ୍ୟମାନଙ୍କୁ ସାହାଯ୍ୟ କରିବାକୁ ଭୁଲି ନ ଥିଲେ। ମୃତ୍ୟୁବେଳେ ଏକ ମାତ୍ର ପୁତ୍ର ସତ୍ୟବ୍ରତ ଡାଙ୍ଗୁଆ, ଝିଅ-ଜ୍ୱାଇଁଙ୍କ ସହିତ ସାନ ଭାଇ ତାରାକାନ୍ତ ଡାଙ୍ଗୁଆ ଓ ପରିବାର ବର୍ଗ ଉପସ୍ଥିତ ଥିଲେ। ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ତାଙ୍କ ବାସଭବନରେ ବିଜେଡି ବ୍ଲକ୍ ସଭାପତି ଦୀନବନ୍ଧୁ ଦାସ, ମାନସ ରଞ୍ଜନ ସାହୁ, ଚିନ୍ମୟ ବାରିକ, ରବିନ୍ଦ୍ର ନାୟକ, ବିଜେପି ଜିଲ୍ଲା ଉପସଭାପତି ଉଦୟନାରାୟଣ ମଲ୍ଲିକ, କାଉନ୍‌ସିଲର ଜଗବନ୍ଧୁ ଦାସ, କମଳାକାନ୍ତ ବାରିକ, କୃଷ୍ଣଚନ୍ଦ୍ର ମହାକୁଡ଼ ଓ କଂଗ୍ରେସର ଶଶିଭୂଷଣ ବାରିକ, ବିଜୟ ମହାନ୍ତି, ସୁଶାନ୍ତ ମହାକୁଡ଼, ଓକିଲ ସଂଘର ମଧୁସୂଦନ ଜେନା, ପ୍ରଦୀପ ମହାନ୍ତି, ରାଜେନ୍ଦ୍ର ବଳ, ସୌମ୍ୟରଞ୍ଜନ ପାଢ଼ୀ, ବସନ୍ତ ବାରିକ ପ୍ରମୁଖ ଶେଷ ଦର୍ଶନ କରିଥିଲେ।



## ସରସ୍ୱତୀ ଶିଶୁମନ୍ଦିରରେ ବାର୍ଷିକ କ୍ରୀଡ଼ା



**ଆରଡ଼ି,୨୨।୧୨(ସମିସ):** ଚାନ୍ଦବାଲି ବ୍ଲକ୍ ଅଧୀନ ଆରଡ଼ି ପୀଠରେ ଥିବା ସରସ୍ୱତୀ ଶିଶୁମନ୍ଦିରରେ ୧୬ତମ ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଶିଶୁମନ୍ଦିରରେ ଅଧ୍ୟୟନ କରୁଥିବା ଛାତ୍ରଛାତ୍ରୀମାନେ ବିଭିନ୍ନ ଖେଳରେ ଭାଗ ନେଇ କ୍ରୀଡ଼ା ପ୍ରଦର୍ଶନ କରିଥିଲେ। ଏଥିପୂର୍ବରୁ ପ୍ରଧାନଆଚାର୍ଯ୍ୟ ବିଭୂତିଭୂଷଣ ବିଶ୍ୱାଳଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ପହଣା ମଠଡିହ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଦିଲ୍ଲୀପ ଶେଖର ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ କ୍ରୀଡ଼ା ଶିକ୍ଷାର ଏକ ଅଙ୍ଗ ବୋଲି କହିଥିଲେ। ଅନ୍ୟ ଅତିଥି ଭାବେ ଜାଗୁଲାଇ ମଧ ଇଂରାଜୀ ବିଦ୍ୟାଳୟର ପ୍ରଧାନଶିକ୍ଷକ ହିମାଂଶୁ ଶେଖର ସାହୁ, ପହଣା ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଅଞ୍ଜୁଲତା ପୁହାଣ, ଅବସରପ୍ରାପ୍ତ ଶିକ୍ଷକ ହରିଶ୍ଚନ୍ଦ୍ର ଦାସ ଓ ବିଦ୍ୟାଳୟର ସମ୍ପାଦକ ସ୍ୱାଧୀନ ଦାସ ଯୋଗଦେଇ କ୍ରୀଡ଼ା ସମ୍ପର୍କରେ ପିଲାମାନଙ୍କୁ ବୁଝାଇଥିଲେ। ଆୟୋଜିତ ପ୍ରତିଯୋଗିତାରେ ୬୫ ଜଣ ଛାତ୍ରଛାତ୍ରୀ ୧୦ଟି ବର୍ଗର ପ୍ରତିଯୋଗିତାରେ ଭାଗ ନେଇଥିଲେ। କୃତୀ ପ୍ରତିଯୋଗୀମାନଙ୍କୁ ଚୟନ କରାଯାଇ ପୁରସ୍କୃତ କରାଯାଇଥିଲା। ଖେଳ ଶିକ୍ଷକ ସୁଶାନ୍ତ ବିଶ୍ୱାଳ ପରିଚାଳନା କରିଥିଲେ। ବିଦ୍ୟାଳୟର ଗୁରୁଜୀ ନିରଞ୍ଜନ ସାହୁ, ଗୁରୁମା' ନିବେଦିତା ପଲେଇ, ଗାୟତ୍ରୀ ସାହୁ, ସମାପିକା ନାୟକ, ସୁଚରିତା ନାୟକ ପ୍ରମୁଖ ସହଯୋଗ କରିଥିଲେ।

## ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ କଂଗ୍ରେସର ବିକ୍ଷୋଭ

**ଭଦ୍ରକ,୨୨।୧୨(ସମିସ):** ମହାତ୍ମା ଗାନ୍ଧୀ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ନାମ ପରିବର୍ତ୍ତନକୁ ବିରୋଧ କରି ସୋମବାର ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଓ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଜିଲ୍ଲା ସଭାପତି ନଳିନୀ ମହାନ୍ତିଙ୍କ ନେତୃତ୍ୱରେ ଶତାଧିକ ଦଳୀୟ କର୍ମୀ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ଫାଟକ ସମ୍ମୁଖରେ ମହାତ୍ମା ଗାନ୍ଧୀଙ୍କ ଫଟୋଚିତ୍ର ରଖି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଆୟୋଜିତ ଏହି ଗଣଧାରଣା ଓ ବିକ୍ଷୋଭ ପ୍ରଦର୍ଶନରେ ପୂର୍ବତନ ବିଧାୟକ ପଞ୍ଚାନନ ମଣ୍ଡଳ, ବରିଷ୍ଠ ନେତା ଦେବେନ୍ଦ୍ର ମହାନ୍ତି, ପ୍ରାକ୍ତନ ଜିଲ୍ଲା କାର୍ଯ୍ୟକାରୀ ସଭାପତି ଦେବରୂପ ମହାନ୍ତି, ପିସିସି ଅନୁସୂଚିତ ଜାତି ବିଭାଗର ରାଜ୍ୟ ସାଧାରଣ ସମ୍ପାଦକ ରାଜେନ୍ଦ୍ର ପ୍ରସାଦ ଜେନା, ଟାଉନ୍ ସଭାପତି ଅବଦୁଲ ମୋକିତ୍ ଖାଁ, ନାରୀନେତ୍ରୀ ଶର୍ମିଷ୍ଠା ପଣ୍ଡା, ଅମିତାବାଳା ଆଚାର୍ଯ୍ୟ, ହସିନା ଖାତୁନ, ବ୍ଲକ୍ ସଭାପତି ପୀତବାସ ଧଳ, ଧାମନଗର ବ୍ଲକ୍ ରମେଶ ବେହେରା, ବଳରାମ ରାଉତ, ଅନୁସୂଚିତ ଜାତିର ଜିଲ୍ଲା ସଭାପତି ବିଦ୍ୟାଧର ଜେନା, ପ୍ରଦ୍ୟୁମ୍ନ ଦାସ, କାଉନ୍‌ସିଲର ସାହିଲ୍ କାଦ୍ରୀ, ଯୁବନେତା ଇଲିଆସ ଅଲ୍ଲି ଖାଁ, ଲାଲୁ ଖାଁ, ରାଜ୍ୟ ସମ୍ପାଦକ ଶଶିକାନ୍ତ, ରଞ୍ଜନ ଜେନା, ହାଡ଼ିବନ୍ଧୁ ବିଶ୍ୱାଳ, ଦୀନବନ୍ଧୁ ଦାସ, ବିଜୟ ଦାସ, ମନୋଜ ମଲ୍ଲିକଙ୍କ ସମେତ ଶତାଧିକ ଦଳୀୟ ନେତା ଓ କର୍ମୀମାନେ ଯୋଗଦେଇ ବିଜେପି ସରକାରଙ୍କ ବିରୋଧରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ମୋଦି ସରକାର ହାଏ ହାଏ, ବିଜେପି ସରକାର ଡାଉନ୍ ଡାଉନ୍ ନାରାବାଜି ଦେଇଥିଲେ। ଜିଲ୍ଲା ସଭାପତି ଶ୍ରୀ ମହାନ୍ତି କେନ୍ଦ୍ରର ବିଜେପି ସରକାର ଉଦ୍ଦେଶ୍ୟମୂଳକ ଭାବେ ମହାତ୍ମା ଗାନ୍ଧୀ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ଭଳି ଏହି ଐତିହାସିକ ଯୋଜନାରେ ମହାତ୍ମା ଗାନ୍ଧୀଙ୍କ ନାମକୁ ପରିବର୍ତ୍ତନ କରିବାକୁ ଯେଉଁ ଷଡ଼ଯନ୍ତ୍ର କରିଛନ୍ତି ତାହାକୁ ନେଇ ଆଗାମୀ ଦିନରେ ବ୍ୟାପକ ଆନ୍ଦୋଳନ କରାଯିବ ବୋଲି ଗଣମାଧ୍ୟମକୁ କହିଛନ୍ତି। ପରେ ଜିଲ୍ଲା ସଭାପତି ଶ୍ରୀ ମହାନ୍ତିଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଡେପୁଟି କଲେକ୍ଟର କାର୍ତ୍ତିକ ମଣ୍ଡଳଙ୍କୁ ପ୍ରଦାନ କରିଥିଲେ।



## ୧୯୯୨ ବ୍ୟାଚ୍ ଛାତ୍ରଛାତ୍ରୀଙ୍କ ବନ୍ଧୁ ମିଳନ

**ଅସୁରାଳି,୨୨।୧୨(ସମିସ):** କୋଠାର ବଡ଼ପୋଖରୀ ପଡ଼ିଆରେ କୋଠାର ଉଚ୍ଚ ବିଦ୍ୟାଳୟର ୧୯୯୨ ମାଟ୍ରିକ୍ ବ୍ୟାଚ୍ ଛାତ୍ରଛାତ୍ରୀଙ୍କ ବନ୍ଧୁ ମିଳନ ଅନୁଷ୍ଠିତ ହୋଇଯାଇଛି। ସର୍ବପ୍ରଥମେ ଏହି ବ୍ୟାଚ୍‌ର ମନୋରଞ୍ଜନ ଗୋଛାୟତଙ୍କ ବିୟୋଗ ହୋଇଥିବାରୁ ତାଙ୍କ ତୈଳଚିତ୍ରରେ ମାଲ୍ୟାର୍ପଣ ପୂର୍ବକ ୨ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା। ଅତିଥିଭାବେ ଧୂଷୁରୀ ପ୍ରେସ୍ ୟୁନିୟନ୍ ସଭାପତି ସନ୍ତୋଷ ଦାଶ, କୋଷାଧ୍ୟକ୍ଷ ରତିକାନ୍ତ ନାୟକ ଯୋଗଦେଇଥିଲେ। ଛାତ୍ରଛାତ୍ରୀମାନେ ନିଜ ନିଜର ଅନୁଭୂତି ବର୍ଣ୍ଣନା କରିଥିଲେ। ସସ୍ମିତା ନାୟକ, ରଶ୍ମୀରଞ୍ଜନ ସାହୁ, ମିନତୀ ପୋଥାଳ, କାନୁଆ ସାହୁ ପ୍ରମୁଖ ସଙ୍ଗୀତ ପରିବେଷଣ କରିଥିବାବେଳେ ଆଲୋକ ନାୟକ ଓ ଭାରତ ଭୂଷଣ ନାୟକଙ୍କ ନୃତ୍ୟ ଆକର୍ଷଣୀୟ ଥିଲା। ଅଧ୍ୟାପକ ଶ୍ରୀଧର ସାହୁଙ୍କ ସଂଯୋଜନାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲାବେଳେ ଡ. ନିମାଇଁ ନାୟକ, ଦୀପକ ବେହେରା, ଅବିନାଶ ଦାଶ, ମାନସ ପାଣିଗ୍ରାହୀ, ଚନ୍ଦ୍ରଶେଖର ସାହୁ, ପ୍ରଶାନ୍ତ ପୋଥାଳ, ବିଜୟଲକ୍ଷ୍ମୀ ମହାପାତ୍ର, ଉଷାରାଣୀ ସାହୁ, ସରସ୍ୱତୀ ରାଉଳ, ରଞ୍ଜିତ ବରାଳ, ଜିବେଶ ନାୟକ, ପୁରୁଷୋତ୍ତମ ନାୟକ ପ୍ରମୁଖ ପରିଚାଳନା କରିଥିଲେ।

### 'ଭିବି-ଜି-ରାମ୍ ଜି' ବିଲ୍‌କୁ ପୁନର୍ବିଚାର ପାଇଁ ସଂସଦକୁ ଫେରାଇବା ଦାବି

## ବାମପନ୍ଥୀ ଦଳ ପକ୍ଷରୁ ବିକ୍ଷୋଭ ଓ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

**ଭଦ୍ରକ,୨୨।୧୨(ସମିସ):** ଡ. ମନମୋହନ ସିଂଙ୍କ ନେତୃତ୍ୱରେ ଗଠିତ ସଂଯୁକ୍ତ ପ୍ରଗତିଶୀଳ ମେଟଂ-୧(ୟୁପିଏ-୧) ସରକାର ସମୟରେ ସାଧାରଣ ସର୍ବନିମ୍ନ କର୍ମସୂଚୀ (ସିଏମ୍‌ପି) ଅନୁଯାୟୀ ୬୨ ଜଣ କମ୍ୟୁନିଷ୍ଟ ସାଂସଦଙ୍କ ସମର୍ଥନରେ ଗ୍ରାମୀଣ ଶ୍ରମିକ ଓ କୃଷି ଶ୍ରମିକମାନଙ୍କ ହାତକୁ କାମ ଯୋଗାଇଦେବା ଲକ୍ଷ୍ୟ ନେଇ ୨୦୦୫ରେ ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ନାମରେ ମହାତ୍ମା ଗାନ୍ଧୀ ନିଶ୍ଚିତ ଗ୍ରାମୀଣ କର୍ମ ନିଯୁକ୍ତି ଆଇନ ପ୍ରଣୟନ କରିଥିଲେ। ଏହି ଆଇନ ଅନୁଯାୟୀ, ଜଣେ ଗ୍ରାମୀଣ ଶ୍ରମିକ ବର୍ଷକୁ ସର୍ବନିମ୍ନ ୧୦୦ ଦିନର କାମ ପାଇବାର ଆଇନଗତ ବ୍ୟବସ୍ଥା ଥିଲା। ଯଦି ସରକାର କାମ ଯୋଗାଇ ଦେଉ ନ ଥିଲେ, ଗ୍ରାମୀଣ ଶ୍ରମିକମାନଙ୍କୁ ମଜୁରୀର ୫୦ ପ୍ରତିଶତ ବେକାରୀ ଭତ୍ତା ଦେଉଥିଲେ। ଯଦି ସରକାର ଓ ପ୍ରଶାସନିକ ଅଧିକାରୀମାନେ ଏଥିରେ ଖିଲାପ କରୁଥିଲେ, ତେବେ ଶ୍ରମିକମାନେ କୋର୍ଟର ଆଶ୍ରୟ ନେବାର ଆଇନଗତ ବ୍ୟବସ୍ଥା ଥିଲା। ଏହି ଆଇନ ଥିଲା ଜଣେ ଗ୍ରାମୀଣ ଶ୍ରମିକର ସାମ୍ବିଧାନିକ ଓ ଆଇନଗତ ଅଧିକାର। ଏହି ଆଇନକୁ ମୋଦି ସରକାର ଉଚ୍ଛେଦ କରି ଭିବି-ଜି-ରାମ୍ ଗ୍ରାମୀଣ ବିଲ୍-୨୦୨୫ ଆଣି ସଂସଦରେ ପାରିତ କରି ରାଷ୍ଟ୍ରପତିଙ୍କ ମୋହର ପାଇଁ ରାଷ୍ଟ୍ରପତିଙ୍କ କାର୍ଯ୍ୟାଳୟକୁ ପଠାଇଛନ୍ତି। ଭାରତର ସଂଘୀୟ ବ୍ୟବସ୍ଥା, ପଞ୍ଚାୟତିରାଜ ବ୍ୟବସ୍ଥା, ଗାନ୍ଧୀବାଦୀ ବିଚାରଧାରା ଓ ଗ୍ରାମୀଣ ଅର୍ଥନୀତିକୁ ଉତ୍‌ଖାତ କରି ଗ୍ରାମୀଣ ଶ୍ରମିକମାନଙ୍କ ଆଇନଗତ ଅଧିକାରକୁ ଖର୍ବ କରି ଶ୍ରମିକମାନଙ୍କୁ ଲାଭାର୍ଥୀ ଭାବେ ପ୍ରତିପାଦିତ କରିବା ଘଟଣା ଗ୍ରାମୀଣ ଭାରତରେ ବସବାସ କରୁଥିବା ଶତକଡ଼ା ୮୨ ଭାଗ ପରିବାର ପ୍ରତି ଚରମ ଆଘାତ ବୋଲି ଦର୍ଶାଇ ସିପିଆଇ(ଏମ୍), ସିପିଆଇ ପକ୍ଷରୁ ମିଳିତ ଭାବେ ଭଦ୍ରକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଉପଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇଛି। ସମ୍ବିଧାନର ଧାରା-୨୦୧ ଅନୁଯାୟୀ ରାଷ୍ଟ୍ରପତି ଏହି ଶ୍ରମିକ ବିରୋଧୀ ବିଲ୍‌ରେ ଦସ୍ତଖତ ନ କରି ପୁନର୍ବିଚାର ପାଇଁ ସଂସଦକୁ ଫେରାଇଦେବାକୁ ମିଳିତ ବାମପନ୍ଥୀ ପ୍ରତିନିଧି ଦଳ ଦାବିପତ୍ରରେ ନିବେଦନ କରିଛନ୍ତି।



ପୂର୍ବାହ୍ଣରେ ଭଦ୍ରକ ବନ୍ତ ଛକଠାରୁ ଏକ ଶୋଭାଯାତ୍ରା ବାହାରି ଭଦ୍ରକ ସହର ପରିକ୍ରମା କରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସିପିଆଇ(ଏମ୍) ଜିଲ୍ଲା ସମ୍ପାଦକ ଦିବ୍ୟସିଂହ ନାୟକ ଓ ସିପିଆଇ ଜିଲ୍ଲା ସମ୍ପାଦକ ଶୁଭେନ୍ଦ୍ର ପ୍ରତାପ ମହାନ୍ତିଙ୍କ ସଭାପତିତ୍ୱରେ ଏକ ବିକ୍ଷୋଭ ଓ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିବାଦ ସଭାରେ ସିପିଆଇ(ଏମ୍) ନେତା ପ୍ରଫୁଲ୍ଲ ପାଢ଼ୀ, ପ୍ରଭାସ ମହାପାତ୍ର, ବିଷ୍ଣୁ ଦାଶ, ଯୁବନେତା ବିକାଶ ନାଥ, ମହିଳା ନେତ୍ରୀ ସୁରଜିତା ନାୟକ, ଗିରିଧାରୀ ନାଥ, ବରିଷ୍ଠ ନେତା ଚନ୍ଦ୍ରଶେଖର ନାୟକ, ନିରଞ୍ଜନ ପାଣି, ଯୁବନେତା ପ୍ରତାପ ସେଠୀ, ସିପିଆଇ ନେତା ରମେଶ ଯେନା, ବିମ୍ବାଧର ବାରିକ୍, ହରିହର ବେହେରା, ଦିଲ୍ଲୀପ ନାୟକ, ରବିନ୍ଦ୍ର ବାରିକ, ନାରାୟଣ ତ୍ରିପାଠୀ, ଚାଷୀ ନେତା ଅଶୋକ ବେହେରା, ଯୁବନେତା ଜ୍ୟୋତିର୍ମୟ ମଲିକ, ଜୟନୂଲ ଆବେଦିନ, ଯୁବନେତା ବିପ୍ଳବ ଯେନା ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ।

● ଷଣ୍ଢକୁ ହାଣିବା ଓ ଗଣ୍ଡଗୋଳ ଘଟଣା

## ୩ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ

ଯାଜପୁର,୨୨।୧୨(ସମିସ): ଯାଜପୁର ସଦର ଥାନା ଅନ୍ତର୍ଗତ ଅଡ଼ଙ୍ଗ ଗାଁରେ ଷଣ୍ଢକୁ ଆକ୍ରମଣ କରିବା ଘଟଣା ଏବଂ ଏହାକୁ ନେଇ ଘଟିଥିବା ଗଣ୍ଡଗୋଳ ଘଟଣାରେ ମୋଟ ୩ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି ଯାଜପୁର ସଦର ପୁଲିସ। ଗତକାଲି ଅଧରାତିରେ ଏକ ଷଣ୍ଢକୁ ମରଣାନ୍ତକ ଆକ୍ରମଣ ଫଳରେ ପଛ ଗୋଡ଼ ଗୋଟେ ସମ୍ପୂର୍ଣ୍ଣ ଛିଣ୍ଡି ଯାଇଥିଲା। ଏହାକୁ ନେଇ ଗ୍ରାମରେ ଉତ୍ତେଜନା ଦେଖାଯାଇ ଲୋକେ ରାସ୍ତାରେ ଟାୟାର ଜାଳି ପ୍ରତିବାଦ କରିଥିଲେ। ଫଳରେ ଆଙ୍ଗୁଲା ପାଣିକୋଇଲି ରାସ୍ତା ସମ୍ପୂର୍ଣ୍ଣ ଭାବେ ବନ୍ଦ ହୋଇଯାଇଥିଲା। ଖବରପାଇ ରାଷ୍ଟ୍ରୀୟ ବଜରଙ୍ଗ ଦଳ ଓ ବିଶ୍ୱହିନ୍ଦୁ ପରିଷଦର କର୍ମକର୍ତ୍ତା ମଧ୍ୟ ଘଟଣାସ୍ଥଳରେ ପହଞ୍ଚି ପ୍ରତିବାଦ କରିଥିଲେ। ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନାକୁ ପ୍ରଶମିତ କରିବା ପାଇଁ ସଦର ଥାନା ଅଧିକାରିଣୀ ଚିନ୍ମୟୀ ବେହେରା ଏକ ଶାନ୍ତି କମିଟି ଜରିଆରେ ଶାନ୍ତି ବଜାୟ ରଖିବାକୁ ଉଦ୍ୟମ ଜାରି ରଖିଛନ୍ତି। ଏହି ଘଟଣାକୁ ନେଇ ସଦର ଥାନାରେ ଏକ ଲିଖିତ ଅଭିଯୋଗ ହୋଇଛି। ଅଭିଯୋଗକୁ ଭିତ୍ତିକରି ସଦର ଥାନା କେଶ୍ ନମ୍ବର୍ ୪୧୫/୨୦୨୫ ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ଏହି ଘଟଣାରେ ସମ୍ପୃକ୍ତ ଥିବା ଅଡ଼ଙ୍ଗ ଗ୍ରାମର ସେକ୍ ମୁସ୍ତାକ ହୁସେନ୍ (୭୨), ସେକ୍ ନିୟାଜ ଅହେମଦ (୩୮) ଓ ସେକ୍ ସାନ ଅହେମଦ (୪୩)ଙ୍କୁ ସଦର ପୁଲିସ କୋର୍ଟଚାଲାଣ କରିଥିବା ଜଣାପଡିଛି। ଅଡଙ୍ଗ ଗ୍ରାମରେ ବ୍ୟାପକ ପୁଲିସ ଫୋର୍ସ ମୁତୟନ ହୋଇଥିବା ଜଣାପଡ଼ିଛି।

## ଦେଶୀ ମଦ ଜବତ, ଜଣେ ଗିରଫ

ପାଣିକୋଇଲି,୨୨।୧୨(ସମିସ): ପାଣିକୋଇଲି ପୁଲିସ ଚୋରା ଦେଶୀ ମଦ ବିକ୍ରି ପାଇଁ ନେଉଥିବା ବେଳେ ଅଭିଯୁକ୍ତକୁ ଧରି କୋର୍ଟଚାଲାଣ କରିଛି। ପ୍ରକାଶଯେ ପାଣିକୋଇଲି ଥାନାର ଏଏସଆଇ ନିର୍ମଳ କୁମାର ଚୌଧୁରୀ ସାନ୍ଧ୍ୟକାଳୀନ ପାଟ୍ରୋଲିଂ କରୁଥିବା ବେଳେ କୋରାଇ ଥାନା ଅନ୍ତର୍ଗତ ବେଗନା ଗ୍ରାମର ଦୁର୍ଯ୍ୟୋଧନ ଲେଙ୍କାଙ୍କ ପୁଅ ପ୍ରକାଶ ଦୁଇଟି ଜାରକିନ ଓ ୩ଟି ବୋତଲରେ ୧୮ ଲିଟର ମଦ ବିକ୍ରି ଉଦ୍ଦେଶ୍ୟରେ ନେଉଥିବା ବେଳେ ସନ୍ଦେହରେ ପୁଲିସ ତାଙ୍କୁ ଅଟକାଇଥିଲା। ମାତ୍ର ପ୍ରକାଶ ଖସି ଯିବା ଲାଗି ଚେଷ୍ଟା କରୁଥିବା ବେଳେ ତାକୁ ଗିରଫ କରି ଥାନାକୁ ଆଣିବା ସହିତ ତା'ଠାରୁ ଉକ୍ତ ମଦକୁ ଜବତ କରିଛି। ଆଜିପ୍ରକାଶକୁକୋର୍ଟଚାଲାଣକରାଯାଇଛିବୋଲିଏଏସଆଇଶ୍ରୀଚୌଧୁରୀଜଣାଇଛନ୍ତି।

## କୁକୁର ପଶି ସ୍କୁଟି ଆରୋହୀ ଗୁରୁତର

ପାଣିକୋଇଲି,୨୨।୧୨(ସମିସ): ପାଣିକୋଇଲି ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ଶର୍ମା ପେଟ୍ରୋଲ ପମ୍ପ ନିକଟରେ ଗତକାଲି ରାତିରେ ଏକ କୁକୁର ସହିତ ଧକ୍କା ହୋଇ ସ୍କୁଟି ଆରୋହୀ ଗୁରୁତର ଭାବେ ଆହତ ହୋଇଛନ୍ତି। ପ୍ରକାଶଯେ ଭୁବନେଶ୍ୱରର ନୟାପଲ୍ଲୀ ଥାନା ଅଞ୍ଚଳର ସଞ୍ଜୟ ନାୟକଙ୍କ ପୁଅ ସୁଭାଶିଷ (୨୦) ଏକ ସ୍କୁଟିରେ (ଓଡ଼ି୦୨ଆର୩୪୩୨) ପାଣିକୋଇଲି ଆଡ଼କୁ ଆସୁଥିବା ବେଳେ ଉକ୍ତ ସ୍ଥାନରେ ହଠାତ ଏକ କୁକୁର ସ୍କୁଟି ସମ୍ମୁଖକୁ ଚାଲିଆସିବାରୁ କୁକୁର ସହିତ ସ୍କୁଟିର ଧକ୍କା ହୋଇଥିଲା ଫଳରେ ଭାରସାମ୍ୟ ହରାଇ ଶୁଭାଶିଷ ରାସ୍ତା ଉପରେ ଘୋଷାଡ଼ି ହୋଇ ରକ୍ତାକ୍ତ ହୋଇଥିଲେ। ଖବର ପାଇ ଆମେ ଆପଣଙ୍କ ପାଇଁ ହେଲପିଙ୍ଗ ଗ୍ରୁପର ସଦସ୍ୟ ମାନେ ଘଟଣାସ୍ଥଳରେ ପହଞ୍ଚି ଶଭାଶିଷଙ୍କୁ ସ୍ଥାନୀୟ ଏକ ବେସରକାରୀ ଚିକିତ୍ସାଳୟକୁ ନେଇଥିଲେ। ଉକ୍ତ ଦୁର୍ଘଟଣାରେ କୁକୁରଟି ମରିଯାଇଥିବା ବେଳେ ସ୍କୁଟିଟି ମଧ୍ୟ ଭାଙ୍ଗିରୁଜି ଯାଇଛି।

## ଏଡିଏମ୍ ଅଫିସ ସମ୍ମୁଖରେ ବିକ୍ଷୋଭ

ବ୍ୟାସନଗର,୨୨।୧୨(ସମିସ): ଭିବି-ଜି-ରାମ-ଜି ବିଲ୍-୨୦୨୫ ପ୍ରତ୍ୟାହାର ଏବଂ "ମନରେଗା" ଆଇନ ସୁରକ୍ଷା ଏବଂ ନୂତନ ଶ୍ରମ କୋଡ୍ ବାତିଲ, ଆଠ ଘଣ୍ଟା ପରିବର୍ତ୍ତେ ୧୦ ଘଣ୍ଟା କାର୍ଯ୍ୟ ଦିବସ ବାତିଲ ଦାବିରେ ଦେଶବ୍ୟାପୀ ପ୍ରତିବାଦ ଦିବସ ପରିପ୍ରେକ୍ଷୀରେ ସିପିଆଇଏମ୍ ଓ ସିଆଇଟିୟୁ ଯାଜପୁର ଜିଲ୍ଲା କମିଟି ପକ୍ଷରୁ ଏକ ମିଳିତ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଶୋଭାଯାତ୍ରାଟି ଯାଜପୁର ରୋଡ୍ ରେଳଷ୍ଟେସନ ସମ୍ମୁଖରୁ ବାହାରି ଗୋପବନ୍ଧୁ ଛକ ନିକଟରେ ପହଞ୍ଚିବା ପରେ ସିଆଇଟିୟୁ ଯାଜପୁର ଜିଲ୍ଲା ସଭାପତି ପ୍ରଫୁଲ୍ଲ ନାୟକଙ୍କ ସଭାପତିତ୍ୱରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ଉକ୍ତ ସଭାରେ ସିପିଆଇଏମ୍ ଜିଲ୍ଲା ସମ୍ପାଦକ ନିର୍ମଳ ରଥ, ଜିଲ୍ଲା କମିଟି ସଭ୍ୟ ସୁରେଶ ସାହୁ, ତ୍ରିଲୋଚନ ରାଉତ, ପନି କିସ୍କୁ, ମାଳତୀ ହାଁସଦା,ଲିଟା ଲାଗୁରୀ, ଜୟରାମ ମୁର୍ମୁ, ଜଗା ମୁଣ୍ଡା, କୁନି ପୂର୍ତ୍ତି, ଗୋବିନ୍ଦ ନାୟକ,ରସାଇ ବାଡ୍ରା, ଗୁରୁବାରି ଲାଗୁରୀ, ଡଲି ନାୟକ, ମନ୍ମଥ ରାୟ ଓ ସୁରିୟା ହେମ୍ବ୍ରମ, ରାଜୁ ମୁଣ୍ଡା ପ୍ରମୁଖ ବକ୍ତବ୍ୟ ଉପସ୍ଥାପନ କରିଥିଲେ। ଏହାପରେ ଗୋପବନ୍ଧୁ ଛକ ଠାରୁ ଶୋଭାଯାତ୍ରା ବାହାରି କଳିଙ୍ଗନଗର ଏଡିଏମ୍ ଅଫିସ ନିକଟରେ ପହଞ୍ଚିଥିଲା। ସେଠାରେ ବିକ୍ଷୋଭ ପ୍ରଦର୍ଶନ କରାଯାଇ କଳିଙ୍ଗନଗର ଏଡିଏମ୍ ସପନ କୁମାର ନନ୍ଦଙ୍କ ଜରିଆରେ ରାଷ୍ଟ୍ରପତିଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା।

## ବିଦ୍ୟାମନ୍ଦିର ଉପସଭାପତିଙ୍କ ସ୍ମୃତିଚାରଣ ସଭା

ସିଂହପୁର,୨୨।୧୨(ସମିସ): ଚରପଡ଼ା ସ୍ଥିତ ବୀଣାପାଣି ବିଦ୍ୟାମନ୍ଦିର ପରିସରରେ ବୀଣାପାଣି ବିଦ୍ୟାମନ୍ଦିର ପରିଷଦର ଉପସଭାପତି ଦୁଷ୍ମନ୍ତ କୁମାର ସାମଲଙ୍କ ବିୟୋଗରେ ଅନୁଷ୍ଠାନର ପ୍ରତିଷ୍ଠାତା ଲୋତକବିନ୍ଦୁ ଦାସଙ୍କ ସଭାପତିତ୍ୱରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଶ୍ରଦ୍ଧାଞ୍ଜଳି ସଭାରେ ମୁଖ୍ୟ ଅତିଥିଭାବେ କଟକ ଜିଲ୍ଲା ଭୂଦାନ ଅଧିକାରୀ ସରୋଜ କୁମାର ସାମଲ, ମୁଖ୍ୟବକ୍ତା ଅବଦୁଲପୁର ଗ୍ରାମ ପଞ୍ଚାୟତର ପ୍ରାକ୍ତନ ସରପଞ୍ଚ ଅଜୟ କୁମାର ଦାସ, ଅନ୍ୟତମ ବକ୍ତା ଭାବେ ବାଙ୍ଗରା ଗ୍ରାମ ପଞ୍ଚାୟତର ଜ୍ଞାନରଞ୍ଜନ ଯେନା, ସମାଜସେବୀ ସୁଦାମ ଚରଣ ଦାସ, ଶିକ୍ଷକ ମିତ୍ରଭାନୁ ସାମନ୍ତ ସିଂହାର, ବିଶ୍ୱରଞ୍ଜନ ସାମଲ, ବିଦ୍ୟାମନ୍ଦିର ଗୁରୁଜୀ ଅଶୋକ କୁମାର ରାଉତ, ଆଲୋକ କୁମାର ଦାସ, ଗୁରୁମା ପୂର୍ଣ୍ଣସ୍ମିତା ବାରିକ, ସ୍ୱର୍ଣ୍ଣପ୍ରଭା ବଳ ପ୍ରମୁଖ ଯୋଗଦେଇଥିଲେ। ଗୁରୁମା ବୈଶାଖୀ ଦାସ ଅତିଥିମାନଙ୍କୁ ଧନ୍ୟବାଦ ଦେଇଥିଲେ।

# ସିଙ୍ଗାଗଡ଼ିଆରେ ଜିନ୍ଦଲର ଶିଶୁ ମହୋତ୍ସବ

ଯାଜପୁର,୨୨।୧୨(ସମିସ)



ଜିନ୍ଦଲ ଷ୍ଟେନଲେସ୍ ଲିମିଟେଡର ସାମାଜିକ ଦାୟିତ୍ୱ ବିଭାଗ ଜିନ୍ଦଲ ଷ୍ଟେନଲେସ୍ ଫାଉଣ୍ଡେସନ୍ ମାଧ୍ୟମରେ ଏକ ଶିଶୁ ମହୋତ୍ସବ ସିଙ୍ଗାଗଡ଼ିଆ ପ୍ରାଥମିକ ବିଦ୍ୟାଳୟରେ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଛାତ୍ରଛାତ୍ରୀଙ୍କ ମନରେ ବିଭିନ୍ନ ଖେଳପ୍ରତି ଉତ୍ସାହ ଜନ୍ମେଇବା ଏବଂ ବିଦ୍ୟାଳୟ ପରିବେଶ ସୁରକ୍ଷା କରିବା ପ୍ରତି ଆଗ୍ରହ ଜନ୍ମାଇବା ଉଦ୍ଦେଶ୍ୟରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏହି ମହୋତ୍ସବରେ ବିଦ୍ୟାଳୟର ପାଖାପାଖି ୫୦ ଜଣ ଛାତ୍ରଛାତ୍ରୀ ବିଭିନ୍ନ କ୍ରୀଡ଼ା, ଯେପରି- ଚାମଚ ବାଟି ଦୌଡ଼, ମ୍ୟୁଜିକ୍ ଚେୟାର, ଚିତ୍ରାଙ୍କନ, ଜଳ ସଂରକ୍ଷଣ, ସ୍ୱଚ୍ଛତା ଦୌଡ଼ ପ୍ରଭୃତି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମକୁ ପ୍ରଧାନ ଶିକ୍ଷୟିତ୍ରୀ ଅମିତା ପାତ୍ର ପରିଚାଳନା କରିଥିଲେ। ମୁଖ୍ୟଅତିଥି ଭାବେ ସହାୟକ ଗୋଷ୍ଠୀ ଶିକ୍ଷା ଅଧିକାରୀ କଣ୍ଠ ଦେହୁରୀ ଯୋଗ ଦେଇଥିଲେ।

### ଚାଷୀଙ୍କୁ ମିଳିଲା ସହାୟତା

ସେହିପରି ଜିନ୍ଦଲ ଷ୍ଟେନଲେସ୍ ଲିମିଟେଡ୍ କାଳିଆପାଣି କ୍ରୋମାଇଟ ଖଣି ପକ୍ଷରୁ ସ୍ଥାନୀୟ କାଳିଆପାଣି ଏବଂ ଚିଙ୍ଗୁଡ଼ିପାଳ ଗ୍ରାମର ୨୦୦ରୁ ଊର୍ଦ୍ଧ୍ୱ ଚାଷୀଙ୍କୁ ଉନ୍ନତମାନର ହାଇବ୍ରିଡ୍ ପରିବା ମଞ୍ଜି, ଜୈବିକ ଖତ, ସାର, କୀଟନାଶକ ଫାନ୍ଦ ଆଦି ବଣ୍ଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମଟି ଜିନ୍ଦଲ କ୍ରୋମାଇଟ ଖଣିର ପୁନରୁଦ୍ଧାର ପରିଯୋଜନା ଅନ୍ତର୍ଗତ ବିଭିନ୍ନ କାର୍ଯ୍ୟକ୍ରମ ମଧ୍ୟରୁ ଅନ୍ୟତମ। ଉପସ୍ଥିତ ଚାଷୀମାନଙ୍କୁ ବିଭିନ୍ନ କୃଷି ଉପକରଣ ବିହନ, ଜୈବିକ ଖତ ବଣ୍ଟନ ପୂର୍ବରୁ ଉନ୍ନତ ଚାଷ ପ୍ରଣାଳୀ ତଥା ରୋଗପୋକ ନିୟନ୍ତ୍ରଣ, କୁକୁଡ଼ା ପାଳନ ଇତ୍ୟାଦି ଉପରେ ଦୁଇ ଦିନ ଧରି କର୍ମଶାଳା ଆୟୋଜନ କରାଯାଇଥିଲା। ସେହିପରି କୁକୁଡ଼ା ଚାଷୀମାନଙ୍କୁ ହାଇବ୍ରିଡ୍ "ବନରାଜ" କୁକୁଡ଼ାର ସାବକ ଚାଷୀ ପିଛା ପାଞ୍ଚଟି ଲେଖାଏଁ ସର୍ବମୋଟ ୭୦ ଜଣ ଚାଷୀଙ୍କୁ ବଣ୍ଟନ କରାଯାଇଥିଲା। ଛତୁ ଚାଷୀମାନଙ୍କୁ ଉନ୍ନତମାନର ପାଳ ଛତୁ ମଞ୍ଜି ସହିତ ଛତୁ ବେଡ଼, ପଲିଥିନ୍, ପାଣି ଛିଞ୍ଚନ ଯନ୍ତ୍ର ଆଦି ଯୋଗାଇ ଦିଆଯିବା ସହ ଚାଷୀମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଇ ଭୋଜନ ଓ ପାନୀୟର ବ୍ୟବସ୍ଥା ମଧ୍ୟ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ଦ୍ୱୟ ଜିନ୍ଦଲ ଷ୍ଟେନଲେସ୍ ଲିମିଟେଡର ବରିଷ୍ଠ ପ୍ରବନ୍ଧକ ତପନ କୁମାର ନାୟକ ଓ ଖଣି ପ୍ରବନ୍ଧକ ଶକ୍ତିପ୍ରସାଦ ବିଶ୍ୱାଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଯଥାକ୍ରମେ ଗ୍ରୀନ ଡ୍ରିମ ଫାଉଣ୍ଡେସନ ଏବଂ ମହାଶକ୍ତି ଫାଉଣ୍ଡେଶନ ଦ୍ୱାରା ପରିଚାଳନା କରାଯାଇଥିଲା।

## ଜିଲ୍ଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଉଦ୍‌ଯାପିତ



ଯାଜପୁର,୨୨।୧୨(ସମିସ): ଜିଲ୍ଲା କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ପକ୍ଷରୁ ଆୟୋଜିତ ଜିଲ୍ଲା ସ୍ତରୀୟ କୃଷି ଯନ୍ତ୍ରପାତି ମେଳା ସୋମବାର ଉଦ୍‌ଯାପିତ ହୋଇଛି। ସ୍ଥାନୀୟ କୁସୁମା ସମ୍ମୁଖସ୍ଥ ପ୍ରଶାସନିକ ପଡ଼ିଆଠାରେ ଡିସେମ୍ବର ୧୮ରୁ ୨୨ ତାରିଖ ପର୍ଯ୍ୟନ୍ତ ଏହି ମେଳା ଆୟୋଜିତ ହୋଇଥିଲା। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯାଜପୁର ସାଂସଦ ଡ. ରବୀନ୍ଦ୍ର ନାରାୟଣ ବେହେରା ଯୋଗ ଦଇଥିଲେ। କାର୍ଯ୍ୟକ୍ରମରେ ଅତିଥି ଭାବେ ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ତପନ କୁମାର ମହାପାତ୍ର, ଜିଲ୍ଲା ପ୍ରାଣୀ ଚିକିତ୍ସା ଅଧିକାରୀ ସୁବ୍ରତ କୁମାର ମହାପାତ୍ର, କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ସଞ୍ଜୀବ କୁମାର ତ୍ରିପାଠୀ, ଜଳଛାୟା ନିର୍ଦ୍ଦେଶକ ରମାକାନ୍ତ ପରିଡ଼ା, ଜିଲ୍ଲା ମତ୍ସ୍ୟ ଅଧିକାରୀ, ଉଦ୍ୟାନ ଅଧିକାରୀ ଯୋଗ ଦେଇଥିଲେ। ରିହାତି ମୂଲ୍ୟରେ କୃଷି ଯନ୍ତ୍ରପାତି ଯୋଗାଇବା ଏହି ମେଳାର ଉଦ୍ଦେଶ୍ୟ। ମେଳାରେ କୃଷି ଯନ୍ତ୍ରପାତି କ୍ରୟ କରିଥିବା ତଥା ବିଭିନ୍ନ ବ୍ଲକରେ କୃଷି କ୍ଷେତ୍ରରେ ଉତ୍ତମ ପ୍ରଦର୍ଶନ କରିଥିବା ଚାଷୀମାନଙ୍କୁ ଯାଜପୁର ସାଂସଦ ଏବଂ ଉପସ୍ଥିତ ଅତିଥିମାନେ ସମ୍ମାନିତ କରିଥିଲେ। କୃଷି ସେବା ପ୍ରଦାନକାରୀ ସଂସ୍ଥାଗୁଡ଼ିକୁ ଏବଂ କୃଷି ଯନ୍ତ୍ରପାତି ବିକ୍ରି, କୃଷକ ପଞ୍ଜିକରଣ ଇତ୍ୟାଦି ସେବାରେ ଉତ୍କୃଷ୍ଟ ପ୍ରଦର୍ଶନ କରିଥିବା ବ୍ଲକ ଅଧିକାରୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ତତ୍ ସହିତ କୃଷି ଓ ଆନୁସାଙ୍ଗିକ ବିଭାଗରେ ତଥା ଘରୋଇ ଯନ୍ତ୍ରପାତି ବିକ୍ରେତା ବିଭାଗରେ ଶ୍ରେଷ୍ଠ ତିନି ପ୍ରଦର୍ଶନୀ ମଣ୍ଡପକୁ ମଧ୍ୟ ପୁରସ୍କୃତ କରାଯାଇଥିଲା।ଶେଷରେ କୃଷି ଜିଲ୍ଲା ଅଧିକାରୀ ପୀୟୂଷ ପଲ୍ଲବ ପରିଡ଼ା ଧନ୍ୟବାଦ ଦେଇଥିଲେ।

## ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର

ବିଞ୍ଝାରପୁର,୨୨।୧୨(ସମିସ): ଯାଜପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ବିଞ୍ଝାରପୁର ବ୍ଲକ କାର୍ଯ୍ୟାଳୟ ପରିସର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏହି ଅଭିଯୋଗ ଶିବିରରେ ଉପସ୍ଥିତ ରହି ଜିଲ୍ଲାପାଳ ଅମ୍ବର କୁମାର କର ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ। ବିଭାଗୀୟ ଅଧିକାରୀମାନେ ଏହି ଅଭିଯୋଗ ଗୁଡିକ ଯାଞ୍ଚ କରିବେ ଓ ଯେଉଁମାନେ ଯୋଗ୍ୟ ଅଛନ୍ତି ସେମାନଙ୍କର ଯଥାସମ୍ଭବ ସମସ୍ୟାର ସମାଧାନ କରାଯିବ ବୋଲି ଜିଲ୍ଲାପାଳ ପ୍ରକାଶ କରିଥିଲେ। ମୋଟ ୧୫୨ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୧୧୭ଟି, ଗୋଷ୍ଠୀଗତ ସମସ୍ୟା ସମ୍ପର୍କୀୟ /ଗ୍ରାମ୍ୟ ସମସ୍ୟା ସମ୍ପର୍କୀୟ ୬ଟି, ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସହାୟତା ନିମନ୍ତେ ୨୯ଟି ଅଭିଯୋଗର ଶୁଣାଣି କରାଯାଇଥିଲା। ୩୧ଟି ଅଭିଯୋଗର ତତ୍କାଳ



ଫଇସଲା କରାଯାଇଥିଲା। ଏହି ମିଳିତ ଜନଅଭିଯୋଗ ଶୁଣାଣି ଶିବିରରେ ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାୟକ, ଜିଲ୍ଲା ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ଦେବୀପ୍ରସାଦ ମହାନ୍ତି, ଭାରପ୍ରାପ୍ତ ଉପ ଜିଲ୍ଲାପାଳ ପଲ୍ଲବୀ ରାଣୀ ନାୟକ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ବିଜୟ କୁମାର ମିଶ୍ର, ଗୋଷ୍ଠୀ ଉନ୍ନୟନ ଅଧିକାରୀ ହିତାଂଶୁ ଶେଖର ସାମଲ, ଭାରପ୍ରାପ୍ତ ତହସିଲଦାର ରବି ନାରାୟଣ ପାଢ଼ୀ ଓ ଜିଲ୍ଲାସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ, ବ୍ଲକସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କର ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ।

## ପୁରାତନ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ନିରାମୟ ଉତ୍ସବ

ବରୀ,୨୨।୧୨(ସମିସ): ବରୀ ବ୍ଲକ୍ ଅନ୍ତର୍ଗତ ଗମ୍ଭୁ ଉଚ୍ଚ ବିଦ୍ୟାଳୟଠାରେ ସୁସ୍ଥ ନିରାମୟ ଜୀବନ ପ୍ରାର୍ଥନା ଉତ୍ସବ ନାମରେ ଏକ ପୂଜ୍ୟପୂଜା କାର୍ଯ୍ୟକ୍ରମ ଆଜି ଅନୁଷ୍ଠିତ ହୋଇଯାଇଛି। ବିଶିଷ୍ଟ ସାହିତ୍ୟିକ ତଥା ଫକୀର ମୋହନ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳପତି ପ୍ରଫେସର ଡ. କୁମରବର ଦାସ ଯୋଗଦେଇ ଗୁରୁ ବା ଶିକ୍ଷକ ନିଜ ପିତା ମାତା ଠାରୁ ଅଧିକ ବୋଲି ବିଭିନ୍ନ ଉଦାହରଣ ଦେଇଥିଲେ। ଗମ୍ଭୁ ଉଚ୍ଚ ବିଦ୍ୟାଳୟର ପ୍ରାକ୍ତନ ପ୍ରଧାନଶିକ୍ଷକ ହେମନ୍ତ କୁମାର ମହାପାତ୍ର, ମଧ୍ୟ ଇଂରାଜୀ ବିଦ୍ୟାଳୟର ପ୍ରାକ୍ତନ ପ୍ରଧାନଶିକ୍ଷକ କାଙ୍ଗାଳି ଚରଣ ଜେନା, ପ୍ରାଥମିକ ବିଦ୍ୟାଳୟର ପ୍ରାକ୍ତନ ପ୍ରଧାନ ଶିକ୍ଷୟିତ୍ରୀ ସୀତାମଣୀ ଦେଇଙ୍କ ଉଦ୍ଦେଶ୍ୟରେ ଆୟୋଜିତ ଏହି ସୁସ୍ଥ ନିରାମୟ ଜୀବନ ପ୍ରାର୍ଥନା ଉତ୍ସବ କାର୍ଯ୍ୟକ୍ରମରେ ପୁରାତନ ଛାତ୍ର ସଂସଦ ସଭାପତି



ପ୍ରତାପ ଦାସ ଅଧ୍ୟକ୍ଷତା କରିଥିଲେ। ପୁରାତନ ଛାତ୍ର କେଦାର ନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟପାଳ ପୁରସ୍କାରପ୍ରାପ୍ତ ଶିକ୍ଷକ ଡଃ ଭାଗ୍ୟଧର ସାହୁ, ଶିକ୍ଷକ ନେତା ନିର୍ମଳ କୁମାର ଜେନା, ସମାଜସେବୀ ସଞ୍ଜିବ ଜେନା, କାଶିନାଥ ଡିଗ୍ରୀ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରମୋଦ କୁମାର ଶତପଥୀ, କାଦମ୍ବିନୀ ପାଳ ମହିଳା ମହାବିଦ୍ୟାଳୟର ଅଧ୍ୟକ୍ଷା ରଶ୍ମି ବେଉରିଆ, ପୁଲିସ ଅଧିକାରୀ ଲମ୍ବୋଦର ଜେନା, ସେଣ୍ଟ ଜୋସେଫ ବିଦ୍ୟାଳୟର ପ୍ରତିଷ୍ଠାତା ଅଭିମନ୍ୟୁ ମଲିକ, ଶିକ୍ଷକ ସତ୍ୟ ରଞ୍ଜନ ମହାନ୍ତି ପ୍ରମୁଖ ଅତିଥିଭାବେଯୋଗଦେଇଥିଲେ। ଏହିଅବସରରେକୃଷକନେତାନିମାଇଁରାୟ, ସମାଜସେବୀ ନକୁଳଦାସ ଓ ଜାହ୍ନୁ ଚରଣ ବେହୁରା, ପ୍ରଧାନଶିକ୍ଷକ ଅମରେନ୍ଦ୍ର ରାଉତ, ଶିକ୍ଷକନେତା ପ୍ରଭାକରଜେନା, ସାଧନକେନ୍ଦ୍ର ସଂଯୋଜକ ନର୍ମଦା ପ୍ରଧାନ, ଶିକ୍ଷକ ଅଜୟମହାନ୍ତି, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସୁବାସ ଚନ୍ଦ୍ର ଜେନା ପ୍ରମୁଖଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ପୂଜ୍ୟ ପୂଜା ବିଭାଗ ସଭାପତି ଶିକ୍ଷକ ହେମନ୍ତ କୁମାର ବିଶ୍ୱାଳ ଧନ୍ୟବାଦ ଦେଇଥିଲେ।

## ଆଦର୍ଶ ବିଦ୍ୟାଳୟର ବାର୍ଷିକ ଉତ୍ସବ




ବିଞ୍ଝାରପୁର,୨୨।୧୨(ସମିସ): ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ଉତ୍ତରକୂଳ ପଞ୍ଚାୟତ ସ୍ଥିତ ଆଦର୍ଶ ବିଦ୍ୟାଳୟର ବାର୍ଷିକ ଉତ୍ସବ ସୋମବାର ଅନୁଷ୍ଠିତ ହୋଇଯାଇଛି। ଭାରପ୍ରାପ୍ତ ଅଧ୍ୟକ୍ଷା ବିଶ୍ୱପୂଜିତା ଦ୍ୱିବେଦୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ରୂପେ ଜିଲ୍ଲା ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଦେବୀପ୍ରସାଦ ମହାନ୍ତି, ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ବନ ଅଧିକାରୀ ବିପିନ ବିହାରୀ ବେହେରା, ମୁଖ୍ୟବକ୍ତା ଭାବେ ଡା. ଚିତ୍ତରଞ୍ଜନ ମିଶ୍ର, ଅନ୍ୟତମ ଅତିଥି ଭାବେ ବିଡିଓ ହିତାଂଶୁ ଶେଖର ସାମଲ, ଜିଲ୍ଲା ଅତିରିକ୍ତ ଶିକ୍ଷାଧିକାରୀ ସୁରମା ମହାପାତ୍ର, ବ୍ଲକ ଅଧ୍ୟକ୍ଷା ରଞ୍ଜିତା କୁମାରୀ ଦାସ, ଜିଲ୍ଲାପରିଷଦ ସଭ୍ୟା ଅହଲ୍ୟା ସ୍ୱାଇଁ, ମଣ୍ଡଳ ଶିକ୍ଷାଧିକାରୀ ସତ୍ୟବ୍ରତ ମିଶ୍ର, ସ୍ଥାନୀୟ ସରପଞ୍ଚ ପ୍ରୀତିକ୍ରିଷ୍ଟା ଯେନା ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ବିଦ୍ୟାଳୟର ସଫଳ ଓ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ବିଦ୍ୟାଳୟର ସୁନୀଲ ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ

## ଜୟଚଣ୍ଡୀ ବିଦ୍ୟାଳୟରେ କ୍ରୀଡ଼ା ଉତ୍ସବ

ମଙ୍ଗଳପୁର,୨୨।୧୨(ସମିସ): ଦଶରଥପୁର ବ୍ଲକ କମାରଡ଼ିହି ପଞ୍ଚାୟତ ଜୟଚଣ୍ଡୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ତ୍ରିଦିବସୀୟ ବାର୍ଷିକ କ୍ରୀଡ଼ା ଓ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କମାରଡ଼ିହି ପଞ୍ଚାୟତର ସରପଞ୍ଚ ଚିତ୍ତରଞ୍ଜନ ନାୟକଙ୍କ ଦ୍ୱାରା ଉଦଘାଟିତ ଏହି କ୍ରୀଡ଼ା ଉତ୍ସବ ଆଜି ଉଦ୍‌ଯାପିତ ହୋଇଯାଇଛି। ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଗୀତାଞ୍ଜଳି ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟଅତିଥି ଭାବେ ଡାକ୍ତର ହେମନ୍ତ କୁମାର ବେହେରା, ମୁଖ୍ୟ ବକ୍ତା ଭାବେ ପୂର୍ବତନ ପ୍ରଧାନ ଶିକ୍ଷକ ପ୍ରକାଶ ଚନ୍ଦ୍ର ମହାନ୍ତି, ସମ୍ମାନିତ ଅତିଥି ଭାବେ ସିଆରସିସି ପ୍ରିୟରଞ୍ଜନ ଦାସ, ଶିକ୍ଷାବିତ ତଥା ସମାଜସେବୀ ବୈକୁଣ୍ଠ ନାଥ ପରିଡା, ମଧୁସୂଦନ ପୃଷ୍ଟି, ଭାଗୀରଥି ପୃଷ୍ଟି, ମଳୟ କୁମାର ପଣ୍ଡା, ଧୀରେନ୍ଦ୍ର ମଲ୍ଲିକ ପ୍ରମୁଖ ଯୋଗ ଦେଇଥିଲେ। ଏହି ପରିପ୍ରେକ୍ଷୀରେ ଶିକ୍ଷାବିତ ତଥା ସମାଜସେବୀ ବୈକୁଣ୍ଠ ନାଥ ପରିଡା ଛାତ୍ରଛାତ୍ରୀଙ୍କ ମେଧାବୃତ୍ତି ନିମନ୍ତେ ଖୁଲଣା ସୁନ୍ଦରୀ ଓ ଦୀନବନ୍ଧୁ ମେଧାବୃତ୍ତି ନାମରେ ବିଦ୍ୟାଳୟକୁ ଏକ ଲକ୍ଷ ଟଙ୍କା ପ୍ରଦାନ କରିଥିଲେ। କ୍ରୀଡ଼ାରେ କୃତିତ୍ୱ ଲାଭ କରିଥିବା ଛାତ୍ରଛାତ୍ରୀଙ୍କୁ ପ୍ରମାଣପତ୍ର ଓ ପୁରସ୍କାର ପ୍ରଦାନ କରାଯାଇଥିଲା। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ବିଦ୍ୟାଳୟର ସଙ୍ଗୀତ ଶିକ୍ଷକ ମଞ୍ଚ ପରିଚାଳନା କରିଥିଲେ। ବରିଷ୍ଠ ଶିକ୍ଷକ ଅଶୋକ କୁମାର ଦାସ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ବିଜ୍ଞାନ ଶିକ୍ଷକ ଆକାଶ ଚନ୍ଦ୍ର ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ପରିଚାଳନା କମିଟିର ସଭାପତି ସରୋଜ କୁମାର ପୃଷ୍ଟି, ଶିକ୍ଷୟତ୍ରୀ ପୁଷ୍ପାଞ୍ଜଳି ଦାସ, ବିଜୟା ଲକ୍ଷ୍ମୀ ନାୟକ, ସୁଶ୍ରୀ ସଂଗୀତା ରାଉତ, ବୈଜୟନ୍ତୀ ଯେନା, ସୁଜାତା ଦଳେଇ, ଯଶୋବନ୍ତ ନାୟକ, ରତିକାନ୍ତ ଦାସ, ହିମାଂଶୁ ପୃଷ୍ଟି ପ୍ରମୁଖ ସହଯୋଗ କରିଥିଲେ।

# ଅନିଶ୍ଚିତତା ଭିତରେ ବରୁଣେଶ୍ୱର ମହୋତ୍ସବ




ବିଞ୍ଝାରପୁର,୨୨।୧୨(ସମିସ): ଯାଜପୁର ଜିଲ୍ଲାର ପ୍ରସିଦ୍ଧ ବାବା ବରୁଣେଶ୍ୱର ଶୈବ କ୍ଷେତ୍ରରେ ମକର ମେଳା ଅନିଶ୍ଚିତତା ମଧ୍ୟରେ ରହିଯାଇଛି। ଚଳିତ ବର୍ଷ ମେଳା ହେବ ନା ନାହିଁ, ତାହାକୁ ନେଇ ଦ୍ୱନ୍ଦ ଦେଖାଦେଇଛି। ପ୍ରତିବର୍ଷ ଜାନୁଆରୀ ୧୪ରୁ ଆରମ୍ଭ ହୋଇ ୨୨ ତାରିଖ ପର୍ଯ୍ୟନ୍ତ ମେଳା ଅନୁଷ୍ଠିତ ହୋଇଥାଏ। ଏହି ଅବସରରେ ଜିଲ୍ଲା ପ୍ରଶାସନ ଓ ଅରେଇ ଗ୍ରାମପଞ୍ଚାୟତର ନିର୍ବାଚିତ ପ୍ରତିନିଧି ମଣ୍ଡଳୀ ଦ୍ୱାରା ବରୁଣେଶ୍ୱର ମହୋତ୍ସବ ଆୟୋଜିତ କରାଯାଇଥାଏ। କିନ୍ତୁ ବିଡମ୍ବନାର ବିଷୟ ଚଳିତ ବର୍ଷ ମହୋତ୍ସବକୁ କିଏ ଆୟୋଜନ କରିବା ନେଇ ହୀନ ରାଜନୈତିକ କାରଣରୁ ବରୁଣେଶ୍ୱର ମହୋତ୍ସବ ଶାନ୍ତିଶୃଙ୍ଖଳା ବ୍ୟାହତ ହେବା ଦର୍ଶାଇ ବନ୍ଦ କରିଦିଆଯାଇଥିଲା। କିନ୍ତୁ ଆସନ୍ତା ବର୍ଷ ବରୁଣେଶ୍ୱର ମହୋତ୍ସବ ହେବା ପ୍ରସଙ୍ଗ ପ୍ରସ୍ତୁତି ବୈଠକରେ ଉପସ୍ଥାପନା କରାଯିବା ସହିତ ଦଳମତ ନିର୍ବିଶେଷରେ ଜିଲ୍ଲା ପ୍ରଶାସନ ଓ ଅରେଇ ପଞ୍ଚାୟତର ନିର୍ବାଚିତ ମଣ୍ଡଳୀ ସହଯୋଗରେ ଅନୁଷ୍ଠିତ ହେବ ବୋଲି ଚୂଡ଼ାନ୍ତ ରୂପରେଖ ପ୍ରସ୍ତୁତ ହେଉଥିଲା ବେଳେ କେତେକ ସୁବିଧାବାଦୀ ବ୍ୟକ୍ତି ବିଶେଷ ବରୁଣେଶ୍ୱର ମହୋତ୍ସବକୁ ବନ୍ଦ କରିବାକୁ ଚକ୍ରାନ୍ତ କରିଛନ୍ତି। ଅରେଇ ସରପଞ୍ଚ ସ୍ମୃତିସମୀକ୍ଷା ମଲ୍ଲିକଙ୍କ ନେତୃତ୍ୱରେ ସମସ୍ତ ୱାର୍ଡସଭ୍ୟା / ସଭ୍ୟ ସୋମବାର ବିଞ୍ଝାରପୁର ବ୍ଲକରେ ଅନୁଷ୍ଠିତ ଜନଅଭିଯୋଗ ଶୁଣାଣି ପ୍ରକୋଷ୍ଠରେ ଜିଲ୍ଲାପାଳଙ୍କ ନିକଟରେ ଫେରାଦ ହେବା ସହ ବରୁଣେଶ୍ୱର ମହୋତ୍ସବକୁ ଆୟୋଜନ କରିବାକୁ ଅନୁମତି ଲୋଡ଼ିଛନ୍ତି। ଏହା ସହ ସୁବିଧାବାଦୀମାନେ ଯେଉଁ ହୀନ ଷଡ଼ଯନ୍ତ୍ର କରୁଛନ୍ତି ତାହା ତଦନ୍ତ ପରିସର ଭୁକ୍ତ କରିବାକୁ ମଧ୍ୟ ଦାବି କରିଛନ୍ତି। ମାତ୍ର ଜିଲ୍ଲାପାଳ ଅମ୍ବର କୁମାର କର ବରୁଣେଶ୍ୱର ମହୋତ୍ସବକୁ ନିର୍ବିବାଦ ଭାବରେ ଆୟୋଜନ କରିବାକୁ ଅରେଇ ପଞ୍ଚାୟତବାସୀଙ୍କୁ ପରାମର୍ଶ ଦେଇଛନ୍ତି। ବାଦବିବାଦ ଦେଖା ହେଲେ ବାଧହୋଇ ମହୋତ୍ସବକୁ ବନ୍ଦ କରିବାକୁ ଜିଲ୍ଲାପାଳ ଶ୍ରୀ କର କହିଛନ୍ତି।

## କାଏମା ଶିଶୁ ବିଦ୍ୟାମନ୍ଦିର ବାର୍ଷିକ ଉତ୍ସବ

ଧର୍ମଶାଳା,୨୨।୧୨(ସମିସ): ଧର୍ମଶାଳା ବ୍ଲକ ଅନ୍ତର୍ଗତ କାଏମାସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଆଜି ପରିଚାଳନା ସମିତିର ଦ୍ୱାବିଂଶ ବାର୍ଷିକ ଉତ୍ସବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସଭାପତି ପ୍ରଶାନ୍ତ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଉଦ୍‌ଘାଟକ ଭାବେ ଯାଜପୁର ସାଂସଦ ରବୀନ୍ଦ୍ର ନାରାୟଣ ବେହେରା, ମୁଖ୍ୟଅତିଥି ଭାବେ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ, ମୁଖ୍ୟ ବକ୍ତା ଭାବେ ସଦସ୍ୟା ଗବେଷଣା ଶୋଧ ବିଭାଗ ଶିକ୍ଷା ବିକାଶ ସମିତି, ଓଡ଼ିଶାର ତରୁଲତା ଦେବୀ ଯୋଗଦେଇଥିଲେ। ମୁଖ୍ୟ ବକ୍ତା ତରୁଲତା ଦେବୀ ରାଷ୍ଟ୍ରଭକ୍ତ, ସତ୍ ଚରିତ୍ର, ଶୃଙ୍ଖଳିତ ନାଗରିକ ନିର୍ମାଣରେ ଶିଶୁ ଅଭିଭାବକ ଓ ବିଦ୍ୟାଳୟର ଭୂମିକା ସମ୍ପର୍କରେ ମତ ରଖିଥିଲେ। ବିଦ୍ୟାମନ୍ଦିରର ସଂପାଦକ ଧ୍ରୁବ ଚରଣ ପୃଷ୍ଟି ସ୍ୱାଗତ ଭାଷଣ ସହିତ ଅତିଥିଙ୍କ ପରିଚୟ ପ୍ରଦାନ କରିଥିବା ବେଳେ ପ୍ରଧାନ ଆଚାର୍ଯ୍ୟା ରୀତାରାଣୀ ସ୍ୱାଇଁ ବାର୍ଷିକ ବିବରଣୀ ପାଠ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ପରିଚାଳନା ସମିତିର କୋଷାଧ୍ୟକ୍ଷ ନିଗମାନନ୍ଦ ମାହାଣା, ଉପସଭାପତି ତୁଳସୀ ଦେଇ, ସଦସ୍ୟ ଅକ୍ଷୟ କୁମାର ସାହୁ, ପୂର୍ବତନ ସଂପାଦକ ଚିତରଞ୍ଜନ ମଲ୍ଲିକ, ବିଦ୍ୟାଧର ସାହୁ, ଅନନ୍ତ ଚରଣ ସ୍ୱାଇଁ ଆଦି ଯୋଗଦେଇଥିଲେ। ସହ ସଂପାଦକ ସୁକାନ୍ତ କୁମାର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

## ଜାତୀୟ ଗଣିତ ଦିବସ

ଜେନାପୁର,୨୨।୧୨(ସମିସ): ଧର୍ମଶାଳା ବ୍ଲକ ଅନ୍ତର୍ଗତ ବାଡଁଶଅଣ୍ଟା ପ୍ରାଥମିକ ବିଦ୍ୟାଳୟ ଆଞ୍ଚଳିକ ସାଧନ କେନ୍ଦ୍ରର ମଧୁପୁର ଗଡ଼ ସରସ୍ୱତୀ ବିଦ୍ୟାମନ୍ଦିରରେ ଜାତୀୟ ଗଣିତ ଦିବସ ପାଳିତ ହୋଇଯାଇଛି। ବିଦ୍ୟାମନ୍ଦିରର ପ୍ରଧାନ ଆଚାର୍ଯ୍ୟା ଜୟନ୍ତୀ ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମଧୁପୁରଗଡ଼ ସରକାରୀ ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ପରିକ୍ଷିତ ରଥ, ନାରାୟଣପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ଅରୁଣ କୁମାର ଦାସ ଅତିଥି ତଥା ବିଚାରକ ଭାବରେ ଯୋଗଦାନ କରିଥିଲେ। ବିଦ୍ୟାମନ୍ଦିରର କୋଷାଧ୍ୟକ୍ଷ ଅରୁଣ କୁମାର ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ବିଦ୍ୟାର୍ଥୀମାନଙ୍କ ଦ୍ୱାରା ବିଭିନ୍ନ ଗଣିତ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। କାର୍ଯ୍ୟକ୍ରମକୁ ମୁଖ୍ୟଅତିଥି ପରିକ୍ଷିତ ରଥ ଉଦ୍‌ଘାଟନ କରିଥିଲେ।


ପାୱାରଗ୍ରିଡ POWERGRID

ନୋଟିସ

୧. "ପୂର୍ବ ଅଞ୍ଚଳ ବିସ୍ତାର ଯୋଜନା–XXVII (ERES-XXVII)" ଅଧୀନରେ ପୂର୍ବ ଅଞ୍ଚଳରେ ସ୍ଥାପିତ ... ଧାରା 62 ... 79(1)(d) ... 2003 ... 2023 ... 15(1)(a) ଓ ନିୟମ 23 ... 2024 ...

୩. ...

| Asset | Approved Capital cost (Rs in Lakhs) | DOCO | Total Estimated Capital cost (Rs in Lakhs) |
| --- | --- | --- | --- |
| Asset 1 | 2361.24 | 26.09.2024 | 1512.56 |
| Asset 2 | 3580.43 | 31.08.2025 | 4387.29 |
| Total | 5941.67 | | 5899.85 |

୪. ...

| Sl No | Name of the asset | 2024-25 | 2025-26 | 2026-27 | 2027-28 | 2028-29 |
| --- | --- | --- | --- | --- | --- | --- |
| 1 | Asset 1 | 136.03 | 290.48 | 298.33 | 296.70 | 295.38 |
| 2 | Asset 2 | 0.0 | 367.95 | 688.36 | 730.24 | 737.68 |


୫. ... (http://www.powergrid.in) ...

ପାୱାର ଗ୍ରିଡ୍ କର୍ପୋରେସନ୍ ଅଫ୍ ଇଣ୍ଡିଆ ଲିମିଟେଡ୍

www.powergridindia.com, CIN: L40101DL1989GOI038121

A Maharatna PSU

# ସମ୍ପାଦକୀୟ



ବର୍ଷରେ ଏମିତି ଦୁଇଟି ଦିନ ଅଛି, ଯେଉଁଦିନ ଆମେ କୌଣସି କାମ କରିପାରିବା ନାହିଁ, ଗତକାଲି ଓ ଆସନ୍ତା କାଲି !
-ମହାତ୍ମା ଗାନ୍ଧୀ

ସକାଳ
THE SAKALA

## କୁହନ୍ତି ଯେଡ଼େ ନୁହନ୍ତି ସେଡ଼େ

ରାଜ୍ୟର ଆଇନ ଶୃଙ୍ଖଳା ପରିସ୍ଥିତି ଦିନକୁଦିନ ନିୟନ୍ତ୍ରଣ ବାହାରକୁ ଚାଲି ଯାଉଥିବାର ପରିଲକ୍ଷିତ ହେଉଛି। ସତେଯେପରି ମନେ ହେଉଛି ପୁଲିସ ପ୍ରଶାସନ ଉପରେ ଅପରାଧ ତତ୍ତ୍ୱଙ୍କ ଡର ତୁଟିଯାଇଛି। ଭାତ ହାଣ୍ଡିରୁ ଗୋଟିଏ ଚିପିଲା ଭଳି କେବଳ ଯଦି ରାଜଧାନୀ ପରିସ୍ଥିତିକୁ ଅନୁଧ୍ୟାନ କରିବା ତାହା ହିଁ ଯଥେଷ୍ଟ ହେବ ରାଜ୍ୟ ପରିସ୍ଥିତିକୁ ଆକଳନ କରିବାରେ। କ୍ଷମତାକେନ୍ଦ୍ରର ନାକତଳେ ଗୋଟିକ ପରେ ଗୋଟିଏ ନାରୀ ଜନିତ ହିଂସା ଓ ଦୁଷ୍କର୍ମ ଘଟିଚାଲିଛି। ବ୍ୟବସ୍ଥାକୁ ଅଧିକ କଠୋର ଓ ଶୃଙ୍ଖଳିତ କରିବା ସକାଶେ କଟକ-ଭୁବନେଶ୍ୱର ଦ୍ୱୈତନଗରୀକୁ ନେଇ ଗଠିତ କମିଶନରେଟ ପୁଲିସର ଏହି ଚରମ ବିଫଳତା ପାଇଁ ଆମେ କାହାକୁ ଦାୟୀ କରିବା? ରାଜଧାନୀର ଟ୍ରାଫିକ ବିଶୃଙ୍ଖଳାକୁ ଦେଖିଲେ ଯେ କେହି ଅଣନିଃଶ୍ୱାସୀ ହୋଇଯିବ।

ଆଜି ଏଠି ତ କାଲି ସେଠି, କେଉଁଠି ନା କେଉଁଠି ନାରୀଜନିତ ଏମିତି କିଛି ଘଟଣା ଘଟୁଛି ଯେଉଁଥିରେ ରାଜଧାନୀ ବାସିନ୍ଦାଙ୍କ ପୁଲିସ ଉପରୁ ଭରସା ତୁଟିବା ଆରମ୍ଭ କରିଛି। ତେଣିକି ସେ ଲିଙ୍ଗରାଜ ମନ୍ଦିରର ପୂଜକଙ୍କ ବଳାତ୍କାର ଉଦ୍ୟମ ହେଉ କିମ୍ବା ଧଉଳି ନିକଟସ୍ଥ ଦୟାନଦୀ ଉପରେ ନାବାଳିକାକୁ ଗଣଦୁଷ୍କର୍ମ। ପଛକୁ ପଛ ସହିଦନଗରସ୍ଥିତ ଏକ ଭଡ଼ାଘରେ ଚାକିରି ଦେବା ଆଳରେ ମହିଳାଙ୍କୁ ଗଣବଳାତ୍କାର କରାଯାଇଛି। ପୁଲିସ ପକ୍ଷରୁ 'ରେଡଫ୍ଲାଗ' ଜାରି କରି ଘଟଣାର ତ୍ୱରିତ ଅନୁସଂଧାନ ଓ ଚାର୍ଜସିଟର ପ୍ରତିଶ୍ରୁତି ଦିଆଯାଇଛି ସତ, କିନ୍ତୁ ଅପରାଧ ଥମୁନି। ଏହି ଘଟଣା ଠିକ ପରଦିନ ଆଇଜି ପାର୍କରେ ପୁଣି ଜଣେ ମହିଳାଙ୍କୁ ଟଣାଓଟରା କରିବା ଘଟଣା ସାମ୍ନାକୁ ଆସିଛି। ଧଉଳି ଘଟଣାରେ ତିନି ଅଭିଯୁକ୍ତ ଗିରଫ ହୋଇଛନ୍ତି ଏବଂ ଆଉ ଦୁଇଜଣ ଏପର୍ଯ୍ୟନ୍ତ ଧରାପଡ଼ି ନାହାନ୍ତି। ଅବଶ୍ୟ ସହିଦନଗର ଘଟଣାରେ ଦୁଇ ଜଣଙ୍କୁ ଗିରଫ କରି ତୁରନ୍ତ କୋର୍ଟଚାଲାଣ କରାଯାଇଛି। ଏହାପରେ ଯେ ଆଉ କିଛି ଅପରାଧ ଘଟିବ ନାହିଁ ତାହାର କେହି ଗ୍ୟାରେଣ୍ଟି ଦେଇପାରିବେନି। ରାଜ୍ୟରେ ଶିକ୍ଷାନୁଷ୍ଠାନଠାରୁ ଆରମ୍ଭ କରି ସାଧାରଣ କର୍ମକ୍ଷେତ୍ର ପର୍ଯ୍ୟନ୍ତ କେଉଁଠି ମହିଳା ସୁରକ୍ଷିତ ନୁହନ୍ତି। ପରିସ୍ଥିତି ଏଭଳି ରୂପ ନେଇଛି ଯେ ଗଣମାଧ୍ୟମରେ ଅପରାଧ ଖବରରେ ପୃଷ୍ଠା ଭରିଯାଉଛି। ରାଜ୍ୟରେ ଯେ ଆଇନର ଶାସନ ଚାଲିଛି ସେ ନେଇ ବହୁ ସଚେତନ ନାଗରିକଙ୍କ ମନରେ ସନ୍ଦେହ ଉପୁଜିଲାଣି।

ସେହିଭଳି ରାଜଧାନୀରେ ଟ୍ରାଫିକ ନିୟନ୍ତ୍ରଣ ଏକପ୍ରକାର ଜୁଲମରେ ପରିଣତ ହୋଇଛି। ବ୍ୟବସ୍ଥାକୁ ଏକ ଆଇଟି ସଂସ୍ଥା ହାତକୁ ଟେକି ଦିଆଯାଇଥିବାରୁ ଏବେ ମେସିନ ନିୟନ୍ତ୍ରଣ କରୁଛି ପରିସ୍ଥିତି। ପରିସ୍ଥିତିକୁ ଦେଖି ତୁରନ୍ତ ପଦକ୍ଷେପ ଗ୍ରହଣ କରିବାର ସୁଯୋଗ ନାହିଁ। ଦାୟିତ୍ୱରେ ଥିବା କର୍ମଚାରୀ ରିଲ୍ସ ଉଠାଇବାରେ ବ୍ୟସ୍ତ। ରସୁଲଗଡ଼ ଓ ଏସ୍‌ପ୍ଲାନେଡ୍ ସ୍ଥିତି ଏଭଳି ଅସମ୍ଭାଳ ହୋଇପଡ଼ିଛି ଯେ ଥରେ ଭିଡ଼ରେ ଫସିଗଲେ ବାହାରିବାର ଯେମିତି ଉପାୟ ନାହିଁ। ଏହିକ୍ରମରେ ନାଲକୋ ଛକ ସ୍ଥିତ ଏକ ଗେଷ୍ଟହାଉସରୁ ସନ୍ଦିଗ୍ଧ ଅବସ୍ଥାରେ ଜଣେ ବ୍ୟକ୍ତିର ମୃତଦେହ ଉଦ୍ଧାର କରିଛି ପୁଲିସ।

ଆମ ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ନିଜେ ଗୃହବିଭାଗ ଦାୟିତ୍ୱରେ ଅଛନ୍ତି। ସବୁଦିନ ଆମେ ବିଭିନ୍ନ ସଭା ଓ ସମାବେଶରେ ତାଙ୍କ ଭାଷଣ ଓ ଫଟୋ ସମ୍ବାଦପତ୍ରରେ ଦେଖୁଛୁ। ସକ୍ରିୟ ଓ ଚଳଚଞ୍ଚଳତାରୁ ମନେ ହେଉଛି ସେ ସବୁକିଛି ସମ୍ଭାଳି ପାରିବେ। ତେବେ ଏଭଳି ଏକ ଦୁର୍ଗତିରୁ ରାଜ୍ୟବାସୀଙ୍କୁ ଉଦ୍ଧାରିବାରେ ନିଷ୍ଫଳ କାହିଁକି? ନିର୍ବାଚନ ପ୍ରତିଶ୍ରୁତି କେବଳ କଥା ନୁହେଁ, କାମରେ ପ୍ରତିଫଳିତ ହେବା ଜରୁରୀ।

## ହକ୍‌ଆଇ- ଅପରେସନ୍ ସିନ୍ଦୂର

ଆତଙ୍କବାଦୀ କାର୍ଯ୍ୟକଳାପ ବିରୋଧରେ ଲଢ଼ିବାର ଅଧିକାର ସବୁରାଷ୍ଟ୍ରଙ୍କର ଅଛି। ବିଭିନ୍ନ ରାଷ୍ଟ୍ରୀୟ ଶିଖର ସମ୍ମିଳନୀରେ ଆତଙ୍କବାଦ ବିରୋଧରେ ମିଳିତ ଲଢ଼େଇ ପାଇଁ ଭାରତ ପକ୍ଷରୁ ସବୁବେଳେ ଆହ୍ୱାନ ଦିଆଯାଉଛି। ଏପ୍ରିଲ ୨୨ ରେ ପହଲଗାମରେ ଲସ୍କର ଇ ତୋଇବା ସଂଗଠନର ସହଯୋଗୀ ଟିଆରଏଫ କର୍ମୀ ୨୬ ଜଣ ନିରୀହ ପର୍ଯ୍ୟଟକଙ୍କୁ ନୃଶଂସ ଭାବେ ଗୁଳିକରି ହତ୍ୟା କଲେ। ଜବାବ୍‌ରେ ମେ' ୭ ତାରିଖରେ 'ଅପରେସନ ସିନ୍ଦୂର' ମାଧ୍ୟମରେ ପିଓକେରେ ଥିବା ୫ଟି ଓ ପାକିସ୍ତାନର ୪ଟି ଆତଙ୍କବାଦୀ କେନ୍ଦ୍ରକୁ ଭାରତ ଧ୍ୱଂସ କରିଥିଲା। ଏହି କାର୍ଯ୍ୟାନୁଷ୍ଠାନରେ ଶତାଧିକ ଆତଙ୍କବାଦୀ ମଧ୍ୟ ନିହତ ହୋଇଥିଲେ। ପାକିସ୍ତାନର ପରବର୍ତ୍ତୀ କାର୍ଯ୍ୟକଳାପ ଭାରତକୁ ବାଧ୍ୟ କରିଥିଲା ଅଭିଯାନର ଦିଗ ପରିବର୍ତ୍ତନ କରିବାକୁ। ଏକ୍ଷେତ୍ରରେ ତୁର୍କୀ ଓ ଚୀନର ଭୂମିକାକୁ ବିଶ୍ୱ ଜନସମୁଦାୟ ନିନ୍ଦା କରିବା ପରିବର୍ତ୍ତେ ସମୟକ୍ରମେ ଆମେରିକା ମଧ୍ୟ ପାକିସ୍ତାନର ସହଯୋଗୀ ହୋଇଯାଇଛି। ଅଥଚ ଗତ ସପ୍ତାହରେ ସିରିଆର ୭୦ ଆଇଏସ କେନ୍ଦ୍ର ଉପରେ ଆକ୍ରମଣ କରି ଧ୍ୱଂସ କରିଛି ଆମେରିକା। କେନ୍ଦ୍ରୀୟ ସିରିଆର ପାଲିମିରା ସହରରେ ୨ ଜଣ ଆମେରିକୀୟ ସୈନିକ ଓ ଜଣେ ଅନୁବାଦକଙ୍କୁ ଆଇଏସ ଆତଙ୍କବାଦୀ ହତ୍ୟା କରିବା ଘଟଣାର ପ୍ରତିଶୋଧ ନେଉଛି ଆମେରିକା।

ସିରିଆର ନୂଆ ନେତୃତ୍ୱ ରାଷ୍ଟ୍ରପତି ଅହମ୍ମଦ ଅଲ୍ ଶାରାଙ୍କ ବିବାଦୀୟ ଭୂମିକା ସତ୍ତ୍ୱେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସହ ତାଙ୍କର ସାକ୍ଷାତ ଓ ଆଲୋଚନା ମଧ୍ୟ ପ୍ରାଚ୍ୟ କୂଟନୀତିକୁ ପ୍ରଭାବିତ କରୁଛି। ଇସଲାମିକ୍ ଷ୍ଟେଟ୍ ବିରୋଧରେ ଆମେରିକାର ମିଳିତ ମଞ୍ଚ ସହ ଚୁକ୍ତିବଦ୍ଧ ହୋଇଛି ସିରିଆ। ଅଥଚ ଅସଲରେ ଶରା କ୍ଷମତାସୀନ ହେବା ପୂର୍ବରୁ ଥିଲେ ଆଇଏସ ସଂଗଠନର ଜଣେ ପ୍ରମୁଖ କର୍ମକର୍ତ୍ତା। ତେଣୁ ତାଙ୍କ ଭୂମିକା ଏବେ ମଧ୍ୟ ସନ୍ଦେହରୁ ଉର୍ଦ୍ଧ୍ୱରେ ନୁହେଁ। ଆମେରିକା ସହ ଏତେ ବୁଝାମଣା ଓ ସହଯୋଗ ସତ୍ତ୍ୱେ ଅସଲରେ ସିରିଆ ସୁରକ୍ଷା ବାହିନୀର ସଦସ୍ୟ ହିଁ ଆମେରିକା ସୈନ୍ୟଙ୍କ ଉପରେ ଆକ୍ରମଣ କରିଥିଲେ। ଟ୍ରମ୍ପ କହିଛନ୍ତି, ସିରିଆରେ ଆମେରିକା ସୈନିକଙ୍କୁ ଯେଭଳି ନୃଶଂସ ଭାବେ ହତ୍ୟା କରାଯାଇଛି ତାହାର କଠୋର ପ୍ରତିଶୋଧ ନିଆଯାଉଛି। ଏହା ଥିଲା ହକ୍‌ଆଇ ଷ୍ଟ୍ରଇକ। ଆତଙ୍କବାଦୀ କେନ୍ଦ୍ରକୁ ଧ୍ୱଂସ କରିବା ପାଇଁ ଉଭୟ 'ହକ୍‌ଆଇ ଷ୍ଟ୍ରାଇକ' ଓ 'ଅପରେସନ ସିନ୍ଦୂର'ର ଉଦ୍ଦେଶ୍ୟ ମଧ୍ୟରେ ସେଭଳି ପାର୍ଥକ୍ୟ ନ ଥିବା ବେଳେ ଭାରତ ପ୍ରତି ବାଛବିଚାରମୂଳକ ଆଭିମୁଖ୍ୟ କାହିଁକି?

ସମୟ ବଦଳୁଛି। ସର୍ବଶକ୍ତିମାନର ଅହଂକାର ବିରୋଧରେ ମୁଣ୍ଡ ଟେକୁଥିବା ଅସନ୍ତୋଷ ବିରୋଧରେ ବିଶ୍ୱ ଭୂ-ରାଜନୀତିରେ ହଲଚଲ ଆରମ୍ଭ ହୋଇଛି। ବୃହତ୍ତର ସ୍ୱାର୍ଥକୁ ଦୃଷ୍ଟିରେ ରଖି ମୁଣ୍ଡ ଟେକୁଥିବା ନୂଆ କ୍ଷମତା କେନ୍ଦ୍ର ଆଗାମୀ ଦିନରେ ଆମେରିକାର ପ୍ରାଧାନ୍ୟକୁ କ୍ଷୁର୍ଣ୍ଣ କରିବା ଅସମ୍ଭବ ନୁହେଁ।

# ଓଡ଼ିଶାର ବିଶ୍ୱବିରଳ ସମ୍ପଦ

ଡ. ବିଜୟକେତନ ପଟ୍ଟନାୟକ

ଗତ ଅକ୍ଟୋବର ମାସରେ ଅନ୍ତର୍ଜାତୀୟ ବହୁଳ ପ୍ରସାରିତ ପତ୍ରିକା 'ନ୍ୟାସନାଲ ଜୋଗ୍ରାଫି'ର ପ୍ରଚ୍ଛଦରେ ବିଶିଷ୍ଟ ଫଟୋଗ୍ରାଫର ପ୍ରସନ୍ନଜିତ୍ ଯାଦବଙ୍କ ଦ୍ୱାରା ଉତ୍ତୋଳିତ ଶିମିଳିପାଳର କଳାବାଘର ଫଟୋ ସ୍ଥାନ ପାଇବା ପରେ ବିଶ୍ୱବାସୀଙ୍କ ଦୃଷ୍ଟି ଆକର୍ଷଣ କରିଛି। ଏହି ଫଟୋଟି ଉଠାଇବା ପାଇଁ ଯାଦବଙ୍କୁ ଶିମିଳିପାଳରେ ୧୨୦ ଦିନ ସମୟ ବିତାଇବାକୁ ପଡ଼ିଛି। କଳାବାଘ ଭାରତର ଅନ୍ୟ କୌଣସି ବ୍ୟାଘ୍ର ଅଭୟାରଣ୍ୟରେ ଦେଖାଯାଆନ୍ତି ନାହିଁ। ଏପରିକି ବିଶ୍ୱରେ ମଧ୍ୟ ବିରଳ। ତେଣୁ ଏପରି ଏକ ବିରଳ ସମ୍ପତ୍ତିର ଅଧିକାରୀ ଭାବେ, ଆମ ଓଡ଼ିଶାବାସୀ ନିଶ୍ଚୟ ଆହ୍ଲାଦିତ ହେଉଥିବେ।

ଏବେ କଳାବାଘ ସଂଖ୍ୟା ବୃଦ୍ଧି ପାଇବା ଫଳରେ ପର୍ଯ୍ୟଟକମାନେ ମଧ୍ୟ ଅନେକ ସମୟରେ ଶିମିଳିପାଳ ଜଙ୍ଗଲରେ ବାଘ ଦେଖୁଛନ୍ତି ଏବଂ ତା'ର ଫଟୋ ଉଠାଇ କ୍ଷେତ୍ର ନିର୍ଦ୍ଦେଶକଙ୍କ ନିକଟକୁ ପଠାଉଛନ୍ତି। ପ୍ରଶ୍ନ ଉଠିବା ସ୍ୱାଭାବିକ ଯେ ପୂର୍ବରୁ କାହିଁକି ପର୍ଯ୍ୟଟକମାନେ, ଏପରିକି ବନ ବିଭାଗର ଅଧିକାରୀମାନେ ମଧ୍ୟ ବିଭିନ୍ନ ସମୟରେ ଶିମିଳିପାଳ ଜଙ୍ଗଲ ଗସ୍ତ କରିବା ଅବସରରେ ବାଘ ଦେଖିବାର ସୁଯୋଗ ପାଇନାହାନ୍ତି? ଏଥିପାଇଁ ବିଭିନ୍ନ ମହଲରେ କ୍ଷୋଭ ମଧ୍ୟ ପ୍ରକାଶ ପାଇଛି।

ସତରେ କ'ଣ ବାଘ ଚତୁରତାର ସହିତ ମନୁଷ୍ୟର ଦୃଷ୍ଟିକୁ ଏଡ଼ାଇ ଯାଏ? ଅବଶ୍ୟ କଥା ଅଛି, ତୁମେ ଥରେ ଜଙ୍ଗଲରେ ବାଘକୁ ଦେଖିବା ପୂର୍ବରୁ ବାଘ ତୁମକୁ ଶହେଥର ଦେଖି ସାରିଥିବ। ଏହାର ପ୍ରମୁଖ କାରଣ ହେଉଛି ଶିମିଳିପାଳର ଅସମତଳ ଭୂଭାଗ ଏବଂ ପରିପୂର୍ଣ୍ଣ ଘଞ୍ଚ ଜଙ୍ଗଲ। ଏହା ମୁଖ୍ୟତଃ କ୍ରାନ୍ତୀୟ ଅର୍ଦ୍ଧ-ଚିରହରିତ ଓ ଆର୍ଦ୍ରମିଶ୍ରିତ ସୂକ୍ଷ୍ମ ପର୍ଣ୍ଣମୋଚୀ ଜଙ୍ଗଲରେ ଭରା। ଶତକଡ଼ା ୫୦ ଭାଗରୁ ଉର୍ଦ୍ଧ୍ୱ ସୁଉଚ୍ଚ ଶାଳ ଜଙ୍ଗଲ। ଏହାଛଡ଼ା ଚମ୍ପା, ଶିମିଳି ଓ ଅନ୍ୟାନ୍ୟ ଗଛ ମଧ୍ୟ ରହିଛି। ମଧ୍ୟମ ଥାକ ଓ ତଳ ଥାକରେ ମଧ୍ୟ ଅନେକ ମଧ୍ୟମ ଓ ଛୋଟ ଧରଣ ଗଛ, ଲତା, ବୁଦା ରହିଛି। ବଣବୁଦାର ଘଞ୍ଚତା ମଧ୍ୟରେ, ବିଶେଷକରି କଳାବାଘଙ୍କର କଳା ରଂଗ ଓ ଛାପଛାପିକିଆ ରଙ୍ଗ, ସହଜରେ ଠଉରେଇ ହୁଏ ନାହିଁ। ଦ୍ୱିତୀୟତଃ, ଶିମିଳିପାଳ ଜଙ୍ଗଲଭିତରେ ଅନେକ ଚିରସ୍ରୋତା ଝରଣା ଓ ନଈ, ନାଳ ରହିଛି। ଯେଉଁ ଜଙ୍ଗଲରେ ପାଣିର ଅଭାବ ରହିଛି, ସେଠି ବାଘ ବା ଅନ୍ୟଜନ୍ତୁ ପାଣି ପିଇବାକୁ ଜଳସ୍ରୋତ ନିକଟକୁ ଆସିଲା ବେଳେ ସେମାନଙ୍କୁ ସହଜରେ ଠାବ କରିହୁଏ। ତୃତୀୟ ଓ ସବୁଠାରୁ ମୁଖ୍ୟ କାରଣ ହେଲା, ଆୟତନ ତୁଳନାରେ ୨୦୦୬ ପରଠାରୁ ଗତ କିଛିବର୍ଷ ହେଲା କ୍ୟାମେରା ଟ୍ରାପ ପଦ୍ଧତିରେ ଶିମିଳିପାଳରେ ଗଣନ କରାଯାଇଥିବା ବାଘ ସଂଖ୍ୟା ଯଥେଷ୍ଟ କମ। ଫଳରେ ସେମାନେ ସହଜରେ ମନୁଷ୍ୟର ନଜରକୁ ଆସନ୍ତି ନାହିଁ କିମ୍ବା ମଣିଷ ସହିତ ମୁହାଁମୁହିଁ ହୁଅନ୍ତି ନାହିଁ।

ମୟୂରଭଞ୍ଜ ଜିଲ୍ଲାର ଶିମିଳିପାଳ ବନାଞ୍ଚଳ ଅନନ୍ୟ ପ୍ରାକୃତିକ ସୌନ୍ଦର୍ଯ୍ୟ ଓ ଜୈବ ବିବିଧତାରେ ପରିପୂର୍ଣ୍ଣ। ଏକାଧାରରେ ଏହା ଏକ ଅଭୟାରଣ୍ୟ, ବ୍ୟାଘ୍ରପ୍ରକଳ୍ପ, ଜାତୀୟଉଦ୍ୟାନ ଓ ଜୈବ ମଣ୍ଡଳର ମାନ୍ୟତା ପାଇଛି। ଅନ୍ୟାନ୍ୟ ବନ୍ୟପ୍ରାଣୀଙ୍କ ମଧ୍ୟରେ ବାଘ ଓ ହାତୀ ଶିମିଳିପାଳର ଆଗଧାଡ଼ିର ବନ୍ୟଜୀବ। ୨୭୫୦ ବର୍ଗ କିଲୋମିଟର ପରିମିତ ଶିମିଳିପାଳ ବନାଞ୍ଚଳ ୧୯୭୩ ମସିହାରେ ଦେଶରେ ପ୍ରଥମ କରି ଘୋଷିତ ହୋଇଥିବା ୯ ଗୋଟି ବ୍ୟାଘ୍ର ପ୍ରକଳ୍ପ ମଧ୍ୟରୁ ଥିଲା ଅନ୍ୟତମ। ଆୟତନ ଦୃଷ୍ଟିରୁ ବିଶାଳ ଓ ଅନୁକୂଳ ସ୍ୱାଭାବିକ ପ୍ରାକୃତିକ ପରିସଂସ୍ଥା କାରଣରୁ ଶିମିଳିପାଳ ଜଙ୍ଗଲ ଦୀର୍ଘମିଆଦୀ ସୂତ୍ରରେ ବାଘ ବଂଶ ଧାରଣ କରିବାକୁ ସକ୍ଷମ। ସେ ବାଘ ଥିଲେ ମହାବଳ ବାଘ ବା ରୟାଲ ବେଙ୍ଗଲ ଟାଇଗର। ବିଶିଷ୍ଟ ପ୍ରାଣୀ ବିଶେଷଜ୍ଞ ଡ. ଲାଲା ଏ.କେ. ସିଂହ ତାଙ୍କ ରଚିତ 'ବର୍ଣ୍ଣବ୍ଲାକ' ପୁସ୍ତକରେ ଦର୍ଶାଇଛନ୍ତି ଯେ ୧୯୭୦ରେ ଶିମିଳିପାଳରେ ଗୋଟିଏ କଳାବାଘ ଠାବ କରାଯାଇଥିଲା। ସେ ସମୟରେ କରଞ୍ଜିଆ ବନଖଣ୍ଡରେ କାର୍ଯ୍ୟରତ ଜନୈକ ବନାଧିକାରୀ କୁହନ୍ତି ୧୯୭୧ରେ ତତ୍କାଳୀନ ଡି.ଏଫ, ଓ ଏବଂ ତାଙ୍କ ଡ୍ରାଇଭର ଗୁଡୁଗୁଡିଆ ଜଙ୍ଗଲରେ କଳାବାଘ ଦେଖିଛନ୍ତି। କିନ୍ତୁ ଏବିଷୟରେ କୌଣସି ପ୍ରାମାଣିକ ତଥ୍ୟ ନଥିଲା। ୧୯୯୩ ମସିହା ଜୁଲାଇ ମାସରେ ସେଠିକାର ଜଣେ ଆଦିବାସୀ ବାଳକ ଆତ୍ମରକ୍ଷା ନିମନ୍ତେ ତୀରରେ କାଳାବାଘଟିଏ ମାରି ଆତ୍ମସମର୍ପଣ କରିବାରୁ ବିଧିବଦ୍ଧ ଭାବେ ପ୍ରାମାଣିକ ତଥ୍ୟ ସହ ଶିମିଳିପାଳ ଜଙ୍ଗଲରେ କଳା ବାଘ ଥିବା କଥା ଜଣାପଡ଼ିଲା।

କ୍ୟାମେରା ଟ୍ରାପ ପଦ୍ଧତିରେ ଜାତୀୟ ବ୍ୟାଘ୍ର ସଂରକ୍ଷଣ କର୍ତ୍ତୃପକ୍ଷ(ଏନ୍‌ଟିସିଏ) ଦ୍ୱାରା ପ୍ରତି ଚାରିବର୍ଷ ଅନ୍ତରରେ କରାଯାଇଥିବା ସର୍ବେକ୍ଷଣରେ ଶିମିଳିପାଳ ଜଙ୍ଗଲରେ ମାତ୍ର ୧୭ ରୁ ୨୯ ମଧ୍ୟରେ ବାଘ ରହିଥିବାର ଜଣାପଡ଼ିଛି ସିନା କଳାବାଘ ସଂପର୍କରେ କିଛି ସୂଚନା ମିଳିନାହିଁ। ପ୍ରଥମ କରି ୨୦୨୨ ମସିହାରେ କ୍ୟାମେରା ଟ୍ରାପ ପଦ୍ଧତିରେ କରାଯାଇଥିବା ବାଘ ଗଣନା ରିପୋର୍ଟ ପ୍ରକାଶିତ ହେଲା ପରେ ଜଣାଗଲା ଶିମିଳିପାଳ ବନାଞ୍ଚଳରେ ଠାବ କରାଯାଇଥିବା ମୋଟ ୧୭ ଟି ବାଘଙ୍କ ମଧ୍ୟରୁ ୧୦ଟି ହେଉଛନ୍ତି କଳାବାଘ। ସେହିବର୍ଷ ରାଜ୍ୟସଭାରେ ଦେଶର ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଏକ ପ୍ରଶ୍ନର ଉତ୍ତର ଦେଇ କହିଥିଲେ, ଓଡ଼ିଶାର ଶିମିଳିପାଳ ବ୍ୟାଘ୍ର ପ୍ରକଳ୍ପରେ ୧୦ଟି କଳାବାଘ ଠାବ କରାଯାଇଛି। କେବଳ ଆମ ଦେଶର ଅନ୍ୟ ବ୍ୟାଘ୍ର ପ୍ରକଳ୍ପରେ ନୁହେଁ, ସମଗ୍ର ବିଶ୍ୱରେ ମଧ୍ୟ ଅନ୍ୟତ୍ର କଳା ବାଘ ଦେଖିବାକୁ ବିରଳ। ୨୦୨୩-୨୪ ମସିହାରେ ରାଜ୍ୟ ବନ୍ୟପ୍ରାଣୀ କର୍ତ୍ତୃପକ୍ଷ ନିଜସ୍ୱ ଉଦ୍ୟମରେ ପ୍ରାୟ ୧୫୦୦ କ୍ୟାମେରା ବସାଇ କରିଥିବା ଗଣନାରୁ ଜଣାପଡ଼ିଛି ଯେ ଏବେ ଶିମିଳିପାଳରେ ୨୭ଟି ବାଘ ଅଛନ୍ତି। ତନ୍ମଧ୍ୟରୁ ୬ଟି କୃଷ୍ଣକାୟ ବାଘ ଓ ୭ ଟି କୃଷ୍ଣକାୟ ବାଘୁଣୀ। ଏହାଛଡ଼ା କେତେକ କୃଷ୍ଣକାୟ ବାଘ ଛୁଆ ଥିବାର ମଧ୍ୟ ଦୃଷ୍ଟିଗୋଚର ହୋଇଛି। ଦେଖିବାକୁ ଗଲେ କଳାବାଘ ସଂଖ୍ୟା ୫୦ ପ୍ରତିଶତରୁ ଟପିଗଲାଣି।

ବାସ୍ତବିକ୍ କଳାବାଘ କୌଣସି ଅଲଗା ପ୍ରଜାତି ନୁହେଁ। ବରଂ ସାଧାରଣ ରଙ୍ଗର। ଅର୍ଥାତ୍ ସୁନା ପରି ହଳଦିଆ ରଙ୍ଗର ଦେହରେ ସରୁ ସରୁ କଳା ପଟିଥିବା ମହାବଳ ବାଘର ଏହା ଏକ ବର୍ଣ୍ଣ ବ୍ୟତିକ୍ରମ। ମେଲାନିନ୍ ଏକ ପ୍ରାକୃତିକ କଳାରଙ୍ଗର ରଞ୍ଜକ। ଶରୀରରେ ମେଲାନିନ୍ ବା 'କୃଷ୍ଣବର୍ଣ୍ଣ' ଅତ୍ୟଧିକ ଭାବରେ ଉତ୍ପାଦିତ ହେଲେ କ୍ରୋମୋଜୋମ୍ ବା ଗୁଣସୂତ୍ରରେ ଜିନୀୟ ପରିବର୍ତ୍ତନ ଘଟିଥାଏ। ଏହାକୁ 'ସ୍ୟୁଡୋ ମେଲାନିଜିମ୍' କୁହାଯାଏ। ଏହି ପରିବର୍ତ୍ତନ ଦ୍ୱାରା ବାଘ ଶରୀରରେ ଦେଖାଯାଉଥିବା କଳା କଳା ପଟିର ଚଉଡ଼ା ବୃଦ୍ଧି ପାଇ ପରସ୍ପର ସହିତ ମିଶିଯାଏ। ଫଳରେ ଚମଡ଼ାର ରଙ୍ଗରେ ଏକ ବିଶେଷ ପରିବର୍ତ୍ତନ ଘଟି ପ୍ରାୟତଃ କଳା ଦେଖାଯାଏ। ଟାକ୍‌ପେପ୍ ନାମକ ଏକ ଜିନ ବିଲେଇ ପରିବାର ସଦସ୍ୟମାନଙ୍କର ଚର୍ମର ରଙ୍ଗ ବଦଳାଇବା କ୍ଷେତ୍ରରେ ବିଶେଷ ଭାବେ ପ୍ରଭାବିତ କରିଥାଏ।

ଏହାଭିତରେ ଶିମିଳିପାଳ ଜଙ୍ଗଲରେ ବାଘଙ୍କ ସଂଖ୍ୟା ବେଶ୍ କମିଯାଇଥିଲା। କରିଡର ବା ସଂଯୋଗ ପଥ ଅଭାବରୁ ସେମାନେ ଅନ୍ୟ ଜଙ୍ଗଲର ବାଘଙ୍କଠାରୁ ଅଲଗା, ବିଚ୍ଛିନ୍ନ ହୋଇ ରହୁଛନ୍ତି। ୨୦୧୦ ବାଘ ଗଣନାରେ ସାତକୋଶିଆ ବ୍ୟାଘ୍ର ପ୍ରକଳ୍ପରେ ୮ଟି ବାଘ ଥିବାର ଦର୍ଶାଯାଇଥିଲା। ଏବେ ସେଠାରେ ବାଘ ସଂଖ୍ୟା ଶୂନ୍ୟ। ଓଡ଼ିଶାର ଅନ୍ୟ ଜଙ୍ଗଲରେ ମଧ୍ୟ ପ୍ରାୟତଃ ବାଘ ନାହାନ୍ତି କହିଲେ ଚଳେ। ଏକ ଦ୍ୱୀପ ସଦୃଶ ଶିମିଳିପାଳ ବନାଞ୍ଚଳର ଆବଦ୍ଧ ହୋଇ ରହିବା ଫଳରେ ନିଜ ନିଜ ଭିତରେ ଆନ୍ତଃ ପ୍ରଜନନ ଘଟୁଛି ଓ ଏହିପରି ବର୍ଣ୍ଣ ବିଭ୍ରାଟ ଦେଖାଯାଉଛି। ଏହି କାରଣରୁ ସମଗୋତ୍ରରେ ବା ରକ୍ତ ସଂପର୍କ ଥିବା କ୍ଷେତ୍ରରେ ଆମ ସମାଜରେ ବିବାହ କରାଯାଏ ନାହିଁ। ଆନ୍ତଃ-ପ୍ରଜନନ ହେତୁ ଅବସାଦଗ୍ରସ୍ତ ହେବା ଫଳରେ କଳାବାଘ ପ୍ରାୟତଃ ନିଃସ୍ପୃହ ଏବଂ ଅନେକ ସ୍ୱାସ୍ଥ୍ୟଗତ ସମସ୍ୟା ପ୍ରତି ଆଘାତପ୍ରବଣ। ଏମାନଙ୍କ ଭିତରେ ଜିନୀୟ ବିବିଧତା କ୍ରମଶଃ କ୍ଷୀଣ ହୋଇ ଯାଉଥିବାରୁ ଜଳବାୟୁ ପରିବର୍ତ୍ତନ କାରଣରୁ ସୃଷ୍ଟି ହେଉଥିବା ରୋଗ ଓ ଅନ୍ୟାନ୍ୟ ପାରିପାର୍ଶ୍ୱିକ ଚାପ ସହିତ ଖାପଖୁଆଇ ଚଳିବା ସେମାନଙ୍କ ପକ୍ଷେ କଷ୍ଟକର। ଏହି ଅବସ୍ଥା ଚାଲୁ ରହିଲେ ସୁଦୂର ଭବିଷ୍ୟତରେ ବାଘ ବଂଶ ଶିମିଳିପାଳରୁ ସଂପୂର୍ଣ୍ଣ ନିଶ୍ଚିହ୍ନ ହୋଇଯାଇପାରେ।

ଅନେକ ପ୍ରାଣୀ ବିଶେଷଜ୍ଞଙ୍କ ମତରେ କଳାବାଘର ଆକୃତି ସାଧାରଣ ମହାବଳ ବାଘଠାରୁ ଛୋଟ ହୋଇଥିବାରୁ ଶିକାର କରିବା ପାଇଁ ଏହା ହୁଏତ ବାଧକ ସାଜିପାରେ। ଦ୍ୱିତୀୟତଃ, ସେମାନଙ୍କର ପ୍ରଜନନ କ୍ଷମତା ମଧ୍ୟ ଅପେକ୍ଷାକୃତ କମ ବୋଲି କୁହାଯାଏ। ଶିମିଳିପାଳରେ ବାଘବଂଶର ସଂରକ୍ଷଣ ଓ ଅଭିବୃଦ୍ଧି ନିମନ୍ତେ କଳାବାଘ କ୍ଷେତ୍ରରେ ଜିନୀୟ ବିବିଧତା ହ୍ରାସ ଘଟଣା, ବନ୍ୟ ପ୍ରାଣୀ ବିଭାଗ ପାଇଁ ଏକ ବିଶେଷ ଆହ୍ୱାନ। ଜିନୀୟ ବିବଧତା ବୃଦ୍ଧି ପାଇଁ ପଦକ୍ଷେପ ସ୍ୱରୂପ ମହାରାଷ୍ଟ୍ରର ତରଭା ବା ଅନ୍ଧେରୀ ଜଙ୍ଗଲରୁ ଦୁଇଟି ବାଘୁଣୀ ଯମୁନା ଓ ଜୀନତ୍‌ଙ୍କୁ ଆଣି ଶିମିଳିପାଳରେ ଛଡ଼ାଯିବା ଏକ ସମୟୋଚିତ ପଦକ୍ଷେପ।

(ଓଡ଼ିଶାର ପୂର୍ବତନ ପ୍ରଧାନ ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକ)
ଭୁବନେଶ୍ୱର, ମୋ: ୯୪୩୭୦୦୦୯୦୪

# ଦୃଷ୍ଟିକୋଣ ବଦଳୁଛି

ଡ. ବିରଜା ରାଉତରାୟ

ସମୟ ଥିଲା, ଶାରୀରିକ ଅବା ମାନସିକ ଅକ୍ଷମତା ସାମାଜିକ ଦୃଷ୍ଟିରେ ବର୍ଜ୍ୟବସ୍ତୁ ପରି ଅଖୋଜା, ଅଲୋଡ଼ା ଓ ଅଦରକାରୀ ଭାବେ ବିବେଚିତ ହେଉଥିଲା। ଏହାସହିତ ପୁଣି ଯୋଡ଼ି ହୋଇଯାଇଥିଲା ରୂଢ଼ିବାଦୀ ମାନସିକତା, ଅସହିଷ୍ଣୁତା ଓ ଅନ୍ଧବିଶ୍ୱାସ। ମାନବ ସଭ୍ୟତାର ବିକାଶ ଯାତ୍ରାରେ ଧୀରେ ଧୀରେ ସମାଜର ମୁଖ୍ୟସ୍ରୋତରୁ ବିଚ୍ଛିନ୍ନ ରହିଯାଇଥିବା ମଣିଷକୁ ଭିନ୍ନ ମାନବୀୟ ଚକ୍ଷୁରେ ବିଚାର କରିବା ପ୍ରକ୍ରିୟାର ସୂତ୍ରପାତ ହେଲା। ମାନବିକ ଅଧିକାରକୁ ନେଇ ସଚେତନତା ସୃଷ୍ଟି ସହ ଆଇନ ପ୍ରଣୟନ ହେଲା ଏବଂ ସ୍ୱୀକୃତି ମଧ୍ୟ ମିଳିଲା। ଏହିସବୁ ସାମାଜିକ ସଂସ୍କାରଧର୍ମୀ ବିବର୍ତ୍ତନ ମୁଖ୍ୟତଃ ଦଶନ୍ଧି ଦଶନ୍ଧି ଧରି ସାମାଜିକ କର୍ମୀ ଓ ମାନବିକ ସଂଗଠନମାନଙ୍କର ନିରବଚ୍ଛିନ୍ନ ଆନ୍ଦୋଳନର ଫଳଶ୍ରୁତି। ଏହିକ୍ରମରେ ସମାଜର ଭିନ୍ନକ୍ଷମମାନଙ୍କ ପ୍ରତି ପୂର୍ବରୁ ରହିଥିବା ଅବଧାରଣା ଓ ଦୃଷ୍ଟିକୋଣ ମଧ୍ୟ ଆଇନଗତ ବ୍ୟବସ୍ଥାରେ ପରିଶୋଧିତ ହୋଇପାରିଛି। ମୋଟାମୋଟି କହିବାକୁ ଗଲେ ଭିନ୍ନକ୍ଷମଙ୍କ ପ୍ରତି ଦୃଷ୍ଟିକୋଣ ବଦଳୁଛି।

ଭିନ୍ନକ୍ଷମମାନଙ୍କ ପ୍ରତି ଏହି ଦୀର୍ଘ ନ୍ୟାୟିକ ଯାତ୍ରାରେ ଦୁଇ ଦୁଇ ଥର ସ୍ୱତନ୍ତ୍ର ଆଇନ୍ ପାରିତ ହୋଇଛି। ପ୍ରଥମଥର ଏ ଦିଗରେ ଭିନ୍ନକ୍ଷମଙ୍କ ନିମନ୍ତେ (ସମାନ ସୁଯୋଗ, ଅଧିକାର ସୁରକ୍ଷା ଓ ପୂର୍ଣ୍ଣ ଅଂଶଗ୍ରହଣ) ଅଧିନିୟମ ୧୯୯୫ ମସିହାରେ ପାରିତ ହୋଇ କାର୍ଯ୍ୟକାରୀ ହୋଇଥିଲା। ଏହା ପ୍ରାଥମିକ ଭାବେ ଭିନ୍ନକ୍ଷମଙ୍କୁ ବିଭିନ୍ନ କ୍ଷେତ୍ରରେ ସଂରକ୍ଷଣ, ସୁବିଧା, ସୁଯୋଗ ଓ ଅଧିକାରକୁ ସୁନିଶ୍ଚିତ କରାଇଥିଲା। ସାମାଜିକ ଦୃଷ୍ଟିରେ ସମବେଦନା, ଅନୁକମ୍ପା ଓ ଦୟାର ପାତ୍ରରୁ ଅଧିକାର ଓ ହକ୍ ପର୍ଯ୍ୟାୟକୁ ଉନ୍ନୀତ କରାଇଲା। ପ୍ରଥମ କରି ଏହି ଆଇନ ବଳରେ ଭିନ୍ନକ୍ଷମମାନଙ୍କୁ ଅନ୍ୟ ନାଗରିକଙ୍କ ପରି ସମାଜରେ ସମାନ ସୁଯୋଗ, ଅଧିକାର ସୁରକ୍ଷା ଓ ପୂର୍ଣ୍ଣ ଅଂଶଗ୍ରହଣ ସହିତ ସମ୍ବିଧାନ ପ୍ରଦତ୍ତ ଧାରା ୧୪ ଓ ୨୧ ମୁତାବକ ସମାନତା ଓ ଆତ୍ମସମ୍ମାନପୂର୍ଣ୍ଣ ଜୀବନଯାପନ ନିମନ୍ତେ ଅଧିନିୟମ ପ୍ରଣୀତ ହୋଇଥିଲା। ମାତ୍ର ଉକ୍ତ ଆଇନ୍‌ରେ କେତେଗୁଡ଼ିଏ ଦୁର୍ବଳ ଦିଗ ରହିଥିବାରୁ ଏହାର ପ୍ରତିବଦଳରେ ଏକ ସଶକ୍ତ ଓ ପ୍ରଭାବଶାଳୀ ଆଇନ୍ ପ୍ରଣୟନ ନିମନ୍ତେ ବିଭିନ୍ନ ସଂଗଠନ ଓ ସାମାଜିକକର୍ମୀ ଦାବି କରି ଆସୁଥିଲେ। ୨୦୦୬ ମସିହା ମିଳିତ ଜାତିସଂଘର ସାଧାରଣ ଅଧିବେଶନରେ ଭିନ୍ନକ୍ଷମ ବ୍ୟକ୍ତିମାନଙ୍କ ଅଧିକାର ଆଧାରିତ ପ୍ରସ୍ତାବ ଗୃହୀତ ହେଇଥିଲା। ଯାହା ଏ ଦିଗରେ ଏକ ଶକ୍ତିଶାଳୀ ଓ ଦୃଢ଼ ଆଇନ ପ୍ରଣୟନ ନିମନ୍ତେ ମାର୍ଗ ଉନ୍ମୋଚନ କରିଥିଲା। ଜାତିସଂଘର ଉକ୍ତ ଘୋଷଣାନାମାର ଏକ ସ୍ୱାକ୍ଷରକାରୀ ଦେଶ ଭାବେ ପୂର୍ବୋକ୍ତ ୧୯୯୫ ଆଇନ୍‌ଠାରୁ ଏକ ଉନ୍ନତ ବିଧେୟକ ୨୦୧୬ ମସିହାରେ ଆମ ଦେଶରେ ପାରିତ ହୋଇସାରିଛି, ଯାହା ନୂତନ ଭିନ୍ନକ୍ଷମ ବ୍ୟକ୍ତିମାନଙ୍କ ଅଧିକାର ଅଧିନିୟମ-୨୦୧୬ ରୂପେ ଏକ ସ୍ୱତନ୍ତ୍ର ଆଇନର ମାନ୍ୟତା ଲାଭ କରିଛି।

ଏସବୁ ବିଧିବିଧାନ ସତ୍ତ୍ୱେ ଭିନ୍ନକ୍ଷମ ବ୍ୟକ୍ତିଙ୍କୁ ବାସ୍ତବ ମୁଖ୍ୟସ୍ରୋତର ଜୀବନଧାରାରେ ପ୍ରବେଶ କରାଇବା କେବଳ ଆଇନଗତ ବ୍ୟବସ୍ଥା ଦ୍ୱାରା ସମ୍ଭବ ନୁହେଁ। କାରଣ ଆଇନ୍ ପ୍ରଦତ୍ତ ସୁବିଧା, ସୁଯୋଗ ଓ ସୁରକ୍ଷା ଯଦି ଅଣଲେଉଟା ରହିଯାଏ ଏବଂ ଅବଶିଷ୍ଟ ଜନତାଙ୍କଠାରୁ ଅପହଞ୍ଚ ହୋଇ ରହେ, ତେବେ ଆଇନ୍‌ର ଲକ୍ଷ୍ୟ ସୁଦୂରପରାହତ ହୋଇରହିଯିବ। ନୂତନ ଭିନ୍ନକ୍ଷମ ଆଇନ ପ୍ରଣୟନର ଏହି ଦୀର୍ଘବର୍ଷର ବ୍ୟବଧାନ ପରେ ଯଦିଓ ଉପଲବ୍ଧି ସେତେଟା ନିରାଶାଜନକ ନୁହେଁ, କିନ୍ତୁ ଏହାକୁ ଆମେ ଆଶାଜନକ ବୋଲି ମଧ୍ୟ କହିପାରିବା ନାହିଁ।

ଦୃଷ୍ଟିକୋଣ ନିଶ୍ଚୟ ବଦଳୁଛି। ଏହା ଆମକୁ ସନ୍ତୋଷପ୍ରଦ ନ ହେଲେ ସୁଦ୍ଧା ସ୍ୱୀକାର କରିବାକୁ ହେବ। ଶିକ୍ଷାଗ୍ରହଣ ଓ ନିଯୁକ୍ତି ପରି କ୍ଷେତ୍ରରେ ସଂରକ୍ଷଣଠାରୁ ସାମାଜିକ ସୁରକ୍ଷା, ବିବିଧ ପ୍ରୋତ୍ସାହନ, ପେନସନ୍ ଓ ଅନ୍ୟାନ୍ୟ ପ୍ରାବଧାନ ସମାଜର ଏହି ପ୍ରଚଳିତ ନକାରାତ୍ମକ ଦୃଷ୍ଟିକୋଣକୁ ଅନେକାଂଶରେ ମାର୍ଜିତ କରିବାରେ ସହାୟକ ହୋଉଛି - ଏହା ନିଃସନ୍ଦେହ। କିନ୍ତୁ ଏ କଥା ଅବଶ୍ୟ କହିହେବ, ଏବେ ଯେଉଁ ପ୍ରତିଟି କଥାରେ ଏକ ସମ୍ମିଳିତ ସମାଜ ବା ଇନ୍‌କ୍ଲୁସିଭ୍ ସୋସାଇଟି ବିଷୟ ଆମେ ଉତ୍ଥାପନ କରୁଛେ, ସେହି ଲକ୍ଷ୍ୟଠାରୁ ଆମେ ଅନେକ କୋଷ ଦୂରରେ ରହିଛୁ। କାରଣ ଏକ ସମ୍ମିଳିତ ସମାଜ ଦୟା, ଅନୁକମ୍ପା କିମ୍ବା ଆଇନଗତ ଅଧିକାରର ସ୍ତମ୍ଭ ଉପରେ ଗଢ଼ା ହୋଇପାରିବ ନାହିଁ। ଏକ ସମାବେଶୀ ସମ୍ବେଦୀ ଦୃଷ୍ଟିକୋଣ ବହନ କରୁଥିବା ସମାଜକୁ ହିଁ ଆମେ ଯଥାର୍ଥରେ ସମ୍ମିଳିତ ସମାଜ କହି ପାରିବା।

ଏଠାରେ ପହଞ୍ଚିବାକୁ ଗଲେ ସଚେତନତା, ସମ୍ବେଦନଶୀଳତା ଓ ସହାଭାଗିତା ପରି ତିନୋଟି ପର୍ଯ୍ୟାୟ ଉପରେ ପାଦ ଥାପି ସମାଜକୁ ଆଗୁସାର ହେବାକୁ ପଡ଼ିବ। ସମାଜର ମୁଖ୍ୟସ୍ରୋତରେ ସମ୍ପୂର୍ଣ୍ଣ ଅଂଶୀଦାର ହୋଇପାରି ନ ଥିବା ଏହି ପଛୁଆ ଭିନ୍ନକ୍ଷମବର୍ଗଙ୍କୁ ଆଇନଗତ ଅଧିକାର ସମ୍ପର୍କିତ ସଚେତନତାର ଆବଶ୍ୟକତା ଯେପରି ରହିଛି, ବୃହତ୍ତର ସମାଜର ମଧ୍ୟ ସେହିପରି ରହିଛି। ଜଣେ ଭିନ୍ନକ୍ଷମ ବ୍ୟକ୍ତିଙ୍କୁ ସମାଜର ଏକ ସମ୍ମାନଯୁକ୍ତ ଏକକ ମଣିଷ ଭାବେ ବିଚାର କରିବା ପାଇଁ ଆବଶ୍ୟକ ସମ୍ବେଦନଶୀଳତାର ଉଦ୍ରେକ ହେବାକୁ ପଡ଼ିବ। ଅନ୍ୟଥା ଆଇନ ଓ ବିଜ୍ଞାନର ଅଭିଯାତ୍ରା ସତ୍ତ୍ୱେ ବି ଯୁଗଯୁଗର ପ୍ରଥାବଦ୍ଧ କୁସଂସ୍କାର ଓ ଅଭିସମ୍ପାତର କଳଙ୍କ ଓ ବୋଝରୁ ଭିନ୍ନକ୍ଷମଟିଏ ନିଷ୍କୃତି ପାଇବା ଦୁରୁହ ବ୍ୟାପାର ହୋଇ ରହିଥିବ।

ସଚେତନତା ଓ ସମ୍ବେଦନଶୀଳତାର ବ୍ୟାପକ ଓ ସଘନ ଉପସ୍ଥିତି ରହିଲେ ସହାଭାଗିତା ଆପଣାଛାଏଁ ସୃଷ୍ଟି ହେବ। ସହାଭାଗିତାର ଅର୍ଥ ଜଣେ ସାଧାରଣ ବ୍ୟକ୍ତି ଅନ୍ୟଜଣେ ଭିନ୍ନକ୍ଷମ ବ୍ୟକ୍ତିକୁ ନିଜ ପରି ଏକ ବ୍ୟକ୍ତିସତ୍ତା ବୋଲି ମନେକରିବ। ଅର୍ଥାତ୍ ପ୍ରତିଟି କ୍ଷେତ୍ରରେ ଘରଠାରୁ ବିଦ୍ୟାଳୟ, କାର୍ଯ୍ୟାଳୟଠାରୁ ବ୍ୟବସାୟ ପ୍ରତିଷ୍ଠାନ ଏବଂ ସମସ୍ତ ସାମାଜିକ ଅନୁଷ୍ଠାନରେ ଏହି ସହାଭାଗିତାର ଭାବ ଉଦୟ ହେବ। ସେତେବେଳେ ହିଁ ଆମେ ଯଥାର୍ଥରେ ଏକ ସମ୍ମିଳିତ ସମାଜର ଚିତ୍ରକୁ ଚାକ୍ଷୁସ କରିପାରିବା।

ମାଧପୁର(କେନ୍ଦ୍ରାପଡ଼ା)
ମୋ: ୯୬୫୮୮୧୦୨୪୪

# ଜୀବନର ବିବିଧକାଳ ଓ ମସ୍ତିଷ୍କ

ଶ୍ରୀନନ

ବିଜ୍ଞାନ ବାର୍ତ୍ତା



ଜୀବନ କାଳକୁ ସାଧାରଣତଃ ଆମେ ଚାରିଭାଗରେ ବିଭକ୍ତ କରୁ - ଶୈଶବ, ଯୌବନ ପ୍ରୌଢ଼ ଓ ବାର୍ଦ୍ଧକ୍ୟ। ପ୍ରଥମଟି ଜନ୍ମ ସମୟରୁ ୧୬ ବର୍ଷ ମଧ୍ୟରେ ଆସିଲା ବେଳେ ଅବଶିଷ୍ଟ ତିନୋଟି ଯଥାକ୍ରମେ ୧୬ ରୁ ୩୦, ୩୦ ରୁ ୬୦ ଏବଂ ୬୦ ବର୍ଷରୁ ଅଧିକ ବୋଲି ଗଣନା କରାଯାଏ। ଆମ ସମ୍ବିଧାନ ଅନୁସାରେ ୧୮ ବର୍ଷରେ ଜଣେ ପ୍ରାପ୍ତବୟସ୍କ ବୋଲି ଗଣନା ହୁଏ। ସେଥିପାଇଁ ତା'କୁ ଭୋଟ ଦେବାର ଅଧିକାର ମିଳେ। ତେବେ ନିକଟରେ କେମ୍ବ୍ରିଜ୍ ବିଶ୍ୱବିଦ୍ୟାଳୟର ଗବେଷକମାନେ ବୟସ ଅନୁଯାୟୀ ମସ୍ତିଷ୍କରେ ଆସୁଥିବା ପରିବର୍ତ୍ତନକୁ ଅଧ୍ୟୟନ କରି ଜୀବନ କାଳକୁ ଭିନ୍ନ ଭାବେ ବିଭକ୍ତ କରିଛନ୍ତି ଏବଂ ୧୮ ପରିବର୍ତ୍ତେ ୩୨ ବର୍ଷକୁ 'ପ୍ରାପ୍ତବୟସ୍କ' ବୋଲି ସୂଚୀତ କରିଛନ୍ତି।

କେମ୍ବ୍ରିଜର ଗବେଷକମାନଙ୍କ ଏହି ଅଧ୍ୟୟନର ଅର୍ନ୍ତଭୁକ୍ତ ହୋଇଥିଲେ ପ୍ରାୟ ୪ ହଜାର ବିଭିନ୍ନ ବୟସର (୯୦ ବର୍ଷ ପର୍ଯ୍ୟନ୍ତ ବୟସ) ଲୋକ। ବୟସାନୁକ୍ରମେ ମୁଖ୍ୟତଃ ମସ୍ତିଷ୍କର କାର୍ଯ୍ୟଦକ୍ଷତା ଏବଂ ସେଥିର ଆସୁଥିବା ପରିବର୍ତ୍ତନମାନ ଅଧ୍ୟୟନ କରିବା ଥିଲା ଏହାର ଲକ୍ଷ୍ୟ। ଏ ସମ୍ପର୍କରେ ସେମାନେ ପ୍ରବନ୍ଧଟିଏ ପ୍ରକାଶ କରିଛନ୍ତି 'ନେଚର କମ୍ୟୁନିକେସନ୍' ପ୍ରତିକାରେ। ତଦନୁଯାୟୀ ଜନ୍ମ ସମୟରୁ ୯ ବର୍ଷ ପର୍ଯ୍ୟନ୍ତ ବୟସକୁ 'ଶୈଶବ' ବା 'ବାଲ୍ୟକାଳ' ବୋଲି କୁହାଯାଇପାରିବ। ଏ ସମୟରେ ମସ୍ତିଷ୍କ ଦ୍ରୁତଗତିରେ ପରିବର୍ଦ୍ଧିତ ହୁଏ। କିନ୍ତୁ ତହିଁରେ ଥିବା ଅଣବ୍ୟବହୃତ ସଂଯୋଗଗୁଡ଼ିକ ନିଷ୍କାସନ କରିଦିଏ। ଏ ପ୍ରକ୍ରିୟା ସାମୟିକ ଭାବେ ଏହାର ଦକ୍ଷତା ଉପରେ କିଛିଟା ବାଧା ସୃଷ୍ଟି କରେ।

ଏହାପରେ ୯ ବର୍ଷରୁ ୩୨ ବର୍ଷ ମଧ୍ୟରେ ଆସେ କୈଶୋର, ଯାହାକି ଜୀବନର ପ୍ରଧାନ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନର କାଳ। ତେସେବେଳେ ମସ୍ତିଷ୍କରେ ବ୍ୟାପକ ପରିବର୍ତ୍ତନ ଆସେ ଏବଂ ତାହା ହଠାତ୍ ଖୁବ୍ ଦକ୍ଷ ହୋଇପଡ଼େ। ଏହି ସମୟ ମଧ୍ୟରେ ବିବିଧ ହର୍ମୋନର କ୍ଷରଣ ବୃଦ୍ଧି ପାଏ, ବିଶେଷକରି ଲିଙ୍ଗୀୟ ହର୍ମୋନ୍‌ଗୁଡ଼ିକର। ଉଦାହରଣ ସ୍ୱରୂପ ନାରୀରେ 'ଓଷ୍ଟ୍ରୋଜେନ' ଓ ପୁରୁଷଠାରେ 'ଟେଷ୍ଟୋଷ୍ଟେରନ'ର କ୍ଷରଣ ଫଳରେ ସେମାନଙ୍କ ଶାରୀରିକ ଗଠନରେ ବିଭେଦତା ପରିଲକ୍ଷିତ ହୁଏ। ଚୟାପଚୟ, ଆଚରଣ, ସ୍ୱର ଇତ୍ୟାଦି ଭିନ୍ନ ଭିନ୍ନ ହୁଏ। ଏହିସମୟ ମଧ୍ୟରେ ମସ୍ତିଷ୍କରେ ଅସଂଗତି ସୃଷ୍ଟି ହେବାର ଆଶଙ୍କା ମଧ୍ୟ ସର୍ବାଧିକ।

ଜୀବନର ତୃତୀୟ ପର୍ଯ୍ୟାୟଟି ହେଲା ପ୍ରାପ୍ତ ବୟସ୍କ କାଳ। ଏହା ଆସେ ୩୨ରୁ ୬୬ ବର୍ଷ ବୟସ ମଧ୍ୟରେ। ଏହା ସବୁଠାରୁ ଦୀର୍ଘତମ, ଯାହାକି ପ୍ରାୟ ୩ ଦଶକ ପର୍ଯ୍ୟନ୍ତ ବିସ୍ତୃତ। ଏ ସମୟରେ ମସ୍ତିଷ୍କର ଦକ୍ଷତା କ୍ରମଶଃ ନିମ୍ନଗାମୀ ହେବାକୁ ଲାଗେ। ଅତଏବ ବୁଦ୍ଧିମତ୍ତା ମଧ୍ୟ ଧୀରେ ଧୀରେ ହ୍ରାସ ପାଇଚାଲେ ଏବଂ ବିବିଧ ହରମୋନର କ୍ଷରଣ ନିମ୍ନଗାମୀ ତଥା ଶାରୀରିକ କ୍ରିୟାପ୍ରକ୍ରିୟା ମନ୍ଥର ହେବାକୁ ଆରମ୍ଭ କରେ। ଏହାପରେ ୬୬ ବର୍ଷ ବର୍ଷରୁ ୮୩ ବର୍ଷ ବୟସକୁ ଗବେଷକମାନେ 'ଆଦ୍ୟ ବାର୍ଦ୍ଧକ୍ୟ' ବୋଲି ନାମିତ କରିଛନ୍ତି। ଏସମୟରେ ମସ୍ତିଷ୍କର ସ୍ନାୟୁମାନଙ୍କ ସଂଯୋଗର ରୂପ କ୍ରମେ ବଦଳିବାକୁ ଲାଗେ। ଯଦିଓ ତାହା ହଠାତ୍ ନିମ୍ନଗାମୀହୁଏ ନାହିଁ, ତଥାପି ତାହା ସ୍ମୃତିହୀନତା ଆସିବାର ସୂଚନା ଦିଏ ଏବଂ ମସ୍ତିଷ୍କର ସ୍ୱାସ୍ଥ୍ୟ ଉପରେ ରକ୍ତଚାପର ପ୍ରଭାବ ଦୃଶ୍ୟମାନ ହୁଏ। ଶେଷରେ ୮୩ ବର୍ଷ ପରବର୍ତ୍ତୀ ବୟସ ହେଲା 'ବିଳମ୍ବିତ ବାର୍ଦ୍ଧକ୍ୟ କାଳ'। ଜୀବନର ଏହି ଶେଷ ଅବସ୍ଥାରେ ମସ୍ତିଷ୍କରେ ଦ୍ରୁତ ପରିବର୍ତ୍ତନ ଆସେ। ତାହା ସ୍ମୃତିଶକ୍ତି, ଚିନ୍ତନ ଶକ୍ତି ତଥା ସ୍ୱାସ୍ଥ୍ୟ ଉପରେ ଅନ୍ୟାନ୍ୟ ପ୍ରଭାବ ପକାଏ।

ଯମପଡ଼ା(କେନ୍ଦ୍ରାପଡ଼ା), ମୋ: ୯୯୩୭୩୦୧୪୬୦

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

■ ଅନ୍ତଃରାଜ୍ୟ ବସ୍‌ଷ୍ଟାଣ୍ଡ ନିର୍ମାଣ ପାଇଁ ବ୍ୟାପକ ଗଛକଟା ପ୍ରସଙ୍ଗ

## ଆଜି ଏନ୍‌ଜିଟିରେ ଶୁଣାଣି

ବାରିପଦା, ୨୨।୧୨(ସମିସ): ବାରିପଦା ସହରର ପାଲବଣିଠାରେ ପ୍ରସ୍ତାବିତ ଅନ୍ତଃରାଜ୍ୟ ବସ୍‌ଷ୍ଟାଣ୍ଡ ନିର୍ମାଣ ପାଇଁ ବ୍ୟାପକ ମାତ୍ରାରେ ଗଛ କଟାଯିବା ଘଟଣାକୁ ନେଇ ଜାତୀୟ ସବୁଜ ପ୍ରାଧିକରଣ(ଏନ୍‌ଜିଟି)ରେ କେସ ନଂ ୨୧୩/ଇଜେଡ/୨୦୨୫ରେ ମାମଲା ରୁଜୁ ହୋଇଛି। ସମସ୍ତ ସରକାରୀ ନିୟମକୁ ଉଲ୍ଲଙ୍ଘନ କରାଯାଇ ପରିବେଶକୁ କ୍ଷତି ପହଞ୍ଚାଉଥିବା ଉପରୋକ୍ତ ପ୍ରକଳ୍ପ ବିରୋଧରେ ବାରିପଦା ବିଧାନସଭା ନିର୍ବାଚନମଣ୍ଡଳୀର କଂଗ୍ରେସ ପ୍ରାର୍ଥୀ ତଥା ପୂର୍ବତନ ମନ୍ତ୍ରୀ ସରସ୍ୱତୀ ହେମ୍ବ୍ରମଙ୍କ ପୁଅ ପ୍ରମୋଦ କୁମାର ହେମ୍ବ୍ରମ ଏନଜିଟିର ଦ୍ୱାରସ୍ଥ ହୋଇଥିଲେ। ତାଙ୍କ ପକ୍ଷରୁ ଉପସ୍ଥାପିତ ସମସ୍ତ ତଥ୍ୟ ପ୍ରମାଣକୁ ଭିତ୍ତି କରି କୋଲକାତାସ୍ଥିତ ଇଷ୍ଟର୍ଣ୍ଣ ବେଞ୍ଚର ଜୁଡିସିଆଲ ମେମ୍ବର ବିଚାରପତି ଅରୁଣ କୁମାର ତ୍ୟାଗୀ ଓ ଏକ୍ସପର୍ଟ ମେମ୍ବର ଈଶ୍ୱର ସିଂ ଆସନ୍ତାକାଲି (ମଙ୍ଗଳବାର) ଏହାର ଶୁଣାଣି କରିବେ। ଏହି ମାମଲାରେ ଓଡ଼ିଶା ସରକାରଙ୍କ ଜଙ୍ଗଲ ଓ ପରିବେଶ ବିଭାଗ ଅତିରିକ୍ତ ମୁଖ୍ୟ ସଚିବ, ମୟୂରଭଞ୍ଜ ଜିଲ୍ଲାପାଳ, ବାରିପଦା ବନଖଣ୍ଡ ଅଧିକାରୀ, ରାଜ୍ୟ ସରକାରଙ୍କ ଜୈବ ବିବିଧତା ସଦସ୍ୟ ସଚିବ, ରାଜ୍ୟ ଜଙ୍ଗଲ, ପରିବେଶ ଓ ଜଳବାୟୁ ମନ୍ତ୍ରଣାଳୟର ମୁଖ୍ୟ ଉପନିର୍ଦ୍ଦେଶକ, ରାଜ୍ୟ ରାସ୍ତା ଓ ପରିବହନ ବିଭାଗର ପରିଚାଳନା ନିର୍ଦ୍ଦେଶକଙ୍କୁ ପକ୍ଷଭୁକ୍ତ କରାଯାଇଛି। ପ୍ରମୋଦଙ୍କ ପକ୍ଷରୁ ଆଇନଜୀବୀ ଶଙ୍କର ପ୍ରସାଦ ପାଣି ମାମଲା ପରିଚାଳନା କରୁଛନ୍ତି।

ସୂଚନା ମୁତାବକ, ପାଲବଣୀଠାରେ ୫.୧୧ଏକର ଜମିରେ ପ୍ରସ୍ତାବିତ ଅନ୍ତଃରାଜ୍ୟ ବସ୍‌ଷ୍ଟାଣ୍ଡ ନିର୍ମାଣ ପାଇଁ ୧୭ ତାରିଖରୁ ଗଛକଟା ଆରମ୍ଭ ହୋଇଛି। ୧୭୮୯ଟି ଗଛ କଟାଯିବା ପାଇଁ ବନ ବିଭାଗ ଅନୁମତି ଥିବା ବେଳେ ୩ ହଜାରରୁ ଊର୍ଦ୍ଧ୍ୱ ଗଛ କଟା ସରିଛି। ଏହାକୁ ନେଇ ପ୍ରଥମେ ଭଞ୍ଜସେନା ବିରୋଧ ଆରମ୍ଭ କରିଥିବା ବେଳେ ସୁପ୍ରିମକୋର୍ଟର ଆଇନଜୀବୀ ଆକାଶ ଶର୍ମା ଘଟଣାର ପ୍ରତିବାଦ କରି ଜଡ଼ିତ ଅଧିକାରୀଙ୍କୁ ପକ୍ଷଭୁକ୍ତ ପୂର୍ବକ ଉଚ୍ଚ ନ୍ୟାୟାଳୟରେ ଏକ ମାମଲ ରୁଜୁ ପାଇଁ ଆବେଦନ କରିଛନ୍ତି। ସେହିପରି ସୋମବାର ମୟୂରଭଞ୍ଜ ଜିଲ୍ଲା ବିଜୁ ଜନତା ଦଳ ପକ୍ଷରୁ ଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡ଼ି ଗଛକଟା ବନ୍ଦ ସାଙ୍ଗକୁ ପ୍ରକଳ୍ପ ଜଙ୍ଗଲ ବିହୀନ ସ୍ଥାନକୁ ସ୍ଥାନାନ୍ତର ପାଇଁ ଏକ ଦାବିପତ୍ର ପ୍ରଦାନ କରାଯାଇଛି।

ମନରେଗା ନାମ ପରିବର୍ତ୍ତନ ଓ ମହାତ୍ମାଙ୍କୁ ବାଦ ପ୍ରସଙ୍ଗ

## ସାରା ରାଜ୍ୟରେ କଂଗ୍ରେସର ପ୍ରତିବାଦ




ଭୁବନେଶ୍ୱର,୨୨।୧୨(ସମିସ): ମହାତ୍ମା ଗାନ୍ଧୀ ନରେଗା ଯୋଜନାରୁ ମହାତ୍ମା ଗାନ୍ଧୀଙ୍କ ନାମ ବାଦ ଦେବା ପ୍ରସଙ୍ଗକୁ ନେଇ ସାରା ରାଜ୍ୟରେ ପ୍ରତିବାଦକୁ ତୀବ୍ର କରିଛି ରାଜ୍ୟ କଂଗ୍ରେସ। ସୋମବାର ରାଜ୍ୟରେ ପ୍ରତି ସାଂଗଠନିକ ଜିଲ୍ଲାରେ କଂଗ୍ରେସ ପକ୍ଷରୁ ପ୍ରତିବାଦ ରାଲି ଆଦି ଆୟୋଜନ କରାଯାଇଛି। ଏହି କ୍ରମରେ ଭୁବନେଶ୍ୱର ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ଧାରଣା ଓ ସ୍ମାରକପତ୍ର ପ୍ରଦାନ କରାଯାଇଥିବା ବେଳେ କେନ୍ଦ୍ର ବିଜେପି ସରକାର ମହାତ୍ମା ଗାନ୍ଧୀ ନରେଗା ଯୋଜନାରୁ ହଟାଇବାକୁ ନେଇ ସରକାରଙ୍କ ଉପରେ ଦଳର ନେତାମାନେ ବର୍ଷିଛନ୍ତି।

ସ୍ଥାନୀୟ ନାଲକୋ ଛକ ସ୍ଥିତ ମହାତ୍ମା ଗାନ୍ଧୀ ପାର୍କଠାରେ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ସମ୍ମୁଖରେ ଏକ ଧାରଣା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଉପସ୍ଥିତ କଂଗ୍ରେସ ନେତୃବୃନ୍ଦ ଓ କର୍ମୀମାନଙ୍କୁ ଉଦ୍‌ବୋଧନ ଦେଇ ଜିଲ୍ଲା କଂଗ୍ରେସ ସଭାପତି ପ୍ରକାଶ ଜେନା କହିଲେ ଯେ କେନ୍ଦ୍ର ସରକାର ଚକ୍ରାନ୍ତକରି ନରେଗା ଯୋଜନାରୁ ମହାତ୍ମା ଗାନ୍ଧୀଙ୍କ ନାମ ବାଦ ଦେଇଛନ୍ତି। ଏହା ଭାରତର କୋଟି କୋଟି ଜନସାଧାରଣଙ୍କ ଭାବାବେଗ ପ୍ରତି ଆଘାତ ପହଞ୍ଚାଇଛି। ଏହାସହିତ ଏହି ଯୋଜନାକୁ ମାରି ସରାକର ହିତାଧିକାରୀଙ୍କ ଅଧିକାରଙ୍କୁ ସଂକୁଚିତ କରିଛନ୍ତି। ଫଳରେ ଲାଭବାନ ହେଉଥିବା ଗରିବ ଲୋକମାନେ ପ୍ରଭାବିତ ହେବାର ଆଶଙ୍କା ରହିଛି। ଖୁବଶୀଘ୍ର ପୂର୍ନବିଚାର କରାଯାଇ ଏହି ଆଇନକୁ ପୂର୍ବଭଳି ଅକ୍ଷୁର୍ଣ୍ଣ ରଖିବାକୁ ଶ୍ରୀ ଜେନା ଦାବି କରିଛନ୍ତି। କାର୍ଯ୍ୟକ୍ରମ ପରେ ଶ୍ରୀ ଜେନାଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଏଡିଏମଙ୍କ କାର୍ଯ୍ୟାଳୟକୁ ଯାଇ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କଂଗ୍ରେସ ନେତୃବୃନ୍ଦ ସର୍ବଶ୍ରୀ ଜଗନ୍ନାଥ ପଟ୍ଟନାୟକ, ଶିବାନନ୍ଦ ରାୟ, କିଶୋର ଜେନା, ମାନସ ଆଚାର୍ଯ୍ୟ, ଚିନ୍ମୟ ସୁନ୍ଦର ଦାସଙ୍କ ସମେତ ବହୁ ବରିଷ୍ଠ କଂଗ୍ରେସ ନେତା ସାମିଲ ହୋଇଥିଲେ।

## ଥାନା ଅଧିକାରୀଙ୍କୁ ଗାଡ଼ି ଚଢ଼ାଇ ହତ୍ୟା ଉଦ୍ୟମ



ଅନୁଗୋଳ,୨୨।୧୨(ସମିସ): ଅନୁଗୋଳ ସାଇବର ଥାନା ଅଧିକାରୀଙ୍କୁ ରାତି ଅଧରେ ଗାଡ଼ି ଚଢ଼ାଇ ହତ୍ୟା ଉଦ୍ୟମ କରାଯାଇଛି। ଅନୁଗୋଳ ସହରରେ ବୁଢ଼ୀ ଠାକୁରାଣୀ ଛକ ନିକଟରେ ରବିବାର ରାତିରେ ଏହି ଘଟଣା ଘଟିଛି। ଏ ନେଇ ଥାନାରେ ଅଭିଯୋଗ ପରେ ପୁଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ସୂଚନାନୁସାରେ, ଅନୁଗୋଳ ସାଇବର ଥାନା ଅଧିକାରୀ ଖଲେଶ୍ୱର ସେଠୀ ଗତ ରାତି ପ୍ରାୟ ସାଢ଼େ ୧୧ଟାରେ ଡ୍ୟୁଟି ସାରି ଥାନାରୁ ଫେରୁଥିଲେ। ବୁଢ଼ୀ ଠାକୁରାଣୀ ଛକ ନିକଟରେ ଏକ ବସ୍ (ନଂ-ଓଡି୦୫-ଏବି୧୭୬୫) ତାଙ୍କ ଉପରକୁ ମାଡ଼ି ଆସିଥିଲା। ଚାଳକଜଣଙ୍କ ତାଙ୍କ ଉପରେ ବସ୍ ଚଢ଼ାଇ ହତ୍ୟା ଉଦ୍ୟମ କରିଥିଲା। ତେବେ ଇନ୍ସପେକ୍ଟର୍ ଶ୍ରୀ ସେଠୀ ରାସ୍ତାକଡ଼କୁ ଚାଲିଯିବାରୁ ଅଳ୍ପକେ ବର୍ତ୍ତି ଯାଇଥିଲେ। ପରେ ଡ୍ରାଇଭର୍ ଓ ତାଙ୍କର ଅନ୍ୟ ଦୁଇ ସହଯୋଗୀ ଗାଡ଼ିରୁ ଓହ୍ଲାଇ ତାଙ୍କୁ ଗାଳିଗୁଲଜ କରିବା ସହ ଜାତିଆଣ ଆକ୍ଷେପ କରିଥିଲେ। ଏ ସମ୍ପର୍କରେ ଇନ୍ସପେକ୍ଟର୍ ଶ୍ରୀ ସେଠୀ ଅନୁଗୋଳ ଥାନାକୁ ଜଣାଇଥିଲେ। ପୁଲିସ ପହଞ୍ଚି ତାଙ୍କୁ ଉଦ୍ଧାର କରିଥିଲା।

## ବିଳମ୍ବିତ ଅନୁସନ୍ଧାନ ଓ ଚାର୍ଜସିଟ ଦାଖଲ ନେଇ ହାଇକୋର୍ଟ କ୍ଷୁବ୍ଧ

**ଜେଲ୍ ଡିଜିଙ୍କୁ ସାନି ସତ୍ୟପାଠ ଦାଖଲ ପାଇଁ ନିର୍ଦ୍ଦେଶ**

କଟକ,୨୨।୧୨(ସମିସ): ଭୁବନେଶ୍ୱର ଜାମୁଝରିସ୍ଥିତ ବିଜୁ ପଟ୍ଟନାୟକ ମୁକ୍ତାକାଶ ଆଶ୍ରମ (କାରାଗାର)ରେ ଆଜୀବନ ଜେଲ୍‌ଦଣ୍ଡ ଭୋଗୁଥିବା ଜଣେ କଏଦୀ ଫେରାର୍ ଏବଂ ପାରୋଲରେ ଯାଉଥିବା କଏଦୀ ଫେରୁନଥିବା ପ୍ରସଙ୍ଗରେ ଜେଲ ଡିଜି ଦାଖଲ କରିଥିବା ସତ୍ୟପାଠକୁ ନେଇ ହାଇକୋର୍ଟ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। ନିର୍ଦ୍ଦେଶ ମୁତାବକ ସତ୍ୟପାଠ ଦାଖଲ କରାଯାଇ ନଥିବାରୁ ସାନି ସତ୍ୟପାଠ ଦାଖଲ କରିବାକୁ ଜେଲ ଡିଜିଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ମୁନସି ଭୁଇଙ୍କ ତରଫରୁ ଦାୟର ଏକ ଜେଲ୍ କ୍ରିମିନାଲ ଅପିଲର ଶୁଣାଣି କରି ସଂଗମ କୁମାର ସାହୁ ଓ ଜଷ୍ଟିସ ଚିତ୍ତରଂଜନ ଦାଶଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ନିଲାମ ହେବ ରାଜ୍ୟ...

ମଧ୍ୟରେ ବକ୍ସାଇଟ, ଲୁହାପଥର, ମାଙ୍ଗାନିଜ, ଡୋଲୋମାଇଟ, ଲାଇମଷ୍ଟୋନ, ଲାଟେରାଇଟ, ତମ୍ବା ଓ ସୁନା ଆଦି ମୂଲ୍ୟବାନ୍ ଖଣି ରହିଛି। ସେହିପରି ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ୪ଟି କ୍ରିଟିକାଲ ଖଣିଜ ବ୍ଲକ(କମ୍ପୋଜିଟ ଲାଇସେନ୍ସ) ମଧ୍ୟ ଅନ୍ତର୍ଭୁକ୍ତ ଅଛି। ତନ୍ମଧ୍ୟରେ କଳାହାଣ୍ଡିର ୨ଟି ଓ ରାୟଗଡାରେ ୧ଟି ଗ୍ରାଫାଇଟ ଖଣି ଥିବାବେଳେ ମୟୂରଭଞ୍ଜର ଏକ ସୁନା ଖଣି ମଧ୍ୟ ଅନ୍ତର୍ଭୁକ୍ତ ଅଛି। ସେହିପରି ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ୨ଟି କ୍ରିଟିକାଲ ଖଣିଜ ବ୍ଲକ(ଏକ୍ସପ୍ଲୋରେସନ ଲାଇସେନ୍ସ) ମଧ୍ୟ ସାମିଲ କରିଛି ଖଣି ବିଭାଗ। ଅପରପକ୍ଷେ ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ୬ଟି କ୍ରିଟିକାଲ ଖଣିଜ ବ୍ଲକ(ମାଇନିଂ ଲିଜ) ସାମିଲ ଥିବାବେଳେ ଏଥିରେ ବଲାଙ୍ଗୀର ୩ଟି, ଦେବଗଡ, ନୟାଗଡ ଓ ରାୟଗଡାର ଗୋଟିଏ ଲେଖାଏଁ ବ୍ଲକ ସାମିଲ ରହିଛି। ଏସବୁ ବ୍ଲକ ଗୁଡ଼ିକ ମୁଖ୍ୟତଃ ମାଙ୍ଗାନିଜ, ଗ୍ରାଫାଇଟ, ବେସ ମେଟାଲ(କପର, ନିକେଲ, ଗୋଲ୍ଡ, ସିଲଭର) ଓ ଗ୍ରାଫାଇଟ ପରି ଖଣି ସାମିଲ ରହିଛି। ସେହିପରି ଭାବେ ୨୦୨୬-୨୭ ପାଇଁ ଅତିରିକ୍ତ ୨ଟି ଖଣିଜ ବ୍ଲକ(କମ୍ପୋଜିଟ ମେଟାଲ)କୁ ମଧ୍ୟ ତାଲିକାରେ ସାମିଲ କରାଯାଇଥିବା ଜଣାପଡ଼ିଛି।

### ପ୍ରଦୂଷଣ ପ୍ରମାଣପତ୍ର...

ଟଙ୍କା ଜରିମାନା ଆଦାୟ କରିବାକୁ ନିଷ୍ପତ୍ତି ହୋଇଛି। ଏହା ବ୍ୟତୀତ ସମସ୍ତେ ପ୍ରଦୂଷଣ ପ୍ରମାଣପତ୍ର କେନ୍ଦ୍ରଗୁଡ଼ିକ ମଧ୍ୟ ଆବଶ୍ୟତାକୁ ଦୃଷ୍ଟିରେ ରଖି ଗାଡ଼ିରେ ଷ୍ଟିକର ଲଗାଇ ପ୍ରଦୂଷଣ ପ୍ରମାଣପତ୍ରର ବୈଧତା ଉଲ୍ଲେଖ କରିବେ। ସେହିଭଳି ପ୍ରଦୂଷଣ ପ୍ରମାଣପତ୍ର ଯାଞ୍ଚର ଅନ୍ୟ ଦିଗ ଗୁଡ଼ିକ ସଂପର୍କରେ ମଧ୍ୟ ପେଟ୍ରୋଲ ପମ୍ପ କର୍ମଚାରୀ ଓ ଜନସାଧାରଣଙ୍କୁ ସଚେତନତା କାର୍ଯ୍ୟକ୍ରମ ଜରିଆରେ ଅବଗତ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି। ରାସ୍ତାରେ ଚାଲୁଥିବା ବିଏସ୍-୪ ଓ ବିଏସ୍-୫ ସମେତ ସମସ୍ତ ପେଟ୍ରୋଲ, ଡିଜେଲ ମୋଟରଯାନ ପାଇଁ ବୈଧ ପ୍ରଦୂଷଣ ପ୍ରମାଣପତ୍ର ଆବଶ୍ୟକ ରହିଛି। ମୋଟର ଯାନ ଆଇନ ଅନୁଯାୟୀ ଏହାର ବୈଧତା ନିର୍ଦ୍ଧାରିତ ହୋଇଛି। ଏହି ପ୍ରଦୂଷଣ ପ୍ରମାଣପତ୍ର ଯାଞ୍ଚ ପାଇଁ ରାଜ୍ୟର ସମସ୍ତ ଟୋଲ ଗେଟରେ ଇ-ଡିଟେକ୍ସନ ବ୍ୟବସ୍ଥାରେ ମଧ୍ୟ ଏହାକୁ ଅନ୍ତର୍ଭୁକ୍ତ କରାଯାଇଛି। ଏହି ବୈଠକରେ ପରିବହନ ବିଭାଗର ଅନ୍ୟ ବରିଷ୍ଠ ଅଧିକାରୀଙ୍କ ସହ ଇଣ୍ଡିଆନ୍ ଅଏଲ ସିଜିଏମ୍ କମଲ୍ ଶିଲ୍, ଏଚପିସିଏଲ୍ ରୁ ସି.ଆର୍ ବିଜୟ କୁମାର, ଉତ୍କଳ ପେଟ୍ରୋଲିୟମ ଡିଲର୍ ଆସୋସିଏସନ୍ ସଞ୍ଜୟ ଲାଠ୍ ପ୍ରମୁଖ ଯୋଗ ଦେଇଥିଲେ।

### ଦଳୀୟ ନେତାଙ୍କୁ କେନ୍ଦ୍ରମନ୍ତ୍ରୀଙ୍କ...

ଆରଜେଡି ଅଭିଯୋଗ କରିଛି। ସୂଚନା ଅନୁଯାୟୀ, ଗୟାଜୀର କଳା ସଂସ୍କୃତି କେନ୍ଦ୍ରରେ ନବନିର୍ବାଚିତ ବିଧାୟକଙ୍କ ସମ୍ମାନରେ ରବିବାର ଆୟୋଜିତ କାର୍ଯ୍ୟକ୍ରମରେ ମାନ୍‌ଝୀ ସାମିଲ ହୋଇଥିଲେ। ଏଠାରେ ସେ ନିଜ ପୁଅ ସନ୍ତୋଷ କୁମାର ସୁମନ ପାଇଁ ରାଜ୍ୟସଭା ସିଟ୍ ଦାବି କରିଥିଲେ। ଏହା ନ ମିଳିଲେ ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କ ସରକାରର ମନ୍ତ୍ରୀ ପଦ ଛାଡ଼ିଦେବାକୁ ପରାମର୍ଶ ଦେଇଥିଲେ। ଆଉ କହିଥିଲେ ଯେ ସାଂସଦ ଏବଂ ବିଧାୟକ କମିଶନ ନେଉଛନ୍ତି। ସାଂସଦଙ୍କୁ ୫ କୋଟି ଟଙ୍କାର ପାଣ୍ଠି ମିଳୁଛି। ଏଥିରୁ ୧୦ ପ୍ରତିଶତ କମିଶନ ନେବା ସାଧାରଣ କଥା। ସେ ନିଜେ ୪୦ ଲକ୍ଷ ଟଙ୍କା କମିଶନ ନେଇ ଦଳୀୟ ପାଣ୍ଠିକୁ ଦାନ କରି ଦେଇଥିଲେ। ଯଦି ୧୦ ପ୍ରତିଶତ କମିଶନ ନ ମିଳୁଛି ତେବେ ୫ ପ୍ରତିଶତ ନେଇଯିବା କଥା। ଏବେ ଆମ ଦଳରେ ଜଣେ ସାଂସଦ ଅଛନ୍ତି। ତେଣୁ ୪୦ ଲକ୍ଷ ଟଙ୍କା କମିଶନ ମିଳୁଛି। ସାଂସଦ ସଂଖ୍ୟା ଦୁଇ ହୋଇଗଲେ ୮୦ ଲକ୍ଷ ଟଙ୍କା ମିଳିବ। ଏହା ସହିତ ମାନଝୀ କମିଶନ ବାବଦ ଅର୍ଥକୁ ଦଳକୁ ଦାନ କରିବା ପାଇଁ ବିଧାୟକମାନଙ୍କୁ କହିଛନ୍ତି।

### ବଡ଼ଦିନରୁ ବଢ଼ିବ...

ବୋଲି ପାଣିପାଗ କେନ୍ଦ୍ର ସତର୍କ ସୂଚନା ଜାରି କରିଛି। ଏହାକୁ ଦୃଷ୍ଟିରେ ରଖି ପାଣିପାଗ କେନ୍ଦ୍ର ବିଭିନ୍ନ ଜିଲ୍ଲା ପାଇଁ ୟେଲୋ ଆଲର୍ଟ ଜାରି କରିଛି। ବିଭାଗ କହିଛି ଯେ ମଙ୍ଗଳବାର ସନ୍ଧ୍ୟାରୁ ବୁଧବାର ସକାଳ ମଧ୍ୟରେ ସୁନ୍ଦରଗଡ଼, ଝାରସୁଗୁଡ଼ା, କନ୍ଧମାଳ, ବଲାଙ୍ଗିର ଓ ସୋନପୁରରେ ଘନକୁହୁଡ଼ି ହେବାର ଆଶଙ୍କା ରହିଛି। ଏହାସହିତ ସମ୍ବଲପୁର, କେନ୍ଦୁଝର, ମୟୂରଭଞ୍ଜ, କଳାହାଣ୍ଡି, ଜଗତସିଂହପୁର, କୋରାପୁଟ ଓ କେନ୍ଦ୍ରାପଡ଼ାରେ ମଧ୍ୟମ ଧରଣର କୁହୁଡ଼ି ଆଶଙ୍କା କରି ପାଣିପାଗ କେନ୍ଦ୍ର ଏହି ଜିଲ୍ଲାଗୁଡ଼ିକ ପାଇଁ ସତର୍କତା ରହିବାକୁ ପରାମର୍ଶ ଦେଇଛି।

### ୨୪ ନୂଆ ଏନ୍‌ଏସି...

ଜିଲ୍ଲାର ବିରମହାରାଜପୁରକୁ ନୂତନ ଏନ୍‌ଏସି ନେଇ ତାଲିକା ଜାରି ହୋଇଛି। ସେହିପରି ମ୍ୟୁନସିପାଲଟି ଭାବେ ବୌଦ୍ଧ ଜିଲ୍ଲାର ବୌଦ୍ଧଗଡ଼, ଗଞ୍ଜାମର ଭଞ୍ଜନଗର, କବିସୂର୍ଯ୍ୟ ନଗର ଓ ପୋଲସରା ଏବଂ ମୟୂରଭଞ୍ଜ ଜିଲ୍ଲାର କରଞ୍ଜିଆ ଆଦି ରହିଛି। ରାଜ୍ୟ ସରକାରଙ୍କ ଏହି ତାଲିକା ପରେ ଏବେ ନୂତନ ଏନ୍‌ଏସି ଓ ମ୍ୟୁନସିପାଲଟି ଗଠନ ଚୂଡ଼ାନ୍ତ ହୋଇଛି। ଏହାପରେ ସରକାରୀ ପ୍ରକ୍ରିୟା ଆରମ୍ଭ ହେବ ଏନ୍‌ଏସି ଓ ମ୍ୟୁନସିପାଲଟି ଗଠନ ପାଇଁ ପଦବୀ ମଞ୍ଜୁରୀ ସହିତ ବିଭିନ୍ନ କାର୍ଯ୍ୟାଳୟ ପାଇଁ ଜମି ଅଧିଗ୍ରହଣ ଭଳି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ କରାଯିବ। ଏହାସହିତ ଅର୍ଥ ବିଭାଗ ପକ୍ଷରୁ ଏବେ ଏହି ସ୍ଥାନଗୁଡ଼ିକ ପାଇଁ ଅର୍ଥ ମଧ୍ୟ ବ୍ୟୟବରାଦ କରାଯିବ।

### ସରକାର ଓ ସରକାରୀ...

ପ୍ରଦାନକାରୀ ସଂସ୍ଥାମାନଙ୍କ ନାମ ଉଲ୍ଲେଖ ଥିବାବେଳେ ପିଏସ୍‌ୟୁ ଉଲ୍ଲେଖ କରାଯାଇ ନାହିଁ। ଏଣୁ ନୂତନ ନିୟମର ପୁନଃ ସଂଶୋଧନ ବିନା ବୟସ ବୃଦ୍ଧି କରାଯାଇ ପାରିବ ନାହିଁ। ବୟସ ବୃଦ୍ଧିକୁ ସରକାର ଐତିହାସିକ ନିଷ୍ପତ୍ତି କହୁଥିବାବେଳେ ପିଏସ୍‌ୟୁମାନେ କିପରି ପାଳନ କରୁନାହାନ୍ତି ବୋଲି ଆଶାୟୀମାନେ ପ୍ରଶ୍ନ କରୁଛନ୍ତି। ଓଏଚ୍‌ପିସି ପକ୍ଷରୁ ଶେଷଥର ପାଇଁ ୨୦୨୨ରେ ପ୍ରକାଶିତ ବିଜ୍ଞପ୍ତିରେ ସର୍ବୋଚ୍ଚ ବୟସ ସୀମା ୩୮ ବର୍ଷ ଥିଲା। ଚଳିତଥର ଏହାକୁ ବଢ଼ାଇବା ବଦଳରେ କମାଇ ଦିଆଯାଇଛି। କୋଭିଡ୍ ପାଇଁ ୨୦୨୨ରେ ବୟସ ସୀମାରେ କୋହଳ କରାଯାଇଥିଲା ଏବଂ ଏହାକୁ ଚଳିତ ଥର ଉଠାଇ ଦିଆଯାଇ ୩୨ ବର୍ଷ କରାଯାଇଥିବା ଓଏଚ୍‌ପିସି କର୍ତ୍ତୃପକ୍ଷ ସଫେଇ ଦେଉଛନ୍ତି। ଓଏଚ୍‌ପିସି ବୟସ ବୃଦ୍ଧି ନ କରିବା ବିରୋଧରେ ବହୁ ଆଶାୟୀ ଗତ ମାସରେ ରାଜ୍ୟପାଳଙ୍କ ସମେତ ମୁଖ୍ୟମନ୍ତ୍ରୀ, ମୁଖ୍ୟ ଶାସନ ସଚିବ ଓ ଓଏଚ୍‌ପିସି ଏମ୍‌ଡିଙ୍କୁ ଲିଖିତ ଅଭିଯୋଗ କରିଥିଲେ। ମାତ୍ର ଏଯାଏଁ କୌଣସି ସୁଫଳ ମିଳିନାହିଁ। ରାଜ୍ୟରେ ମୋଟ୍ ୩୧ ଟି ସରକାରୀ ଉଦ୍ୟୋଗ ଥିବାବେଳେ ସମୁଦାୟ ୨୫ ହଜାର ୨୯୩ ଟି ମଞ୍ଜୁରୀପ୍ରାପ୍ତ ପଦ ରହିଛି। ତନ୍ମଧ୍ୟରେ ମାତ୍ର ୯୮୫୩ ଜଣ ନିୟମିତ କର୍ମଚାରୀ କାର୍ଯ୍ୟରତ ଅଛନ୍ତି। ଅର୍ଥାତ୍ ଆହୁରି ୧୫ ହଜାର ୪୪୦ ଟି ପଦରେ ନିଯୁକ୍ତି ହେବ। ବୟସ ବୃଦ୍ଧି କରା ନ ଗଲେ ବହୁ ଦିନରୁ ପ୍ରସ୍ତୁତି କରୁଥିବା ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ପୁଣି ଅନ୍ଧକାରମୟ ହୋଇଯିବ ବୋଲି ଆଶାୟୀ ସୁନିଲ କୁମାର ମିଶ୍ର ଅଭିଯୋଗ କରିଛନ୍ତି। ତୁରନ୍ତ ସରକାର ଏହି ବିଷୟକୁ ଗୁରୁତ୍ୱର ସହ ଗ୍ରହଣ କରି ନିଯୁକ୍ତି ବୟସ ବୃଦ୍ଧି କରିବା ପାଇଁ ପିଏସ୍‌ୟୁଗୁଡ଼ିକୁ ନିର୍ଦ୍ଦେଶ ଦେବାକୁ ଆଶାୟୀମାନେ ଦାବି କରିଛନ୍ତି।


**OFFICE OF THE PANCHAYAT SAMITI, BEGUNIAPADA** i-435
ODISHA, PIN-761031, Email: ori-kodala@nic.in
Lt No. 4121, Dated 18.12.2025

**e- PROCUREMENT NOTICE**
**BID IDENTIFICATION No.BPADAPS-1/2025-26**

The Block Development Officer,Beguniapada on behalf of Governor of Odisha invites percentage rate bids in single cover system from eligible class contractor registered with the State Govt. and bidders of equivalent grade/ class registered with central Govt./ MES/Railways according to norm of e-procurement system in online mode for the work as per DTCN.

1. Name of the Work :- CIVIL WORKS
2. Number of Work 04Nos.
3. Estimated cost :- As per DTCN
4. Period of Completion :- As per DTCN
5. Date and Time of availability of Bid Document in the Portal : From 10.00AM of Dt. 20/12/2025 to 5.00PM of Dt. 16/1/2026
6. Last date and time for receipt of Bid in the Portal :- 5.00PM of Dt. 16/1/2026
7. The bid received online shall be opened on 11.30 AM of dtd. 19/1/2026

Name and Address of the Officer inviting Bid: Block Bevelopment Officer,Beguniapada
Further details can be seen from the Procurement Portal: www.tendersorissa.gov.in

Block Development Officer,
Beguniapada

OIPR-19417/11/0010/2526



Email ID - eeliangul@gmail.com CAD-2798
**ODISHA LIFT IRRIGATION CORPORATION LIMITED**
(A Government of Odisha Undertaking)
OFFICE OF THE EXECUTIVE ENGINEER, L.I. DIVISION, ANGUL
e- Tender Notice
**Bid Identification No E.E. ANGUL (OLIC) 04/2025-26 Date 20.12.2025**

The Executive Engineer, Lift Irrigation Division, Angul, Odisha, invites tender on behalf of the Managing Director, OLIC Ltd,. Bhubaneswar through e-procurement in shape of **percentage rate** bids in online mode only for the work **"Revival & Reinforcement** of following L.I. Projects under **Athamallik, Kaniha, Kishorenagar & Talcher** blocks in Angul district on turn-key basis as detailed in the table below. The contractors must have valid Civil license of requisite class as per the Tender Call Notice and valid H.T. license and validity of both the licenses should be for a period at least 1 month from the date of the opening of the tender. Valid Joint Venture agreement should be made between Civil and Electrical Licences in case of separate Licences, where Civil Licence holder will be treated as prime contractor as because of the evaluation to be done under the capacity of PWD Contractor. The H.T. Electrical License should be issued by E.L.B.O. & Valid Civil Licence should be registered within the State, issued by PWD/ PHED/ RWSS/ Irrigation/ M.I. Deptt./ Rural works. The scanned copy of the joint venture agreement should be uploaded along with the bid, any deviations found will be summarily rejected. The bids should be submitted online on the website: www.tendersodisha.gov.in.

1. Name of Works : Revival and Reinforcement of River Lift Projects with supply of all materials on Turnkey basis.
2. Total Nos. of Packages : 7 Nos
3. Approximate Estimated Cost: Rs. 7.612 Lakh to Rs. 14.141 Lakh
4. Class of Contractor : "D" &"C" valid civil Class with H.T. valid Licence.
5. Period of completion : 90 Days from the date of issue of work order.
6. Other details as follows.

| Procurement Officer | Bid Identification No | Availability of tender On-line for bidding | | Last date & time of seeking tender clarification | Date & Time of Opening of tender in the office of the Executive Engineer, L.I. Division, Angul |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 7 |
| Executive Engineer, L.I. Division, Angul | 04/2025-26 | 24.12.2025 10.00 AM | 02.01.2026 Up to 5.00 PM | 30.12.2026 Up to 5.00 PM | 03.01.2026 11.00 AM |

- Details can be seen from the Website www.tendersorissa.gov.in / www.angul.odisha.gov.in.
- Any Corrigendum/ Addendum will be displayed in the above website only.

Sd/-
(Er. Debaraj Sethi)
Executive Engineer,
L.I. Division, Angul

OIPR-32547/11/0005/2526



**GOVERNMENT OF ODISHA** B-879
**OFFICE OF THE SUPERINTENDING ENGINEER**
**GANJAM (R&D) DIVISION NO.I BERHAMPUR**
Phone/Fax:(0680) 2233683.e-mail :sernb1.ganjam@yahoo.com

**"e" Procurement Notice**
**Bid identification No. SE R&B Divn. No. I Bam. 44/2025-26, Lr No. 14795, dtd. 19.12.2025**

Name of work : E.I & Civil Work.
No of works : 12 (Twelve) Nos
Estimated Cost : Approximately **Rs.1.62 to 47.47** Lakh
Period of completion. : One and Three Calendar Months.
Date and time of Availability of bid document in the portal. : From 10.00 hours of **24.12.2025** to **16.00** hours of **31.12.2025.**
Last date / time for receipt of bids in the portal : Upto **16.00** hours of **31.12.2025**
Name & address of the Officer Inviting Bid : Superintending Engineer, Ganjam(R&B)Division No.I, Berhampur.

Further details can be seen from the e-Procurement portal https://tendersodisha.gov.in

Superintending Engineer
Ganjam(R&B)Division No.I
Berhampur

OIPR-34109/11/0072/2526



**ୟୁକୋ ବ୍ୟାଙ୍କ**

ଆଞ୍ଚଳିକ କାର୍ଯ୍ୟାଳୟ, ୟୁକୋ ବ୍ୟାଙ୍କ ବିଲ୍ଡିଙ୍ଗ୍,
୨ୟ ମହଲା, ସି-୨, ଅଶୋକ ନଗର,
ଭୁବନେଶ୍ୱର-୭୫୧୦୦୯, ଫୋନ୍: ୦୬୭୪-୨୬୨୦୪୨୩

**ଦଖଲ ନୋଟିସ୍**
ସ୍ଥାବର ସମ୍ପତ୍ତି ନିମନ୍ତେ

(ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ର ଧାରା ୧୩ (୪) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ)ରୁଲ୍ସ ୨୦୦୨ର ରୁଲ୍ ୮ ଅନୁଯାୟୀ ସ୍ଥାବର ସମ୍ପତ୍ତି ନିମନ୍ତେ)

ନିମ୍ନ ସ୍ୱାକ୍ଷରକାରୀ **ୟୁକୋ ବ୍ୟାଙ୍କ, ହିଞ୍ଜିଳିକାଟୁ ଶାଖା**ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ (୨୦୦୨ର ନଂ.୫୪) ଏବଂ ଧାରା ୧୩ (୧୨) ଅନୁଯାୟୀ ପ୍ରଦତ୍ତ କ୍ଷମତା ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୩ ଅନୁସାରେ ନିମ୍ନଲିଖିତ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାଙ୍କୁ କଥିତ ଆକ୍ଟର ଧାରା ୧୩(୨) ଅନୁସାରେ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ୍ ମାଧ୍ୟମରେ ଦର୍ଶାଯାଇଥିବା ଅର୍ଥ ସହିତ ଚୁକ୍ତି ହାରରେ ସୁଧ ସହିତ ଆନୁସଙ୍ଗିକ ଖର୍ଚ୍ଚ ଏବଂ ଆଇନଗତ ଖର୍ଚ୍ଚ ନୋଟିସ୍ ପ୍ରାପ୍ତି ତାରିଖଠାରୁ **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା। ଯେହେତୁ ଋଣଗ୍ରହୀତା ତାଙ୍କର ଦେୟ ପଇଠ କରିବାରେ ବିଫଳ ହେଲେ ତେଣୁ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି କି ଉପର ବର୍ଣ୍ଣିତ ଆଇନର ଧାରା ୧୩ର ଉପଧାରା(୪) ସହିତ କଥିତ ରୁଲ୍ସର ରୁଲ୍ ୮ ଅନୁସାରେ କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନରେ ବର୍ଣ୍ଣିତ ସମ୍ପତ୍ତିକୁ **ଦଖଲ** ନେଇଛନ୍ତି। ତେଣୁ ବିଶେଷକରି ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ଏତଦ୍ୱାରା ଜଣାଇ ଦିଆଯାଉଛି ଯେ, ନିମ୍ନଲିଖିତ ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଅନ୍ୟଥା ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର ପାଇଁ **ୟୁକୋ ବ୍ୟାଙ୍କ, ହିଞ୍ଜିଳିକାଟୁ ଶାଖା** ନିକଟରେ ସମସ୍ତ ଦେୟ ସହିତ ସେବାବଦ ସୁଧ, ଆନୁସଙ୍ଗିକ ଖର୍ଚ୍ଚ ଏବଂ ଦେୟ ପାଇଁ ଉତ୍ତରଦାୟୀ ରହିବେ। **ଏତଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।**

| ହିଞ୍ଜିଳିକାଟୁ ଶାଖା / ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାଙ୍କ ନାମ ଓ ଠିକଣା | ଧାର୍ଯ୍ୟ ତାରିଖ ସୁଦ୍ଧା ବକେୟା ରାଶିର ପରିମାଣ | ଡିମାଣ୍ଡ ନୋଟିସ୍ / ଦଖଲ ନୋଟିସ୍ ତାରିଖ | ସ୍ଥାବର ସମ୍ପତ୍ତିର ବିବରଣୀ |
|---|---|---|---|
| ଋଣଗ୍ରହୀତା: ମେସର୍ସ ଫ୍ୟାଶନ୍ ବଜାର, ସ୍ୱତ୍ୱାଧିକାରୀ: **ଶ୍ରୀ ସରୋଜ କୁମାର ପଣ୍ଡା,** ପିତା: ଶ୍ରୀ ଦେବରାଜ ପଣ୍ଡା / ଗ୍ୟାରେଣ୍ଟିଦାତା: **ଶ୍ରୀମତୀ ରଞ୍ଜିତା ପଣ୍ଡା,** ସ୍ୱାମୀ: ଶ୍ରୀ ସରୋଜ କୁମାର ପଣ୍ଡା, ଉଭୟଙ୍କ ଠିକଣା- ସା: ରାଧାକୃଷ୍ଣ ମାର୍ଗ, ପୋ: ହିଞ୍ଜିଳିକାଟୁ, ଜିଲ୍ଲା: ଗଞ୍ଜାମ-୭୬୧୧୦୨ | ଟ.୨୦,୭୮,୯୧୭/- + ସେବାବଦ ପରବର୍ତ୍ତୀ ସୁଧ ଏବଂ ଅନ୍ୟାନ୍ୟ ଦେୟ | ୧୬.୦୫.୨୦୨୫ / ୨୦.୧୨.୨୦୨୫ | **ଶ୍ରୀ ସରୋଜ କୁମାର ପଣ୍ଡା,** ପିତା: ଶ୍ରୀ ଦେବରାଜ ପଣ୍ଡା, ସା: ରାଧାକୃଷ୍ଣ ମାର୍ଗ, ପୋ: ହିଞ୍ଜିଳିକାଟୁଙ୍କ ନାମରେ ଥିବା ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ମୌଜା: ହିଞ୍ଜିଳି, ତହସିଲ: ହିଞ୍ଜିଳିକାଟୁ, ଥାନା: ହିଞ୍ଜିଳି, ଜିଲ୍ଲା: ଗଞ୍ଜାମ-୭୬୧୧୦୨, ପ୍ଲଟ୍ ନଂ.: ୨୦୭୦/୭୭୧୮, ଖାତା ନଂ.: ୮୩୨/୨୭୯୧, କ୍ଷେତ୍ର: ଏକର୦.୦୩୩ଡିସିମିଲି, ଏହାର ଚାରିପାର୍ଶ୍ୱରେ ଉତ୍ତର: ଦଣ୍ଡପାଣି ସାହୁ, ଦକ୍ଷିଣ: ରାସ୍ତା, ପୂର୍ବ: ସରୋଜ କୁମାର ପଣ୍ଡା, ପଶ୍ଚିମ: ରାଜୁ ପଣ୍ଡା |

**ସ୍ଥାନ: ଭୁବନେଶ୍ୱର, ତାରିଖ : ୨୨.୧୨.୨୦୨୫** — **କ୍ଷମତାପ୍ରାପ୍ତ ଅଧିକାରୀ, ୟୁକୋ ବ୍ୟାଙ୍କ**



**AFFIDAVIT**

By virtue of an affidavit sworn before Executive Magistrate, Khordha dated 20.12.2025. I Narottam Jena, S/o- Late Upendra Jena, permanent resident of Vill: Dhanasumulia P.S: Jaleswar, Dist Baleswar, Odisha - 756084 declare that I have changed my Daughter Name from Bandita Jena to Jyotirmayee Jena, Henceforth she shall be known as **Jyotirmayee Jena** for all purposes.

Sd/- Narottam Jena

**AFFIDAVIT**

By virtue of an affidavit sworn before the Notary Public, Sonepur, dtd. 20.12.2025, I, Sudam Meher, Vill- Sagarpali, P.O. Mallikmunda, P.S. Sonepur, Dist. Subarnapur hereby declare that my daughter's correct name is **JAGNYASENI MEHER**. But it wrongly mentioned as JAGNAYASENI MEHER in her Aadhaar Card. That JAGNYASENI MEHER & JAGNAYASENI MEHER is one and the same person.

**AFFIDAVIT**

By virtue of an affidavit sworn before Notary Public Badamba on 20.12.2025, I Ex-Hav Ramesh Chandra Swain, resident of Vill- Majhipatana, Po- Gopapur, Ps- Badamba Dist- Cuttack, Odisha, PIN-754031, declare that I have changed my spouse date of birth from 28.04.1968 to **04.07.1972** for all purposes.

**AFFIDAVIT**

By virtue of an affidavit (CF No. 01, dtd- 18/12/2025) sworn before the Executive Magistrate, Padampur. I, **Sukarma Mallik,** S/o- Daman Mallik, permanent & current resident of AT- Sambalpuri, PO- Saraikela, Dist- Bargarh, PIN- 768036, Odisha declare that I have changed my minor daughter's name from **Tanuja Mallik to Tanaya Mallik.** Henceforth, she shall be known as **Tanaya Mallik** (new name) for all purposes.

**Sukarma Mallik**

**AFFIDAVIT**

By virtue of an affidavit sworn before the Notary Public, Jeypore, I JAYANT HARIRAM GOLANI, S/o Hariram Golani, resident of At- Vidya Nagar, 1st Lane, UGMIT Road, Po/Ps/DT-Rayagada, - 765001, Odisha declare by this Affidavit No.5421, Dated - 22/12/2025, that now onwards I shall be known as **JAYANT GOLANI** for all future purpose.

**LOST**

I, **Gayatri Choudhury,** D/o- late Surya Narayan Choudhury, Resident of At/PO/PS- Odagaon, Dist- Nayagarh, PIN- 752081, Odisha declare that I have passed B.Tech from Indira Gandhi institute of Technology, Sarang in the year of 2012. While travailing from Baramunda Chhak to Nayapalli in Bhubaneswar, I lost the original B.Tech Degree Certificate Regd. No. 0801105029 along with all semesters grade sheets (1st to 8th) issued by Biju Patnaik University of Technology, Odisha. After my best effort, it is unable to trace the same. If anyone found, please contact- 9438674102.

**Gayatri Choudhury**

**AFFIDAVIT**

By virtue of an affidavit sworn before Executive Magistrate, Badamba on 20.12.2025, I Ex-Hav Ramesh Chandra Swain, resident of Vill- Majhipatana, Po- Gopapur, Ps- Badamba Dist- Cuttack, Odisha, PIN-754031, declare that I have changed my spouse name from Ranjeeta Swain to Ranjeeta Rani Swain. Henceforth, I shall be known as **RANJEETA RANI SWAIN** for all purposes.

**AFFIDAVIT**

By virtue of an affidavit sworn before the Executive Magistrate, Muniguda, vide no 1171, dated 20.12.2025 I, Lingaraj Gudumbaka, S/o - Late Ramsing Gudumbaka, residing at Bankili, PO - Telangapadar, PS - Muniguda, Dist - Rayagada Odisha declare that I have changed the name of my son from KAPILA GUDUMBAKA to KARAN GUDUMBAKA. Henceforth, he shall be known as KARAN GUDUMBAKA for all purposes.

Sd/- Lingaraj Gudumbaka

**LOST**

**MISSING OF ORIGINAL LINK DEEDS**

ମୁଁ, ଅଧିରାଜ ନାୟକ, ପିତା-ଜଗନ୍ନାଥ ନାୟକ, ମୋବାଇଲ ନଂ. ୯୮୫୩୬୧୫୯୬୬, ଜନ ସ୍ମଲ ଫାଇନାନ୍ସ ବ୍ୟାଙ୍କ ଲିମିଟେଡ୍ ରେ ଋଣ ନେବା ପାଇଁ ଜମି ବନ୍ଧକ ରଖିବାକୁ ଚାହୁଁଛି, ଯାହାରକି ଖାତା ନମ୍ବର ୧୫୯୩/୨୪୭୭, ପ୍ଲଟ୍ ନମ୍ବର ୯୩୯/୪୭୦୮ ଓ ପ୍ଲଟ୍ ନମ୍ବର ୯୪୦/୪୭୦୭, କିସମ୍-ଘରବାରି, ଭାଇଡ୍ ବିକ୍ରୟ ଡିଡ୍ ନମ୍ବର ୧୧୦୮୨୩୧୩୮୪୯, ତା ୧୩.୧୦.୨୦୨୩ ରିଖ, ମୌଜା- ଭୁବନେଶ୍ୱର ସହର, ୟୁନିଟ୍ ନଂ-୩୦, ଲକ୍ଷ୍ମୀସାଗର-୧, ପୋ-ଲକ୍ଷ୍ମୀସାଗର, ତହସିଲ-ଭୁବନେଶ୍ୱର, ଜିଲ୍ଲା-ଖୋର୍ଦ୍ଧା। ମୂଳ ପୁରାତନ ଲିଙ୍କ୍ ଡିଡ୍ ଗୁଡ଼ିକ ଯାହାକି ଲକ୍ଷ୍ମୀସାଗର ଅଞ୍ଚଳରେ ତା୧୫.୧୨.୨୦୨୫ ରିଖରେ ହଜିଯାଇଛି ତାହା ନିମ୍ନରେ ଉଲ୍ଲେଖ କରାଯାଉଛି।
୧. ବିକ୍ରୟ ଡିଡ୍ ନଂ. ୧୩୭୩ ତା. ୧୭.୦୨.୨୦୦୪ ରିଖରେ ଶ୍ରୀ ବିଜୟ କେତନ ମହାପାତ୍ରଙ୍କ ସପକ୍ଷରେ ଶ୍ରୀମତୀ ବିକାସ କୁମାରୀ ପଣ୍ଡାଙ୍କ ଦ୍ୱାରା ସମ୍ପାଦିତ।
୨. ବିକ୍ରୟ ଡିଡ୍ ନଂ. ୨୦୯୬ ତା. ୨୮.୦୨.୨୦୦୭ ରିଖରେ ଶ୍ରୀ ବିଜୟ କେତନ ମହାପାତ୍ରଙ୍କ ସପକ୍ଷରେ ଶ୍ରୀ ବିଜୟ କେତନ ସାହୁଙ୍କ ସପକ୍ଷରେ ସମ୍ପାଦିତ।
୩. ବିକ୍ରୟ ଡିଡ୍ ନଂ. ୬୦୦୫ ତା. ୧୯.୦୩.୨୦୧୦ ରିଖରେ ଶ୍ରୀ ଜଗନ୍ନାଥ ନାୟକଙ୍କ ସପକ୍ଷରେ ଶ୍ରୀ ବିଗ୍ରହ ସାହୁଙ୍କ ଦ୍ୱାରା ସମ୍ପାଦିତ।
୪. ଶ୍ରୀ ଦୀପକ କୁମାର ପାତ୍ରଙ୍କ ପକ୍ଷରୁ ଶ୍ରୀ ବିଜୟ କେତନ ମହାପାତ୍ରଙ୍କ ଦ୍ୱାରା ତା. ୨୭.୧୦.୨୦୦୬ ରିଖର ପାୱାର ଅଫ୍ ଆଟର୍ଣ୍ଣି ଡିଡ୍ ନଂ. ୧୦୮୯୭; ତା. ୨୦.୧୨.୨୦୨୫ ରିଖରେ ଭୁବନେଶ୍ୱରର ଲକ୍ଷ୍ମୀସାଗର ପୋଲିସ ଷ୍ଟେସନ୍‌ରେ ଏକ ହଜିବା ରିପୋର୍ଟ ଦାଖଲ କରାଯାଇଛି।
ଯଦି କୌଣସି ବ୍ୟକ୍ତିଙ୍କର ଉପରୋକ୍ତ ସମ୍ପତ୍ତି ସମ୍ପର୍କରେ କୌଣସି ଦାବି କିମ୍ବା ଆପତ୍ତି ଥାଏ, ତେବେ ସେମାନେ ଏହି ବିଜ୍ଞପ୍ତି ପ୍ରକାଶନ ତାରିଖରୁ ୭ (ସାତ) ଦିନ ମଧ୍ୟରେ ଜନ ସ୍ମଲ ଫାଇନାନ୍ସ ବ୍ୟାଙ୍କ / ଓକିଲଙ୍କ ସହିତ ଯୋଗାଯୋଗ କରିପାରିବେ।

ଓକିଲ- ଶ୍ରୀ ମାନସ ନାୟକ
ମୋବାଇଲ ନଂ.- ୮୯୦୮୨୫୭୧୧୩

**AFFIDAVIT**

By virtue of an affidavit before the Executive Magistrate, Bhubaneswar on Dated. 26.11.2025, I, Mangal Majhi, S/o- Damador Majhi, Village - Kolhadiha, Po-Gayalmunda, Ps- Anandapur, Dist- Kendujhar, Odisha, Pin-758021 do hereby declare that I have changed my daughter's name from Kumari Sonali Marandi to Sonali Majhi. Henceforth she will be known as **Sonali Majhi** for all purposes.

Sd/-MANGAL MAJHI

**NOTICE**

I, Kabita Maharana intends to create a via Mortgage or otherwise, on behalf of laminated Original title deeds for the property Mouza- Kantilo, Ps- Bhubaneswar, PS No.53, Tahasil- Jatni, Tahasil- No. 196, Dist.- Khordha, Khata No.323/495, Plot No.459/2289, Area- Ac0.072 dec. recorded in the name of Kabita Maharana and Manas Kumar Moharan.

Kabita Maharana wishes to create for availing a credit facility from State Bank of India, SME Center, Bhubaneswar, Branch Code-05042.

In case any party has any claim towards the said relevant property, the same should be lodged with the intending party and also with the above stated branch of State Bank of India, within 15 days from publication of this notice.

## ବାଇକ ଦୁର୍ଘଟଣାରେ ଯୁବକ ଗୁରୁତର

**ସୁକିନ୍ଦା, ୨୨।୧୨(ସମିସ):** ମଙ୍ଗଳପୁର ଟମକା ରାସ୍ତାର କଳରଙ୍ଗି ଛକ ନିକଟରେ ଏକ ବାଇକ୍ ଦୁର୍ଘଟଣାରେ ପୁରିଆଝର ଗ୍ରାମ ଛୋଟରାୟ ମୁଣ୍ଡାଙ୍କ ପୁଅ ବଳରାମ ମୁଣ୍ଡା (୨୨) ଗୁରୁତର ଆହତ ଅବସ୍ଥାରେ କଟକ ସ୍ଥାନାନ୍ତର ହୋଇଥିବା ଜଣାପଡ଼ିଛି। ବଳରାମ ସୋମବାର ବାଇକ୍ ନେଇ କାଳିଆପାଣି ଯାଉଥିବା ସମୟରେ କାଠପାଳ ଛକ ନିକଟରେ ଦୁର୍ଘଟଣାର ଶିକାର ହୋଇ ଗୁରୁତର ଆହତ ହୋଇଥିଲେ। ବଳରାମଙ୍କୁ ପରିବାର ଲୋକେ ଉଦ୍ଧାର କରି ସୁକିନ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଏହି ଦୁର୍ଘଟଣାରେ ବଳରାମ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ତାଙ୍କ ଅବସ୍ଥା ଗୁରୁତର ଥିବାରୁ ପ୍ରାଥମିକ ଚିକିତ୍ସା ପରେ କଟକ ସ୍ଥାନାନ୍ତର କରାଯାଇଛି।

## ଚୋରି ମାମଲାରେ ଅଭିଯୁକ୍ତ ଗିରଫ

**ଯଖପୁରା/ଦାନଗଦି, ୨୨।୧୨(ସମିସ):** ମୋଟରସାଇକଲ ଚୋରି ମାମଲାରେ ପୁଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟକୁ ପଠାଇଛି। ଦାନଗଦି ତ୍ରିଜଙ୍ଗା କଲୋନୀର ବୁଧିରାମ ହେମ୍ବ୍ରମଙ୍କ ଏକ ହୋଣ୍ଡା ଏସ୍‌ପି ୧୨୫ ମୋଟରସାଇକଲ ଚୋରି ହୋଇଥିବା ସେ କଳିଙ୍ଗନଗର ଥାନାରେ ଅଭିଯୋଗ କରିଥିଲେ। ପୁଲିସ୍ ନଂ. ୪୫୫/୨୫ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଥିବା ବେଳେ ଅଭିଯୁକ୍ତ ଯାଜପୁର ରୋଡ୍ ରାଛିପୁର ଗ୍ରାମର ସୁରେନ୍ଦ୍ର ଓଝା (୪୫)କୁ ଗିରଫ କକରିଥିଲେ। ଗିରଫ ପରେ ଅଭିଯୁକ୍ତଙ୍କୁ ଗ୍ରାମ ନ୍ୟାୟାଳୟ ସହ ଜୁଡିସିଆଲ୍ ମ୍ୟାଜିଷ୍ଟ୍ରେଟ୍ ପ୍ରଥମ ଶ୍ରେଣୀ କୋର୍ଟ, ସୁକିନ୍ଦା କୋର୍ଟକୁ ପଠାଯାଇଛି। ମାମଲାର ତଦନ୍ତ ଏଏସଆଇ ଗୋପାଳ କୃଷ୍ଣ ଗୌଡ଼ କରୁଛନ୍ତି।

# ବିରଜା ମନ୍ଦିରରେ ଅଣ ହିନ୍ଦୁ ପ୍ରବେଶକୁ ନେଇ ଉତ୍ତେଜନା





**ଯାଜପୁର, ୨୨।୧୨(ସମିସ)**

ଯାଜପୁରର ଅଧିଷ୍ଠାତ୍ରୀ ଦେବୀ ମା' ବିରଜାଙ୍କ ମନ୍ଦିରରେ ଅଣ ହିନ୍ଦୁ ପ୍ରବେଶକୁ ନେଇ ଆଜି ଉତ୍ତେଜନା ମୂଳକ ପରିସ୍ଥିତି ସୃଷ୍ଟି ହୋଇଥିଲା। ଆଜି ଦିନ ୧୧ଟା ପରେ ୨ ଜଣ ଯୁବକ ଯୁବତୀ ମନ୍ଦିରକୁ ଦର୍ଶନ ପାଇଁ ଆସିଥିଲେ। ଜୋତା ଷ୍ଟାଣ୍ଡରେ ଫୋନ ପେ'ରେ ପଇସା ଦେବା ସମୟରେ ଯୁବକ ଜଣଙ୍କ ନାମ ଅଣହିନ୍ଦୁ ବୋଲି ଜଣା ପଡ଼ିଥିଲା। ପରେ ଦୁହେଁ ବେଢ଼ା ମଧ୍ୟକୁ ଆସି ବକୁଳ ଗଛ ନିକଟରେ ବୁଲୁଥିବାର ଦେଖିବାକୁ ମିଳିଥିଲା। ସନ୍ଦେହ ହେବାରୁ କିଛି ଯୁବକ ସେମାନଙ୍କୁ ବାହାରକୁ ଡାକି ପରିଚୟ ବୁଝିବାରୁ ଯୁବକ ଜଣଙ୍କ ସଂଖ୍ୟାଲଘୁ ସମ୍ପ୍ରଦାୟର ହୋଇଥିବା ବେଳେ ଯୁବତୀ ଜଣଙ୍କ ହିନ୍ଦୁ ବୋଲି ଜଣା ପଡ଼ିଥିଲା। ଏହାକୁ ଦେଖି ଉତ୍ତେଜନା ଦେଖାଦେବାରୁ ଘଟଣାସ୍ଥଳରେ ଟାଉନ ପୁଲିସ ପହଞ୍ଚି ଉଭୟଙ୍କୁ ଥାନାକୁ ନେଇଥିଲା। ଯୁବକ ଜଣଙ୍କ ଯାଜପୁର ଅଞ୍ଚଳର ହୋଇଥିବା ବେଳେ ଯୁବତୀ ଜଣଙ୍କ କେନ୍ଦ୍ରାପଡ଼ା ଜିଲ୍ଲାର ବୋଲି ଜଣାପଡ଼ିଲା। ଏହି ଘଟଣାକୁ ନେଇ ଯାଜପୁର ଜିଲ୍ଲା ରାଷ୍ଟ୍ରୀୟ ବଜରଙ୍ଗ ଦଳ ତରଫରୁ ମୃତ୍ୟୁଞ୍ଜୟ ପଟ୍ଟନାୟକ ଓ ମୁକ୍ତି ମଣ୍ଡପ ସେବାୟତ ପରିଷଦ ତରଫରୁ ସଭାପତି ଦେବୀପ୍ରସାଦ ପାଣି ପୃଥକ ପୃଥକ ଭାବେ ଟାଉନ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ସନ୍ଧ୍ୟା ପର୍ଯ୍ୟନ୍ତ ଉଭୟ ଯୁବକ ଯୁବତୀଙ୍କୁ ଟାଉନ ଥାନାରେ ଅଟକ ରଖାଯାଇଥିଲା। ଏହି ଘଟଣା ପରେ ବିଭିନ୍ନ ହିନ୍ଦୁ ସଂଗଠନ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି ଉଠିଛି। ଅନ୍ୟ ପକ୍ଷରେ ବିରଜା ମନ୍ଦିର ସୁରକ୍ଷାକୁ ବହୁ ମାତ୍ରାରେ ହ୍ରାସ କରି ଦିଆଯାଇଛି। ଯାହାକୁ ନେଇ ବାରମ୍ବାର ଅଭିଯୋଗ ଉଠିଲେ ମଧ୍ୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। ଏଭଳି ଘଟଣା ବାରମ୍ବାର ଘଟୁଥିବାରୁ ଜିଲ୍ଲା ପ୍ରଶାସନ ବିରଜା ମନ୍ଦିର ସୁରକ୍ଷା ପ୍ରତି ସ୍ୱତନ୍ତ୍ର ଧ୍ୟାନ ଦେବାକୁ ସାଧାରଣରେ ଦାବି ହୋଇଛି।

### ଚିଣ୍ଡାଳ କଲେଜରେ ଉତ୍ତେଜନା

## ଛାତ୍ର ଗୋଷ୍ଠୀଙ୍କ ମଧ୍ୟରେ ଗଣ୍ଡଗୋଳ; ୪ ଗୁରୁତର

**ଦଶରଥପୁର, ୨୨।୧୨(ସମିସ):** ଦଶରଥପୁର ବ୍ଲକ ଚିଣ୍ଡାଳ ମହାବିଦ୍ୟାଳୟରେ ବିକଟାଳ ବାଇକ୍ ସାଇଲେନ୍ସରର ଶବ୍ଦକୁ ନେଇ ୨ଛାତ୍ର ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ହୋଇଛି। ମହାବିଦ୍ୟାଳୟରେ ବାର୍ଷିକ ଉତ୍ସବ ଚାଲିଥିବା ବେଳେ ଗତ ଶନିବାର ଜଣେ ଛାତ୍ର ମହାବିଦ୍ୟାଳୟ ପରିସରରେ ବିକଟାଳ ହର୍ଣ୍ଣ ବଜାଇ ବାଇକ୍ ଚଳାଉଥିବା ଦେଖି ଅନ୍ୟକିଛି ଛାତ୍ର ସମ୍ପୃକ୍ତ ବାଇକ୍ ଚଳାଉଥିବା ଛାତ୍ରକୁ ଅଟକାଇ କାହିଁକି ଏଭଳି ଆବାଜ୍ ବାହାର କରୁଛୁ ପଚାରିବାରୁ ସେମାନଙ୍କ ମଧ୍ୟରେ କଥା କଟାକଟି ହୋଇଥିଲା। ଫଳରେ ମହାବିଦ୍ୟାଳୟର ଦୁଇ ଅଧ୍ୟାପକଙ୍କ ହସ୍ତକ୍ଷେପ ପରେ ଘଟଣା ଥମି ଯାଇଥିଲେ ମଧ୍ୟ ଛାତ୍ରମାନଙ୍କ ମନ ଥଣ୍ଡା ପଡ଼ିନଥିଲା। ଆଜି ପୂର୍ବାହ୍ନ ପ୍ରାୟ ସାଢେ ୧୦ଟାରେ ମହାବିଦ୍ୟାଳୟର କିଛି ଯୁକ୍ତ ୩ ଛାତ୍ର ଓ ଅଣଛାତ୍ର ମିଶି ଯୁକ୍ତ ଦୁଇର ୫ ଜଣ ଛାତ୍ରଙ୍କୁ ମହାବିଦ୍ୟାଳୟ ଫାଟକ ସମ୍ମୁଖରେ ମିଳିତ ଭାବେ ଆକ୍ରମଣ କରିବା ସହ ତାଙ୍କ ବାଇକ୍‌କୁ ମଧ୍ୟ ଭାଙ୍ଗିଦେଇଛନ୍ତି। ଯାହାର ଭିଡିଓ ଏବେ ମୋବାଇଲରେ ଘୁରି ବୁଲୁଥିବାର ଦେଖିବାକୁ ମିଳୁଛି। ଏହି ଆକ୍ରମଣରେ ମହାବିଦ୍ୟାଳୟର ଯୁକ୍ତ ଦୁଇ କଳା ଓ ବାଣିଜ୍ୟ ବିଭାଗ ୨ୟ ବର୍ଷ ଛାତ୍ର କମାର ରାଜା, ଫାରାଦ ଖାନ, ମହମ୍ମଦ ମୋତିମ୍ ଅଲ୍ଲି, ସେକ ଫୟାଜ୍ ହସ୍ନିନ, ସୋହାଦ ଖାନ୍ ଆହତ ହୋଇଥିବା ବେଳେ ଛାତ୍ର କମାର ରାଜା ଗୁରୁତର ହୋଇଥିବା ଜଣାଯାଇଛି। ଖବର ପାଇ ଯାଜପୁର ଟାଉନ ଥାନା ପୁଲିସ ମହାବିଦ୍ୟାଳୟରେ ପହଞ୍ଚି ଆହତ ଛାତ୍ରଙ୍କୁ ଚିକିତ୍ସା ପାଇଁ ଜିଲ୍ଲା ମେଡିକାଲକୁ ପଠାଇବା ସହିତ ମହାବିଦ୍ୟାଳୟର ଅଧ୍ୟକ୍ଷ ଏବଂ କିଛି ଛାତ୍ରଙ୍କୁ ପଚରାଉଚରା କରି ତଦନ୍ତ ଚଳାଇଛି।

## ବିଦ୍ୟୁତ୍ କର୍ମଚାରୀ ମହାସଂଘର ବାର୍ଷିକ ବୈଠକ



**ଯାଜପୁର, ୨୨।୧୨(ସମିସ):** ମା' ମଣ୍ଡପ ଠାରେ ଯାଜପୁର ଟାଉନ ବିଦ୍ୟୁତ୍ କର୍ମଚାରୀ ମହାସଂଘର ୬ଷ୍ଠ ବାର୍ଷିକ ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ବିଦ୍ୟୁତ୍ କର୍ମଚାରୀ ମହାସଂଘର ଉତ୍ତରାଞ୍ଚଳ ଶାଖା ଅନ୍ତର୍ଭୁକ୍ତ ଯାଜପୁରଟାଉନ ବିଦ୍ୟୁତ୍ କର୍ମଚାରୀ ମହାସଂଘର ଏହି ବୈଠକରେ ମୁଖ୍ୟଅତିଥି ଭାବେ ରାଜ୍ୟ ଆଇନ୍‌ଜୀବୀ ପରିଷଦର ଉପାଧ୍ୟକ୍ଷ ରାଜୀବ କୁମାର ମହାନ୍ତି, ରାଜ୍ୟ ସହସମ୍ପାଦକ ପ୍ରିୟବ୍ରତ ନାୟକ, ସଂଗଠନ ସମ୍ପାଦକ ବଟକୃଷ୍ଣ ଜେନା, ଜୋନାଲ ସମ୍ପାଦକ ହରିଶ ଚନ୍ଦ୍ର ଦାସ, ମଣ୍ଡଳ ସମ୍ପଦାକ ବିପ୍ଳବ ସାମନ୍ତରାୟ, ସହସମ୍ପାଦକ ସୁବ୍ରତ ନାୟକ, ଯାଜପୁରଟାଉନ୍‌ର ଡିଭିଜନ୍ ସମ୍ପାଦକ ଭାବନୀଶଙ୍କର ଜେନା, ହେମନ୍ତ କୁମାର ନାୟକ, ସାରଦା ପ୍ରସନ୍ନ ବାରିକ, କିଶୋର ଚନ୍ଦ୍ର ସାହୁ, ପ୍ରଭାକର ମଲ୍ଲିକ, ସୁବ୍ରତ କୁମାର ବିଶୋଇ, କୋଷାଧ୍ୟକ୍ଷ ହରିହର ବେହେରା, ନିତ୍ୟ ସୁନ୍ଦର ମହାନ୍ତି, ରଞ୍ଜନ କୁମାର ଦାସ, ରଞ୍ଜନକୁମାର ବେହେରା, ବିଶ୍ୱଜିତ ନାୟକ ପ୍ରମୁଖ କର୍ମଚାରୀମାନଙ୍କର ବିଭିନ୍ନ ଦାବି ଓ ସମସ୍ୟା ଉପରେ ଆଲୋକପାତ କରିଥିଲେ। ସେହିପରି ଏହି ବୈଠକରେ ପାୱାର ଏମ୍ପଲଇଜ ୟୁନିଅନ୍‌ର ଶତାଧିକ ସଭ୍ୟ ସୁବ୍ରତ ନାୟକଙ୍କ ନେତୃତ୍ୱରେ ଏହି ମହାସଂଘରେ ଯୋଗଦେଇଥିଲେ। ଏହି ଅବସରରେ ତାଙ୍କୁ ସଂଘ ପକ୍ଷରୁ ସ୍ୱାଗତ କରାଯିବା ସହ ସହ ସମ୍ପାଦକ ଭାବେ ଘୋଷଣା କରାଯାଇଥିଲା।

## ମା' ମହାଲକ୍ଷ୍ମୀ ପୀଠରୁ ଶିବ ଲିଙ୍ଗ ଉଦ୍ଧାର



**ପାଣିକୋଇଲି, ୨୨।୧୨(ସମିସ):** ପାଣିକୋଇଲିସ୍ଥିତ ମହାଲକ୍ଷ୍ମୀ ପୀଠରୁ ଏକ ଶିବ ଲିଙ୍ଗ ଉଦ୍ଧାର କରାଯାଇଛି। ଉକ୍ତ ଶିବ ଲିଙ୍ଗକୁ ପୂଜାର୍ଚ୍ଚନା କରାଯାଇ ଧାନ ମଧ୍ୟରେ ପୋତି ରଖାଯାଇଛି। ଏହି ପୀଠରୁ ଶିବ ଲିଙ୍ଗ ଉଦ୍ଧାର ହେବା ପରେ ସେଠାରେ ଭକ୍ତ ଓ ଦର୍ଶକଙ୍କ ଭିଡ ଦେଖିବାକୁ ମିଳିଥିଲା। ପ୍ରକାଶଯେ ମନ୍ଦିର ପ୍ରତିଷ୍ଠା ପାଇଁ ଜାଗା ଚିହ୍ନଟ ହୋଇ ପୂଜାର୍ଚ୍ଚନା କରାଯାଇଥିଲା। ସେଠାରେ ବାଲି କାମ ହେବା ପାଇ ଆସିଥିଲା। ଦୁଇ ଜଣ ଆଦିବାସୀ କିଶୋରୀ ସରସ୍ୱତୀ ଓ ଗୀତା ଏହି ବାଲି ଉପରେ ଖେଳୁଥିଲେ। ଖେଳିବା ସମୟରେ ଏକ ପଥରମୂର୍ତ୍ତି ତାଙ୍କ ହାତରେ ଲାଗିଥିଲା। ମାତ୍ର ତାହାକୁ ସେ ଟେକି ପାରିନଥିଲେ। ଫଳରେ ସେ ଏକଥା ତାଙ୍କ ମା'କୁ ଜଣାଇଥିଲେ। ଉକ୍ତ ଆଦିବାସୀ ମହିଳା ସେଠାରେ ପହଞ୍ଚି ଶିବ ଲିଙ୍ଗକୁ ତାଙ୍କ ଘରକୁ ନେଇଯାଇଥିଲେ। ପରଦିନ ସେଠାରେ ଧାନ କାଟୁଥିବା ଜଣେ ବ୍ୟକ୍ତି ମନ୍ଦିର ପରିଚାଳକ ଦେବଦତ୍ତ ରାୟଙ୍କୁ ଏ ବିଷୟରେ ଜଣାଇଥିଲେ। ଦେବଦତ୍ତ ପୂଜାରୀ ଓ ସ୍ଥାନୀୟ କିଛି ବ୍ୟକ୍ତିଙ୍କୁ ନେଇ ପୋଖରୀ ଆଡିରେ ଥିବା ଆଦିବାସୀ ବସ୍ତିରେ ପହଞ୍ଚି ଉକ୍ତ ଶିବ ଲିଙ୍ଗକୁ ଆଣି ମନ୍ଦିର ପରିସରରେ ପୂଜାର୍ଚ୍ଚନା କରାଯାଇଥିଲା। ପରବର୍ତ୍ତୀ ଅବସ୍ଥାରେ ତାଙ୍କୁ ସ୍ଥାପନା କରାଯିବାକୁ ନିଷ୍ପତି ନିଆଯାଇଥିଲା। ବେଦଜ୍ଞ ବ୍ରାହ୍ମଣମାନଙ୍କ ପରାମର୍ଶରେ ଏହାକୁ ପୂଜାର୍ଚ୍ଚନା କରାଯାଇ ଧାନ ମଧ୍ୟରେ ପୋତି ରଖାଯାଇଛି।

## ଷଠିପୁର ବରୁଣ୍ଡାଇ ରାସ୍ତା ▶ ଭାରୀଯାନ ଚଳାଚଳ ଉପରେ ଲାଗିଲା ରୋକ୍

**ପାଣିକୋଇଲି, ୨୨।୧୨(ସମିସ):** ଷଠିପୁର ବରୁଣ୍ଡାଇ ପର୍ତ୍ତ ବିଭାଗ ରାସ୍ତାର ପ୍ରଶସ୍ତୀକରଣ କାମ ଚାଲୁରହିଛି। ହେଲେ ଏହି କାର୍ଯ୍ୟ ପାଇଁ ପ୍ରଶାସନିକ ଅବହେଳା ଯୋଗୁଁ କାମ ଆଗେଇ ପାରୁନି। ଅପରପକ୍ଷେ ବାଲି ଭାରୀଯାନ ଚଳାଚଳ ଯୋଗୁଁ ବାରମ୍ବାର ରାସ୍ତା ଭାଙ୍ଗିବା ସହ କାର୍ଯ୍ୟରେ ବାଧା ଉପୁଜିଛି। ଗତ ଅଗଷ୍ଟ ମାସରୁ ଯାଜପୁର ଜିଲ୍ଲାପାଳ ଏହି ରାସ୍ତାରେ ବାଲି ଭାରୀଯାନ ଚଳାଚଳ ଉପରେ ରୋକ ଲଗାଇଥିଲେ। ବୈତରଣୀରୋଡରୁ ଭାରୀଯାନ ଭାୟା ତାରାକୋଟ ମୀନାବଜାର ଦେଇ ରଗଡ଼ି ନିକଟରେ ରାଜପଥକୁ ସ୍ପର୍ଶ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ବାରମ୍ବାର ଏହାର ଉଲ୍ଲଙ୍ଘନ ହେଉଥିବା ଦେଖିବାକୁ ମିଳିଥିଲା। ବାଲିମାଫିଆ ମାନେ ଜିଲ୍ଲାପାଳ ନିର୍ଦ୍ଦେଶକୁ ଅମାନ୍ୟ କରି ଷଠିପୁର ବରୁଣ୍ଡାଇ ରାସ୍ତାରେ ରାତିରେ ଭାରୀଯାନ ଚଳାଚଳ କରୁଛନ୍ତି। ଯାହାର ଅଭିଯୋଗ ପରେ ଖୋଦ ଜିଲ୍ଲାପାଳ ଏହି ରାସ୍ତା ପରିଦର୍ଶନ କରି ଗୋଟିଏ ବାଲି ବୋଝେଇ ଭାରୀଯାନ ଧରିଥିଲେ। କିନ୍ତୁ ପରବର୍ତ୍ତୀ ଅବସ୍ଥାରେ ଯାହାକୁ ତାହା ଘଟିଥିଲା। ଫଳରେ ଜିଲ୍ଲା ପ୍ରଶାସନ ଏବେ ଆକ୍ସନ ମୁଡ୍‌କୁ ଆସିଛି। ଏହି ରାସ୍ତାର ବରୁଣ୍ଡାଇ ଠାରୁ ମୁଖ୍ୟ ପ୍ରବେଶ ପରେ ଭାରୀଯାନ ଚଳାଚଳ ଉପରେ ରୋକ ଲଗାଯାଇଛି। ବିଭିନ୍ନ ସ୍ଥାନରେ ଭାରୀଯାନ ଚଳାଚଳ ବନ୍ଦ ପାଇଁ ବ୍ୟାନର ମରାଯାଇଥିବା ବେଳେ ଆଜି ପ୍ରବେଶ ପଥରେ ଲୁହା ଗେଟ କରାଯାଇଛି। ଯାହାଫଳରେ ଏହି ରାସ୍ତାରେ ଆଉ ଭାରୀଯାନ ଚଳାଚଳ କରିପାରିବ ନାହିଁ। ଏହି ଲୁହା ଗେଟ ନିର୍ମାଣ ବେଳେ ବ୍ୟାସନଗର ତହସିଲଦାର ପ୍ରଶାନ୍ତ କୁମାର ପଣ୍ଡା, ଅତିରିକ୍ତ ତହସିଲଦାର ପ୍ରଶାନ୍ତ କୁମାର ପୁହାଣ, ଯାଜପୁର ପରିବହନ ଅଧିକାରୀ ଦେବେନ୍ଦ୍ର ନାୟକ, ପାଣିକୋଇଲି ଥାନା ଏଏସ୍‌ଆଇ ନିର୍ମଳ ଚୌଧୁରୀ ପ୍ରମୁଖ ଉପସ୍ଥିତ ରହି ଏହି ଲୁହା ଗେଟ ନିର୍ମାଣ କରାଯାଇଥିଲା। ଅପରପକ୍ଷେ ବର୍ତ୍ତମାନ ଧାନ ଅମଳ ଚାଲୁଥିବା ବେଳେ ଧାନ ମେସିନ ଯାତାୟତ ନେଇ ଚିନ୍ତାରେ ଚାଷୀ ରହିଛନ୍ତି। ଏହି ରାସ୍ତାରେ ମଧ୍ୟ ବଡ଼ଗାଡିରେ ଧାନ ନେବା ସମ୍ଭବ ନୁହେଁ। ଏଦିଗରେ ପ୍ରଶାସନ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଚାଷୀଙ୍କ ପକ୍ଷରୁ ଦାବି ହୋଇଛି।

## ସ୍ୱାସ୍ଥ୍ୟକେନ୍ଦ୍ରରେ ତତ୍କାଳ ଜନ୍ମ ପ୍ରମାଣପତ୍ର ପ୍ରଦାନ



**ସୁକିନ୍ଦା, ୨୨।୧୨(ସମିସ):** ସୁକିନ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୬ ଜଣ ନବଜାତକଙ୍କୁ ତତ୍କାଳ ଜନ୍ମ ପ୍ରମାଣପତ୍ର ପ୍ରଦାନ କରାଯାଇଛି। ଆଦିବାସୀ ବହୁଳ ଏହି ବ୍ଲକର ଅନେକ ସ୍ଥାନ ସୁକିନ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରଠାରୁ ଅନେକ ଦୂର। ବହୁ ଚର୍ଚ୍ଚିତ ନଗଡ଼ାର ଅଧିବାସୀ ଏବେ ମଧ୍ୟ ସଚେତନତା ଅଭାବରୁ ସରକାରୀ କାଗଜପତ୍ର ନପାଇ ହଇରାଣ ହରକତ ହେଉଛନ୍ତି। ସଂଖ୍ୟାଧିକ ଲୋକ ଜନ୍ମ ଓ ମୃତ୍ୟୁ ପ୍ରମାଣପତ୍ର ନ ଥିବା କାରଣରୁ ଶିକ୍ଷାନୁଷ୍ଠାନ ଓ ବିଭିନ୍ନ ସରକାରୀ କାର୍ଯ୍ୟ ପାଇଁ ନାହିଁ ନଥିବା ହଇରାଣ ହେଉଛନ୍ତି। ଜନ୍ମ ହେବାର ଏକ ମାସ ବିତିଗଲେ ଜିଲ୍ଲା ଅଧିକାରୀଙ୍କ ଅନୁମୋଦନ ଆବଶ୍ୟକ ହେଉଥିବା ବେଳେ ଜନ୍ମର ଏକ ବର୍ଷ ବିତିଗଲା ପରେ ଏକ ମାମଲା ରୁଜୁ କରାଯାଇ ଜନ୍ମ ପ୍ରମାଣ ପତ୍ର ପାଉଛନ୍ତି। ଯାହା ସାଧାରଣ ଗରିବ ଲୋକଟିଏ ପାଇଁ ଅସମ୍ଭବ ଅବା ବହୁ କଷ୍ଟକର ହୋଇପଡୁଛି। ଏହାକୁ ଦୃଷ୍ଟିରେ ରଖି ସୁକିନ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଅଧିକ୍ଷକ ଡାକ୍ତର ଜୟଦେବ ନନ୍ଦ ସୋମବାର ତତ୍କାଳ ଜନ୍ମ ପ୍ରମାଣପତ୍ର ସେବା ଆରମ୍ଭ କରିଛନ୍ତି। ଆଜି ନବଜାତ ଶିଶୁଙ୍କ ମା' ସୁକିନ୍ଦା ବ୍ଲକ ଅନ୍ତର୍ଗତ ନଗଡ଼ାର ବାସନ୍ତୀ ପ୍ରଧାନ, କାଦୁଅବନ୍ଧୀର ପୂଜା ମହାରଣା, ସାଆନ୍ତରାପୁରର ଦ୍ରୌପଦୀ ବିନ୍ଧାଣୀ, ଜେମାଦେଇପୁରର ଜିଙ୍ଗୀ ସୀଙ୍କୁ, ତାମରା ଗ୍ରାମର ନାଗୁରି ମୁଣ୍ଡା ଏବଂ କେନ୍ଦୁଝର ଜିଲ୍ଲା ବଡ଼ସୀଆଡିମାଳ ଗ୍ରାମର ମଞ୍ଜୁ ମହାନ୍ତ ପ୍ରମୁଖଙ୍କୁ ଶିଶୁ ମାନଙ୍କ ଜନ୍ମ ପ୍ରମାଣପତ୍ର ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସ୍ୱାସ୍ଥ୍ୟକେନ୍ଦ୍ରର ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରିଣୀ ରଶ୍ମିପ୍ରଭା ଖଟୁଆ, ଫର୍ମାସିଷ୍ଟ କାର୍ତ୍ତିକ ଚନ୍ଦ୍ର ସାମଲ, ସେବିକା ଅଧିକାରିଣୀ ମମତା ମହାନ୍ତ, ତନ୍ମୟୀ ସାହୁ, କିରାଣି ଜାନକୀଲତା ସାହୁ ଏବଂ ବିଷ୍ଣୁ ଚରଣ ନାୟକ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ। ଆଜିଠାରୁ ଏହି ସ୍ୱାସ୍ଥ୍ୟ କେନ୍ଦ୍ରରେ ତତ୍କାଳୀନ ପ୍ରମାଣ ପତ୍ର ପାଇ ପାରିବେ ବୋଲି ଅଧିକ୍ଷକ ଡାକ୍ତର ନନ୍ଦ ସୂଚନା ଦେଇଛନ୍ତି।

## ଗୁରୁକୁଳ ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ



**ଧର୍ମଶାଳା, ୨୨।୧୨(ସମିସ):** ଧର୍ମଶାଳା ବ୍ଲକ ହରିଦାସପୁରସ୍ଥିତ ଗୁରୁକୁଳ ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ 'ଅରୋମା' ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବାଚସ୍ପତି ସୁରମା ପାଢ଼ୀ ଯୋଗଦେଇ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବରେ ବିଧାୟକ ହିମାଂଶୁ ଶେଖର ସାହୁ ଯୋଗଦେଇଥିବା ବେଳେ ମୁଖ୍ୟବକ୍ତା ଭାବରେ ଜିଲ୍ଲାପାଳ ଅମ୍ବର କୁମାର କର ଯୋଗଦେଇଥିଲେ। ସମ୍ମାନିତ ବକ୍ତା ଭାବରେ କବି ଦିନବନ୍ଧୁ ପତି ଯୋଗଦେଇଥିଲେ। ସ୍କୁଲ ଚେୟାରମ୍ୟାନ ଅଭୟ କୁମାର ଜେନା ସଭାରେ ସଭାପତିତ୍ୱ କରିଥିଲେ। ସିଇଓ ପ୍ରବୀର କୁମାର କର ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସ୍କୁଲର ଅଧକ୍ଷ ପ୍ରଶାନ୍ତ କୁମାର ପଣ୍ଡା ବିଦ୍ୟାଳୟର ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ ଓ ନିର୍ଦ୍ଦେଶକ ସୁଶାନ୍ତ କୁମାର ମହାପାତ୍ର ଧନ୍ୟବାଦ୍ ଅର୍ପଣ କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ କପ୍ ଓ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ମହିଳା ସ୍ୱାସ୍ଥ୍ୟ କର୍ମୀଙ୍କ ବିରୁଦ୍ଧରେ ଅଭିଯୋଗ

**ବାରିକପୁର, ୨୨।୧୨(ସମିସ):** ଭଣ୍ଡାରିପୋଖରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଦୀର୍ଘ ମାସ ହେବ ବିବାଦ ଲାଗିରହିଛି। କେତେବେଳେ ଡାକ୍ତର ଓ କର୍ମଚାରୀ ତ ପୁଣି କେତେବେଳେ ସ୍ୱାସ୍ଥ୍ୟ କର୍ମୀଙ୍କୁ ନେଇ ବିବାଦ ଦେଖାଦେଉଛି। ଏପରିକି କର୍ମଚାରୀ ଦୁଇ ଭାଗରେ ବିଭକ୍ତ ହୋଇଥିବା ଜଣାପଡ଼ିଛି। ଫଳରେ ରୋଗୀ ସେବା ବିପର୍ଯ୍ୟସ୍ତ ହୋଇପଡ଼ିଛି। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ୱାଭାବିକ ଅବସ୍ଥା ଫେରି ନ ଥିବାବେଳେ ଏବେ ଜଣେ ମହିଳା ସ୍ୱାସ୍ଥ୍ୟ କର୍ମୀଙ୍କ ବିରୁଦ୍ଧରେ ଲୋକେ ଅଭିଯୋଗ କରିଛନ୍ତି।

ମାଳଦା ଗ୍ରାମାଞ୍ଚଳ ସ୍ୱାସ୍ଥ୍ୟକେନ୍ଦ୍ରରେ ଥିବା ଜଣେ ମହିଳା ସ୍ୱାସ୍ଥ୍ୟ କର୍ମୀ ନିୟମିତ କାର୍ଯ୍ୟ କରୁ ନ ଥିବା ଚିକିତ୍ସା ଅଧିକାରୀଙ୍କ ନିକଟରେ ଅଭିଯୋଗ ହୋଇଛି। ମହିଳା କର୍ମୀଙ୍କ ଦ୍ୱାରା ଆୟୁଷ୍ମାନ କାର୍ଡ, ମାତୃ ଓ ଶିଶୁ ସ୍ୱାସ୍ଥ୍ୟ ସେବା, ଟିକାକରଣ, ପୋଷଣ ଓ ଜନସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ ସଠିକ ଭାବେ ପରିଚାଳନା ହେଉନାହିଁ। ସେ ନିୟମିତ କାର୍ଯ୍ୟାଳୟକୁ ଆସୁନାହାନ୍ତି। ଏ ନେଇ ଆଜି ଅଜୟ ରାଉତ, ରେଣୁବାଳା ରାଉତ, ଶୁଭମ ଦାସ, ସନ୍ଦୀପ ସାମଲ, ଚମ୍ପାବତୀ ଓଝା, ସୌମ୍ୟରଞ୍ଜନ ଓଝା, ଚନ୍ଦନ ସାମଲ ପ୍ରମୁଖ ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଲିଖିତ ଭାବେ ଜଣାଇଛନ୍ତି। ଅଭିଯୋଗର ପୁଙ୍ଖାନୁପୁଙ୍ଖ ତଦନ୍ତ ହେବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସ୍ୱାସ୍ଥ୍ୟ ଅଧିକାରୀ କହିଛନ୍ତି।

## ମଣ୍ଡି ପରିଚାଳନା ପାଇଁ ପ୍ରଶିକ୍ଷଣ

**ବାରିକପୁର, ୨୨।୧୨(ସମିସ):** ଭଣ୍ଡାରିପୋଖରୀ ବ୍ଲକ ସଭାଗୃହରେ ଚଳିତ ବର୍ଷ ମଣ୍ଡି ପରିଚାଳନା ପାଇଁ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଯୋଗାଣ ନିରୀକ୍ଷକ ହିମାଂଶୁ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିବା କାର୍ଯ୍ୟକ୍ରମରେ ବିଡିଓ ଦେବଦତ୍ତ ଦାସ, ଜିଲ୍ଲା ଅତିରିକ୍ତ ଯୋଗାଣ ଅଧିକାରୀ ଅସିତ ମହାନ୍ତି, ସମବାୟ ଅଧିକାରୀ ବସନ୍ତ ରଣା, ଓମପ୍ରକାଶ ନାୟକ, ବିକ୍ରମ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଖରିଫ ଧାନର ସଠିକ ମାନ ନିର୍ଦ୍ଧାରଣ ଓ ମଣ୍ଡି ପରିଚାଳନା ପାଇଁ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। ଉକ୍ତ ଶିବିରରେ ମଣ୍ଡି ପରିଚାଳନା ଦାୟିତ୍ୱରେ ଥିବା ସମିତି ସମ୍ପାଦକ, ଏସଏଚଜି ନେତୃବୃନ୍ଦ, ସମିତି ଡିଇଓ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ, ରାଜସ୍ୱ ନିରୀକ୍ଷକ ପ୍ରମୁଖ ଉପସ୍ଥିତ ଥିଲେ। ଆସନ୍ତା ଜାନୁଆରୀ ପ୍ରଥମ ସପ୍ତାହରେ ମଣ୍ଡି ଖୋଲାଯିବା ନେଇ ପ୍ରଶାସନ ପକ୍ଷରୁ ନିଷ୍ପତ୍ତି ହୋଇଛି।

## ୧୧ ବର୍ଷ ହେଲା ପ୍ରତିଶ୍ରୁତି ପାଳନ କରୁନାହିଁ ରେଳବିଭାଗ

**କବାଟବନ୍ଧ, ୨୨।୧୨(ସମିସ):** ଜେନାପୁର ରେଳଷ୍ଟେସନ୍ ଦୀର୍ଘଦିନ ଧରି ଯାତ୍ରୀଙ୍କ ବିଭିନ୍ନ ମୌଳିକ ସୁବିଧାରୁ ବଞ୍ଚିତ ହୋଇଛି। ଏଠାରେ ଏକ୍ସପ୍ରେସ ଟ୍ରେନ ଷ୍ଟପେଜର ଅଭାବ ଏବଂ ପର୍ଯ୍ୟାପ୍ତ ଯାତ୍ରୀ ସୁବିଧା ସମ୍ବନ୍ଧୀୟ ସମସ୍ୟା ରହିଥିଲେ ମଧ୍ୟ ତାହା ପୂରଣ କରାଯାଉନାହିଁ। ଏହି ଷ୍ଟେସନରେ ପୂର୍ବରୁ ଜନତା ଏକ୍ସପ୍ରେସ୍ ଏବଂ ପରବର୍ତ୍ତୀ ସମୟରେ ତିରୁପତି ଏକ୍ସପ୍ରେସ୍‌ର ଷ୍ଟପେଜ୍ ପ୍ରତ୍ୟାହାର ପରେ, ଜେନାପୁର ରେଳଷ୍ଟେସନରେ କୌଣସି ଏକ୍ସପ୍ରେସ୍ ଟ୍ରେନ୍ ଅଟକିନାହିଁ। ଯାହା ଦ୍ୱାରା ସ୍ଥାନୀୟ ଅଞ୍ଚଳର ହଜାର ହଜାର ଜନସାଧାରଣ ତଥା ପାଖାପାଖି ପ୍ରାୟ ୨୮ଟି ଗ୍ରାମ ପଞ୍ଚାୟତର ଯାତ୍ରୀମାନେ ଦୁଇ ଦଶନ୍ଧିରୁ ଅଧିକ ସମୟ ଧରି ଘୋର ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଛାତ୍ରଛାତ୍ରୀ, ଦୈନିକ ଯାତ୍ରୀ, କର୍ମଚାରୀ, ବ୍ୟବସାୟୀ, ବରିଷ୍ଠ ନାଗରିକ ଏବଂ ରୋଗୀମାନେ ଦୂର ଷ୍ଟେସନକୁ ଯାତ୍ରା କରିବାକୁ ବାଧ୍ୟ ହେଉଛନ୍ତି। ଯାହା ଫଳରେ ସେମାନେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଜେନାପୁର ଯାଜପୁର ଜିଲ୍ଲାର ଏକ ଗୁରୁତ୍ୱପୂର୍ଣ୍ଣ ଏବଂ ଦ୍ରୁତ ବିକାଶଶୀଳ ଷ୍ଟେସନ, ଏଠାରେ ବର୍ଦ୍ଧିତ ଜନସଂଖ୍ୟା, ଶିକ୍ଷାନୁଷ୍ଠାନ, ବାଣିଜ୍ୟିକ କାର୍ଯ୍ୟକଳାପ ଏବଂ ନିକଟବର୍ତ୍ତୀ ତୀର୍ଥକ୍ଷେତ୍ର ରହିଛି। ଯାତ୍ରୀଙ୍କ ସଂଖ୍ୟା ବୃଦ୍ଧି ସତ୍ତ୍ୱେ, ଏକ୍ସପ୍ରେସ ଟ୍ରେନ ରହଣି ଏବଂ ମୌଳିକ ଯାତ୍ରୀ ସୁବିଧାର ଅଭାବ ଜନସାଧାରଣଙ୍କ ସୁବିଧା ଏବଂ ଆଞ୍ଚଳିକ ବିକାଶକୁ ଗୁରୁତର ଭାବରେ ପ୍ରଭାବିତ କରିଛି। ବିଗତ ଦିନରେ ପ୍ରାୟ ୧୧ ବର୍ଷ ପୂର୍ବେ ରେଳ ବିକାଶ କମିଟି ଜେନାପୁର ରେଳଷ୍ଟେସନରେ ୧୯-୧-୨୦୧୪ରୁ ୨୫-୧-୨୦୧୪ ପର୍ଯ୍ୟନ୍ତ ଏକ ଶାନ୍ତିପୂର୍ଣ୍ଣ ଧାରଣା ଦେଇଥିଲା। ଏହି ଆନ୍ଦୋଳନ ପରେ, ବରିଷ୍ଠ ରେଳ ଅଧିକାରୀମାନେ ଷ୍ଟେସନ ପରିଦର୍ଶନ କରି ସ୍ଥାନୀୟ ଲୋକଙ୍କୁ ଆଶ୍ୱାସନା ଦେଇଥିଲେ ଯେ ଉପସ୍ଥାପିତ ସମସ୍ୟା ଗୁଡ଼ିକର ସମାଧାନ ପାଇଁ ଆବଶ୍ୟକୀୟ ପଦକ୍ଷେପ ନିଆଯିବ। ମାତ୍ର ଆଜି ପର୍ଯ୍ୟନ୍ତ ତାହା କାର୍ଯ୍ୟକାରୀ ହୋଇପାରିଲା ନାହିଁ। ଯାହା ଫଳରେ ଜନସାଧାରଣଙ୍କ ମଧ୍ୟରେ ବ୍ୟାପକ ଅସନ୍ତୋଷ ସୃଷ୍ଟି ହୋଇଛି। ଏହି ଷ୍ଟେସନରେ ମୌଳିକ ଅସୁବିଧା ଗୁଡିକୁ ତୁରନ୍ତ ଦୃଷ୍ଟିଦେଇ ଜନସେବା ଏବଂ ନ୍ୟାୟର ବୃହତ୍ତର ସ୍ୱାର୍ଥ ପାଇଁ ଯଥାଶୀଘ୍ର ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହେଉଛି।

ଜେନାପୁର ରେଳ ବିକାଶ କମିଟି ପକ୍ଷରୁ ରେଳଷ୍ଟେସନ ନିକଟରେ ଅନୁଷ୍ଠିତ ଏକ ବୈଠକରେ ଏପରି ଦାବି ଉଠିବା ସହ ଯାତ୍ରୀମାନଙ୍କ ବିଭିନ୍ନ ଅସୁବିଧା, ଷ୍ଟେସନର ଉନ୍ନତୀକରଣ ସହିତ ଅନେକ ମୌଳିକ ପ୍ରସଙ୍ଗ ଉପରେ ଉକ୍ତ ବୈଠକରେ ଆଲୋଚନା କରାଯାଇଛି। ବରିଷ୍ଠ ସମାଜସେବୀ କାହ୍ନୁଚରଣ ଦାସଙ୍କ ଆହ୍ୱାନରେ ଏବଂ ଜେନାପୁର କଲେଜର ପୂର୍ବତନ ଅଧ୍ୟକ୍ଷ ପ୍ରକାଶ ବରାଳଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ରେଳ ବିକାଶ କମିଟି ସମେତ ଜେନାପୁର ଏବଂ ଏହାର ଆଖପାଖ ଅଞ୍ଚଳର ଅନେକ ବୁଦ୍ଧିଜୀବୀ, ଯୁବକ, ସାମ୍ବାଦିକ ଏବଂ ସାଧାରଣ ଲୋକ ଯୋଗ ଦେଇଥିଲେ। ଏହି ସମସ୍ୟା ଉପରେ ନିକଟରେ ଯାଜପୁର ସାଂସଦ ରବୀନ୍ଦ୍ର ନାରାୟଣ ବେହେରା ଓ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁଙ୍କୁ ସାକ୍ଷାତ କରି ଆଲୋଚନା ସହ ଦାବିପତ୍ର ପ୍ରଦାନ କରିବା ପାଇଁ ଏକ ପ୍ରତିନିଧି ମଣ୍ଡଳୀ ଗଠନ କରାଯାଇଛି।

### ନକଲି ସାର ବିକ୍ରି ଅଭିଯୋଗ

## ଚାଷୀ ଓ ବ୍ୟବସାୟୀଙ୍କ ମଧ୍ୟରେ ଗଣ୍ଡଗୋଳ

**ବ୍ରହ୍ମବରଦା, ୨୨।୧୨(ସମିସ)**



ବ୍ରହ୍ମବରଦା ଥାନା ଅନ୍ତର୍ଗତ ଝାଲପଡ଼ା ଛକ ଠାରେ ଜଣେ ସାର ବ୍ୟବସାୟୀ ଦୋକାନରେ ନକଲି ସାର ବିକ୍ରୟକୁ ନେଇ ଉଭୟ ଚାଷୀ ଓ ବ୍ୟବସାୟୀଙ୍କ ମଧ୍ୟରେ ଗଣ୍ଡଗୋଳ ପରିସ୍ଥିତି ସୃଷ୍ଟି ହେଉଥିବା ବେଳେ ବ୍ରହ୍ମବରଦା ପୁଲିସ ଘଟଣାସ୍ଥଳରେ ପହଞ୍ଚି ସାର ବିକ୍ରୟ କେନ୍ଦ୍ରରେ ତାଲା ପକାଇ ବୁଝାସୁଝା କରି ଫେରିଥିବା ଜଣାପଡ଼ିଛି।

ସୂଚନାଥାଉକି ଝାଲପଡ଼ା, ମଙ୍ଗରାଜପୁର ଓ ଅର୍ଥଙ୍ଗା ଗ୍ରାମର ଶତାଧିକ ଚାଷୀ ଏହି ବ୍ୟବସାୟୀଙ୍କ ଠାରୁ ଡିଏପି ୧୮ ୪୬ ନାମକ ସାର କ୍ୱିଣ୍ଟାଲ ପ୍ରତି ୩ ହଜାର ଟଙ୍କାରେ କ୍ରୟ କରି ଆଖୁ, ଚିନାବାଦାମ ପ୍ରମୁଖ ଚାଷ ଜମିରେ ପକାଇଛନ୍ତି। ହେଲେ ମାସମାସ ବିତି ଯାଇଥିଲେ ମଧ୍ୟ ଉକ୍ତ ସାର ଗୁଡିକ ବିଲରେ ମିଳେଉ ନ ଥିବା ଅଭିଯୋଗ କରିଛନ୍ତି। ଘଟଣାକୁ ନେଇ ଆଜି ସକାଳେ ଏକାଧିକ ଚାଷୀ ଉକ୍ତ ବ୍ୟବସାୟିଙ୍କ ଦୋକାନରେ ପହଞ୍ଚି ପଚରା ଉଚରା କରିଥିଲେ। ବ୍ୟବସାୟୀ ଜଣକେ ଉକ୍ତ ସାରକୁ ଜାରକା ଡିପୋରୁ ଆଣିଥିବା ବେଳେ ପ୍ରକୃତରେ ଏହା ଅସଲି କି ନକଲି ଜାଣି ନଥିବା କହିଥିଲେ। ଏନେଇ ସେ ଜାରକା ଡିପୋର ବ୍ୟବସାୟୀଙ୍କୁ ଡକାଇଥିଲେ। ଉକ୍ତ ଡିପୋ ବ୍ୟବସାୟ ଘଟଣାସ୍ଥଳରେ ପହଞ୍ଚିଥିବା ପରେ ଉତ୍ତେଜନା ଆହୁରି ବଢ଼ି ଯାଇଥିଲା। ଏହା ଦେଖି ସ୍ଥାନୀୟ ଲୋକେ ବ୍ରହ୍ମବରଦା ପୁଲିସକୁ ସୂଚିତ କରିଥିବା ବେଳେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଉତ୍ତେଜିତ ଲୋକଙ୍କୁ ଶାନ୍ତ କରିଥିବା ବେଳେ ସ୍ଥାନୀୟ ଚାଷୀ ଓ ଉକ୍ତ ସାର ବ୍ୟବସାୟୀଙ୍କ ସହିତ କଥା କଟାକଟି ହୋଇଥିଲା। ଆସନ୍ତା ବୁଧବାର ଉଭୟ ଚାଷୀ ଓ ବ୍ୟବସାୟୀଙ୍କ ମଧ୍ୟରେ ଆଲୋଚନା ହେବ। ଉକ୍ତ ସାର ନକଲି ପ୍ରମାଣିତ ହେଲେ ଚାଷୀମାନଙ୍କୁ କ୍ଷତିପୂରଣ ଦେବାକୁ ଚାଷୀମାନଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି। ତେବେ ବୁଧବାର ପର୍ଯ୍ୟନ୍ତ ବ୍ୟବସାୟୀଙ୍କ ବିକ୍ରୟ କେନ୍ଦ୍ରକୁ ଚାବି ପକାଇ ପୁଲିସ ନେଇ ଯାଇଥିବା ଜାଣିବାକୁ ମିଳିଛି। ଚାଷୀ ବିର କିଶୋର ନାୟକ, ମାଧବ ମୁଦୁଲି, ପ୍ରଶାନ୍ତ ମୁଦୁଲି, ଦେବେନ୍ଦ୍ର ମୁଦୁଲି, କାହ୍ନୁ ଚରଣ ଦାସ, ସହଦେବ ମୁଦୁଲି, ଦୁର୍ଯ୍ୟୋଧନ ନାୟକ, କୃଷ୍ଣଚନ୍ଦ୍ର ଜେନା, ମଦନ ମଲ୍ଲିକ, ବଲ୍ଲଭ ବିଶ୍ୱାଳ ପ୍ରମୁଖ ଚାଷୀ ଏହି ସାରକୁ କ୍ରୟ କରି ଚାଷ କ୍ଷେତରେ ପକାଇଥିବା ଅଭିଯୋଗ କରିଛନ୍ତି।

## ୨୭ରେ ରାଜ୍ୟ ଟାଏକ୍ୱୋଣ୍ଡୋ ଚାମ୍ପିଅନ୍‌ସିପ୍

**ଭଦ୍ରକ, ୨୨।୧୨(ସମିସ):** ରାଜ୍ୟ ଟାଏକ୍ୱୋଣ୍ଡୋ ଆସୋସିଏସନ ଅଫ ଓଡ଼ିଶାର ୨୨ତମ ଚାମ୍ପିଅନସିପ ଆସନ୍ତା ୨୭ ତାରିଖରେ ଚରମ୍ପା ମହାରାଜା ଅଗ୍ରସେନ ଭବନରେ ଅନୁଷ୍ଠିତ ହେବା ନେଇ 'ତାଓ'ର ରାଜ୍ୟ ସାଧାରଣ ସମ୍ପାଦକ ରବିନାରାୟଣ ପାଣିଗ୍ରାହୀ ପ୍ରକାଶ କରିଛନ୍ତି। ଟାଏକ୍ୱୋଣ୍ଡୋ ଆସୋସିଏସନ ଅଫ ଓଡ଼ିଶା ଓ ଭଦ୍ରକ ଜିଲ୍ଲା ଟାଏକ୍ୱୋଣ୍ଡୋ ଆସୋସିଏସନ ସହଯୋଗରେ ଆୟୋଜିତ ଚାମ୍ପିଅନସିପ୍‌ରେ ୧୮ଟି ଜିଲ୍ଲାର ୪୦୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଭଦ୍ରକ ବିଧାୟକ ସୀତାଂଶୁ ମହାପାତ୍ର, ଭଦ୍ରକ ଏସ୍‌ପି ମନୋଜ ରାଉତ ଓ ଭାରତର ଟାଏକ୍ୱୋଣ୍ଡୋର ଜନକ ଜିମି ଆର ଜିଗତାନୀ ଯୋଗଦେବେ ବୋଲି ସମ୍ମତି ଦେଇଥିବା ଶ୍ରୀ ପାଣିଗ୍ରାହୀ ସୂଚନା ଦେଇଛନ୍ତି। ୨ଦିନ ଧରି ଚାଲିବାକୁ ଥିବା ଏହି ପ୍ରତିଯୋଗିତାରେ ବିଭିନ୍ନ ଓଜନ ବିଭାଗରେ ଖେଳ ହେବା ସହ ୩୦ ଜଣ ବ୍ଲାକବେଲ୍ଟ, ୧୮ ଜଣ ଜାତୀୟ ରେଫରୀ ଜିମି ଆର ଜଗତନୀଙ୍କ ସମ୍ମୁଖରେ ନିଜର ପରୀକ୍ଷା ଦେବାର ଯୋଜନା ଅଛି। ଶେଷ ଦିନରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବ।

## ସରସ୍ୱତୀ ଶିଶୁମନ୍ଦିରର ବାର୍ଷିକ କ୍ରୀଡ଼ା



**ଅସୁରାଳି, ୨୨।୧୨(ସମିସ):** ଧାମନଗର ବ୍ଲକ ଧୂଷୁରୀସ୍ଥ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ପଞ୍ଚଦଶ ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସଭାପତି ରଞ୍ଜନ ଭୂୟାଁଙ୍କ ଅଧ୍ୟକ୍ଷତାରେ ଉଦ୍‌ଘାଟନ ସଭାରେ ମୁଖ୍ୟଅତିଥି ରୂପେ ଧୂଷୁରୀ ଥାନା ଅଧିକାରୀ ଅଜୟ ସୁଦର୍ଶନ ବାଗ୍ ଓ ମୁଖ୍ୟବକ୍ତା ରୂପେ ଶିକ୍ଷାବିତ୍ ନିରୋଦ ବେହେରା, ସମ୍ମାନୀତ ଅତିଥି ଭାବେ ଧୂଷୁରୀ ସରପଞ୍ଚ ଅନ୍ତର୍ଯ୍ୟାମୀ ପତି ଯୋଗ ଦେଇଥିଲେ। ପ୍ରଧାନ ଆଚାର୍ଯ୍ୟ ରାମାପଦରଣା ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ। ସତ୍ୟବ୍ରତ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାଳୟର ସମ୍ପାଦକ ରାମମୋହନ ଗୁପ୍ତା, କୋଷାଧ୍ୟକ୍ଷ ପୂର୍ଣ୍ଣଚନ୍ଦ୍ର ନାୟକ, ସଦସ୍ୟ ସତ୍ୟବ୍ରତ ବାରିକ, ବିଦ୍ୟୁତ୍ ପରିଷଦର ସଦସ୍ୟ ବନମାଳୀ ମିଶ୍ର ଉପସ୍ଥିତ ଥିଲେ। ୧୦୦ ମିଟର ଦୌଡ଼, ପୁଚି, ମ୍ୟୁଜିକ ଚେୟାର, ଲଙ୍ଗଜମ୍ପ, ହାଇଜମ୍ପ, ଡିସକସ୍ ଥ୍ରୋ ଖେଳରେ ୨୫୦ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଛନ୍ତି।

## ରାମନାରାୟଣ ବିଦ୍ୟାଳୟରେ ପୋଷାକ ବିତରଣ



**ଦୋଳସାହି, ୨୨।୧୨ (ସମିସ):** ତିହିଡ଼ି ବ୍ଲକ ଅଧୀନ ରାମନାରାୟଣ ଉଚ୍ଚବିଦ୍ୟାଳୟରେ ପୋଷାକ ବିତରଣ କରାଯାଇଛି। ପ୍ରଧାନଶିକ୍ଷକ ଅଧୀର ତରାଇ ଓ ପରିଚାଳନା କମିଟି ସଭାପତି ମନୋଜ ନାୟକଙ୍କ ଉପସ୍ଥିତିରେ ଛାତ୍ରଛାତ୍ରୀଙ୍କୁ ପୋଷାକ ବିତରଣ କରାଯାଇଛି।

## ଅକ୍ସଫୋର୍ଡ ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ



**ଧାମନଗର, ୨୨।୧୨(ସମିସ):** ଧାମନଗର ଏନଏସି ଅଧୀନ ଘରୋଇ ଇଂରାଜୀ ଶିକ୍ଷାନୁଷ୍ଠାନ ଅକ୍ସଫୋର୍ଡ ପବ୍ଲିକ୍ ସ୍କୁଲର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଅଧ୍ୟକ୍ଷ ଶରତ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ବିଜୟ ଶତପଥୀ, ମୁଖ୍ୟବକ୍ତା ଭାବେ ସାହିତ୍ୟିକ ଡ. ରବୀନ୍ଦ୍ର ବିହାରୀ, ସମ୍ମାନିତ ଅତିଥି ସୁବ୍ରତ ଦାସ, ସ୍କୁଲର ଉପାଧ୍ୟକ୍ଷ ବିଜୟ ନାୟକ ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଗୁଣାତ୍ମକ ଓ ଶୈକ୍ଷିକ ଉପଦେଶ ପ୍ରଦାନ କରିଥିଲେ। ଦଶମ ଶ୍ରେଣୀ ଛାତ୍ରୀ ଜାଇନା ଜସ୍ମିନ, ମନସ୍ମିତା ମହାପାତ୍ର ଅତିଥିଙ୍କୁ ମଞ୍ଚ ଆହ୍ୱାନ କରିଥିଲେ। ନନ୍ଦକିଶୋର ଖଣ୍ଡୁଲ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଅଧ୍ୟାପକ ଶ୍ରୀ ମିଶ୍ର ବାର୍ଷିକ ବିବରଣୀ ପାଠ କରିଥିଲେ। ଅଧ୍ୟାପକ ଚିତ୍ତରଞ୍ଜନ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ସନ୍ଧ୍ୟାରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ଶୀତବସ୍ତ୍ର ବଣ୍ଟନ



**ଦୋଳସାହି, ୨୨।୧୨(ସମିସ):** ତିହିଡ଼ି ବ୍ଲକ ଅଧୀନ ଗୁଆମାଳ ପଞ୍ଚାୟତର ପ୍ରାକ୍ତନ ସରପଞ୍ଚ ପ୍ରଦୀପ ପଣ୍ଡା ନାଉପାଳଠାରେ ଅବସ୍ଥିତ ବୀଣାପାଣି ଟୋଲରେ ପଢୁଥିବା ୪୦ ଜଣ ଅନ୍ତେବାସୀଙ୍କୁ ଶୀତବସ୍ତ୍ର ପ୍ରଦାନ କରିଛନ୍ତି। ବିଦ୍ୟାଳୟର ଶିକ୍ଷକ ବିନୟ ଦାସ, ପଣ୍ଡିତ ଚତୁର୍ଭୁଜ ତ୍ରିପାଠୀ, ସନ୍ତୋଷ ବାରିକ, ଅଶ୍ୱନୀ ସଂକେତ ପାଢ଼ୀ, ଶରତ ବେହେରା, ଭକ୍ତହରି ଜେନା ପ୍ରମୁଖ ଉପସ୍ଥିତ ଥିଲେ।

## ପୁରୁଷଣ୍ଡ ବିଦ୍ୟାଳୟରେ ଅଭିନନ୍ଦନପତ୍ର କର୍ମଶାଳା



**ବନ୍ତ/ଆଗରପଡ଼ା, ୨୨।୧୨(ସମିସ):** ବନ୍ତ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ ଅଧୀନସ୍ଥ ତୋଫାବିବି କ୍ଲଷ୍ଟର ଅନ୍ତର୍ଗତ ପୁରୁଷଣ୍ଡ ନୋଡ଼ାଲ ଉପ୍ରା ବିଦ୍ୟାଳୟରେ ପ୍ରଧାନଶିକ୍ଷୟିତ୍ରୀ ଭାରତୀ ମିଶ୍ରଙ୍କ ସଂଯୋଜନାରେ ଓ କଳା ଶିକ୍ଷକ ପଦ୍ମନାଭ ସେଠୀଙ୍କ ତତ୍ତ୍ୱାବଧାନରେ ଅଭିନନ୍ଦନ ପତ୍ର କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ୫୫ଜଣ ଛାତ୍ରଛାତ୍ରୀ ଭାଗନେଇ ଅଭିନନ୍ଦନ ପତ୍ର ତିଆରି କରିଥିଲେ। ଏହି କର୍ମଶାଳାରେ ସିଆରସିସି ନିରଞ୍ଜନ ଖିଲାର ପିଲାଙ୍କ ଅଭିନନନ୍ଦନ ପତ୍ରକୁ ଦେଖି ସେମାନଙ୍କୁ ପ୍ରଶଂସା କରିବା ସହ ଡିଜିଟାଲ ଯୁଗରେ ଅଭିନନ୍ଦନ ପତ୍ର ଲୋପ ପାଇବାକୁ ବସିଥିବାବେଳେ ପୁରୁଷଣ୍ଡ ନୋଡାଲ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀଙ୍କ ଦ୍ୱାରା ଉକ୍ତ କର୍ମଶାଳା ମାଧ୍ୟମରେ ଲୋପ ପାଇବାକୁ ବସିଥିବା ପରମ୍ପରାକୁ ଉଜ୍ଜୀବିତ କରି ରଖିବା ପ୍ରୟାସ ପାଇଁ ସେମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ସୁରେନ୍ଦ୍ର ସାହୁ, ସ୍ମିତାରାଣୀ ମାଝି, ସ୍ୱର୍ଣ୍ଣଲତା ମିଶ୍ର, ଅନୀତା ଭୂୟାଁ, ପରମେଶ୍ୱର ପୃଷ୍ଟି, ଗାୟତ୍ରୀ ନାୟକ, ପ୍ରିୟଙ୍କା ସାହୁ ପ୍ରମୁଖ ଶିକ୍ଷକ ଶିକ୍ଷୟିତ୍ରୀ ଓ ପରିଚାଳନା କମିଟି ସଭ୍ୟସଭ୍ୟା ସହଯୋଗ କରିଥିଲେ।

## ନାହିଁ ଶୀତଳଭଣ୍ଡାର

# ପନିପରିବାର ଅଭାବୀ ବିକ୍ରି, କ୍ଷତି ସହୁଛନ୍ତି ଚାଷୀ

**ଅସୁରାଳି, ୨୨।୧୨(ସମିସ)**



ବୈତରଣୀ ନଦୀର ବାମ ପାର୍ଶ୍ୱ ଗ୍ରାମ ଓ କୋଚିଲା ନଦୀର ଉଭୟ ପାର୍ଶ୍ୱର ଗ୍ରାମରେ ବ୍ୟାପକ ପରିମାଣର ପରିବା ଚାଷ ହେଉଛି। ଅର୍ଜୁନପୁର ପଞ୍ଚାୟତର ବାଲିପାଟଣା, ଶୈଳ, ନଦୀଗାଁ ପଞ୍ଚାୟତର ତିନିଘରିଆ, ହସନାବାଦ ପଞ୍ଚାୟତର ପଙ୍ଗଟା, ପଣ୍ଡାସାହି, ନୂଆସାହି, ପାଳସାହି ପଞ୍ଚାୟତର ଗଡ଼ଗଦି, କୂଳସାହି, ଗାନ୍ଧିଘାଟ ଶାସନ ଆଦି ଗ୍ରାମ କୃଷିଭିତ୍ତିକ ଅଞ୍ଚଳ। ଏହି ଗ୍ରାମରେ ଖରିଫ ସମୟରେ ଧାନଚାଷ ସହିତ ରବିଋତୁରେ ପନିପରିବା ଚାଷ କରି ଲୋକେ ଜୀବିକା ନିର୍ବାହ କରୁଛନ୍ତି। ଏସବୁ ଗ୍ରାମର ଲୋକ ସଂଖ୍ୟା ହଜାରରୁ ଅଧିକ। ପ୍ରାୟ ୮୦ ପ୍ରତିଶତ ଲୋକ କୃଷି ଉପରେ ନିର୍ଭରଶୀଳ। ଅନେକ ଚାଷୀ ପନିପରିବା ଚାଷ କରି ଭଲ ରୋଜଗାର କରୁଥିଲେ ମଧ୍ୟ ଶୀତଳଭଣ୍ଡାର ନ ଥିବାରୁ ସେମାନେ ଅଭାବୀ ବିକ୍ରିର ସମ୍ମୁଖୀନ ହେଉଛନ୍ତି। କଷ୍ଟ ଉପାର୍ଜିତ ପନିପରିବାକୁ ଉଚିତ୍ ମୂଲ୍ୟ ମିଳୁ ନ ଥିବାବେଳେ ବେପାରୀ ସେଥିରୁ ଲାଭ କରୁଛନ୍ତି।

ବୈତରଣୀ ଓ କୋଚିଲା ନଦୀ ଜଳକୁ ବ୍ୟବହାର କରି ଚାଷୀ ବର୍ଷକ ବାରମାସ ପନିପରିବା, ବିରି, ମୁଗ, ଧାନ ଆଦି ଚାଷ କରୁଛନ୍ତି। ପ୍ରାୟ ଦୁଇ ହଜାର ଏକରରୁ ଅଧିକ ଚାଷଜମି ରହିଥିବାବେଳେ ଉଠାସେଚର ବ୍ୟବସ୍ଥା ସରକାରଙ୍କ ପକ୍ଷରୁ ଯୋଗାଇ ଦିଆଯାଇଛି। ବାଲିପାଟଣା, ତିନିଘରିଆ, ପଙ୍ଗଟା, ପଣ୍ଡାସାହି, ଗଡ଼ଗଦି, କୁଳସାହି, ଗାନ୍ଧିଘାଟ ଆଦି ଗ୍ରାମରେ ୨୦, ୫୦, ୪୦ ଏକରରୁ ଅଧିକ କ୍ଷେତରେ ପନିପରିବା ଚାଷ ହେଉଛି। ଶୀତଳଭଣ୍ଡାରର ସୁବିଧା ନ ଥିବାରୁ ଚାଷୀମାନେ ବାଧ୍ୟ ହୋଇ କମ୍ ଦାମରେ ବେପାରୀଙ୍କୁ ଦେଉଛନ୍ତି। ଚାଷୀ ଗାଡ଼ି ଭଡା କରି ଚାନ୍ଦପୁର, ଭଦ୍ରକ, ଅନ୍ୟାନ୍ୟ ଗଦିରେ ଧାର୍ଯ୍ୟ ମୂଲ୍ୟଠାରୁ କମ୍ ଦାମରେ ବିକ୍ରି କରୁଛନ୍ତି। ଏ ଅଞ୍ଚଳରେ ଶୀତଳଭଣ୍ଡାର ସ୍ଥାପନ ହେଲେ ଟମାଟୋ ସସ୍, ଆଳୁ ଚିପ୍ସ ପରି ଛୋଟ କୃଷି ଉଦ୍ୟୋଗ ଗଢ଼ିଉଠିବ। ଏହା ଚାଷୀଙ୍କ ଆର୍ôଥକ ସ୍ଥିତି ସୁଧାରିବ ବୋଲି ଚାଷୀ କହିଛନ୍ତି। ଉଦ୍ୟାନ କୃଷି ଅଧିକାରୀ କହିଛନ୍ତି, ବୈତରଣୀ-କୋଚିଲା ପାର୍ଶ୍ୱର ଗ୍ରାମ ପନିପରିବା ଚାଷର ପେଣ୍ଠସ୍ଥଳ। ରାଜ୍ୟ ସରକାର ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାରେ ଶୀତଳଭଣ୍ଡାର ପାଇଁ ସହାୟତା ଦେଉଛନ୍ତି। କେନ୍ଦ୍ର ସରକାର ରାଷ୍ଟ୍ରୀୟ ଉଦ୍ୟାନ କୃଷି ଓ ସମନ୍ୱିତ କୃଷି ବିକାଶ ଯୋଜନାରେ ସହାୟତା ଯୋଗାଇ ଦେଉଛନ୍ତି। ଚାଷୀଙ୍କୁ ବିଭିନ୍ନ ସଭା ସମିତିରେ ସଚେତନ କରାଯାଉଛି, କିନ୍ତୁ ଶୀତଳଭଣ୍ଡାର କରିବାକୁ ସେମାନଙ୍କର ଆଗ୍ରହ ନ ଥିବା ପରିଲକ୍ଷିତ ହେଉଛି। ଯଦି କୌଣସି ଚାଷୀ ଆଗ୍ରହ ପ୍ରକାଶ କରିବେ, ସରକାରୀ ସହଯୋଗ ଦିଆଯିବ ବୋଲି ସେ କହିଛନ୍ତି।

## ଆନନ୍ଦପୁର ବାଣିଜ୍ୟ ମହୋତ୍ସବ ଉଦ୍‌ଯାପିତ



**ଆନନ୍ଦପୁର, ୨୨।୧୨(ସମିସ):** ଆନନ୍ଦପୁର ଷ୍ଟାଡିୟମଠାରେ ଚାଲିଥିବା ଆନନ୍ଦପୁର ବାଣିଜ୍ୟ ମହୋତ୍ସବ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଉପସ୍ଥାପକ ରଘୁଦୀପ୍ତି ନାୟକ ଓ ପ୍ରେସ୍‌କ୍ଲବ ସଭାପତି ନାରାୟଣ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ କେନ୍ଦୁଝର ସାଂସଦ ଅନନ୍ତ ନାୟକ, କେନ୍ଦୁଝର ପୌରାଧ୍ୟକ୍ଷା ନିକୁସାହୁ, ରାଜ୍ୟ ସମ୍ପାଦିକା ମମତା ସିଂ, ପୂର୍ବତନ ପୌରାଧ୍ୟକ୍ଷା ରାମଚନ୍ଦ୍ର ସାହୁ, ଆଲୋକ ସେଠୀ ଓ ବିଜେପି ନେତା ଡ. ଶମ୍ଭୁନାଥ ରାଉତ ଯୋଗଦେଇ ବାଣିଜ୍ୟ ମହୋତ୍ସବ ଆନନ୍ଦପୁରର ସଂସ୍କୃତିର ବାର୍ତ୍ତା ବହନକରୁ ବୋଲି ମତବ୍ୟକ୍ତ କରିଥିଲେ। ସମ୍ପାଦକ ସନ୍ତୋଷ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ। ଅପରାହ୍ନରେ ଶୀତ କବିତା ଆସର, ଲଘୁ ସଙ୍ଗୀତ ପରିବେଷଣ କରାଯାଇଥିଲା। ପରେ ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ପ୍ରେସ୍ କ୍ଲବର ବରିଷ୍ଠ ସଦସ୍ୟ ଶତ୍ରୁଘ୍ନ ସାହୁ, ଦିଲୀପ ମିଶ୍ର, ସ୍ୱପ୍ନେଶ୍ୱର ପଣ୍ଡା, ସତ୍ୟଜିତ ସାହୁ, ରାଜୀବ ଜେନା, ଉପେନ୍ଦ୍ର ସାହୁ, ରାଜେନ୍ଦ୍ର ଦାଶ, ଉମାକାନ୍ତ ସାହୁ, ସ୍ମୃତିରଞ୍ଜନ ବିହାରୀ, ଅନୀଲ ସାହୁ, ଲିଟୁହଜାରୀ, ଗତିକୃଷ୍ଣ ଭୂୟାଁ, ରାଜକିଶୋର ସାହୁ, ଜିତୁ ହଜାରୀ, ଅମିୟ ବରାଳ, ସୁଶାନ୍ତ କୁମାର ସାହୁ, ପାର୍ଥ ସୌରଭ ସା, ବିକାଶ ବିଶ୍ୱାଳ, କବୀନ୍ଦ୍ର ଖୁଣ୍ଟିଆ, କୈଳାସ ଚନ୍ଦ୍ର ନାୟକ, ଗୋପୀନାଥ ପାତ୍ର, ମୃତ୍ୟୁଞ୍ଜୟ ସାହୁ ପ୍ରମୁଖ ପରିଚାଳନା କରିଥିଲେ।

## ବାଲ୍ୟ ବିବାହ ବନ୍ଦ ନେଇ ସଚେତନତା



**ବାରିକପୁର, ୨୨।୧୨(ସମିସ):** ଭଣ୍ଡାରିପୋଖରୀ ବ୍ଲକ ମହିଳା ଓ ଶିଶୁ ବିକାଶ ପକ୍ଷରୁ ୫ଟି ସ୍ଥାନରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବାଲ୍ୟ ବିବାହ ବନ୍ଦ ନେଇ ଲୋକ କଳା ପାଲା ମାଧ୍ୟମରେ ଜନସଚେତନତା ସୃଷ୍ଟି କରାଯାଇଛି। ଯେଉଁଠି ବାଲ୍ୟ ବିବାହ ଆୟୋଜନ ହେଉଥିବ, ତତକ୍ଷଣାତ ବିଭାଗୀୟ ଅଧିକାରୀ ଓ ସ୍ଥାନୀୟ ପୁଲିସକୁ ଜଣାଇବା ପାଇଁ ପାଲା ମାଧ୍ୟମରେ ଲୋକଙ୍କୁ ପରାମର୍ଶ ଦିଆଯାଇଛି। ଏଥିସହ ଜନ୍ମରୁ ୬ ବର୍ଷ ଯାଏଁ ଶିଶୁଙ୍କ ବୌଦ୍ଧିକ ଓ ସ୍ୱାସ୍ଥ୍ୟଗତ ଶାରୀରିକ ଯତ୍ନ ପାଇଁ ମଧ୍ୟ କୁହାଯାଇଛି। ବ୍ଲକର ସରସଦା, ରହଣିଆ, ପାହିମହୁରା, କୁମ୍ଭାରିଆ ଓ ନେରଡ଼ାଠାରେ ଏହି ଜନସଚେତନତା ପାଲା ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମକୁ ବ୍ଲକ ଆଇସିଡ଼ିଏସ ମୁଖ୍ୟ ରିତାରାଣୀ ମାଝୀ ଓ ସୁପରଭାଇଜର ପରିଚାଳନା କରିଥିଲେ।

## ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛି 'ଉଇ ଲଭ୍ ହାଟଡ଼ିହୀ'




**ହାଟଡ଼ିହୀ, ୨୨।୧୨(ସମିସ):** ଶୀତଋତୁ ଆସିଲେ ବିଭିନ୍ନ ପର୍ଯ୍ୟଟନସ୍ଥଳୀରେ ଆଗନ୍ତୁକଙ୍କ ଭିଡ଼ ଉପଲବ୍ଧି ହୋଇଥାଏ। ଏହି ପରିପ୍ରେକ୍ଷୀରେ କେନ୍ଦୁଝର ଜିଲ୍ଲାର ହାଟଡ଼ିହୀ ବ୍ଲକଟି ମଧ୍ୟ ପ୍ରାକୃତିକ ପରିବେଶପୂର୍ଣ୍ଣ ସୌନ୍ଦର୍ଯ୍ୟରେ କମ୍ ନୁହେଁ। ଏଠାରେ ବିଭିନ୍ନ ଦର୍ଶନୀୟ ସ୍ଥାନମାନଙ୍କ ମଧ୍ୟରେ ହଦଗଡ଼ ସ୍ଥିତ ସାଳନ୍ଦୀ ନଦୀବନ୍ଧ, ସୁନ୍ଦରାପାଳ ସ୍ଥିତ ଗଡ଼ଚଣ୍ଡୀ, ପୋଡ଼ାସିଙ୍ଗିଡ଼ି ସ୍ଥିତ ରାମଚଣ୍ଡୀ ପୀଠ ସହ ସୁନାଘାଇ ଜଳବନ୍ଧ, ପଡ଼ିଆରୀପଲ୍ଲୀ ସ୍ଥିତ ସିଦ୍ଧଗୁମ୍ଫା ଜଙ୍ଗଲିଆ ପରିବେଶ ମଧ୍ୟରେ ରହିଥିବା ଏହିଭଳି ଖୁବ ସୁନ୍ଦର ସୁନ୍ଦର ସ୍ଥାନ ରହିଥିଲେ ମଧ୍ୟ 'ଉଇ ଲଭ ହାଟଡ଼ିହୀ' ସେଥିମଧ୍ୟରୁ ଅନ୍ୟତମ ଅଟେ। କେହି କେହି ଏହାକୁ ସେଲ୍‌ଫି ପଏଣ୍ଟ ବୋଲି ମଧ୍ୟ କହିଥା'ନ୍ତି। ଗୋଟିଏ ପଟେ ଓସାରିଆ କେନାଲର ନୀଳ ଜଳରାଶି ସହ ମାଆ ଦୁଆରଶୁଣୀଙ୍କ ପୀଠ ତ ପୁଣି ଅନ୍ୟ ପଟରେ ବଉଳା ପାହାଡ଼ରେ ପାଦଦେଶ ତଳେ ଛେନାପଦି ହଦଗଡ଼କୁ ଲମ୍ବିଥିବା ରାସ୍ତାକଡ଼ରେ ଅବସ୍ଥିତ ଏହି ମନଲୋଭା ସୁନ୍ଦର ସ୍ଥାନ। ସ୍ୱଚ୍ଛତା ଅଭାବରୁ ବର୍ତ୍ତମାନ ଏହି ସ୍ଥାନଟି ଅବହେଳିତ ହୋଇପଡ଼ିଥିବାରୁ ଆକର୍ଷଣ କମିଯିବା ପରି ମନେ ହେଉଛି। ସ୍ଥାନୀୟ ପ୍ରଶାସନ ଓ ଲୋକ ପ୍ରତିନିଧିମାନେ ଏ ଦିଗରେ ଦୃଷ୍ଟି ଦେଲେ ପୁନର୍ବାର ଏହାର ସୌନ୍ଦର୍ଯ୍ୟ ଦ୍ୱିଗୁଣିତ ହୋଇପାରନ୍ତା ବୋଲି ସ୍ଥାନୀୟ ଲୋକେ କହୁଛନ୍ତି।

## ଓଡ଼ିଶା ବ୍ରିଗେଡ୍ ସୈନିକ ସ୍କୁଲର ରଜତ ଜୟନ୍ତୀ

**ତିହିଡ଼ି, ୨୨।୧୨(ସମିସ):** ତିହିଡ଼ିସ୍ଥ ଓଡ଼ିଶା ବ୍ରିଗେଡ଼ ସୈନିକ ସ୍କୁଲର ୨୫ ବର୍ଷ ପୂର୍ତ୍ତି ଅବସରରେ ୩ଦିନିଆ ରୌପ୍ୟ ଜୟନ୍ତୀ ସମାରୋହ ଉଦଘାଟିତ ହୋଇଯାଇଛି। ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏ ଉଦଘାଟନ କରିଥିଲେ। ସୈନିକ ସ୍କୁଲ ଉପଦେଷ୍ଟା ସଚିକାନ୍ତ ନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ମୁଖ୍ୟବକ୍ତା ଭାବେ ଭାରତୀୟ ପଦାତିକ ବାହିନୀ ଅଧିକାରୀ କର୍ଣ୍ଣେଲ ରାଜୀବ ବଳ, ବରେଣ୍ୟ ଅତିଥି ଏସଡିପିଓ ତ୍ରିଲୋଚନ ସେଠୀ, ସମ୍ମାନିତ ଅତିଥି ସ୍କୁଲର ପ୍ରତିଷ୍ଠାତା ଦୁର୍ଯ୍ୟୋଧନ ବେହେରା ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ପ୍ରେରଣାଦାୟୀ ପରାମର୍ଶ ଦେଇଥିଲେ। ଆଇନଜୀବୀ ନୀଳମାଧବ ସେନାପତି ସ୍ୱାଗତ ଭାଷଣ ବିଦ୍ୟାଳୟର ସହସମ୍ପାଦକ ଯଯାତିକେଶରୀ ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ। ବିଷ୍ଣୁପଦ ନାୟକ ଜଗନ୍ନାଥ ସ୍ତୁତି ଗାନ କରିଥିଲେ। ପୁରାତନ ଛାତ୍ର ରାଜେଶ ଲେଙ୍କା ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାଳୟ ଅଧ୍ୟକ୍ଷ ବିସ୍ମୟ ବିହାରୀ ସାହୁ ବିବରଣୀ ପାଠ କରିଥିଲେ। ପରିଚାଳନା କମିଟି ସଭାପତି ସସ୍ମିତା ନାୟକ, ସାଂସଦଙ୍କ ତିହିଡି ବ୍ଲକ ପ୍ରତିନିଧି ସୀତାକାନ୍ତ ନାୟକ, ଡ. ଲକ୍ଷ୍ମୀଧର ତ୍ରିପାଠୀ, ଶିକ୍ଷାବିତ ସୋମନାଥ ପାଢ଼ୀ, ମନୋଜ ସେନାପତି, ନିରଞ୍ଜନ ବାରିକ, ଅଜିତ ଜେନା, କେଶବ ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଶୋଭନୀୟ ଶିକ୍ଷାଶ୍ରମର ବାର୍ଷିକ କ୍ରୀଡ଼ା



**ବନ୍ତ/ଆଗରପଡ଼ା, ୨୨।୧୨(ସମିସ):** ଆଗରପଡ଼ାସ୍ଥ ଶୋଭନୀୟ ଶିକ୍ଷାଶ୍ରମର ବାର୍ଷିକ କ୍ରୀଡ଼ା ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାଶ୍ରମ ସଭାପତି ରବୀନ୍ଦ୍ର ପଣ୍ଡାଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ବିଡିଓ ସୀତାକାନ୍ତ ରାଉତ, ସରପଞ୍ଚ ପ୍ରକାଶ ବିଶ୍ୱାଳ, ଯୋଗଗୁରୁ ଧରଣୀଧର କର, ସିଆରସିସି ନିରଞ୍ଜନ ଖିଲାର, ବିଜେପି ମହତାବ ମଣ୍ଡଳ ସଭାପତି ଅମୂଲ୍ୟରତ୍ନ ନନ୍ଦ, ଶିକ୍ଷାବିତ୍ ମୋହନ ମହାନ୍ତି ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଶିକ୍ଷାବିତ୍ ମହେନ୍ଦ୍ର ନାୟକଙ୍କ ତତ୍ତ୍ୱାବଧାନରେ ପ୍ରଧାନ ଗୁରୁମା ସୁକାନ୍ତିଲତା ସିଂହ, ରଶ୍ମିତା ବିଶ୍ୱାଳ, ବବିତା ଦାଶ, ମନ୍ଦାକିନୀ ଦାଶ, ମାମାଲି ନାୟକ, ରଶ୍ମିତା ଦାସ, ଶୈଳବାଳା ବେହେରା, ତପସ୍ୱିନୀ ମଲ୍ଲିକ, ରଞ୍ଜୁଲତା ସାହୁ, ତପସ୍ୱିନୀ ସାହୁ, ଲଳିତା ହାତୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

## ଜେଏନ୍ ସ୍କୁଲର ବାର୍ଷିକ କ୍ରୀଡ଼ା



**ବାରିକପୁର, ୨୨।୧୨(ସମିସ):** ଭଣ୍ଡାରିପୋଖରୀ ବ୍ଲକ ଜେଏନ ପବ୍ଲିକ ସ୍କୁଲରେ ୮ମ ବାର୍ଷିକ କ୍ରୀଡ଼ା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଶିକ୍ଷାବିତ ଗଦାଧର ବାରିକ କ୍ରୀଡ଼ାକୁ ଉଦଘାଟନ କରିଥିଲେ। ଛାତ୍ରଛାତ୍ରୀଙ୍କ ମଧ୍ୟରେ ଗଣିତ ଦୌଡ଼, ଦଉଡି ଡିଆଁ, ଅଖା ଡିଆଁ, ଚକଲେଟ ଦୌଡ଼, ଲେମ୍ବୁ ଚାମଚ, ଲମ୍ବଡିଆଁ, ଉଚ୍ଚଡିଆଁ, ମ୍ୟୁଜିକ ଚେୟାର ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ସିଆରସିସି କ୍ଷୀରୋଦ ଜେନା ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ। ଅଧ୍ୟକ୍ଷା ମମତା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। କ୍ରୀଡ଼ା ପ୍ରତିଯୋଗିତାକୁ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ପରିଚାଳନା କରିଥିଲେ।

## ସରକାରୀ ନିର୍ଦ୍ଦେଶକୁ ୭ ବର୍ଷ ପୂରିଲା

# ଶିକ୍ଷାନୁଷ୍ଠାନରେ ସୁରକ୍ଷା ବ୍ୟବସ୍ଥାକୁ ଅଣଦେଖା

**ବନ୍ତ/ଆଗରପଡ଼ା, ୨୨।୧୨(ସମିସ)**

୨୦୧୮ ନଭେମ୍ବରରେ ସରକାରୀ ବିଦ୍ୟାଳୟର ପାଚେରୀ ନିର୍ମାଣ, ପରିତ୍ୟକ୍ତ ଗୃହ ଓ ପୁରାତନ ଗୃହ ଆଦିର ଦାୟିତ୍ୱ ସରକାର ପଞ୍ଚାୟତିରାଜ ବିଭାଗକୁ ହସ୍ତାନ୍ତର କରିଥିଲେ। ସରକାରଙ୍କ ନିର୍ଦ୍ଦେଶକୁ ଇତିମଧ୍ୟରେ ୭ ବର୍ଷ ପୂରଣ ହୋଇଥିବାବେଳେ ବିଭାଗ ପକ୍ଷରୁ ସେହିଭଳି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିବାରୁ ଶିକ୍ଷାନୁଷ୍ଠାନ ପରିବେଶରେ କୌଣସି ଉନ୍ନତି ପରିଲକ୍ଷିତ ହୋଇପାରୁନି। ସରକାରୀ ବିଦ୍ୟାଳୟ ପ୍ରତି ପିଲାଙ୍କୁ ଆକୃଷ୍ଟ କରିବା ଓ ପ୍ରାଥମିକ ଶିକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ସରକାର ବିଭିନ୍ନ ଯୋଜନାରେ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିଲେ ସୁଦ୍ଧା ବିଭାଗୀୟ ଅଧିକାରୀଙ୍କ ଦୂରଦୃଷ୍ଟିର ଅଭାବ ଯୋଗୁଁ ଏହାର ସଫଳ ରୂପାୟନ ହୋଇପାରୁନାହିଁ। ସରକାରୀ ବିଦ୍ୟାଳୟର ମୁଖ୍ୟ ସମସ୍ୟା ହେଉଛି ଏହାର ସୁରକ୍ଷା। ସରକାର ପ୍ରାଥମିକ ଶିକ୍ଷା ବ୍ୟବସ୍ଥାରେ ବିଦ୍ୟାଳୟର ସୁରକ୍ଷା ପାଇଁ କୌଣସି ବ୍ୟବସ୍ଥା ଗ୍ରହଣ କରୁ ନ ଥିବାରୁ ଅନ୍ୟ ସମସ୍ୟା ସହ ସୁରକ୍ଷା ଦୃଷ୍ଟିରୁ ଅଭିଭାବକ ବେସରକାରୀ ବିଦ୍ୟାଳୟ ପ୍ରତି ନିଜର ଆଗ୍ରହ ପ୍ରକାଶ କରୁଥିବା ଜଣାପଡ଼ିଛି।



ଭଦ୍ରକ ଜିଲ୍ଲା ବନ୍ତ ବ୍ଲକରେ ପାଖାପାଖି ୭୦ଟି ପ୍ରାଥମିକ ବିଦ୍ୟାଳୟ, ୫୯ଟି ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟ, ୧୧ଟି ୟୁଜିଏମଇ ବିଦ୍ୟାଳୟ, ୯ଟି ୟୁପିଏମଇ ବିଦ୍ୟାଳୟ, ୪ଟି ଏମଇ ବିଦ୍ୟାଳୟ, ୧୨ଟି ପିୟୁପିଏସ ବିଦ୍ୟାଳୟ ଓ ୩୮ଟି ଏନୟୁପିଏସ ବିଦ୍ୟାଳୟ ରହିଛି। ଏଥିମଧ୍ୟରୁ ସରକାରଙ୍କ ନୂତନ ନିୟମ ଅନୁସାରେ କିଛି ବିଦ୍ୟାଳୟ ଅନ୍ୟ ବିଦ୍ୟାଳୟ ସହ ମିଶି ଯାଇଥିବାରୁ ବର୍ତ୍ତମାନ ପାଖାପାଖି ୧୯୫ଟି ବିଦ୍ୟାଳୟରେ ଶିକ୍ଷାଦାନ ଚାଲୁଛି। ବିଭିନ୍ନ ପ୍ରକାର ସମସ୍ୟାକୁ ଆକଳନକୁ ନେଲେ ପାଖାପାଖି ଶତକଡ଼ା ୭୦ ଭାଗ ବିଦ୍ୟାଳୟର ସୁରକ୍ଷା ଅତି ସଙ୍କଟାପନ୍ନ ଅବସ୍ଥାରେ ରହିଛି। ବିଭିନ୍ନ ସ୍ଥାନର ମୁଖ୍ୟ ରାସ୍ତା ନିକଟରେ ପ୍ରତିଷ୍ଠା ହୋଇଥିବା ଅନେକ ବିଦ୍ୟାଳୟର ସ୍ଥାୟୀ ପାଚେରି ନ ଥିବାବେଳେ କିଛି ବିଦ୍ୟାଳୟରେ ପରିତ୍ୟକ୍ତ ଗୃହ ବିପଦସଙ୍କୁଳ

### ପରିତ୍ୟକ୍ତ ଶ୍ରେଣୀ ଗୃହ ପିଲାଙ୍କ ଲାଗି ବିପଦ

ଅବସ୍ଥାରେ ଅଛି। ସ୍କୁଲରୁ ବିପଦସଙ୍କୁଳ ଗୃହ ଭାଙ୍ଗିବା ବ୍ୟବସ୍ଥା କରାଯିବା ସହ ଏକ ଶୁଦ୍ଧ ପରିବେଶ ସୃଷ୍ଟି କରିବା ପାଇଁ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଅଭିଭାବକଙ୍କ ପକ୍ଷରୁ ଦାବି ହେଉଛି। କେତେକ ବିଦ୍ୟାଳୟ ଗୃହ ମରାମତି ଅଭାବରୁ ସଂକଟାପନ୍ନ ଅବସ୍ଥାରେ ଅଛି। କେଉଁଠି ପରିସ୍ରାଗାର ନ ଥିବାବେଳେ କେଉଁଠି ଖୋଲା ଆକାଶ ତଳେ ମଧ୍ୟାହ୍ନଭୋଜନ କାର୍ଯ୍ୟ ସମ୍ପାଦନ ହେଉଛି। ସେହିପରି କୌଣସି ସ୍ଥାୟୀ ପାଚେରି ନ ଥିବାରୁ ବିଦ୍ୟାଳୟରେ ରାଜ୍ୟସଭା ସାଂସଦଙ୍କ ଦ୍ୱାରା ପ୍ରଦତ୍ତ କମ୍ପ୍ୟୁଟରର ସୁରକ୍ଷା ମଧ୍ୟ ହୋଇପାରୁନାହିଁ। ବିଭିନ୍ନ ସମୟରେ ବିଦ୍ୟାଳୟରୁ ଚୋରି ହୋଇଯାଉଥିବା ନଜିର ମଧ୍ୟ ରହିଛି। ତେଣୁ ସରକାର ଶିକ୍ଷା ବ୍ୟବସ୍ଥାରେ ଉନ୍ନତି ଆଣୁଥିଲେ ମଧ୍ୟ ଏହାର ସୁରକ୍ଷା ପ୍ରତି ଦୃଷ୍ଟି ଦେବା ନିତ୍ୟାନ୍ତ ଆବଶ୍ୟକ ହୋଇପଡ଼ିଛି। ତେଣୁ ବିଭାଗୀୟ ଅଧିକାରୀ ସରକାରଙ୍କ ଯୋଜନାର ସଫଳ ରୂପାୟନ କରିବା ସହ ବହୁ ବିଦ୍ୟାଳୟର ସୁରକ୍ଷାରେ ଲାଗିରହିଥିବା ସମସ୍ୟା ପ୍ରତି ଦୃଷ୍ଟି ହେବାକୁ ଅଭିଭାବକଙ୍କ ସହ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି।

ସକାଳ
THE SAKALA



### ସମୂହ ଗଛକାଟି ବସ୍‌ଷ୍ଟାଣ୍ଡ ନିର୍ମାଣ ପ୍ରସଙ୍ଗ

# ବିଜେଡି ପକ୍ଷରୁ ଦାବିପତ୍ର ପ୍ରଦାନ

ବାରିପଦା, ୨୨ ।୧୨(ସମିସ):



ବାରିପଦା ସହରର ପାଲବଣିଠାରେ ବ୍ୟାପକ ଗଛକାଟି ଆନ୍ତଃରାଜ୍ୟ ବସଷ୍ଟାଣ୍ଡ ନିର୍ମାଣ ଘଟଣାରେ ମୟୂରଭଞ୍ଜ ଜିଲ୍ଲା ବିଜୁ ଜନତା ଦଳ ପକ୍ଷରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ହସ୍ତକ୍ଷେପ ଲୋଡାଯାଇଛି । ଦଳର ସମସ୍ତ ନେତୃବୃନ୍ଦ ଜିଲ୍ଲାପାଳ ହେମକାନ୍ତ ସଏଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ବସଷ୍ଟାଣ୍ଡ ନିର୍ମାଣ ପାଇଁ ୧୭ ତାରିଖରୁ ହଜାର ହଜାର ଗଛ କାଟିବା କାମ ଆରମ୍ଭ ହୋଇଛି । ନୂଆ ବସ୍‌ଷ୍ଟାଣ୍ଡ ପାଇଁ ମନୋନୀତ ସ୍ଥାନଟି ଅତି ଘଞ୍ଚ ସବୁଜ ଆଚ୍ଛାଦିତ ଅଞ୍ଚଳ । ଶାଳଠାରୁ ଆରମ୍ଭ କରି ମୂଲ୍ୟବାନ ଗଛ ଭରପୂର ଥିବାରୁ ସହରର ଅମ୍ଳଜାନର ଉତ୍ସ ଭାବେ କାର୍ଯ୍ୟ କରୁଥିଲା । ସ୍ଥାନୀୟ ଲୋକ, ବନ ସୁରକ୍ଷା କମିଟି ଓ ରକ୍ଷଣଶୀଳଙ୍କ ମତାମତ ନ ନେଇ ଜିଲ୍ଲା ପ୍ରଶାସନ ଏକପାଖିଆ ଭାବେ ନୂଆ ବସ୍‌ଷ୍ଟାଣ୍ଡ ସ୍ଥାପନ କରିବାକୁ ନିଷ୍ପତ୍ତି ନେବା ସ୍ଥାନୀୟ ଲୋକ ଓ ପରିବେଶପ୍ରେମୀମାନେ ହତବାକ କରିଛି । ଯଦି ଏହି ନୂଆ ଆନ୍ତଃରାଜ୍ୟ ବସ୍‌ଷ୍ଟାଣ୍ଡ ନିର୍ମାଣ ପାଇଁ ଗଛକଟା ବନ୍ଦ କରା ନ ଯାଏ, ବରିପଦାରେ ଜଙ୍ଗଲ ଅଞ୍ଚଳ ହ୍ରାସ ପାଇ ଭବିଷ୍ୟତରେ ଅନେକ ପରିବେଶଗତ ସମସ୍ୟା ଉତ୍ପନ୍ନ ହେବ । ପୂର୍ବରୁ ଜିଲ୍ଲା ପ୍ରଶାସନ ବରିପଦା ସର୍କଲ ଜେଲ୍ ଅଧୀନରେ ଥିବା ମୁର୍ଗାବାଡିଠାରେ ଏକ ଉପଯୁକ୍ତ ଜମି ଚିହ୍ନଟ କରିଥିଲେ ଏବଂ ଯଥେଷ୍ଟ କ୍ଷତିପୂରଣ ନେଇ ସେଠାରେ ନୂଆ ବସ୍‌ଷ୍ଟାଣ୍ଡ କରିବାକୁ ଯୋଜନା କରିଥିଲେ । ବିନା ବିସ୍ତୃତ ଅଧ୍ୟୟନରେ ପ୍ରଶାସନ ଏକତରଫା ଭାବେ ଗଭୀର ଜଙ୍ଗଲ ଭିତରେ ବସ୍‌ଷ୍ଟାଣ୍ଡ ସ୍ଥାପନ କରିବାକୁ ନିଷ୍ପତ୍ତି ନେବା ଦୁର୍ଭାଗ୍ୟଜନକ । ଏହା ଓଡ଼ିଶା ବନ ଆଇନ ୧୯୭୨ ଓ ବିଦ୍ୟମାନ ନିୟମାବଳୀର ନିୟମ ଉଲ୍ଲଙ୍ଘନ କରୁଛି । ଯେଉଁଥିରେ ଗଛ କଟାଯାଇଥିଲେ ୧:୧୦ ହାରରେ ପୁନଃରୋପଣ ବାଧ୍ୟତାମୂଳକ । ଏପର୍ଯ୍ୟନ୍ତ ଏହାର କୌଣସି ଯୋଜନା ପ୍ରକାଶ ପାଇନାହିଁ । ଆପେକ୍ସ କୋର୍ଟ ମଧ୍ୟ ଏହି ଗଛଗୁଡ଼ିକ ଜଙ୍ଗଲ କିସମ୍ ଭାବେ ଚିହ୍ନଟ ନହେଲେ ମଧ୍ୟ ସେଗୁଡ଼ିକୁ ସୁରକ୍ଷା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି । ଦାୟିତ୍ୱପୂର୍ଣ୍ଣ ଶାସନ ବଜାୟ ରଖିବା ଉଦ୍ଦେଶ୍ୟରେ ବିଜେଡି ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରି ପୁନଃରୋପଣ ଯୋଜନା ଓ ଅନ୍ୟାନ୍ୟ ସମ୍ପର୍କିତ ବିଷୟର ବିସ୍ତୃତ ଯୋଜନା ପ୍ରସ୍ତୁତ ନ ହେବା ପର୍ଯ୍ୟନ୍ତ ଗଛକଟାକୁ ତୁରନ୍ତ ଅଟକାଇ ବାରିପଦାରେ ଥିବା ବହୁ ସରକାରୀ ଖାଲି ଜମିକୁ ପ୍ରକଳ୍ପଟିକୁ ସ୍ଥାନାନ୍ତରିତ କରିବାକୁ ନିବେଦନ କରାଯାଇଛି । ଦଳ ପକ୍ଷରୁ ଜିଲ୍ଲା ସଭାପତି ତଥା ପୂର୍ବତନ ମନ୍ତ୍ରୀ ସୁଦାମ ମାରାଣ୍ଡି, ଜିଲ୍ଲା ପରିଷଦ ଅଧ୍ୟକ୍ଷା ଭାରତୀ ହାଁସଦା, ପୂର୍ବତନ ଉପବାଚସ୍ପତି ସାନନ୍ଦ ମାରାଣ୍ଡି, ପୂର୍ବତନ ମନ୍ତ୍ରୀ ସରୋଜିନୀ ହେମ୍ବ୍ରମ, ପୂର୍ବତନ ବିଧାୟକ ରାଜକିଶୋର ଦାସ, ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ଉପନଗରପାଳ ସୀମା ଦାସ, ଏମସିସି ବ୍ୟାଙ୍କ ସଭାପତି ସୁବ୍ରମଣ୍ୟମ ମହାନ୍ତି, କାର୍ଯ୍ୟକାରୀ ସଭାପତି ଜିତେନ୍ଦ୍ର ମହାନ୍ତି, ପୂର୍ବତନ ସଭାପତି ଦେବାଶିଷ ମହାନ୍ତି, ପୂର୍ବତନ ଏସଡିସି ଅଧ୍ୟକ୍ଷ ଦେବାଶିଷ ମାରାଣ୍ଡି, ପ୍ରଭାତ ନାୟକ, ଦେବୀଦତ୍ତ ଦାଶ ପ୍ରମୁଖଙ୍କ ସହ ସମେତ ଶତାଧିକ କର୍ମକର୍ତ୍ତା ପଦଯାତ୍ରାରେ ଯାଇ ଜିଲ୍ଲାପାଳଙ୍କୁ ଭେଟି ଅଭିଯୋଗ ପତ୍ର ପ୍ରଦାନ କରିଥିଲେ ।

## ମାନବିକ ବିଦ୍ୟାଭବନର ବାର୍ଷିକ କ୍ରୀଡ଼ା ଉତ୍ସବ



କେନ୍ଦୁଝର,୨୨।୧୨(ସମିସ): ଆନ୍ତର୍ଜାତିକ ମାନବିକତା ଶୋଭନୀୟତା ଫାଉଣ୍ଡେସନ୍ ଦ୍ୱାରା ପ୍ରତିଷ୍ଠିତ ମାନବିକ ବିଦ୍ୟାଭବନ, ବ୍ରଜମୋହନପୁରର ବାର୍ଷିକ କ୍ରୀଡ଼ା ଉତ୍ସବ ମହୋହରପୁର ଖେଳପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ପିଲାମାନେ ବିଭିନ୍ନ କ୍ରୀଡ଼ା, ଯଥା-ସଟ୍‌ପୁଟ୍, ୨୦୦ ମି. ଦୌଡ଼, ୪୦୦ ମି. ଦୌଡ଼, ଉଚ୍ଚଡିଆଁ, ଲମ୍ବଡିଆଁ, ମ୍ୟୁଜିକ୍ ଚେୟାର, ବେଙ୍ଗ ଡିଆଁ, ପ୍ରଭୃତି ବିଭିନ୍ନ ବର୍ଗରେ ଅଂଶଗ୍ରହଣ କରିଥିଲେ । ଏହାସହିତ ଚିତ୍ରାଙ୍କନ, ସାଧାରଣଜ୍ଞାନ, ସଂଗୀତ, ନୃତ୍ୟ, ବକ୍ତୃତା ଆଦି ଅନୁଷ୍ଠିତ ହୋଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା ।

ପୁରସ୍କାର ବିରତଣୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ବିଆର୍‌ସି ଧ୍ରୁବଚରଣ ସାହୁ ଯୋଗଦେଇ କ୍ରୀଡ଼ା ଶିକ୍ଷାର ଏକ ଅବିଚ୍ଛେଦ୍ୟ ଅଙ୍ଗ ବୋଲି କହିଥିଲେ । ଏହି କାର୍ଯ୍ୟକ୍ରମକୁ ବିଜୟ କୁମାର ସାହୁ ପରିଚାଳନା କରିଥିଲେ । ଗୁରୁଜୀ ଗୁରୁମା ରଶ୍ମୀରେଖା ସାହୁ, ସଂଯୁକ୍ତା ଖଣ୍ଡା, ଅଞ୍ଜଳି ସାହୁ, ସ୍ମୃତିରାଣୀ ମହାନ୍ତ, ଶୁଚିସ୍ମିତା ମହାନ୍ତ, ଦୁର୍ଯ୍ୟୋଧନ ମହାନ୍ତ, ସଂଗ୍ରାମ କୁମାର ସାହୁ, ଦୁର୍ଯ୍ୟୋଧନ ମହାନ୍ତ (ବି) ପ୍ରମୁଖ ସହଯୋଗ କରିଥିଲେ । କ୍ରୀଡ଼ାର ବିଭିନ୍ନ ପ୍ରତିଯୋଗିତାରେ ଅଜିତ୍ ମହାନ୍ତ, ସାର୍ଥକ ସୌରଭ ସାହୁ, ମଦନ ମୁଣ୍ଡା, କିଶୋର ସାହୁ, ତନ୍ମୟ ମହାନ୍ତ, ପ୍ରଳୟ ନାୟକ, ରାଜଶ୍ରୀ ସାହୁ, ଜ୍ୟୋତ୍ସ୍ନା ପିଙ୍ଗୁଆ, ସ୍ୱାଗତିକା ସାହୁ, ପରିଣୀତା ମହାନ୍ତ, ଆଦ୍ୟାଶା ମୁଣ୍ଡା, ନେହାଶ୍ରୀ ସାହୁ, ରୋହିତ ମୁଣ୍ଡା, ଚିନ୍ମୟୀ ସାହୁ, ଜ୍ଞାନପ୍ରକାଶ ସାହୁ, ସନ୍ଦୀପ ଶୁଭଙ୍କର ସାହୁ ପ୍ରମୁଖ ପୁରସ୍କୃତ ହୋଇଥିଲେ ।

## ୨ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ସାଇବର ଠକେଇ

ବାରିପଦା,୨୨ ।୧୨(ସମିସ): ହସ୍ପିଟାଲରେ ଗୁରୁତରଙ୍କ ଚିକିତ୍ସା ନିମନ୍ତେ ମିଥ୍ୟା କହି ୨ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ସାଇବର ଠକେଇ ହୋଇଛି । ଏ ନେଇ ବଡ଼ସାହି ଥାନା ଅନ୍ତର୍ଗତ ବାଘୁଆପାଳ ଗ୍ରାମର ମଦନ ମୋହନ ଗିରି ସାଇବର ଓ ଅର୍ଥନୈତିକ ଅପରାଧ ଥାନାରେ ଅଭିଯୋଗ କରିଛନ୍ତି । ତାଙ୍କୁ ଏକ ଅଜଣା ନମ୍ବରରୁ ଫୋନ ଆସିଥିଲା । ତାଙ୍କ ନାତିର ଦେହ ଅତ୍ୟନ୍ତ ଖରାପ ଥିବାରୁ ହସ୍ପିଟାଲରେ ଭର୍ତ୍ତି ହୋଇଛି । ତାଙ୍କର ଚିକିତ୍ସା ନିମନ୍ତେ ହସ୍ପିଟାଲକୁ ଟଙ୍କା ଦେଉଥିବାବେଳେ କୌଣସି ସମସ୍ୟା ପାଇଁ ଟ୍ରାଞ୍ଜାକସନ ସମ୍ଭବ ହେଉନାହିଁ ବୋଲି କହିଥିଲେ । ଯାହାକୁ ନେଇ ତାଙ୍କୁ କିଛି ଟଙ୍କା ମାଗିଥିଲେ । ତାଙ୍କ କଥାରେ ଫସି ସେ ପର୍ଯ୍ୟାୟକ୍ରମେ ୨,୯୮,୦୨୦ ଟଙ୍କା ପ୍ରଦାନ କରିଥିଲେ । ଏହାପରେ ସେ ଟଙ୍କା ଫେରସ୍ତ ମାଗିବାରୁ ନ ପାଇ ଥାନାର ଦ୍ୱାରସ୍ଥ ହୋଇଛନ୍ତି ।

■ ମୟୂରଭଞ୍ଜ ଜିଲ୍ଲା ଶିଳ୍ପ ସଂଘର ନୂଆ କାର୍ଯ୍ୟକାରୀ କମିଟି

## କମଲ ସଭାପତି, ସୌମ୍ୟସ୍ୱରୂପ ସାଧାରଣ ସମ୍ପାଦକ



ବାରିପଦା, ୨୨ ।୧୨(ସମିସ): ମୟୂରଭଞ୍ଜ ଜିଲ୍ଲା ଶିଳ୍ପ ସଂଘର ବାର୍ଷିକ ସାଧାରଣ ସଭା ରବିବାର ତକତପୁରସ୍ଥ ହୋଟେଲ୍ ହୋଲି ପ୍ୟାଲେସ୍‌ରେ ଅନୁଷ୍ଠିତ ହୋଇଛି । ଏହି ସଭାରେ ୨୦୨୫-୨୬ ବର୍ଷ ପାଇଁ ନୂଆ କାର୍ଯ୍ୟକାରୀ କମିଟି ଗଠନ କରାଯାଇଛି । କମଲ ଦାସ ସଭାପତି, ଦେବ ହୋତା (ରାଇରଙ୍ଗପୁର) ଓ ମନ୍ମଥ ପଣ୍ଡା (ବାରିପଦା) ଉପସଭାପତି, ସୌମ୍ୟସ୍ୱରୂପ ଦାସ ସାଧାରଣ ସମ୍ପାଦକ, ଗିରିଜା ଶଙ୍କର ଦାଶ ଓ ଦୀପ୍ତେଶ ତ୍ରିପାଠୀଙ୍କୁ ଯୁଗ୍ମସମ୍ପାଦକ ଓ ସୁଦୀପ୍ତ କୁମାର ମହାପାତ୍ର କୋଷାଧ୍ୟକ୍ଷ ଭାବେ ନିର୍ବାଚିତ ହୋଇଛନ୍ତି । ପରେଶ ମହାନ୍ତ, ନିତ୍ୟାନନ୍ଦ ତ୍ରିପାଠୀ ଓ ଦେବାଶିଷ ପାତ୍ର କାର୍ଯ୍ୟକାରୀ କମିଟିର ପରାମର୍ଶଦାତା ମନୋନୀତ ହୋଇଛନ୍ତି । ଜିଲ୍ଲାର ଶିଳ୍ପ ଉନ୍ନୟନ ଓ ସଦସ୍ୟଙ୍କ ସମସ୍ୟା ଉପରେ ବିସ୍ତୃତ ଆଲୋଚନା ହୋଇଥିବାବେଳେ ନୂଆ କମିଟି ଶିଳ୍ପ କ୍ଷେତ୍ରର ବିକାଶରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବ ବୋଲି ଆଶା ପ୍ରକାଶ କରାଯାଇଛି ।

## ପଡ଼ିଆରୁ ବାଇକ୍ ଚୋରି

ରାଇରଙ୍ଗପୁର/ବାଦାମପାହାଡ଼,୨୨।୧୨(ସମିସ): କୁସୁମୀ ଫୁଟବଲ ପଡ଼ିଆରୁ ବାଇକ ଚୋରି ହୋଇଛି । ଏ ନେଇ ଦେଉଳି ଗ୍ରାମର ଭାଗବତ ସୋରେନ ବାଦାମପାହାଡ଼ ଥାନାରେ ଅଭିଯୋଗ କରିଛନ୍ତି । ସେ ପଡ଼ିଆକୁ ଖେଳ ଦେଖିବାକୁ ଯାଇଥିବାବେଳେ ପଡ଼ିଆ ସମ୍ମୁଖେର ବାଇକ ପାର୍କିଂ କରିଥିଲେ । ଫେରିଲା ବେଳକୁ ଉକ୍ତ ସ୍ଥାନରେ ବାଇକ ନ ଥିଲା । ବହୁ ଖୋଜାଖୋଜି ପରେ ବାଇକ୍ ପାଇ ନ ଥିଲେ ।

● ଜୁଆ ଆଡ୍ଡା ଉପରେ ଚଢ଼ଉ

## ୨ ଗିରଫ, ଟଙ୍କା ଓ ସରଞ୍ଜାମ ଜବତ

ରାଇରଙ୍ଗପୁର/କରଞ୍ଜିଆ,୨୨।୧୨ (ସମିସ): ଯଶିପୁର ଅଞ୍ଚଳରେ ଜୁଆ ଖେଳ ସକ୍ରିୟ ଥିବାବେଳେ ଏହାକୁ ରୋକିବାକୁ ପୁଲିସ ପକ୍ଷରୁ ଚଢ଼ଉ କରାଯାଇ ୨ ଜଣଙ୍କୁ ଗିରଫ କରିବାରେ ସଫଳତା ହୋଇଛି । ଯଶିପୁର ଥାନା ଅନ୍ତର୍ଗତ ଗଡ଼ତଳସାହି ଗ୍ରାମ ପଡ଼ିଆରେ ପୁଲିସ ଟିମ୍ ଦ୍ୱାରା ଚଢ଼ଉ କରାଯାଇଥିଲା । ଅନ୍ୟମାନେ ଚମ୍ପଟ ମାରିଥିବାବେଳେ ୨ ଜଣଙ୍କୁ ଗିରଫ କରାଯାଇଛି । ସେମାନେ ହେଲେ ଯଶିପୁର ଥାନା ଅନ୍ତର୍ଗତ ଗଡ଼ତଳସାହି ଗ୍ରାମର ବାବୁଲା ନାଏକ (୨୮) ଓ ଅଁଳାଗୁଞ୍ଜା ଗ୍ରାମର ବିବେକାନନ୍ଦ ବେହେରା (୪୧) । ସେମାନଙ୍କ ପାଖରୁ ୧୩୦୦ ଟଙ୍କା, ମୋବାଇଲ ଫୋନ ଓ ଖେଳ ସରଞ୍ଜାମ ଜବତ କରାଯାଇଛି । ଏ ନେଇ ଯଶିପୁର ଥାନାରେ ମାମଲା ରୁଜୁ କରାଯାଇଛି ।

## ସାଧାରଣତନ୍ତ୍ର ଦିବସ ପ୍ରସ୍ତୁତି ବୈଠକ




ରାଇରଙ୍ଗପୁର,୨୨।୧୨ (ସମିସ): ରାଇରଙ୍ଗପୁରସ୍ଥ ବାମନଘାଟି ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସର ସମ୍ମିଳନୀ କକ୍ଷରେ ୭୭ତମ ସାଧାରଣତନ୍ତ୍ର ଦିବସ ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଉପଜିଲ୍ଲାପାଳ ସୌମ୍ୟରଞ୍ଜନ ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ଅତିରିକ୍ତ ଜିଲ୍ଲାପାଳ ସୁଚାରୁ କୁମାର ବଳ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବିକାଶ ରଞ୍ଜନ ମହାନ୍ତି ସମସ୍ତଙ୍କୁ ସ୍ୱାଗତ କରିବା ସହ ବୈଠକର ଆଭିମୁଖ୍ୟ ସମ୍ବନ୍ଧରେ ପ୍ରତିପାଦନ କରିଥିଲେ । ପରେ ଜାତୀୟ ଦିବସକୁ ଉପଖଣ୍ଡ ସ୍ତରରେ ଆକର୍ଷଣୀୟ ଭାବେ ସୁବ୍ୟବସ୍ଥିତ ଢଙ୍ଗରେ ପାଳନ କରିବା ପାଇଁ ପ୍ରତ୍ୟେକଟି ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା । ଦିବସ ପାଳନ ଅବ୍ୟବହିତ ପୂର୍ବରୁ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଆୟୋଜନ, ବିଚାରକ ମଣ୍ଡଳୀ ଗଠନ, ଡାକବାଜି ଯନ୍ତ୍ର ଯୋଗେ ସହରାଞ୍ଚଳରେ ରାମଧୂନ ପରିବେଷଣ, ପ୍ୟାରେଡ ପଡିଆ ସୁସଜ୍ଜୀକରଣ, ଅଭିବାଦନ ମଞ୍ଚ ପ୍ରସ୍ତୁତି, ସହରାଞ୍ଚଳକୁ ପରିଷ୍କାର ପରିଚ୍ଛନ୍ନ, ଜଳଯୋଗାଣ, ଆକସ୍ମିକ ଦୁର୍ଘଟଣାର ମୁକାବିଲା, ପ୍ୟାରେଡ ପରିଚାଳନା, ଆପାତକାଳୀନ ସ୍ୱାସ୍ଥ୍ୟ ସେବା, ଜାତୀୟ ସଂଗୀତ ପରିବେଷଣ, ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ, ଅତିଥିଙ୍କୁ ନିମନ୍ତ୍ରଣ ପତ୍ର ପ୍ରଦାନ, ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ, ଦିବସ ପାଳନ ଦିନ ଉପଖଣ୍ଡ ଚିକିତ୍ସାଳୟର ରୋଗୀ ଓ ଉପକାରଗାର ଅନ୍ତେବାସୀଙ୍କୁ ଫଳ-ବିସ୍କୁଟ ବଣ୍ଟନ, ଆନୁଷ୍ଠାନିକ ପ୍ୟାରେଡରେ ଅଂଶ ଗ୍ରହଣ କରିଥିବା ପ୍ୟାରେଡଙ୍କୁ ବିସ୍କୁଟ ଲଡୁ ବଣ୍ଟନ ଆଦି କାର୍ଯ୍ୟ ଉପରେ ଆଲୋଚନା କରାଯାଇଥିଲା । ଉକ୍ତ ବୈଠକରେ ଉପଖଣ୍ଡ ସ୍ତରୀୟ ବିଭିନ୍ନ ପଦାଧିକାରୀ, ବିଭିନ୍ନ ଶିକ୍ଷାନୁଷ୍ଠାନ ଏନସିସି ଅଧକାରୀ, ବରିଷ୍ଠ ନାଗରିକ, ଆଇନଜୀବୀ, ମାନ୍ୟଗଣ୍ୟ ବ୍ୟକ୍ତିବିଶେଷ, ସ୍ୱେଚ୍ଛାସେବୀ ଅନୁଷ୍ଠାନ କର୍ମକର୍ତ୍ତା ଓ ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଧନ୍ୟବାଦ ଅର୍ପଣ କରିଥିଲେ । ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟର ହରିଶ ଚନ୍ଦ୍ର ମହାପାତ୍ର ଓ ସଂଗ୍ରାମ ବିଶ୍ୱାଳ ସହଯୋଗ କରିଥିଲେ ।

## ବନ୍ଦ ଘରୁ ଟଙ୍କା ଓ ଅଳଙ୍କାର ଚୋରି

ରାଇରଙ୍ଗପୁର,୨୨।୧୨ (ସମିସ): ଘାଗରବେଡ଼ା ଥାନା ଅଞ୍ଚଳରେ ତାଲା ବନ୍ଦ ଘରୁ ଲକ୍ଷାଧିକ ଟଙ୍କା ମୂଲ୍ୟର ସୁନା ଅଳଙ୍କାର ଓ ଟଙ୍କା ଚୋରି ହୋଇଛି । ଏନେଇ ହିନ୍ଦୋଳ ଗ୍ରାମ ମୁରଲୀଧର ବେହେରା ଘରୁ ଚୋରି ନେଇ ଘାଗରବେଡା ଥାନାରେ ଅଭିଯୋଗ କରିଛନ୍ତି । ସେ ପରିବାର ଲୋକଙ୍କ ସହ ବାହାରକୁ ଯାଇଥିବାବେଳେ ଏହାର ସୁଯୋଗ ନେଇ ଦୁର୍ବୃତ୍ତ ଚୋରି କରିଛନ୍ତି । ସୁନା ଅଳଙ୍କାର ଓ ୩୦,୦୦୦ ଟଙ୍କା ଚୋରି ହୋଇଥିବା ମୁରଲୀଧର ଅଭିଯୋଗ କରିଛନ୍ତି ।

## ପିକ୍‌ଅପ୍ ଧକ୍କାରେ ଯୁବକ ମୃତ

ରାଇରଙ୍ଗପୁର/କରଞ୍ଜିଆ,୨୨।୧୨(ସମିସ): ବଡ଼ସରେଇ ଛକ ନିକଟରେ ପିକଅପ ଗାଡ଼ି ଧକ୍କାରେ ଯୁବକଙ୍କ ମୃତ୍ୟୁ ଘଟିଛି । ମୃତକ ଜଣକ ଘାଗରବେଡା ଥାନା ଅନ୍ତର୍ଗତ ବଡ଼କେଶରୀ ଗ୍ରାମର ବିଶ୍ୱଜିତ ନାଏକ(୨୪) । ସେ ବାଇକରେ ଯାଉଥିବାବେଳେ ଏକ ପିକଅପ ଦ୍ରୁତଗତିରେ ଆସି ସମ୍ମୁଖରୁ ଧକ୍କା ଦେଇଥିଲା । ସ୍ଥାନୀୟ ଲୋକେ ଉଦ୍ଧାର କରି ଉଦ୍ଧାର କରି ଉପଖଣ୍ଡ ହସ୍ପିଟାଲରେ ଭର୍ତ୍ତି କରିଥିଲେ । ସେଠାରେ ତାଙ୍କର ମୃତ୍ୟୁ ଘଟିଛି ।

## ସାଂସଦ ଖେଳ ମହୋତ୍ସବ ଉଦଯାପିତ



ବାରିପଦା,୨୨ ।୧୨(ସମିସ): ସ୍ଥାନୀୟ ଷ୍ଟାଡିୟମ ପଡିଆରେ ଜିଲ୍ଲା ପ୍ରଶାସନର ପକ୍ଷରୁ ଆୟୋଜିତ ସାଂସଦ ଖେଳ ମହୋତ୍ସବ' ଜିଲ୍ଲା ସ୍ତରୀୟ ଖେଳ ପ୍ରତିଯୋଗିତା ଉଦଯାପିତ ହୋଇଯାଇଛି । ରାଜ୍ୟସଭା ସାଂସଦ ମମତା ମହାନ୍ତ ମୁଖ୍ୟଅତିଥି ଭାବେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ । ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ଦୁଃଖବନ୍ଧୁ ନାୟକ, ଜିଲ୍ଲା କ୍ରୀଡା ଅଧିକାରୀ ଡଃ ସୁଭାଶିଷ ନାୟକ, ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ଭାଗୀରଥି ମଲ୍ଲିକ ପ୍ରମୁଖ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ । ପୁରୁଷ ବିଭାଗ ଫୁଟବଲ ପ୍ରତିଯୋଗିତାରେ ୩୨ଦଳ ଅଂଶଗ୍ରହଣ କରିଥିବାବେଳେ ଏସଏସବି, ଶାଳବଣୀ ଚାମ୍ପିଅନ ଓ ହିମେଶ ଫାଇଟର, ବାରିପଦା ରନର୍ସଅପ ହୋଇଥିଲା । ମହିଳା କବାଡି ପ୍ରତିଯୋଗିତାରେ ୧୨ଟି ଦଳ ଅଂଶଗ୍ରହଣ କରିଥିବାବେଳେ ସାଗେନ କ୍ଲବ, ରାସଗୋବିନ୍ଦପୁର ଚାମ୍ପିଅନ ଓ ଟିଟିଆଇ, ତକତପୁର ରନର୍ସଅପ ହୋଇଥିଲା । ଉଭୟ ପ୍ରତିଯୋଗିତାର ଚାମ୍ପିଅନ ଦଳକୁ ୨୦ ହଜାର ଟଙ୍କା ଓ ଟ୍ରଫି, ରନର୍ସଅପ ଦଳକୁ ୧୫ ହଜାର ଟଙ୍କା ଓ ଟ୍ରଫି ପ୍ରଦାନ କରାଯାଇଥିଲା । ଏ ଅବସରରେ କ୍ରୀଡା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଜିଲ୍ଲା କ୍ରୀଡା ଅଧିକାରୀ ଡଃ ଶୁଭାଶିଷ ନାୟକ, ଶିକ୍ଷକ ତଥା କ୍ରୀଡ଼ାବିତ ସୋମନାଥ ସିଂହ, କ୍ରୀଡା ଶିକ୍ଷା ଶିକ୍ଷକ ସୁନୀଲ କୁମାର ମହାନ୍ତ ଓ ଦିବ୍ୟରଞ୍ଜନ ମହାନ୍ତଙ୍କୁ ସାଂସଦ ସମ୍ବର୍ଦ୍ଧିତ କରିଥିଲେ । ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ଶ୍ରୀ ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ ।


## ଅତିରିକ୍ତ ସଚିବ ଓ ଯୁଗ୍ମ ସଚିବଙ୍କ ମୋରଡ଼ା ବ୍ଲକ୍ ଗସ୍ତ

ମୋରଡ଼ା,୨୨।୧୨(ସମିସ):ସୋମବାର ମୋରଡା ବ୍ଲକ୍‌କୁ ଅତିରିକ୍ତ ସଚିବ ଓ ଯୁଗ୍ମ ସଚିବଙ୍କ ଟିମ ଗସ୍ତ କରି ମନରେଗା ଓ ଆବାସ ଗୃହ କାର୍ଯ୍ୟ ସମୀକ୍ଷା କରିଛନ୍ତି । ଅତିରିକ୍ତ ଶାସନ ସଚିବ ଅରୂପ ସାହୁ, ଗୀତାଞ୍ଜଳି ନାୟକ, ଯୁଗ୍ମ ଶାସନ ସଚିବ ଗାୟତ୍ରୀଦତ୍ତ ନାୟକଙ୍କ ସହ ସିଡିଓ ଧରମାନନ୍ଦ ବେହେରା, ଏପିଡି କନ୍ୟାକୁମାରୀ ମିଶ୍ର, ଅତିରିକ୍ତ ଇଓ ସନ୍ତନୁ ନାୟକ, ଏମସି ଜୁଲଫିକର ଅଲ୍ଲୀ ଖାନ, ମୋରଡା ବିଡିଓ ଅଣାକର ନାୟକ, ଏଇଇ ସୁଶାନ୍ତ ନାୟକ, ଅତିରିକ୍ତ ବିଡିଓ ସୁଶାନ୍ତ ରାଉଳ ବିଭିନ୍ନ ପଞ୍ଚାୟତ ଗସ୍ତ କରିଥିଲେ । ପ୍ରଥମେ ଦାନ୍ତିଆମୁହାଁ ପଞ୍ଚାୟତ, ଦୁର୍ଗାପୁର ପଞ୍ଚାୟତ ଗସ୍ତ କରି ମନରେଗାରେ କାର୍ଯ୍ୟ ଚାଲିଥିବା କାର୍ଯ୍ୟସ୍ଥଳକୁ ଯାଇ ଲୋକଙ୍କ ସହିତ ଆଲୋଚନା କରିବା ସହ ଯେଉଁ ହିତାଧିକାରୀ ଆବାସ ଯୋଜନାରେ ଗୃହ ପାଇ କାର୍ଯ୍ୟକୁ ସମ୍ପୂର୍ଣ୍ଣ କରିନାହାନ୍ତି ସେମାନଙ୍କର ସମସ୍ୟା କ'ଣ ଓ କିପରି ସମାଧାନ କରାଯାଇପାରିବ ଆଲୋଚନା କରିଥିଲେ । ଅପରାହ୍ନରେ ନୁହାଝାଳିଆର ଫୁଡ୍ ପାର୍କକୁ ଯାଇ ଫ୍ୟାକ୍ଟ୍ରି ବୁଲି ଦେଖିଥିଲେ । ପରେ ଜୁଆଳିଭଙ୍ଗା ଓ ଶେଷରେ ହଳଦୀପାଳ ପଞ୍ଚାୟତ ଗସ୍ତ କରିଥିଲେ ।

## ଦୁଇ ବାଇକ୍ ମୁହାଁମୁହିଁ ଧକ୍କା, ଜଣେ ମୃତ

ରାଇରଙ୍ଗପୁର/କରଞ୍ଜିଆ,୨୨।୧୨ (ସମିସ): ଧୁଡିବାରି ଛକ ନିକଟରେ ଦୁଇଟି ବାଇକ ମୁହାଁମୁହିଁ ଧକ୍କା ହେବା ଫଳରେ ଜଣକର ମୃତ୍ୟୁ ହୋଇଛି । ମୃତକ ଜଣକ ଧାଟିକାବେଡା ଗ୍ରାମର ଅର୍ଜୁନ ମହାନ୍ତ(୫୪) । ସେ କେନ୍ଦୁମୁଣ୍ଡି ସାପ୍ତାହିକ ହାଟକୁ ଯାଇଥିଲେ । ସେଠାରୁ ଫେରୁଥିବାବେଳେ ଦ୍ରୁତଗାମୀ ପଲସର ବାଇକ ତାଙ୍କୁ ଧକ୍କା ଦେଇଥିଲା । ସ୍ଥାନୀୟ ଲୋକମାନେ ଉଦ୍ଧାର କରି ତାଙ୍କୁ ଉଦ୍ଧାର କରି କରଞ୍ଜିଆ ଉପଖଣ୍ଡ ହସ୍ପିଟାଲରେ ଭର୍ତ୍ତି କରିଥିଲେ । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଅଭିଯୋଗକ୍ରମେ ପୁଲିସ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି ।

## ଆନନ୍ଦପୁର ମହାବିଦ୍ୟାଳୟରେ ଜାତୀୟ ଗଣିତ ଦିବସ



ଆନନ୍ଦପୁର,୨୨ ।୧୨(ସମିସ): ଆନନ୍ଦପୁର ମହାବିଦ୍ୟାଳୟର ରସାୟନ ବିଜ୍ଞାନ ସେମିନାର ରୁମ୍‌ରେ ଜାତୀୟ ଗଣିତ ଦିବସ ଡ. ନାରାୟଣ ମିଶ୍ରଙ୍କ ଦ୍ୱାରା ଆୟୋଜିତ ହୋଇଛି । ସମ୍ମାନିତ ଅତିଥିଭାବେ ଡ. ନିମାଇଁ ଚରଣ ରାଉତ, ଡ. ଶକ୍ତି ପ୍ରସାଦ ମହାପାତ୍ର, ଅଧ୍ୟାପିକା ଭାରତୀ ସାହୁ, ଅନିତା ଦାସ, ବିଶ୍ୱରଞ୍ଜନ ସାହୁ, ପ୍ରାଧ୍ୟାପକ ଦୁର୍ଗାଶଙ୍କର ପରିଡ଼ା, ପ୍ରଫୁଲ୍ଲ କୁମାର ପଣ୍ଡା ପ୍ରମୁଖ ଉପସ୍ଥିତ ରହି ରାମାନୁଜଙ୍କ ଜୀବନୀ ଓ ତାଙ୍କର ଅବଦାନ ସମ୍ବନ୍ଧରେ ଆଲୋଚନା କରିଥିଲେ । ଗଣିତ ବିଭାଗର ବିଭାଗୀୟ ମୁଖ୍ୟ ମିତାଶ୍ରୀ ବେହେରା ସଭା ସଂଯୋଜନା କରିଥିବାବେଳେ ଅଧ୍ୟାପକ ରିମନ୍ ଆଚାର୍ଯ୍ୟ ଧନ୍ୟବାଦ୍ ଅର୍ପଣ କରିଥିଲେ । ବିଶ୍ୱଜିତ୍ ରାଉତ, ରୀମନ୍ ଆଚାର୍ଯ୍ୟ, ମିତାଶ୍ରୀ ବେହେରା, ଡ. ଶକ୍ତିପ୍ରସାଦ ମହାପାତ୍ର ପରୀକ୍ଷା ପରିଚାଳନା କରିଥିଲେ । ଯୁକ୍ତତିନ ଛାତ୍ର ସତ୍ୟବ୍ରତ ସାହୁ, ପ୍ରିତମ୍ ପ୍ରିୟଦର୍ଶୀ ମହାନ୍ତି ସେମିନାରଟକ୍ ପ୍ରଦାନ କରିଥିଲେ ।

## ଆନନ୍ଦପୁର ଆର୍‌ଏମ୍‌ସିର ଧାନସଂଗ୍ରହ ପ୍ରଚାର ରଥ ଶୁଭାରମ୍ଭ

ଆନନ୍ଦପୁର,୨୨ ।୧୨(ସମିସ): ଆନନ୍ଦପୁର ଆରଏମ୍‌ସି ପକ୍ଷରୁ ଖରିଫ ଧାନ ସଂଗ୍ରହ ପାଇଁ ଆଜି ପ୍ରଚାର ରଥ ଶୁଭାରମ୍ଭ ହୋଇଛି । କମିଟିର ସମ୍ପାଦକ ଶକ୍ତିଧର କାଣ୍ଡିଙ୍କ ତତ୍ତ୍ୱାବଧାନରେ ଅଧ୍ୟକ୍ଷ ତଥା ଉପଜିଲ୍ଲାପାଳ ନୀଳମାଧବ ସୁନା ପତାକା ଦେଖାଇବା ପରେ ପ୍ରଚାର ଅଭିମୁଖେ ରଥ ଗଡ଼ିଥିଲା । ଆନନ୍ଦପୁର ଘସିପୁରା ହାଟଡିହି ବ୍ଲକ ସମେତ ଆନନ୍ଦପୁର ପୌରାଞ୍ଚଳର ବିଭିନ୍ନ ସାହିକୁ ଏହି ପ୍ରଚାର ଗାଡି ବୁଲି ଧାନ ସଂଗ୍ରହ ସମ୍ପର୍କରେ ସୂଚନା ପ୍ରଦାନ କରିବ । ଜଳଧର ସିଂ, ବସନ୍ତ ମଲିକ, ବିଜୟ ସାହୁ, ଚିତ୍ରସେନ ପାତ୍ର, ଶକ୍ତି ପ୍ରସାଦ ମିଶ୍ର, ସୁବ୍ରତ ବେହେରା, ଲିଙ୍କି ଜେନା ସହଯୋଗ କରିଥିଲେ ।

## ସେଙ୍ଗେଲ ପକ୍ଷର ରାଷ୍ଟ୍ରପତିଙ୍କୁ ଦାବିପତ୍ର



ବାରିପଦା,୨୨ ।୧୨(ସମିସ): ଆଦିବାସୀ ସେଙ୍ଗେଲ ଅଭିଯାନ ବାରିପଦା ଜୋନାଲ କମିଟି ଉପସଭାପତି ବାହାଦୂର ମୁର୍ମୁ ଓ ଅଲ୍ ଇଣ୍ଡିଆ ମାଝୀ-ପାର୍ଗାନା ମାଡୱା ମୟୂରଭଞ୍ଜ ଜିଲ୍ଲା କମିଟି ସଭାପତି ବିକାଶ ଚନ୍ଦ୍ର ହେମ୍ବ୍ରମଙ୍କ ନେତୃତ୍ୱରେ ଭଞ୍ଜପୁର ଥାନା ଅନ୍ତର୍ଗତ ଜନାର୍ଦ୍ଦନପୁର ଗ୍ରାମରେ (ହାସା) ମାତୃଭୂମି, (ଭାଷା) ମାତୃଭାଷା ଅର୍ଥାତ୍ ସାନ୍ତାଳ ପାର୍ଗାନା ଦିଶୋମ୍, ସିଏନଟି, ଏସପିଟି ଓ ସାନ୍ତାଳୀ ଭାଷା ବିଜୟ ଦିବସ ପାଳନ କରାଯାଇଛି । ଏ ଅବସରରେ ସମାଜ ସୁଧାର ସେଙ୍ଗେଲ ସଂକଳ୍ପ ସଭା କରାଯାଇ ସମାଜର କୁପ୍ରଥାକୁ ହଟାଯାଇ ବୃହତ ଏକତା ଗଠନ କରି ବୃହତ ଜନଆନ୍ଦୋଳନ ଠିଆ କରିବାକୁ ଆହ୍ୱାନ ଦିଆଯାଇଛି । ତତପଶ୍ଚାତ ଓଡ଼ିଶା ପ୍ରଦେଶ ପାର୍ଗାନା ସହ ବାରିପଦା ଜୋନାଲ ସଭାପତି ନାରାନ ମୁର୍ମୁଙ୍କ ନେତୃତ୍ୱରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ମୟୁରଭଞ୍ଜ ଅତିରିକ୍ତ ଜିଲ୍ଲାପାଳ ଦୁଖବନ୍ଧୁ ନାଏକଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି । ଭାରତରେ ସମସ୍ତ ମାନବ ସମୁଦାୟଙ୍କୁ ଧାର୍ମିକ ସ୍ୱାଧୀନତା ଦିଆଯାଇଛି, କିନ୍ତୁ ଭାରତ ସ୍ୱାଧୀନ ହୋଇ ୭୭ ବର୍ଷ ହେଲା ଆଜି ସୁଦ୍ଧା ପ୍ରକୃତି ପୂଜକ ଆଦିବାସୀଙ୍କୁ ଧାର୍ମିକ ସ୍ୱାଧୀନତା ଦିଆଯାଇନାହିଁ । ବରଂ ଆଦିବାସୀଙ୍କୁ ଜୋର ଜବରଦସ୍ତି ଧର୍ମାନ୍ତରୀକରଣ କରାଯାଉଛି । ସେହିପରି ଭାରତର ସାମ୍ବିଧାନିକ ମାନ୍ୟତାପ୍ରାପ୍ତ ୨୨ଟି ଭାଷା ମଧ୍ୟରୁ ୨୧ଟି ଭାଷା ମାଧ୍ୟମରେ ଭାଷାଭିତ୍ତିକ ରାଜ୍ୟ ଗଠନ ହୋଇଛି, କିନ୍ତୁ ଆଜି ପର୍ଯ୍ୟନ୍ତ ସାନ୍ତାଳୀ ଭାଷାକୁ ଝାଡ଼ଖଣ୍ଡର ପ୍ରଥମ ରାଜଭାଷା ମାନ୍ୟତା ଦିଆଯାଇନାହିଁ । ବରଂ ବିଦେଶୀ ଭାଷା ଇଂରାଜୀ, ଉର୍ଦ୍ଧୁ, ସଂସ୍କୃତ ଏବଂ ହିନ୍ଦି ଭାଷା ଅନେକ ରାଜ୍ୟରେ ଦ୍ୱିତୀୟ ଓ ତୃତୀୟ ରାଜଭାଷା ରୂପେ ମାନ୍ୟତା ଦିଆଯାଇଛି । ଆଦିବାସୀ ବହୁଳ ରାଜ୍ୟରେ ସାନ୍ତାଳୀ ଭାଷାକୁ ଦ୍ୱିତୀୟ ରାଜଭାଷା ମାନ୍ୟତା ପ୍ରଦାନ କରାଯାଉନାହିଁ । ଯାହାକି ଆଦିବାସୀ ସେଙ୍ଗେଲ ଅଭିଯାନ ପକ୍ଷରୁ ସାର୍ନା ଧର୍ମ କୋଡ଼ ମାନ୍ୟତା ଓ ସାନ୍ତାଳୀ ଭାଷାକୁ ଝାଡ଼ଖଣ୍ଡର ପ୍ରଥମ ରାଜଭାଷା ମାନ୍ୟତା ପାଇଁ ଦୀର୍ଘ ଦିନରୁ ବାରମ୍ବାର ଦାବି କରାଯାଉଛି । ଆଦିବାସୀଙ୍କ ଭାଷା, ସଂସ୍କୃତିକୁ ବିଲୁପ୍ତ କରାଯାଇ ଆଦିବାସୀଙ୍କୁ ଯୁଗ ଯୁଗ ଧରି ଗୁଲାମୀରେ ରଖିବାର ଷଡ଼ଯନ୍ତ୍ର କରାଚାଲିଛି ବୋଲି ପ୍ରକାଶ କରାଯାଇଛି । ଅବିଳମ୍ବେ ସାର୍ନା ଧର୍ମ କୋଡ଼ ଓ ସାନ୍ତାଳୀ ଭାଷାକୁ ରାଜଭାଷା ମାନ୍ୟତା ଦେବାକୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ପାଇଁ ଦୃଢ ଦାବି କରାଯାଇଛି । ଦାବିପତ୍ର ପ୍ରଦାନ ସମୟରେ ଜୋନାଲ ପାର୍ଗାନା ମାଧବ ମୁର୍ମୁ, ଜିଲ୍ଲା ସେଙ୍ଗେଲ ଯୁବା ସଭାପତି ଉଦୟନାଥ ହେମ୍ବ୍ରମ ସହ ପ୍ରମୁଖ ନେତା ଉପସ୍ଥିତ ଥିଲେ ।

### ବାରିପଦା ଗୁଳିକାଣ୍ଡକୁ ପୂରିଲା ୩୨ ବର୍ଷ

# ସହିଦ ରତିକାନ୍ତ ଓ କୁଳଦୀପଙ୍କୁ ଶ୍ରଦ୍ଧାଞ୍ଜଳି

ବାରିପଦା, ୨୨ ।୧୨(ସମିସ):



ସହିଦ ରତିକାନ୍ତ ଓ କୁଳଦୀପଙ୍କ ତିରୋଧାନ ଦିବସରେ ଗଭୀର ଶ୍ରଦ୍ଧାଞ୍ଜଳି ପ୍ରଦାନ କରାଯାଇଛି । ୧୯୯୩ ଡିସେମ୍ବର ୨୩ ତାରିଖରେ ବାରିପଦାରେ ପୁଲିସ ଗୁଳିରେ ଦୁଇଜଣ ସ୍ୱାଭିମାନୀ ଛାତ୍ର ନେତାଙ୍କ ପ୍ରାଣହାନୀ ହୋଇଥିଲା । ଡିସେମ୍ବର ୨୨ ତାରିଖରେ ରତିକାନ୍ତ ମହାନ୍ତି ପୁଲିସ ଗୁଳିରେ ସହିଦ ହୋଇଥିବାବେଳେ ଡିସେମ୍ବର ୨୩ ତାରିଖରେ କୁଳଦୀପ ସାଓ ସହିଦ ହୋଇଥିଲେ । ଦୁଇ ସଂଗ୍ରାମୀ ଛାତ୍ର ନେତାକୁ ଶ୍ରଦ୍ଧାଞ୍ଜଳି ଦେବାକୁ ସ୍ମୃତିଚାରଣ ସଭା ଆୟୋଜିତ ହୋଇଥିଲା । ପୂର୍ବତନ କୃଷି ନିଗମ ଅଧ୍ୟକ୍ଷ ଦେବାଶିଷ ମହାନ୍ତି ଓ ଏମସିସି ବ୍ୟାଙ୍କ ସଭାପତି ସୁବ୍ରମଣ୍ୟମ ମହାନ୍ତିଙ୍କ ମିଳିତ ଆବାହତ୍ୱରେ ଟ୍ରାଫିକ ବଜାରରେ ସ୍ମୃତି ସଭାର ଆୟୋଜନ କରାଯାଇଥିଲା ।ଏହି ସଭାରେ ପୂର୍ବତନ ମନ୍ତ୍ରୀ ସୁଦାମ ମାର୍ଣ୍ଡି, ପୂର୍ବତନ ଉପବାଚସ୍ପତି ସାନନ୍ଦ ମାର୍ଣ୍ଡି, ଜିଲ୍ଲା ପରିଷଦ ଅଧ୍ୟକ୍ଷା ଭାରତୀ ହାଁସଦା, ପୂର୍ବତନ ରାଜ୍ୟସଭା ସାଂସଦ ତଥା ପୂର୍ବତନ ମନ୍ତ୍ରୀ ସରୋଜିନୀ ହେମ୍ବ୍ରମ, ପୂର୍ବତନ ବିଧାୟକ ରାଜକିଶୋର ଦାସ, ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ଉପନଗରପାଳ ସୀମା ଦାସ, ପୂର୍ବତନ ଏସଡିସି ଅଧ୍ୟକ୍ଷ ଡା. ଦେବାଶଷି ମାର୍ଣ୍ଡି, ଭଞ୍ଜସେନା ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନା, ସମାଜସେବୀ କବିବିଷ୍ଣୁ ଶତପଥୀ, ସହିଦ ରତିକାନ୍ତଙ୍କ ଭାଇ ବିଶ୍ୱନାଥ ମହାନ୍ତି, ଜିତେନ୍ଦ୍ର ମହାନ୍ତି, ବାରିପଦା ବାର ଆସୋସିଏସୋନର ସମ୍ପାଦକ ବିପ୍ଳବ ବାରିକ, ବ୍ୟବସାୟୀ ସଂଘ ସଭାପତି ଅମିତାଭ ସାହୁ, ଯୁବନେତା ଅରୁଣ ବରାଡ, ଛାତ୍ରନେତା ସୁନୀଲ ନାୟକ ପ୍ରମୁଖ ଯୋଗଦେଇ ସ୍ମୃତିଚାରଣ କରିଥିଲେ । କପିଳ ଖଣ୍ଡେଲୱାଲ ଧନ୍ୟବାଦ ଅର୍ପଣ କରିଥିଲେ ।

## ଆଜିର ରାଶିଫଳ

**ମେଷ:** ଶିକ୍ଷା କ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ। ଚାକିରିରେ ପରିବର୍ତ୍ତନ ହେବ। ରାଜନୀତିରେ ସଫଳ ହେବେ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ। ପରିବାର ସଦସ୍ୟଙ୍କ ସହଯୋଗ ମିଳିବ।

**ବୃଷ:** ବ୍ୟସ୍ତତା ଭିତରେ ଦିନଟି କଟିବ। ବ୍ୟବସାୟ ଆଗକୁ ବଢ଼ାଇବାକୁ ପ୍ରୟାସ କରିବେ। ପରିବାର ସଦସ୍ୟଙ୍କ ସହ ଧାର୍ମିକ ସ୍ଥାନକୁ ଯାତ୍ରା କରିବେ। ପ୍ରେମ ଜୀବନ ସୁଖମୟ ହେବ।

**ମିଥୁନ:** ଚାକିରିରେ ପଦୋନ୍ନତି ସମ୍ଭାବନା ଅଛି। ସ୍ୱାସ୍ଥ୍ୟରେ ସୁଧାର ଆସିବ। ଅଧିକ ପରିଶ୍ରମ କରିବେ। ପାରିବାରିକ ଜୀବନ ସୁଖମୟ ହେବ। ଖର୍ଚ୍ଚରେ ନିୟନ୍ତ୍ରଣ ରକ୍ଷା କରିବେ।

**କର୍କଟ:** ଆର୍ଥିକ ସ୍ଥିତିରେ ଉନ୍ନତି ପରିଲକ୍ଷିତ ହେବ। ଉଧାର ଧନ ଫେରିପାଇବେ। ସମ୍ପର୍କୀୟଙ୍କ ଘରକୁ ବୁଲିବାକୁ ଯିବେ। ମାନସିକ ଶାନ୍ତି ପାଇଁ ଧାର୍ମିକ କାର୍ଯ୍ୟରେ ସମୟ ଅତିବାହିତ କରିବେ।

**ସିଂହ:** ନିବେଶରୁ ଲାଭ ପାଇବେ। କାର୍ଯ୍ୟରେ ସଫଳତା ମିଳିବ। ବ୍ୟବହାରରେ ସଂଯମତା ରକ୍ଷା କରିବେ। ତରବରିଆ ଭାବେ କୌଣସି ନିଷ୍ପତ୍ତି ନେବେ ନାହିଁ। ଶିକ୍ଷା କ୍ଷେତ୍ରରେ ସମ୍ମାନ ମିଳିବ।

**କନ୍ୟା:** ନୂଆ ରଣନୀତିରେ କାରବାରକୁ ଆଗକୁ ନେବେ। ଘର ସାଜସଜ୍ଜାରେ ଅଧିକ ଖର୍ଚ୍ଚାନ୍ତ ହେବେ। ଭାଇ, ଭଉଣୀଙ୍କ ସହ ସୁଖଦୁଃଖ ବାଣ୍ଟିବେ। ପଡ଼ୋଶୀଙ୍କ ସହ ମତାନ୍ତର ଦୂର ହେବ।

**ତୁଳା:** ସରକାରୀ କ୍ଷେତ୍ରରେ ଲାଭ ମିଳିବ। ଭବିଷ୍ୟତ ପାଇଁ ବଡ଼ ନିଷ୍ପତ୍ତି ନେବେ। ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି। ଛାତ୍ରଛାତ୍ରୀ ଖେଳକୁଦରେ ସମୟ ଅତିବାହିତ କରିବେ।

**ବିଛା:** ଘରେ ମାଙ୍ଗଳିକ କାର୍ଯ୍ୟ ଆୟୋଜନ କରିବେ। ସମୟ ପୂର୍ବରୁ ସମସ୍ତ କାର୍ଯ୍ୟ ପୂରା କରିବେ। ଇଚ୍ଛା ପୂରଣ ହେବ। ଦାମ୍ପତ୍ୟ ଜୀବନ ଖୁସିରେ ବିତିବ। ବନ୍ଧୁଙ୍କ ସହ ବୁଲିବାକୁ ଯିବେ।

**ଧନୁ:** ଧାର୍ମିକ ସ୍ଥାନକୁ ଯାତ୍ରାଯୋଗ ଅଛି। ବ୍ୟବସାୟ ଜନିତ ସମସ୍ୟା ସମାଧାନ ହେବ। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ଆର୍ଥିକ ଉନ୍ନତିକୁ ନେଇ ପ୍ରସନ୍ନ ରହିବେ। ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ।

**ମକର:** ନାଚ, ଗୀତରେ ସଫଳତା ମିଳିବ। ଛାତ୍ରଛାତ୍ରୀ ପଢ଼ା ପ୍ରତି ଆଗ୍ରହ ପ୍ରକାଶ କରିବେ। ଭଉଣୀଙ୍କ ସ୍ୱାସ୍ଥ୍ୟରେ ସୁଧାର ଆସିବ। ଦାମ୍ପତ୍ୟ ଜୀବନରେ ସମସ୍ୟା ଦେଖା ଦେବ।

**କୁମ୍ଭ:** ପ୍ରେମିକ ପ୍ରେମିକାଙ୍କ ଲାଗି ଦିନଟି ଭଲ। ଘର ପାଇଁ ନୂଆ ଜିନିଷ କିଣିବେ। ସନ୍ତାନଙ୍କ ସହ ସମୟ ଅତିବାହିତ କରିବେ। ଛାତ୍ରଛାତ୍ରୀ ପରୀକ୍ଷାରେ କୃତକାର୍ଯ୍ୟ ହେବେ।

**ମୀନ:** ବ୍ୟସ୍ତତା ଭିତରେ ନିଜ ପାଇଁ ସମୟ ବାହାର କରିବେ। ଧାର୍ମିକ କାର୍ଯ୍ୟରେ ନିୟୋଜିତ ହେବେ। ଶିକ୍ଷାରେ ସଫଳତା ମିଳିବ। ପୈତୃକ ସମ୍ପତ୍ତି ବିବାଦର ସମାଧାନ ହେବ।

## ଆଜିର ଇତିହାସ

- ୧୮୯୪- ବିଶ୍ୱକବି ରବୀନ୍ଦ୍ରନାଥ ଟାଗୋର ଶାନ୍ତି ନିକେତନରେ ପୁଷ୍ ମେଳାର ଉଦ୍‌ଘାଟନ କଲେ।
- ୧୯୨୧-ବିଶ୍ୱଭାରତୀ ବିଶ୍ୱବିଦ୍ୟାଳୟର ଉଦ୍‌ଘାଟନ।
- ୧୯୨୨- ବିବିସି ରେଡିଓ ଦୈନିକ ସମାଚାର ପ୍ରସାରଣ ଆରମ୍ଭ ହେଲା।
- ୧୯୭୨- ନିକାରାଗୁଆର ରାଜଧାନୀ ମନାଗୁଆରେ ଭୂମିକମ୍ପ ହେବାରୁ ପାଖାପାଖି ୧୦ ହଜାର ଲୋକଙ୍କ ପ୍ରାଣହାନି।
- ୨୦୦୦-ପଶ୍ଚିମବଙ୍ଗର ରାଜଧାନୀର ନାମ କଲିକତାକୁ ବଦଳାଇ କୋଲକାତା କରାଗଲା।





# ଅନ୍ନଦାତାଙ୍କ ପାଇଁ ଦିନଟିଏ

ପ୍ରତିବର୍ଷ ଡିସେମ୍ବର ୨୩ ତାରିଖକୁ ଜାତୀୟ କୃଷକ ଦିବସ ରୂପେ ପାଳନ କରାଯାଇଥାଏ। ପୂର୍ବତନ ପ୍ରଧାନମନ୍ତ୍ରୀ ଚୌଧୁରୀ ଚରଣ ସିଂଙ୍କ ଜନ୍ମ ଜୟନ୍ତୀକୁ ଜାତୀୟ କୃଷକ ଦିବସ ଭାବେ ପାଳନ କରାଯାଏ। ସାମାଜିକ-ଅର୍ଥନୈତିକ ବିକାଶରେ କୃଷକଙ୍କ ଅବଦାନକୁ ଚିହ୍ନିବା ଏବଂ ସେମାନଙ୍କ କଲ୍ୟାଣ ପାଇଁ ସଚେତନତା ସୃଷ୍ଟି କରିବା ଏହି ଦିବସ ପାଳନର ମୁଖ୍ୟ ଲକ୍ଷ୍ୟ ଓ ଉଦ୍ଦେଶ୍ୟ। ପୂର୍ବତନ ପ୍ରଧାନମନ୍ତ୍ରୀ ଚୌଧୁରୀ ଚରଣ ସିଂହଙ୍କ ଜନ୍ମ ୧୯୦୨ ମସିହା ଆଜିର ଦିନରେ ହୋଇଥିଲା। ପ୍ରଧାନମନ୍ତ୍ରୀ ଥିବା କାଳରେ ଦେଶର କୃଷକଙ୍କ ଉନ୍ନତି କ୍ଷେତ୍ରରେ ସେ ଅନେକ ପଦକ୍ଷେପ ନେଇଥିଲେ। ଏହାର ମୂଳ କାରଣ ଥିଲା ସେ ନିଜେ କୃଷକ ପରିବାରରେ ଜନ୍ମ ହୋଇଥିଲେ। ସେ କୃଷକଙ୍କ ସମସ୍ୟାକୁ ଅଙ୍ଗେ ନିଭାଇଥିଲେ। ସେଥିପାଇଁ ତାଙ୍କ ଜନ୍ମଦିନକୁ ସାରାଦେଶରେ କୃଷକ ଦିବସ ଭାବେ ପାଳନ କରାଯାଉଛି। ପ୍ରଧାନମନ୍ତ୍ରୀ ଚରଣ ସିଂ ନିଜ କାର୍ଯ୍ୟକାଳରେ କୃଷକମାନଙ୍କର ରୋଜଗାର ବୃଦ୍ଧି, କୃଷି କ୍ଷେତ୍ରରେ ଆଧୁନିକ ଯନ୍ତ୍ରପାତିର ବ୍ୟବହାର, ଉନ୍ନତମାନର ବିହନ ଓ ଚାଷ ପ୍ରଣାଳୀର ପରିବର୍ତ୍ତନ ପାଇଁ ଅନେକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପମାନ ଗ୍ରହଣ କରିଥିଲେ। ସେ ଦେଶର ପ୍ରଧାନମନ୍ତ୍ରୀ ଭାବେ ବହୁତ୍ କମ ଦିନ କାର୍ଯ୍ୟ କରିଛନ୍ତି। ହେଲେ କୃଷକ ଓ କୃଷି କ୍ଷେତ୍ରରେ ସେ ଯେଉଁଭଳି ବୈପ୍ଳବିକ ପରିବର୍ତ୍ତନ ଆଣିଥିଲେ, ତାହାକୁ ନଜରରେ ରଖି ୨୦୦୧ ମସିହାଠାରୁ ଆଜିର ଦିନକୁ କୃଷକ ଦିବସ ଭାବେ ପାଳନ କରାଯାଉଛି। କୃଷି କ୍ଷେତ୍ରରେ ପରିବର୍ତ୍ତନ ସହ କୃଷକମାନଙ୍କୁ ସଶକ୍ତ କରିବା ଏହି ଦିବସ ପାଳନର ଉଦ୍ଦେଶ୍ୟ। କୃଷି ଓ କୃଷକର ଉନ୍ନତିରେ ଦେଶର ପ୍ରଗତି ସମ୍ଭବ ହୋଇଥାଏ। କୃଷକମାନେ ଦେଶର ଅର୍ଥନୀତିର ମେରୁଦଣ୍ଡ। କୃଷି ଓ କୃଷକର ଉନ୍ନତି ବ୍ୟତିରେକ ଦେଶର ପ୍ରଗତି ଅସମ୍ଭବ। ସେଥିପାଇଁ କୃଷକଙ୍କୁ ଅନ୍ନଦାତା କୁହାଯାଏ। ଦେଶର ପ୍ରତି ନାଗରିକ ଅନ୍ନଦାତାଙ୍କ ଠାରେ ଚିରଋଣୀ। ଅଧିକାଂଶ ସମୟରେ କୃଷକ ଆତ୍ମହତ୍ୟା ଖବରର ଶିରୋନାମାରେ ରହୁଛି। ଏହିଦିନ କୃଷି ଓ କୃଷକଙ୍କ ସର୍ବାଙ୍ଗୀନ ଉନ୍ନତି ପାଇଁ ଦୃଢ଼ ସଂକଳ୍ପବଦ୍ଧ ହେବା ସହ ଅକାଳରେ ଯେପରି ଅନ୍ନଦାତାଙ୍କ ଜୀବନ ନଯାଏ ସେଥିପ୍ରତି ସମସ୍ତେ ଦାୟିତ୍ୱବାନ ହେବାର ଆବଶ୍ୟକତା ରହିଛି। ଏହି ଦିନ କୃଷି ଉପରେ ବିଭିନ୍ନ କାର୍ଯ୍ୟକ୍ରମ, ସେମିନାର, ଉତ୍ସବ ଏବଂ ପ୍ରତିଯୋଗିତା ଆୟୋଜନ କରାଯାଏ।




# 'ବର୍ଡର ୨'ରେ ଦେଖାଯିବେ ଏହି ଚାରି ନାୟିକା

ବଲିଉଡ୍‌ର ଆକ୍ସନ୍ ଷ୍ଟାର୍ ସନ୍ନି ଦେଓଲ ଏବେ ତାଙ୍କର ବହୁ ପ୍ରତୀକ୍ଷିତ ଫିଲ୍ମ 'ବର୍ଡର ୨' ପାଇଁ ଚର୍ଚ୍ଚାରେ ଅଛନ୍ତି। ଏଥିରେ ସନ୍ନିଙ୍କ ସହ ଦିଲଜିତ୍ ଦୋସାଞ୍ଜ, ବରୁଣ ଧୱନ୍ ଓ ଅହାନ୍ ସେଟ୍ଟୀ ଲିଡ୍ ରୋଲରେ ନଜର ଆସିବେ। ନିକଟରେ ଫିଲ୍ମର ଟିଜର୍ ଜାରି କରାଯାଇଥିଲା। ଏହା ଦର୍ଶକଙ୍କୁ ଖୁବ୍ ପସନ୍ଦ ଆସିଛି। ଅନେକ ଦିନରୁ ଏଥିରେ ନାୟିକା ଭାବେ କିଏ ଦେଖାଯିବେ ସେନେଇ କଳ୍ପନାଜଳ୍ପନା ଲାଗି ରହିଥିଲା। ଟିଜର୍‌ରୁ ଫିଲ୍ମର ନାୟିକାମାନଙ୍କ ସମ୍ପର୍କରେ ଜଣାପଡ଼ିଛି। ଏଥିରେ ମୋନା ସିଂହ ସନ୍ନି ଦେଓଲଙ୍କ ବିପକ୍ଷରେ ନଜର ଆସିବେ। ସେହିଭଳି ସୋନମ୍ ବାଜୱା, ଦିଲଜିତ୍ ଦୋସାଞ୍ଜଙ୍କ ସହ ଦେଖାଯିବେ। ସୋନମ୍‌ଙ୍କୁ ଶେଷଥର ପାଇଁ ହର୍ଷବର୍ଦ୍ଧନ ରାଣେଙ୍କ ସହ 'ଏକ ଦିବାନେ କି ଦିବାନିୟତ' ଫିଲ୍ମରେ ଦେଖାଯାଇଥିଲା। ଅହାନ୍ ସେଟ୍ଟୀଙ୍କ ପତ୍ନୀ ଭୂମିକାରେ ଅନ୍ୟା ସିଂହଙ୍କୁ ଦେଖିବାକୁ ମିଳିବ। ଏହାପୂର୍ବରୁ ଅନ୍ୟା 'ଜି କରଦା', 'ସ୍ତ୍ରୀ ୨', 'ଖୋ ଗଏ ହମ୍ କହାଁ' ଫିଲ୍ମରେ ଦେଖାଯାଇଥିଲେ। ମେଘା ରାଣା ଏଥିରେ ବରୁଣ ଧୱନ୍‌ଙ୍କ ବିପକ୍ଷରେ ଦେଖାଯିବେ। ଅନୁରାଗ ସିଂହ ଏହାର ନିର୍ଦ୍ଦେଶନା ଦେଇଛନ୍ତି। ଏହା ଆସନ୍ତା ଜାନୁଆରୀ ୨୩ରେ ପରଦାକୁ ଆସିବ।

## ଆଜି ଆସିଥିଲେ

# କବିଚନ୍ଦ୍ର କାଳୀଚରଣ ପଟ୍ଟନାୟକ



ଆଧୁନିକ ଓଡ଼ିଆ ନାଟ୍ୟକାର, ଗୀତିକାର, କବି, ସଙ୍ଗୀତଜ୍ଞ ଓ ନୃତ୍ୟ ବିଶାରଦ ଭାବେ କାଳୀଚରଣ ପଟ୍ଟନାୟକଙ୍କ ଅବଦାନ ଅସାଧାରଣ। ସେ ପାରମ୍ପରିକ ଲୀଳା ନାଟକ ପ୍ରଦର୍ଶନ କରି ନିଜର ନାଟ୍ୟକାର ଜୀବନ ଅରମ୍ଭ କରିଥିଲେ। ପରେ ସେ ଆଧୁନିକ ମଞ୍ଚ ନାଟକ ଲେଖିଲେ। ତାଙ୍କୁ ଆଧୁନିକ ଓଡ଼ିଆ ନାଟ୍ୟଶାସ୍ତ୍ରର 'ଭରତମୁନି' ବୋଲି ମଧ୍ୟ କୁହାଯାଏ। ତାଙ୍କ ପ୍ରଚେଷ୍ଟାରୁ ୧୯୫୮ ମସିହାରେ ଓଡ଼ିଶୀ ନୃତ୍ୟ ଶାସ୍ତ୍ରୀୟ ମର୍ଯ୍ୟାଦା ପାଇଥିଲା। ସେ ପାଖାପାଖି ଏକ ଦଶନ୍ଧି ଧରି ସକ୍ରିୟ ଭାବେ ନାଟକ ସହ ଜଡ଼ିତ ଥିଲେ। ମର୍ମସ୍ପର୍ଶୀ ଭକ୍ତି ଗୀତ, ପଲ୍ଲୀ ଗୀତ, ରୋମାଣ୍ଟିକ୍ ଗୀତ ଓ ଦେଶାତ୍ମବୋଧ ଗୀତ ରଚନାରେ ସେ ସିଦ୍ଧହସ୍ତ ଥିଲେ। ୧୯୨୯ରେ 'ସାକ୍ଷୀଗୋପାଳ ନାଟକ ସଂଘ' ଓ ୧୯୩୯ରେ 'ଓଡ଼ିଶା ଥିଏଟର୍ସ' ନାମରେ ରଙ୍ଗମଞ୍ଚ ଗଠନ କରି ସେ ଓଡ଼ିଶା ନାଟକାଭିନୟ ଜଗତର ପ୍ରସାର ଓ ଉନ୍ନତି କରିଥିଲେ। ତାଙ୍କର ଜନପ୍ରିୟ ନାଟକ ଗାର୍ଲ ସ୍କୁଲ (୧୯୩୯) ଓଡ଼ିଆ ମଞ୍ଚାଭିନୟରେ ନୂତନ ଯୁଗର ଆରମ୍ଭ କରିଥିଲା। କାଳୀଚରଣ ୧୮୯୭ ମସିହା ଆଜିର ଦିନରେ ବାଙ୍କୀର ଖମାରଙ୍ଗ ଗ୍ରାମରେ ଜନ୍ମଗ୍ରହଣ କରିଥିଲେ। ତାଙ୍କ ପିତା ଦୁର୍ଗାଚରଣ ପଟ୍ଟନାୟକ ଓ ମାତା ରାଧାମାଳୀ ଦେବୀ ଥିଲେ। କାଳୀଚରଣଙ୍କ ପିତା ବଡ଼ମ୍ବାଗଡ଼ର ଦେୱାନ୍ ଥିଲେ। ଏକ କଳାକାର ପରିବାରରେ ଜନ୍ମିତ କାଳୀଚରଣ ମାତ୍ର ୧୦ ବର୍ଷ ବୟସରୁ ଲେଖିବା ଆରମ୍ଭ କରିଥିଲେ। ଗଡ଼ଜାତ ପ୍ରକୃତି ଭିତରେ ବଢ଼ିଥିବା କାଳୀଚରଣ ବଣ, ପାହାଡ଼, ଝରଣାର କୁଳୁକୁଳୁ ନାଦ, କୋଇଲିର କୁହୁତାନକୁ ଉପାଦାନ କରି ଲେଖୁଥିଲେ। ତାଙ୍କର ପ୍ରାଥମିକ ଶିକ୍ଷା ସେ ଚର୍ଚ୍ଚିକା ପ୍ରାଥମିକ ବିଦ୍ୟାଳୟରେ ସମ୍ପନ୍ନ କରି ଖୋର୍ଦ୍ଧା ଉଚ୍ଚବିଦ୍ୟାଳୟରେ ମାଟ୍ରିକ୍ ପଢ଼ିଥିଲେ। କଟକ ରେଭେନ୍‌ସା କଲେଜରୁ ସେ ଉଚ୍ଚଶିକ୍ଷା ଗ୍ରହଣ କରିଥିଲେ। ଗୋବିନ୍ଦଚନ୍ଦ୍ର ଶୂରଦେଓଙ୍କ ସମ୍ପର୍କରେ ଆସି ତାଙ୍କର ନାଟକୀୟ ଗୁଣାବଳୀ ବିକଶିତ ହୋଇଥିଲା। ରେଭେନ୍ସା କଲେଜରେ ପଢୁଥିବା ସମୟରେ 'କଳାହାଣ୍ଡିଆ ମେଘ' ନାମରେ ପ୍ରଥମ କବିତା ଲେଖିଥିଲେ। କବିତାଟି ପଢ଼ି ଭକ୍ତକବି ମଧୁସୂଦନ ରାଓ ତାଙ୍କୁ ୧୦୦ ଟଙ୍କା ପୁରସ୍କାର ଦେଇଥିଲେ। ୧୯୧୮ରେ ଆଇଏ ପଢ଼ିବାବେଳେ ସେ ପ୍ରଥମ ନାଟକ 'ଧ୍ରୁବ' ରଚନା କରିଥିଲେ ମଧ୍ୟ ତାଙ୍କର ପ୍ରଥମ ସାମାଜିକ ନାଟକ ଥିଲା ୧୯୩୪ ମସିହାରେ ରଚିତ 'ପ୍ରତିଶୋଧ'। ପ୍ରାୟ ୪୦ଟି ପୂର୍ଣ୍ଣାଙ୍ଗ ନାଟକ ସହିତ ସେ ରଚନା କରିଥିଲେ ବହୁ ନୃତ୍ୟନାଟିକା, ଗଳ୍ପ, ଉପନ୍ୟାସ ଓ କବିତା। ଗଜପତି ରାମଚନ୍ଦ୍ର ଦେବଙ୍କର ରାଜଦରବାରରେ ଏକଦା ସଭାକବି ଓ ରାଜ-ସଙ୍ଗୀତଜ୍ଞ ପଦବୀ ଅଳଙ୍କୃତ କରିଥିବା କାଳୀଚରଣ ପଟ୍ଟନାୟକ ଗଜପତିଙ୍କ ଦ୍ୱାରା ୧୯୨୭ ମସିହାରେ 'କବିଚନ୍ଦ୍ର' ଉପାଧିରେ ଭୂଷିତ ହେବା ସଙ୍ଗେ ସଙ୍ଗେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର ଚାମର ସେବା ଓ ବୈଷ୍ଣବାଗ୍ନି ପ୍ରାପ୍ତ ହେବା ପାଇଁ ସ୍ୱୀକୃତି ଓ ଆଜ୍ଞାପ୍ରାପ୍ତ ହୋଇଥିଲେ। ୧୯୪୪ ମସିହାରେ ଉତ୍କଳ ସାହିତ୍ୟ ସମାଜ ତାଙ୍କୁ 'ନାଟ୍ୟାଚାର୍ଯ୍ୟ' ଉପାଧିରେ ସମ୍ମାନିତ କରିଥିଲା। ୧୯୭୪ ମସିହାରେ ତାଙ୍କୁ 'ପଦ୍ମଶ୍ରୀ' ସମ୍ମାନ ମିଳିଥିଲା, କିନ୍ତୁ ଅଭିମାନରେ ସେ ଏହାକୁ ପ୍ରତ୍ୟାଖ୍ୟାନ କରିଥିଲେ। ୧୯୭୭ରେ ତାଙ୍କ ଆତ୍ମଜୀବନୀ 'କୁମ୍ଭାରଚକ' ପାଇଁ ତାଙ୍କୁ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ମିଳିଥିଲା। ୧୯୭୮ ମସିହା ଜୁଲାଇ ୨୪ରେ ଏହି ମହାନ ନାଟ୍ୟାଚାର୍ଯ୍ୟଙ୍କ ଦେହାନ୍ତ ହୋଇଥିଲା।



# ସୁବର୍ଣ୍ଣା



# ବାଦାମ ଚୋପାରୁ ଖତ

**ବାଦାମ ଏକ ଅର୍ଥକରୀ ଫସଲ। ଅଧିକାଂଶ ଚାଷୀ ବାଦାମ ଚାଷ କରି ଜୀବିକା ନିର୍ବାହ କରନ୍ତି। ବାଦାମ ଚୋପାକୁ ବର୍ଜ୍ୟ ଭାବି ଫିଙ୍ଗି ଦିଆଯାଏ। ହେଲେ ଜାଣନ୍ତିକି, ବାଦାମ ଚୋପା ବି ଜୈବିକ ଖତ ରୂପେ କାମ କରିଥାଏ। ଏହି ଖତ ଫସଲରେ ପ୍ରୟୋଗ କଲେ ମୃତ୍ତିକାର ଗୁଣବତ୍ତା ବଜାୟ ରହେ।**

ବାଦାମ ମଞ୍ଜିରୁ ତେଲ ବାହାରିବା ପରେ ଏହାର ଅବଶିଷ୍ଟାଂଶ ଖତ ରୂପେ ବ୍ୟବହାର କରାଯାଏ। ଠିକ୍ ସେହିପରି ବାଦାମ ଚୋପାରେ ଯବକ୍ଷାରଜାନ, ଫସ୍‌ଫରସ ଏବଂ ପଟାସିୟମ ଆଦି ପୋଷକତତ୍ତ୍ୱ ଥିବାରୁ ଏହା ଗଛ ପାଇଁ ଭଲ। ଏଥିରୁ ଖତ କରିବାକୁ ପ୍ରଥମେ ବାଦାମ ଚୋପାକୁ ଶୁଖାଇ ତାହାକୁ ଗୁଣ୍ଡ କରି ସେଥିରେ ପାଣି, ଗୋବର ଖତ, ଚା' ପତି ମିଶାଇ ପାତ୍ରରେ ସପ୍ତାହ ଯାଏଁ ରଖାଯାଏ। ଏଥିରେ ୱେଷ୍ଟ ଡିକମ୍ପୋଜର ମିଶାଇ ପ୍ରତିଦିନ ଗୋଳାଯାଏ। ସପ୍ତାହ ପରେ ମିଶ୍ରଣକୁ ଛାଣି ଅନ୍ୟ ପାତ୍ରରେ ରଖି ଏଥିରେ ପାଣି ମିଶାଇ ଅନୁମୋଦିତ ହାରରେ ଫସଲରେ ପ୍ରୟୋଗ କରାଯାଏ।

ବାଦାମ ଚୋପାରୁ ତରଳ ଔଷଧ ମଧ୍ୟ ପ୍ରସ୍ତୁତ କରିପାରିବେ। ଏହି ଖତ ପ୍ରୟୋଗ କରିବା ଦ୍ୱାରା ମାଟିର ଗୁଣବତ୍ତା ଭଲ ହୁଏ। ଆର୍ଦ୍ରତା ଠିକ୍ ରହିଥାଏ। ସେହିପରି ଅଧିକ ଫୁଲ ଆସିବାରେ ଏହି ଖତ ସାହାଯ୍ୟ କରେ।

# ଶୀତଦିନେ କଅଁଳା ବାଛୁରୀର ଯତ୍ନ

**ଶୀତଋତୁରେ ପ୍ରବଳ ଥଣ୍ଡା ଯୋଗୁଁ ପ୍ରାଣୀଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିଯାଏ। ବିଶେଷ କରି ଥଣ୍ଡାପବନ, ଖାଦ୍ୟ-ପେୟରେ ଅସାବଧାନତା ଆଦି କାରଣରୁ କଅଁଳା ବାଛୁରୀଙ୍କଠାରେ ନିମୋନିଆ, ବଦହଜମି ସମସ୍ୟା ଦେଖାଦିଏ। ତେଣୁ ଏହି ଦିନେ କଅଁଳା ବାଛୁରୀଙ୍କର କିପରି ଯତ୍ନ ନେବେ ଜାଣନ୍ତୁ।**



- କଅଁଳା ବାଛୁରୀ ଥଣ୍ଡାରେ ପ୍ରଭାବିତ ହୋଇ ମାନ୍ଦା ରହିଥାନ୍ତି। ତେଣୁ ବାଛୁରୀଙ୍କୁ ଘୋଡାଇ ରଖିବା ଉଚିତ। ଗୁହାଳରେ ଥଣ୍ଡା ପବନ ନ ପଶିବାକୁ ରାତ୍ରିବେଳା ଝରକାକୁ ବନ୍ଦ କରିବା ଆବଶ୍ୟକ।
- ଏହିଦିନେ ବାଛୁରୀ ଥଣ୍ଡା ପାଣି ପିଇବାକୁ ଆଗ୍ରହ ପ୍ରକାଶ କରନ୍ତିନି। କମ୍ ପାଣି ପିଇବା ଯୋଗୁଁ ହଜମ ପ୍ରକ୍ରିୟାରେ ବାଧା ହୁଏ। ସେମାନଙ୍କ ଶାରୀରିକ ବୃଦ୍ଧିରେ ସମସ୍ୟା ହୁଏ। ତେଣୁ ବାଛୁରୀଙ୍କୁ ନଖ ଉଷୁମ ପାଣି ଦିଅନ୍ତୁ।
- ବାଛୁରୀଙ୍କୁ ନିମୋନିଆ ହେଲେ, ଜ୍ୱର, ଦୁର୍ବଳ, ଶ୍ୱାସକ୍ରିୟାରେ ସମସ୍ୟା ଆଦି ଲକ୍ଷଣ ହୋଇଥାଏ। ଏଥିପାଇଁ ତୁରନ୍ତ ପ୍ରାଣୀ ଚିକିତ୍ସକଙ୍କ ପରାମର୍ଶ ନେବା ଜରୁରି। ଅନ୍ୟପଟେ ବାଛୁରୀ ଅଧିକ କ୍ଷୀର ପିଇବା, କୃମି ଏବଂ ପେଟ ସଂକ୍ରମଣ ଯୋଗୁଁ ଝାଡା ହୋଇଥାଏ। ତେଣୁ ନବଜାତ ବାଛୁରୀର ରୋଗପ୍ରତିରୋଧକ ଶକ୍ତି ବଢ଼ାଇବା ପାଇଁ ଜନ୍ମ ପରେ ତୁରନ୍ତ କୋଲୋଷ୍ଟ୍ରମ୍ ବା ଗାଈର ପ୍ରଥମ କ୍ଷୀର ଖୁଆଇବା ଉଚିତ। ଜନ୍ମର ୧୫ ଦିନ ପରେ କୃମି ଔଷଧ ଦେବା ଦରକାର। ପାଣିରେ ଅଳ୍ପ ଲୁଣ ମିଶାଇ ପିଇବାକୁ ଦେଇପାରିବେ।

# ସିଞ୍ଚନ ଓ ପୋଷଣ ଅଭାବରୁ ଫାଟିଯାଏ ଡାଳିମ୍ବ

**ଡାଳିମ୍ବ ଏକ ଲାଭଜନକ ଚାଷ। ହେଲେ ଚିନ୍ତାର ବିଷୟ ଆମ ରାଜ୍ୟରେ ପ୍ରାୟତଃ ଅମଳ ପୂର୍ବରୁ ଡାଳିମ୍ବ ଫାଟି ଯାଇଥାଏ। ତେଣୁ ଏହି ସମସ୍ୟାର ସମାଧାନ ବିଷୟରେ ଜାଣିବା।**



- ଗଛକୁ ଦୀର୍ଘ ସମୟ ପାଣି ନ ମିଳୁଥିଲେ, ହଠାତ୍ ଅଧିକ ମାତ୍ରାର ଜଳସିଞ୍ଚନ କଲେ, ଫଳ ଦାନା ଫୁଲିଯାଇ ଫାଟି ଯାଏ। ଶୁଷ୍କ ଅଞ୍ଚଳରେ ଏହି ସମସ୍ୟା ଅଧିକ ଦେଖାଯାଏ। ହଠାତ୍ ଜଳବାୟୁ ପରିବର୍ତ୍ତନ ମଧ୍ୟ ଡାଳିମ୍ବ ଫାଟିବାର ଆଉ ଏକ ମୁଖ୍ୟ କାରଣ ହୋଇଥାଏ।
- ମାଟିରେ କ୍ୟାଲ୍‌ସିୟମ, ବୋରନ କିମ୍ବା ପଟାସ ଆଦି ଜରୁରି ପୋଷକତତ୍ତ୍ୱର ଅଭାବରୁ, ଡାଳିମ୍ବର ଛାଲ ପତଳା ଏବଂ ଦୁର୍ବଳ ହୋଇଥାଏ। ଏହି ଛାଲରେ ଅଳ୍ପ ଚାପ ପଡ଼ିବା ମାତ୍ରେ ଏହା ଫାଟି ଯାଇପାରେ। ଫଳ ମିଠା ହେବା ଆଶାରେ ଏହାକୁ ଅଧିକ ଦିନ ଗଛରେ ରଖିଲେ ଛାଲ କଠିନ ହୋଇ ଦାନାରେ ଆର୍ଦ୍ରତା ବଢ଼ିଯାଇଥାଏ। ଚାପ ପଡ଼ି ଫଳ ଫାଟି ଯାଇଥାଏ। ମୁଖ୍ୟତଃ ବୋରନ ଅଣୁସାର ଅଭାବରୁ ଅମ୍ଳ ମାଟିରେ ଡାଳିମ୍ବ ଫଳ ଗୁଡିକ ଫାଟିଯାଏ।
- ଏହି ସମସ୍ୟାର ସମାଧାନ ପାଇଁ ଡାଳିମ୍ବର ଉନ୍ନତ କିସମ ବ୍ୟବହାର ଜରୁରି। ଗଛରେ ସଠିକ୍ ସମୟରେ ପାଣି ସିଞ୍ଚନ ଦ୍ୱାରା ମାଟିର ଆର୍ଦ୍ରତା ଠିକ୍ ରହେ। ଅଧିକ ଅମଳ ପାଇଁ ଗଛମୂଳରେ ପୋଷକତତ୍ତ୍ୱ ଓ ଖାଦ୍ୟସାର ପ୍ରୟୋଗ କରିବା ଆବଶ୍ୟକ।

# ଫସଲକୁ ସୁରକ୍ଷା ଦେବ ସୌରଚାଳିତ ସାଉଣ୍ଡ ସିଷ୍ଟମ

ଚାଷକାର୍ଯ୍ୟରେ ବିଦ୍ୟୁତ୍ ଖର୍ଚ୍ଚ ହ୍ରାସ କରିବାକୁ ଅଧିକାଂଶ ଚାଷୀ ସୌରଚାଳିତ ଯନ୍ତ୍ର ବ୍ୟବହାର କରୁଛନ୍ତି। ଏହି କ୍ରମରେ ଉତ୍ତରପ୍ରଦେଶ, ପିଲିଭିତ ଜିଲ୍ଲା, ଜମୁନିୟା ଗାଁ'ର କୃଷ୍ଣ କୁମାର ଏବଂ ତାଙ୍କ ସାଥି ଫସଲକୁ ଜୀବଜନ୍ତୁଙ୍କ କବଳରୁ ସୁରକ୍ଷା ଦେବାକୁ ଏକ ସୌରଚାଳିତ ସାଉଣ୍ଡ ସିଷ୍ଟମ ତିଆରି କରିଛନ୍ତି। ସୋଲାର ପ୍ୟାନେଲ ଜରିଆରେ ଏହା ଚାର୍ଜ ହୁଏ। ଏଥିରେ ପାୱାର ପ୍ଲଗ୍‌ର ଚିନ୍ତା ନ ଥାଏ। ଏହାକୁ ସବୁଠିକୁ ସହଜରେ ନେଇ ହେବ। ଏଥିରୁ ଆସୁଥିବା ଉଚ୍ଚ ଶବ୍ଦ ଜୀବଜନ୍ତୁଙ୍କୁ ଫସଲ ନିକଟକୁ ଆସିବାକୁ ଦିଏ ନାହିଁ। ସଙ୍ଗୀତ ବାଜିବା ସୁବିଧା ଥିବାରୁ ଚାଷୀଙ୍କ ମନୋରଞ୍ଜନ ହୋଇପାରେ। ବାସ୍ତବରେ ଏହା ପ୍ରଭାବୀ ହେଉଛି ବୋଲି ସ୍ଥାନୀୟ ଚାଷୀ ମତ ରଖିଛନ୍ତି।



## କୃଷି ପାଠଶାଳା

### ଏ ସପ୍ତାହ ପାଇଁ କେତେକ ପରାମର୍ଶ

- ବର୍ତ୍ତମାନ ଡାଲୁଅ ଧାନର ତଳିଘରା ପ୍ରସ୍ତୁତ ପାଇଁ ଉପଯୁକ୍ତ ସମୟ। ଏକ ଏକର ଧାନ ଚାଷ ପାଇଁ ୧୦ ଡେସିମାଲ ତଳିଘରା ଆବଶ୍ୟକ ହୋଇଥାଏ।
- କୋବି ଜାତୀୟ ଫସଲରେ ୭ରୁ୮ ଦିନ ବ୍ୟବଧାନରେ ଜଳସେଚନ କରନ୍ତୁ।
- କଖାରୁ ଜାତୀୟ ପରିବାରେ ନିମ୍ନମୁଖୀ ପାଉଁଶିଆ ରୋଗର ନିୟନ୍ତ୍ରଣ ପାଇଁ ଏକର ପ୍ରତି ମେଟାଲାକ୍ସିଲ ୮% + ମାଙ୍କୋଜେବ ୬୪% ଡବ୍ଲୁ ପି ୪୦୦ ଗ୍ରାମ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ।
- ପିପିଆର ରୋଗ ଛେଳି ମହାମାରୀ ଭାବରେ ଜଣାଶୁଣା। ଶୀତଋତୁରେ ଏହି ଭୂତାଣୁଜନିତ ରୋଗ ଛେଳି ଏବଂ ମେଣ୍ଢାକୁ ପ୍ରଭାବିତ କରି ନିମୋନିଆ ଏବଂ କାଶ ସୃଷ୍ଟି କରେ। ପ୍ରଭାବିତ ପଶୁମାନେ ଅସ୍ଥିର ଦେଖାଯାନ୍ତି। ଗର୍ଭବତୀ ପ୍ରାଣୀ ଗର୍ଭପାତ କରିପାରନ୍ତି। ତେଣୁ ପ୍ରାଣୀଙ୍କୁ ଉଚିତ ଟିକାକରଣ କରାନ୍ତୁ।
- କୁକୁଡ଼ାଙ୍କୁ ଅଧିକ ପରିମାଣର ଖାଦ୍ୟ ଓ ପାଣି ଦିଅନ୍ତୁ। ତାପମାତ୍ରା ନିୟନ୍ତ୍ରଣ ପାଇଁ କୁକୁଡ଼ା ଗୃହରେ ୨୦୦ ୱାଟର ବଲ୍‌ବ ଲଗାନ୍ତୁ। କୁକୁଡ଼ାମାନଙ୍କୁ ଉଚିତ ସମୟରେ ଟିକାକରଣ କରାନ୍ତୁ।

# ଏସିଆ କପ୍ ଚାମ୍ପିଅନ ପାକ୍ ଖେଳାଳିଙ୍କୁ ଏକ କୋଟି ପୁରସ୍କାର

ଇସ୍‌ଲାମାବାଦ୍,୨୨।୧୨(ଏଜେନ୍ସି): ଭାରତକୁ ହରାଇ ପାକିସ୍ତାନ ୧୯ ବର୍ଷରୁ କମ୍ ଏସିଆ କପ୍ କ୍ରିକେଟ ଚାମ୍ପିଅନ ହେବା ପରେ ଦେଶରେ ବିଜୟ ଉତ୍ସବ ପାଳନ କରାଯାଉଛି। ଏହି ଅବସରରେ ଗତକାଲି ଏଠାରେ ପାକିସ୍ତାନ ପ୍ରଧାନମନ୍ତ୍ରୀ ଶାହାବାଜ୍ ସରିଫ୍ ଚାମ୍ପିଅନ ଦଳକୁ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ପ୍ରତ୍ୟେକ ଖେଳାଳିଙ୍କୁ ୧୦ ନିୟୁତ ପାକିସ୍ତାନୀ ଟଙ୍କା ବା ୩୬,୦୦୦ ଆମେରିକୀୟ ଡଲାର ବା ଭାରତୀୟ ମୁଦ୍ରାରେ ୩୨ ଲକ୍ଷ ୨୬,୭୧୬ ଟଙ୍କା ପ୍ରଦାନ କରିବାକୁ ସରିଫ୍ ଘୋଷଣା କରିଛନ୍ତି। ନିକଟ ଅତୀତରେ ପାକିସ୍ତାନର କୌଣସି ଦଳ ଭାରତକୁ କ୍ରିକେଟ ମ୍ୟାଚ୍‌ରେ ପରାସ୍ତ କରି ନ ଥିଲା। ଜୁନିଅର ଦଳର ବିଜୟ ପାକିସ୍ତାନରେ ଏକ ନୂଆ ଉତ୍ସାହ ଭରିଦେଇଛି। ପାକିସ୍ତାନ ଦଳର ଟିମ୍ ମେଣ୍ଟର ଭାବେ ସର୍ଫରାଜ ଅହମ୍ମଦ୍ କାମ କରିଥିଲେ। ହେଡ୍ କୋଚ୍ ସାହିଦ୍ ଅନୱାରଙ୍କ ପ୍ରଶିକ୍ଷଣରେ ଦଳ ଖେଳିଥିଲା।

# ବିଏମ୍‌ଡବ୍ଲ୍ୟୁ କିଣିଲେ ଚହଲ

ନୂଆଦିଲ୍ଲୀ, ୨୨।୧୨ (ଏଜେନ୍ସି): ଭାରତୀୟ ଦଳରୁ ବାଦ୍ ପଡ଼ି ଆସୁଥିବା ସ୍ପିନର ଯୁଜବେନ୍ଦ୍ର ଚହଲ ଏକ ବିଳାସପୂର୍ଣ୍ଣ ବିଏମ୍‌ଡବ୍ଲ୍ୟୁ କାର କ୍ରୟ କରି ଘରକୁ ଆଣିଛନ୍ତି। ରିପୋର୍ଟ ଅନୁସାରେ ବିଏମ୍‌ଡବ୍ଲ୍ୟୁ ଜେଡ୪ ଏମ୍୪୦ଆଇ ମଡେଲର ଏହି କାର୍ ମୂଲ୍ୟ ୧.୦୬ କୋଟି ଟଙ୍କା ହେବ। ଶୋ'ରୁମରୁ କାର କ୍ରୟ କରିବା ସମୟରେ ଚହଲଙ୍କ ସାଙ୍ଗରେ ତାଙ୍କ ବାପା ଓ ମା ଉପସ୍ଥିତ ରହିଥିଲେ। ଚହଲଙ୍କ କାର୍ କଲେକ୍ସନରେ ପୂର୍ବରୁ ମର୍ସିଡିଜ ବେଞ୍ଜ, ରୋଲ୍ସ-ରୟସ, ଲାମ୍ବୋରଗିନି ଭଳି ବିଳାସପୂର୍ଣ୍ଣ କାର ରହିଛି। ଉଲ୍ଲେଖଯୋଗ୍ୟ, ନିକଟରେ ସୟଦ ମୁସ୍ତାକ ଅଲି ଟ୍ରଫିରେ ରନର୍ସଅପ୍ ହୋଇଥିବା ହରିୟାଣା ଦଳରେ ଚହଲ ଅସୁସ୍ଥତା ଲାଗି ଫାଇନାଲ ମ୍ୟାଚ୍ ଖେଳି ନ ଥିଲେ। ଚହଲ ସେହି ସମୟରେ ଡେଙ୍ଗୁ ଓ ଚିକୁନଗୁନିଆରେ ପୀଡ଼ିତ ଥିଲେ।

**ସନ୍ତୋଷ ଟ୍ରଫି ଫୁଟ୍‌ବଲ**

# ମଧ୍ୟପ୍ରଦେଶକୁ ହରାଇଲା ଓଡ଼ିଶା



କଟକ,୨୨।୧୨ (ସମିସ): ମଧ୍ୟପ୍ରଦେଶକୁ ୪-୦ ଗୋଲରେ ହରାଇ ଓଡ଼ିଶା ୭୯ତମ ଜାତୀୟ ପୁରୁଷ ଫୁଟ୍‌ବଲ ଚାମ୍ପିଅନ୍‌ସିପ ସନ୍ତୋଷ ଟ୍ରଫିରେ ବୃହତ୍ ବିଜୟରୁ ଅଭିଯାନ ଆରମ୍ଭ କରିଛି। ଛତିଶଗଡ଼ର ନାରାୟଣପୁରରେ ସୋମବାର ଅନୁଷ୍ଠିତ ପ୍ରଥମ ମ୍ୟାଚ୍‌ରେ ବିଜୟୀ ଓଡ଼ିଶା ଦଳ ପକ୍ଷରୁ ଶ୍ରୀକାନ୍ତ ଗଡ଼ବା ୨ଟି ଗୋଲ୍ ଦେଇଥିଲେ। ମ୍ୟାଚ୍‌ରେ ଓଡ଼ିଶା ଦଳ ପ୍ରାଧାନ୍ୟ ବିସ୍ତାର କରିଥିଲା। ୧୫ ମିନିଟରେ ଓଡ଼ିଶାର କାର୍ତ୍ତିକ ହନ୍ତାଳ ପ୍ରଥମ ଗୋଲ୍ ଦେଇଥିଲେ। ମଧ୍ୟାନ୍ତର ସୁଦ୍ଧା ଓଡ଼ିଶା ୧-୦ ଗୋଲ୍‌ରେ ଆଗୁଆ ଥିଲା। ୭୫ ମିନିଟରେ ଜିତୁ ମୁଦୁଲି ଆଉ ଏକ ଗୋଲ୍‌ଦେଇ ଓଡ଼ିଶାକୁ ୨-୦ରେ ଆଗୁଆ କରିଥିଲେ। ୭୭ ମିନିଟ୍‌ରେ ଓଡ଼ିଶାର ଶ୍ରୀକାନ୍ତ ଗଡ଼ବା ଗୋଲ୍ ଦେଇଥିବା ବେଳେ ଶେଷ ମିନିଟରେ ସେ ଆଉ ଏକ ଗୋଲ୍ ଦେଇ ଓଡ଼ିଶାକୁ ୪-୦ରେ ବିଜୟୀ କରିଥିଲେ। ଓଡ଼ିଶାର ଏହି ବିଜୟ ପାଇଁ ଖେଳାଳିଙ୍କୁ ଫୁଟ୍‌ବଲ ଆସୋସିଏସନ୍ ଅଫ୍ ଓଡ଼ିଶା (ଫାଓ)ର ସଭାପତି ଟଙ୍କଧର ତ୍ରିପାଠୀ, ସମ୍ପାଦକ ଆଶୀର୍ବାଦ ବେହେରା ଓ ଅନ୍ୟ କର୍ମକର୍ତ୍ତା ଅଭିନନ୍ଦନ ଜଣାଇଛନ୍ତି। ଆସନ୍ତା ୨୪ରେ ତେଲଙ୍ଗାନା ବିପକ୍ଷରେ ଓଡ଼ିଶା ଦ୍ୱିତୀୟ ମ୍ୟାଚ୍ ଖେଳିବ।

**ଦିନକ ପରେ ବିଜୟ ହଜାରେ ଟ୍ରଫି**

# ରୋହିତ୍, କୋହଲିଙ୍କ ଉପରେ ନଜର

ନୂଆଦିଲ୍ଲୀ, ୨୨।୧୨ (ଏଜେନ୍ସି)



ଭାରତୀୟ ଘରୋଇ କ୍ରିକେଟ୍‌ର ଲିଷ୍ଟ-ଏ ତଥା ଦିନିକିଆ ଟୁର୍ଣ୍ଣାମେଣ୍ଟ ବିଜୟ ହଜାରେ ଟ୍ରଫିର ୩୩ତମ ସଂସ୍କରଣ ବୁଧବାରଠାରୁ ଦେଶର ବିଭିନ୍ନ ଗ୍ରାଉଣ୍ଡରେ ଆରମ୍ଭ ହେବାକୁଯାଉଛି। ଚଳିତ ସଂସ୍କରଣରେ ୩୮ଟି ଦଳ ଅଂଶଗ୍ରହଣ କରୁଛନ୍ତି। ୩୨ଟି ଦଳକୁ ଏଲିଟ୍ ଗ୍ରୁପ୍‌ରେ ଏବଂ ୬ଟି ଦଳ ପ୍ଲେଟ୍ ଗ୍ରୁପରେ ସ୍ଥାନ ପାଇଛନ୍ତି। ବିହାର, ନାଗାଲାଣ୍ଡ, ମଣିପୁର, ମିଜୋରମ, ମେଘାଳୟ ଓ ଅରୁଣାଚଳ ପ୍ରଦେଶ ପ୍ଲେଟ୍ ଡିଭିଜନରେ ରହିଛନ୍ତି। ଏଲିଟ୍ ଡିଭିଜନରେ ରହିଥିବା ୩୨ଟି ଦଳକୁ ୪ଟି ଗ୍ରୁପ୍‌ରେ ଭାଗ କରାଯାଇଛି। ରାଉଣ୍ଡ ରବିନ ଫର୍ମାଟ୍‌ରେ ଟୁର୍ଣ୍ଣାମେଣ୍ଟ ଖେଳାଯିବ। ଏଲିଟ୍ ଡିଭିଜନର ପ୍ରତି ଗ୍ରୁପ୍‌ର ଶ୍ରେଷ୍ଠ-୨ଟି ଦଳ କ୍ୱାର୍ଟର ଫାଇନାଲକୁ ଉତ୍ତୀର୍ଣ୍ଣ ହେବେ। ଅହମ୍ମଦାବାଦ, ବେଙ୍ଗାଲୁରୁ, ଆଲୁର, ଜୟପୁର ଓ ରାଜକୋଟରେ ବିଭିନ୍ନ ଗ୍ରୁପ୍‌ର ମ୍ୟାଚ୍ ଖେଳାଯିବ। ମୟଙ୍କ ଅଗରୱାଲଙ୍କ କର୍ଣ୍ଣାଟକ ଦଳ ବର୍ତ୍ତମାନ ଡିଫେଣ୍ଡିଂ ଚାମ୍ପିଅନ ରହିଛି। ଗତ ସଂସ୍କରଣର ଫାଇନାଲରେ ବିଦର୍ଭକୁ ହରାଇ କର୍ଣ୍ଣାଟକ ରେକର୍ଡ ୫ମଥର ଲାଗି ଟ୍ରଫି ଜିତିଥିଲା।

ବିଜୟ ହଜାରେ ଟ୍ରଫିର ଚଳିତ ସଂସ୍କରଣ ଅନେକ କାରଣରୁ ବେଶ୍ ଗୁରୁତ୍ୱପୂର୍ଣ୍ଣ ରହିଛି। ଏଥର ବିଭିନ୍ନ ଦଳରେ ଅନ୍ତର୍ଜାତୀୟ ତାରକାଙ୍କ ସହ ଯୁବ ଖେଳାଳିଙ୍କୁ ଏକାଠି ଖେଳୁଥିବାର ଦେଖିବାକୁ ମିଳିବ। ବିଶେଷ କରି ବିରାଟ କୋହଲି, ରୋହିତ୍ ଶର୍ମା, ଶୁବମନ ଗିଲ୍‌ଙ୍କ ଭଳି ତାରକା ଖେଳାଳି ଚଳିତଥର ଏହି ଘରୋଇ ଟୁର୍ଣ୍ଣାମେଣ୍ଟରେ ଭାଗନେବେ। ଜାତୀୟ ଦଳ ପକ୍ଷରୁ ଖେଳିବାକୁ ହେଲେ ଘରୋଇ ପ୍ରତିଯୋଗିତାକୁ ବିସିସିଆଇ ବାଧ୍ୟତାମୂଳକ କରିବା ପରେ ଭାରତୀୟ ଦଳର ସମସ୍ତ ଖେଳାଳି ବିଜୟ ହଜାରେ ଟ୍ରଫି ଲାଗି ନିଜକୁ ଉପଲବ୍ଧ କରିଛନ୍ତି। କୋହଲି ଦିଲ୍ଲୀ ପକ୍ଷରୁ ୧୫ ବର୍ଷ ପରେ ଏହି ଟୁର୍ଣ୍ଣାମେଣ୍ଟ ଖେଳିବେ। ଅନ୍ୟତମ ତାରକା ଖେଳାଳି ଋଷଭ ପନ୍ତ ଦିଲ୍ଲୀ ଦଳର ନେତୃତ୍ୱ ନେଉଛନ୍ତି। ସେହିଭଳି ରୋହିତ୍ ମଧ୍ୟ ଘୋଷିତ ମୁମ୍ବାଇ ଦଳରେ ରହିଛନ୍ତି। ତେବେ ସୂର୍ଯ୍ୟକୁମାର ଯାଦବ, ଯଶସ୍ୱୀ ଜୟସ୍ୱାଲ ମୁମ୍ବାଇର ପ୍ରାରମ୍ଭିକ ପର୍ଯ୍ୟାୟରେ କେତୋଟି ରାଉଣ୍ଡରେ ଅନୁପସ୍ଥିତ ରହିବେ ବୋଲି ଜଣାପଡ଼ିଛି।

## ପଞ୍ଜାବ ଦଳରେ ଗିଲ୍, ଅଭିଷେକ, ଅର୍ଶଦୀପ

ଚଣ୍ଡିଗଡ,୨୨।୧୨(ଏଜେନ୍ସି): ବିଜୟ ହଜାରେ ଟ୍ରଫି ଲାଗି ଘୋଷିତ ୧୮ ଜଣିଆ ପଞ୍ଜାବ ଦଳରେ ଟି-୨୦ ବିଶ୍ୱକପ୍‌ରୁ ବାଦ୍ ପଡ଼ିଥିବା ଶୁବମନ ଗିଲ୍, ବିସ୍ଫୋରକର ଓପନର ଅଭିଷେକ ଶର୍ମା ଓ ଫାଷ୍ଟ ବୋଲର ଅର୍ଶଦୀପ ସିଂହ ସ୍ଥାନ ପାଇଛନ୍ତି। ଏମାନଙ୍କ ଉପସ୍ଥିତି ବଳରେ ଦଳର ଶକ୍ତି ବୃଦ୍ଧି ପାଇଛି। ପ୍ରଭସିମରନ ସିଂହ, ଅନ୍‌ମୋଲପ୍ରୀତ୍ ସିଂହ, ନମନ ଧୀର, ରମଣଦୀପ ସିଂହ, ସାନଭିର ସିଂହ ଓ ହରପ୍ରୀତ୍ ବ୍ରାରଙ୍କୁ ନେଇ ଦଳର ବ୍ୟାଟିଂ ସମୃଦ୍ଧ। ଗିଲ୍ ଓ ଅଭିଷେକ ଏମାନଙ୍କ ନେତୃତ୍ୱ ନେବେ। ବୋଲିଂରେ ଅର୍ଶଦୀପ ସିଂହଙ୍କୁ ସହାୟତା କରିବେ ଗୁରନୁର ବ୍ରାର୍ ଓ କ୍ରିସ୍ ଭଗତ। କିନ୍ତୁ ଜାନୁଆରୀ ୧୧ରେ ନ୍ୟୁଜିଲାଣ୍ଡ ବିପକ୍ଷ ଦିନିକିଆ ଓ ଏହା ପରେ ଟି-୨୦ ସିରିଜ୍ ଆରମ୍ଭ ହେଉଥିବାରୁ ଏହି ୩ଜଣ ଖେଳାଳି ଲିଗ୍ ଓ ନକ୍‌ଆଉଟ୍‌ରେ ସବୁ ମ୍ୟାଚ୍ ଖେଳିବା ନେଇ ସନ୍ଦେହ ରହିଛି। ଜାନୁଆରୀ ୮ରେ ଲିଗ୍ ପର୍ଯ୍ୟାୟ ଶେଷ ହେବ। ପଞ୍ଜାବ ତାହାର ସମସ୍ତ ଲିଗ୍ ମ୍ୟାଚ୍ ଜୟପୁରରେ ମୁମ୍ବାଇ, ଗୋଆ, ଛତିଶଗଡ଼, ଉତ୍ତରାଖଣ୍ଡ, ହିମାଚଳ ପ୍ରଦେଶ ଓ ସିକ୍କିମ ସହ ଖେଳିବ।

## ଭାରତ-ଶ୍ରୀଲଙ୍କା ଦ୍ୱିତୀୟ ମହିଳା ଟି-୨୦ ଆଜି

ବିଶାଖାପାଟଣା,୨୨।୧୨(ଏଜେନ୍ସି): ଭାରତ ଓ ଶ୍ରୀଲଙ୍କା ମଧ୍ୟରେ ଆସନ୍ତାକାଲି ଏଠାରେ ଚଳିତ ୫ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍‌ର ଦ୍ୱିତୀୟ ମ୍ୟାଚ୍ ଖେଳାଯିବ। ପ୍ରଥମ ମୁକାବିଲା ଭଳି ଏଥିରେ ମଧ୍ୟ ଭାରତୀୟ ଦଳ ପ୍ରାଧାନ୍ୟ ବିସ୍ତାର କରି ବିଜୟୀ ହେବ ବୋଲି ଆଶା ରଖିଛି। ପ୍ରଥମ ମୁକାବିଲାରେ ଭାରତ ଆସିଥିବା ଶ୍ରୀଲଙ୍କା ମହିଳା ଦଳ ଭାରତର ମୁକାବିଲା କରିପାରିଲା ନାହିଁ। ଜଣେ ହେଲେ ବ୍ୟାଟର ବଡ଼ ସ୍କୋର କରିପାରି ନ ଥିଲାବେଳେ ଦଳ ୧୨୧ ରନ୍‌ରେ ସୀମିତ ରହିଥିଲା। ଓପନର ଭିଷ୍ମି ଗୁଣରତ୍ନେ ସର୍ବାଧିକ ୩୯ ରନ୍ କରିଥିଲେ। ଦଳର ଦୁଇ ତାରକା ଖେଳାଳି ଚାମରି ଓ ହାସିନୀ ପରେରା କ୍ଲିକ୍ କରି ନ ଥିଲେ। ଯାହା ଫଳରେ ଶ୍ରୀଲଙ୍କାର ସ୍କୋର ଏତେ କମ୍ ହୋଇଥିଲା। ସମାନ ପିଚ୍‌ରେ ଏହି ମ୍ୟାଚ୍ ଖେଳାଯାଉଥିବାରୁ ବିଶେଷ କିଛି ପରିବର୍ତ୍ତନ ହେବ ନାହିଁ।

# ଅଲ୍‌ରାଉଣ୍ଡରଙ୍କ ଭରସାରେ ଓଡ଼ିଶା

କଟକ,୨୨।୧୨(ସମିସ): ରଣଜୀ ଟ୍ରଫି ଏବଂ ସୟଦ ମୁସ୍ତାକ ଅଲ୍ଲୀ ଟି-୨୦ରେ ନୈରାଶ୍ୟଜନକ ପ୍ରଦର୍ଶନ ପରେ ଓଡ଼ିଶା ଏବେ ବିଜୟ ହଜାରେ ଟ୍ରଫି ଖେଳିବାକୁ ପ୍ରସ୍ତୁତ ହୋଇଛି। ଦୀର୍ଘ ବର୍ଷର ଅଭିଜ୍ଞତା ସତ୍ତ୍ୱେ ଦଳରେ ନିୟମିତ ସୁଯୋଗ ପାଇ ପାରୁନଥିବା ବିପ୍ଳବ ସାମନ୍ତରାୟଙ୍କୁ ଚଳିତଥର ନେତୃତ୍ୱ ମିଳିଛି। ୭ଜଣ ନବାଗତଙ୍କୁ ସାମିଲ କରି ଓଡ଼ିଶା ୨୪ ତାରିଖରେ ପ୍ରଥମ ମ୍ୟାଚ୍ ଖେଳିବାକୁ ବେଙ୍ଗାଲୁରୁରେ ପହଞ୍ଚି ସାରିଥିବା ବେଳେ ଏବେ କେବଳ ଦଳର ପ୍ରଦର୍ଶନକୁ ଅପେକ୍ଷା। ୧୬ଜଣିଆ ତାଲିକାକୁ ନଜର ପକାଇଲେ ଓଡ଼ିଶା ଶିବିରରେ ଅଲରାଉଣ୍ଡରଙ୍କ ଅଭାବ ନଥିବା ପରିଲକ୍ଷିତ ହୋଇଛି। ମଧ୍ୟକ୍ରମର ବ୍ୟାଟିଂ ଭାର ସମ୍ଭାଳିବା ସହିତ ଉଭୟ ସ୍ପିନ ଏବଂ ପେସ୍ ବୋଲିଂ ଆଟାକ୍‌ରେ ଦଳକୁ ଏହି ଅଲରାଉଣ୍ଡରମାନେ ସହଯୋଗ କରିବେ ବୋଲି ଅଧିନାୟକ ବିପ୍ଳବ ମଧ୍ୟ ଆଶା ବାନ୍ଧିଛନ୍ତି।

ଜାତୀୟ ଘରୋଇ ଏକଦିବସୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ବିଜୟ ହଜାରେ ଟ୍ରଫି ୨୪ ତାରିଖରୁ ଆରମ୍ଭ ହେବ। ବେଙ୍ଗାଲୁରୁର ଅଲୁର କ୍ରିକେଟ ଗ୍ରାଉଣ୍ଡରେ ଓଡ଼ିଶା ପ୍ରଥମ ମୁକାବିଲାରେ ସୌରାଷ୍ଟ୍ରକୁ ଭେଟିବ। ୨୦୨୩ ସଂସ୍କରଣରେ



ଶେଷଥର ସୌରାଷ୍ଟ୍ର ବିପକ୍ଷ ମ୍ୟାଚ୍‌ରେ ଓଡ଼ିଶାକୁ ପରାଜୟର ସମ୍ମୁଖୀନ ହେବାକୁ ପଡ଼ିଥିଲା। ଏହା ପୂର୍ବରୁ ୨୦୧୮ରେ ଓଡ଼ିଶା ୫୪ରନରେ ସୌରାଷ୍ଟ୍ରକୁ ପରାସ୍ତ କରିଥିଲା। ମିଶ୍ରିତ ଫଳାଫଳର ରେକର୍ଡ ରଖିଥିବା ଓଡ଼ିଶା ଚଳିତ ସଂସ୍କରଣରେ ସୌରାଷ୍ଟ୍ରକୁ ହରାଇ ଅଭିଯାନ ଆରମ୍ଭ କରିବାକୁ ଲକ୍ଷ୍ୟ ରଖିଛି। ଗତ ସିଜନରେ ଓଡ଼ିଶା ନିମନ୍ତେ ସର୍ବାଧିକ ରନ୍ ସଂଗ୍ରହ କରିଥିବା ସ୍ୱସ୍ତିକ ସାମଲ (୨୭୫ରନ), ସନ୍ଦୀପ ପଟ୍ଟନାୟକ (୨୭୩ରନ) ଦଳରେ ସ୍ଥାନ ବଜାୟ ରଖିଛନ୍ତି। ସର୍ବାଧିକ ୱିକେଟ ଦଖଲକାରୀ ରାଜେଶ ମହାନ୍ତି (୧୩ୱିକେଟ) ମଧ୍ୟ ଚଳିତଥର ଦଳର ପ୍ରମୁଖ ପେସ୍ ବୋଲର ଭାବେ ପରିଗଣିତ ହେଉଛନ୍ତି। ତାଙ୍କ ବ୍ୟତୀତ ପେସ୍ ଆଟାକ୍‌ରେ କେବଳ ଦେବବ୍ରତ ପ୍ରଧାନଙ୍କ ନାମ ସାମ୍ନାକୁ ଆସୁଛି। ଉଭୟ ରାଜେଶ ଏବଂ ଦେବବ୍ରତ ବ୍ୟାଟିଂ ଦକ୍ଷତା ରଖିଛନ୍ତି। ସେହିପରି ଅଧିନାୟକ ବିପ୍ଳବ, ନବାଗତ ସୌମ୍ୟରଞ୍ଜନ ଲେଙ୍କା ଓ ପ୍ରୟାସ ସିଂହ ବ୍ୟାଟିଂରେ ଉପଯୋଗୀ ସାବ୍ୟସ୍ତ ହେବା ସହିତ ମିଡିୟମ ପେସ୍ ବୋଲିଂ କରିପାରିବେ। ନବାଗତ ଓମ ଟି ମୁଣ୍ଡେ ଓପନିଂ କରି ପାରନ୍ତି ବୋଲି ଅନୁମାନ କରାଯାଉଛି। ମୁଣ୍ଡେଙ୍କ ସହିତ ଅଭିଜ୍ଞ ଗୋବିନ୍ଦ ପୋଦ୍ଦାର ଅଲରାଉଣ୍ଡର ଭୂମିକା ତୁଲାଇ ପାରନ୍ତି। ବିଶେଷକରି ଅଲରାଉଣ୍ଡରଙ୍କୁ ଭରସା କରି ଏଥର ଓଡ଼ିଶା ବିଜୟ ହଜାରେ ଟ୍ରଫି ଖେଳିବ। ଅଧିନାୟକ ବିପ୍ଳବ କୁହନ୍ତି ଯେ, ଦଳରେ ସ୍ଥାନ ପାଇଥିବା ୭ ନବାଗତଙ୍କ ପାଖରେ ଭଲ ପ୍ରଦର୍ଶନର ସୁଯୋଗ ରହିଛି। ଓଡ଼ିଶା ପ୍ରୋ ଟି-୨୦ ଲିଗ୍ ସହିତ ଶ୍ରୀଲଙ୍କା ଏକ୍ସପୋଜର ଟୁର ଏବଂ ଛତିଶଗଡ ବିପକ୍ଷ ଅଭ୍ୟାସ ମ୍ୟାଚ୍‌ରେ ପ୍ରତ୍ୟେକ ଖେଳାଳି ନିଜର ଶ୍ରେଷ୍ଠ ପ୍ରଦର୍ଶନ କରି ଦଳରେ ସ୍ଥାନ ପାଇଛନ୍ତି।

# ଜାତୀୟ ମତ୍‌ସୋଗୀ ଚାମ୍ପିଅନସିପ୍ ଲାଗି ଓଡ଼ିଶା ଦଳ



ଭୁବନେଶ୍ୱର,୨୨।୧୨(ସମିସ): ଜମ୍ମୁ-କାଶ୍ମୀରରେ ଅନ୍ୟତମ ସାମରିକ କ୍ରୀଡ଼ା ଜାତୀୟ ମତ୍‌ସୋଗୀ ଚାମ୍ପିଆନସିପ୍‌ର ୨୦ତମ ସଂସ୍କରଣ ଚଳିତମାସ ୨୮, ୨୯ ଓ ୩୦ ତାରିଖରେ ଅନୁଷ୍ଠିତ ହେବ। ବିଶ୍ୱବିଦ୍ୟାଳୟ ଖେଳ ପଡ଼ିଆରେ ହେବାକୁ ଥିବା ଏହି ପ୍ରତିଯୋଗିତା ଲାଗି ଓଡ଼ିଶାର ପୁରୁଷ ଓ ମହିଳା ଦଳ ଚୟନ କରାଯାଇଛି। ଓଡ଼ିଶା ବାଳକ ଦଳରେ ଅବ୍‌ଦୁଲ ଖଲୀଦ୍, ପ୍ରିୟମ ପଟ୍ଟନାୟକ, ଆଶୀର୍ବାଦ୍ ବସ୍ତିଆ, ସୁଜଳ ଦାସ, ଆଦିତ୍ୟ ମିଶ୍ର, ବିଶ୍ୱରଞ୍ଜନ ଶତପଥୀ, ସମ୍ପୂର୍ଣ୍ଣଦାସ ବାରିକ୍, ସୟମ ସାରଥୀ ସାମନ୍ତରାୟ ସ୍ଥାନ ପାଇଛନ୍ତି। ସେହିପରି ବାଳିକା ଦଳରେ ଦିବ୍ୟାଂଶୀ ମହାପାତ୍ର, ସାଇନା ମହାପାତ୍ର, ଦିବ୍ୟାଂଶୀ ମାଲୁ, ବିଦିଶା ସାନ୍‌ଭି, ଭାଗ୍ୟଲକ୍ଷ୍ମୀ ମହାପାତ୍ର, ଅଭିସ୍ମିତା ଜେନା ରହିଛନ୍ତି। ଦଳର ପ୍ରଶିକ୍ଷକ ଭାବେ ଦୁର୍ଲଭ ବେହେରା, କିରଣବାଳା ବିଶ୍ୱାଳ, କାମଦେବ ରଣା ରହିଛନ୍ତି। ରେଫରିଭାବେ କୈଳାସ ବାରିକ୍, ତରୁଣ ସାହୁ ଓ ମ୍ୟାନେଜର ଭାବେ ବିରସ କୁମାର ଶତପଥୀ ଦଳ ସହ ଆସନ୍ତା ୨୬ରେ ଜାମ୍ମୁ-କାଶ୍ମୀର ଅଭିମୁଖେ ଯାତ୍ରା କରିବେ। ଏହି ଅବସରରେ ମତ୍‌ସୋଗୀ ଡୁ ଆସୋସିଏସନ ଅଫ୍ ଓଡ଼ିଶାର ସାଧାରଣ ସମ୍ପାଦକ ପ୍ରଭାତ ଚନ୍ଦ୍ର ସାହୁ ଖେଳାଳିମାନଙ୍କୁ ଶୁଭକାମନା ଜଣାଇଛନ୍ତି।

**ମୁକ୍ତେଶ୍ୱର କପ୍**

## ପ୍ରି-କ୍ୱାର୍ଟରରେ ସହିଦ ସ୍ପୋର୍ଟିଂ, ରେଡ୍ ଷ୍ଟାର୍

ଭୁବନେଶ୍ୱର, ୨୨।୧୨ (ସମିସ): ମୁକ୍ତେଶ୍ୱର କପ୍ ୧୬ ବର୍ଷରୁ କମ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟରେ ସୋମବାର ଦୁଇଟି ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଏଥିରେ କ୍ଲବ ଦି ରେଡ୍ ଷ୍ଟାର୍ ଓ ସହିଦ ସ୍ପୋର୍ଟିଂ ବିଜୟୀ ହୋଇଛନ୍ତି। ପ୍ରଥମ ମ୍ୟାଚରେ ରେଡ୍ ଷ୍ଟାର୍ ୩୧ ରନରେ ପ୍ରଗତି ସ୍ପୋର୍ଟିଂକୁ ପରାସ୍ତ କରିଥିଲା। ବ୍ୟାଟିଂ ଆମନ୍ତ୍ରଣ ପାଇ ରେଡ୍ ଷ୍ଟାର୍ ୨୦ ଓଭରରେ ୪ ୱିକେଟ୍‌ରେ ୯୨ ରନ କରିଥିଲା। ଜବାବରେ ପ୍ରଗତି ଦଳ ୧୭.୫ ଓଭରରେ ୬୧ ରନରେ ସୀମିତ ରହିଥିଲା। ୪ ଓଭରରେ ୧୭ ରନ ବ୍ୟୟରେ ୨ଟି ୱିକେଟ୍ ନେଇଥିବା ଓମଶ୍ରୀ ସାହୁ ଶ୍ରେଷ୍ଠ ଖେଳାଳି ହୋଇଥିଲେ। ସେହିଭଳି ଦ୍ୱିତୀୟ ମ୍ୟାଚରେ ସୋଲାର କ୍ରିକେଟ୍ ଏକାଡେମୀ ଓ ସହିଦ ସ୍ପୋର୍ଟିଂ ସାମ୍ନାସାମ୍ନି ହୋଇଥିଲେ। ପ୍ରଥମେ ବ୍ୟାଟିଂ କରି ସହିଦ ସ୍ପୋର୍ଟିଂ ୯ ୱିକେଟ୍‌ରେ ୧୦୦ ରନ କରିଥିଲା। ୧୦୧ ରନକୁ ପିଛା କରିଥିବା ସୋଲାର ଦଳ ୫ ୱିକେଟ୍‌ରେ ୮୮ ରନ କରିବାକୁ ସମର୍ଥ ହୋଇଥିଲା। ୨୭ ରନ ସହ ବୋଲିଂରେ ଗୋଟିଏ ୱିକେଟ୍ ନେଇଥିବା ବିଶ୍ୱ ସାମନ୍ତରାୟ ମ୍ୟାଚର ଶ୍ରେଷ୍ଠ ଖେଳାଳି ଟ୍ରଫି ହାସଲ କରିଥିଲେ।

# କିଟ୍‌ର ୪ ଦଳକୁ କେଆଇୟୁଜିକୁ ଯୋଗ୍ୟତା




ଭୁବନେଶ୍ୱର, ୨୨।୧୨ (ସମିସ): ଜାତୀୟ ବିଶ୍ୱବିଦ୍ୟାଳୟ କ୍ରୀଡ଼ାରେ ପ୍ରାଧାନ୍ୟ ବିସ୍ତାର କରିଥିବା କିଟ୍ ଡିମ୍‌ଡ ୟୁନିଭର୍ସିଟିର ୪ଟି ଦଳ ଖେଲୋ ଇଣ୍ଡିଆ ୟୁନିଭର୍ସିଟି ଗେମ୍ସ (କେଆଇୟୁଜି)ରେ ଅଂଶଗ୍ରହଣ କରିବାକୁ ଯୋଗ୍ୟତା ଅର୍ଜନ କରିଛି। ଏହି ଦଳଗୁଡ଼ିକ ହେଲା ପୁରୁଷ ଓ ମହିଳା ବ୍ୟାଡ୍‌ମିଣ୍ଟନ ଟିମ୍, ମହିଳା ଭଲିବଲ ଓ ମହିଳା ସନ୍ତରଣ ଟିମ୍। ସମ୍ବଲପୁରରେ ଅନୁଷ୍ଠିତ ପୂର୍ବାଞ୍ଚଳ ବିଶ୍ୱବିଦ୍ୟାଳୟ ବ୍ୟାଡ୍‌ମିଣ୍ଟନ ଓ ଚେନ୍ନାଇର ଏସ୍‌ଆର୍‌ଏମ୍ ୟୁନିଭର୍ସିଟିରେ ଚାଲିଥିବା ଆନ୍ତଃବିଶ୍ୱବିଦ୍ୟାଳୟ କ୍ରୀଡ଼ାରେ ଏହି ଦଳଗୁଡ଼ିକ ଉନ୍ନତ ଖେଳ ପ୍ରଦର୍ଶନ କରି ଏହି ସଫଳତା ପାଇଛନ୍ତି। ଆଜି କିଟ୍‌ର ମହିଳା ବ୍ୟାଡ୍‌ମିଣ୍ଟନ ଟିମ୍ ସେମିଫାଇନାଲରେ ପ୍ରବେଶ କରିବା ଫଳରେ ପୁରୁଷ ଦଳ ସହ କେଆଇୟୁଜିକୁ ଯୋଗ୍ୟତା ଅର୍ଜନ କରିଥିଲା। ମହିଳା ଭଲିବଲ୍‌ରେ ପ୍ରାଧାନ୍ୟ ବିସ୍ତାର କରିଥିବା କିଟ୍ ଶେଷ ଗ୍ରୁପ୍ ଲିଗ୍ ମ୍ୟାଚ୍‌ରେ ବିଜୟୀ ହେବା ସହ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। କ୍ୱାର୍ଟର ଫାଇନାଲକୁ ଯିବା ସହ ଦଳ କେଆଇୟୁଜିକୁ ଯୋଗ୍ୟତା ଅର୍ଜନ କରିଥିଲା। କ୍ୱାର୍ଟରରେ କିଟ୍ ସହ ଆଦାମାସ ୟୁନିଭର୍ସିଟିର ମୁକାବିଲା ହେବ। ସନ୍ତରଣରେ କିଟ୍ ଓଭରଅଲ ମେଡାଲ ତାଲିକାରେ ତୃତୀୟ ସ୍ଥାନରେ ରହିଛି।

**କନୱେ ମ୍ୟାଚ୍‌ର, ଡଫି ସିରିଜ୍‌ର ଶ୍ରେଷ୍ଠ ଖେଳାଳି**

# ନ୍ୟୁଜିଲାଣ୍ଡ ୨-୦ରେ ବିଜୟୀ

ମାଉଣ୍ଟ ମାଉଙ୍ଗାନୁଇ, ୨୨।୧୨ (ଏଜେନ୍ସି)



ଏଠାରେ ଶେଷ ହୋଇଥିବା ତୃତୀୟ ତଥା ଅନ୍ତିମ ଟେଷ୍ଟମ୍ୟାଚ୍‌ରେ ନ୍ୟୁଜିଲାଣ୍ଡ ୩୨୩ ରନ୍‌ରେ ଭ୍ରମଣକାରୀ ୱେଷ୍ଟଇଣ୍ଡିଜ୍‌କୁ ପରାସ୍ତ କରିଛି। ଏହି ଟେଷ୍ଟରେ ରେକର୍ଡ ୪୬୨ ରନ୍‌ର ପିଛା କରିଥିବା ୱେଷ୍ଟଇଣ୍ଡିଜ୍ ସୋମବାର ପଞ୍ଚମ ତଥା ଶେଷ ଦିନରେ ମାତ୍ର ୧୩୮ ରନ୍‌ରେ ଅଲ୍‌ଆଉଟ୍ ହୋଇଛି। ପୁଣି କ୍ରମାଗତ ୨ଟି ଟେଷ୍ଟମ୍ୟାଚ୍ ଜିତି ନ୍ୟୁଜିଲାଣ୍ଡ ୩ ମ୍ୟାଚ୍‌ର ଟେଷ୍ଟ ଶୃଙ୍ଖଳାକୁ ୨-୦ରେ ଜିତିନେଇଛି। ପେସ୍ ବୋଲର ଜ୍ୟାକବ୍ ଡଫି ୫ଟି ଓ ବାମହାତି ସ୍ପିନର ଏଜାଜ୍ ପଟେଲ ୩ଟି ୱିକେଟ୍ ନେଇ ନ୍ୟୁଜିଲାଣ୍ଡକୁ ବିଜୟୀ କରିଛନ୍ତି। ଏହି ଟେଷ୍ଟରେ ଉଭୟ ଇନିଂସରେ ଯଥାକ୍ରମେ ୨୨୭ ଓ ୧୦୦ ରନ୍ କରିଥିବା ନ୍ୟୁଜିଲାଣ୍ଡ ଓପନ ଡେଭନ୍ କନ୍‌ୱେ ପ୍ଲେୟର ଅଫ ଦି ମ୍ୟାଚ୍ ଏବଂ ସର୍ବାଧିକ ୨୩ଟି ୱିକେଟ୍ ନେଇଥିବା ଜ୍ୟାକବ୍ ଡଫି ପ୍ଲେୟର ଅଫ୍ ଦି ସିରିଜ୍ ହୋଇଛନ୍ତି। ପ୍ରଥମ ଇନିଂସରେ ୪୨୦ ରନ୍ କରିଥିବା ୱେଷ୍ଟଇଣ୍ଡିଜ୍ ଏହି ଟେଷ୍ଟମ୍ୟାଚ୍‌କୁ ଅତିକମ୍‌ରେ ଡ୍ର ରଖିପାରିବ ବୋଲି ଆଶା ଥିଲା। ଦ୍ୱିତୀୟ ଇନିଂସରେ ରେକର୍ଡ ୪୬୨ ରନ୍‌ର ପିଛା କରି ୱେଷ୍ଟଇଣ୍ଡିଜ୍ ୪ର୍ଥ ଦିନ ଶେଷ ସୁଦ୍ଧା ବିନା ୱିକେଟ୍‌ରେ ୪୩ ରନ୍ କରିଥିଲା। ଶେଷଦିନରେ ୱେଷ୍ଟଇଣ୍ଡିଜ୍‌ର ଓପନିଂ ଯୋଡ଼ି ସ୍କୋର୍‌କୁ ୮୭ ରନ୍‌ରେ ପହଞ୍ଚାଇଥିଲେ। ତେବେ ଏହି ସ୍କୋର୍‌ରେ ଦୁଇ ଓପନର ଲାଗାଲାଗ ୨ ଓଭରରେ ଆଉଟ୍ ହୋଇ ଯାଇଥିଲେ। ବ୍ରାଣ୍ଡନ୍ କିଙ୍ଗ୍ ୬୭ ଏବଂ ଜନ୍ କ୍ୟାମ୍ପବେଲ୍ ୧୦୫ ବଲ୍ ଖେଳି ୧୬ ରନ୍ କରିଥିଲେ। ଓପନିଂ ଯୋଡ଼ି ଭାଙ୍ଗିବା ସହ ୱେଷ୍ଟଇଣ୍ଡିଜ୍ ମାତ୍ର ୫୧ ରନ୍‌ରେ ୧୦ଟିଯାକ ୱିକେଟ୍ ହରାଇ ଅଲ୍‌ଆଉଟ୍ ହୋଇ ଯାଇଥିଲା। ମଧ୍ୟକ୍ରମରେ ପାଞ୍ଚ ଜଣଯାକ ବ୍ୟାଟ୍‌ସମ୍ୟାନ ଦୁଇ ଅଙ୍କ ସ୍କୋର୍‌ରେ ପହଞ୍ଚି ପାରିନଥିଲେ। ଆଣ୍ଡରସନ୍ ଫିଲିପ୍ ୩୮ ବଲ୍‌ରୁ ୧୦ ଓ ଟେଭିନ୍ ଇମ୍‌ଲାଚ ୯୦ ବଲ୍‌ରୁ ୧୫ ରନ୍ କରିଥିଲେ। ଜାକବ୍ ଡଫି ମାତ୍ର ୪୫ ରନ୍‌ଦେଇ ୫ଟି ଏବଂ ଏଜାଜ୍ ପଟେଲ ୨୩ ରନ୍‌ଦେଇ ୩ଟି ୱିକେଟ୍ ନେଇଥିଲେ। ଚଳିତବର୍ଷ ୮୧ଟି ଟେଷ୍ଟ ୱିକେଟ୍ ନେଇ ଜାକବ୍ ଡଫି ତାଙ୍କ ଦେଶର ମହାନ୍ ଅଲ୍‌ରାଉଣ୍ଡର ସାର୍ ରିଚାର୍ଡ ହାଡ୍‌ଲିଙ୍କ ରେକର୍ଡ ଭାଙ୍ଗିଛନ୍ତି। ୧୯୮୫ରେ ହାଡ୍‌ଲି ୭୯ଟି ଟେଷ୍ଟ ୱିକେଟ୍ ନେଇଥିଲେ।

## ଫିଫା ର୍‍ୟାଙ୍କିଙ୍ଗ୍: ଭାରତ ଅପରିବର୍ତ୍ତିତ

ଜୁରିକ, ୨୨।୧୨ (ଏଜେନ୍ସି): ବିଶ୍ୱ ଫୁଟ୍‌ବଲର ସର୍ବୋଚ୍ଚ ସଂସ୍ଥା 'ଫିଫା' ପକ୍ଷରୁ ସୋମବାର ସଦ୍ୟତମ ର୍‍ୟାଙ୍କିଙ୍ଗ୍ ପ୍ରକାଶ ପାଇଛି। ଯେଉଁଥିରେ ଭାରତ ପୂର୍ବଭଳି ୧୪୨ତମ ସ୍ଥାନରେ ଅପରିବର୍ତ୍ତିତ ରହିଛି। ଏଥିପୂର୍ବରୁ ନଭେମ୍ବର ୨୦ରେ ପ୍ରକାଶିତ ର୍‍ୟାଙ୍କିଙ୍ଗ୍‌ରେ ଭାରତ ୬ଟି ସ୍ଥାନ ହରାଇଥିଲା। ଅପରପକ୍ଷରେ ସୋମବାର ପ୍ରକାଶିତ ର୍‍ୟାଙ୍କିଙ୍ଗ୍‌ର ଟପ୍-୧୦ରେ ମଧ୍ୟ କୌଣସି ପରିବର୍ତ୍ତନ ଦେଖିବାକୁ ମିଳିନାହିଁ। ସ୍ପେନ, ଆର୍ଜେଣ୍ଟିନା, ଫ୍ରାନ୍ସ, ଇଂଲଣ୍ଡ, ବ୍ରାଜିଲ, ପର୍ତ୍ତୁଗାଲ, ନେଦରଲାଣ୍ଡସ, ବେଲ୍‌ଜିୟମ, ଜର୍ମାନୀ ଓ କ୍ରୋଏସିଆ ଯଥାକ୍ରମେ ପ୍ରଥମରୁ ୧୦ମ ସ୍ଥାନ ମଧ୍ୟରେ ରହିଛନ୍ତି।

## କ୍ରିଷ୍ଣାପ୍ପା ଗୋଥାମ୍‌ଙ୍କ ଅବସର

ବେଙ୍ଗାଲୁରୁ,୨୨।୧୨(ଏଜେନ୍ସି): ଦୀର୍ଘ ୧୪ ବର୍ଷ ଧରି ପେସାଦାର କ୍ରିକେଟ ଖେଳିବା ପରେ କର୍ଣ୍ଣାଟକର ଅଲରାଉଣ୍ଡର କ୍ରିଷ୍ଣାପ୍ପା ଗୋଥାମ ସମସ୍ତ ପ୍ରକାର କ୍ରିକେଟରୁ ଅବସର ଘୋଷଣା କରିଛନ୍ତି। ୨୦୧୨ରେ କର୍ଣ୍ଣାଟକ ପକ୍ଷରୁ ରଣଜୀ ଟ୍ରଫି ଖେଳି ପ୍ରଥମଶ୍ରେଣୀ କ୍ରିକେଟ ଜୀବନ ଆରମ୍ଭ କରିଥିଲେ। ଭାରତ-ଏ' ପକ୍ଷରୁ ଏକାଧିକ ଦଳ ବିପକ୍ଷରେ ଖେଳିସେ ଗୋଥାମ୍ ୨୦୨୧ରେ ଶ୍ରୀଲଙ୍କା ବିପକ୍ଷରେ ଏକମାତ୍ର ଅନ୍ତର୍ଜାତୀୟ ଦିନିକିଆ ମ୍ୟାଚ୍ ଖେଳିଥିଲେ। ଆଇପିଏଲ୍‌ରେ ସେ ୫ଟି ଫ୍ରାଞ୍ଚାଇଜ୍‌କୁ ପ୍ରତିନିଧିତ୍ୱ କରିଥିଲେ। ଏହି ୩୭ ବର୍ଷୀୟ ଅଲରାଉଣ୍ଡର ୫୯ଟି ପ୍ରଥମଶ୍ରେଣୀ ମ୍ୟାଚ୍‌ରୁ ୨୨୪ ଓ ଆଇପିଏଲ୍‌ରେ ୨୧ଟି ୱିକେଟ ନେଇଥିଲେ। ବ୍ୟାଟିଂରେ ୧୪୧୯ ପ୍ରଥମଶ୍ରେଣୀ ରନ୍ ସଂଗ୍ରହ କରିଛନ୍ତି।

ନନ୍ଦିଘୋଷ
'ନନ୍ଦିଘୋଷ ଟିଭି'
କେନ୍ଦୁଝର ଜିଲ୍ଲା ପାଇଁ ରିପୋର୍ଟର ଆବଶ୍ୟକ
କେନ୍ଦୁଝର ସଦର ମହକୁମା ପାଇଁ ରିପୋର୍ଟର ଆବଶ୍ୟକ କରୁଛନ୍ତି। ଟେଲିଭିଜନ ରିପୋର୍ଟିଂରେ ଅନ୍ୟୁନ ୨ ବର୍ଷର ଅଭିଜ୍ଞତା ଥିବା ପ୍ରାର୍ଥୀ ନିମ୍ନ ଠିକଣା କିମ୍ବା ଇମେଲରେ ଆବେଦନ କରିବାକୁ ଅନୁରୋଧ।
ନନ୍ଦିଘୋଷ ନେଟ୍‌ୱର୍କ ପ୍ରାଇଭେଟ୍ ଲିମିଟେଡ୍
ଠିକଣା: ପ୍ଲଟ୍ ନଂ.: ୯୦ / ୯୧, ଭଗବାନପୁର ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍, ଭୁବନେଶ୍ୱର-୭୫୧୦୧୯
ଇମେଲ୍ - hr@nandighoshatv.com
ଯୋଗାଯୋଗ: ୯୪୩୭୦୧୬୪୯୯
ସ୍ୱା/- ମାନବ ସମ୍ବଳ ବିଭାଗ

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS